# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଡିସେମ୍ବର ୨୨/୨୦୨୨ (୧୮ ପୃଷ୍ଠା) Bhubaneswar, Thursday, December 22/2022 Page 18 ₹ 7.00 ★★★★★★

୪୯ଶ ଭାଗ ୨୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar VOLUME 49 ISSUE 29 ମୂଲ୍ୟ₹୭/-




**ମା'ଙ୍କୁ ଉପହାସ କଲେ ପୁଅ**

ବଲିଉଡ୍ ଅଭିନେତ୍ରୀ ମଲାଇକା ଅରୋରାଙ୍କ ପୋଷାକକୁ ନେଇ ତାଙ୍କ ପୁଅ ଅର୍‌ହାନ ଖାନ୍ ଉପହାସ କରିଛନ୍ତି।

୧୫

୧୮

**ଜିଓ୍ବନଜୋତଙ୍କ ଶତକ**

ଜିଓ୍ବନଜୋତ ସିଂଙ୍କ ଅପରାଜିତ ଶତକ ବଳରେ ଉତ୍ତରାଖଣ୍ଡ ଡେରାଡୁନରେ ଚାଲିଥିବା ଓଡ଼ିଶା ବିପକ୍ଷ ରଣଜୀ ଟ୍ରଫି ମ୍ୟାଚରେ ପ୍ରଥମ ଇନିଂସ ଅଗ୍ରଣୀଲାଭ କରିଛି।



# ଓଡ଼ିଶାରେ ବିଏଫ୍.୭ ସଂକ୍ରମିତ ଚିହ୍ନଟ

## ଚାଇନାରେ ଆତଙ୍କ ଖେଳାଇଛି କରୋନାର ଏହି ସବ୍‌ଭାରିଆଣ୍ଟ

ନୂଆଦିଲ୍ଲୀ/ଭୁବନେଶ୍ୱର(ବ୍ୟୁରୋ),୨୧।୧୨

ଚାଇନାରେ ବହୁ ଲୋକଙ୍କ ଜୀବନ ନେଇ ଆତଙ୍କ ସୃଷ୍ଟି କରିଥିବା ଓମିକ୍ରନ୍ ଭୂତାଣୁର ସବ୍‌ଭାରିଆଣ୍ଟ ବିଏଫ୍.୭ ଭାରତକୁ ମାଡ଼ିଆସିଛି। କୋଭିଡ୍-୧୯ ମହାମାରୀର ଏହି ଘାତକ ଭାଇରସ୍‌ରେ ସଂକ୍ରମିତ ହୋଇଥିବା ଜଣେ ବ୍ୟକ୍ତି ଓଡ଼ିଶାର ଖୋର୍ଦ୍ଧା ଜିଲାରେ ଚିହ୍ନଟ ହୋଇଛନ୍ତି। ସେହିପରି ଗୁଜରାଟର ଆଉ ୨ ଜଣ ମଧ୍ୟ ଏଥିରେ ଆକ୍ରାନ୍ତ ହୋଇଥିବା ବୁଧବାର ଜଣାପଡ଼ିଛି। ବିଏଫ୍.୭ର ପ୍ରଥମ ମାମଲା ଗତ ଅକ୍ଟୋବରରେ ଗୁଜରାଟ ବାୟୋଟେକ୍ନୋଲୋଜି ରିସର୍ଚ୍ଚ ସେଣ୍ଟରରେ ଚିହ୍ନଟ ହୋଇଥିଲା। ପ୍ରଥମ ଓ ଦ୍ୱିତୀୟ ସଂକ୍ରମିତ ଗୁଜରାଟର ହୋଇଥିବାବେଳେ ତୃତୀୟ ଆକ୍ରାନ୍ତ ଜଣକ ଓଡ଼ିଶାର ବୋଲି ସ୍ପଷ୍ଟ ହୋଇଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ କୁହାଯାଇଛି ଯେ, ସଂକ୍ରମିତ ମହିଳା ଜଣକ ଖୋର୍ଦ୍ଧା ଜିଲାର ବାସିନ୍ଦା। ଗତ ସେପ୍ଟେମ୍ବର ୩୦ରେ ସେ ଆମେରିକା ଯିବା ପୂର୍ବରୁ ତାଙ୍କର ଆର୍‌ଟିପିସିଆର୍ ଟେଷ୍ଟ କରାଯାଇଥିଲା। ସେତେବେଳେ ସେ ଲକ୍ଷଣବିହୀନ ଥିଲେ। ଆର୍‌ଏମ୍‌ଆର୍‌ସିରେ ତାଙ୍କର ☞ପୃଷ୍ଠା-୪



### 'ମାସ୍କ ପିନ୍ଧ, ବୁଷ୍ଟର ଡୋଜ୍ ନିଅ'

ନୂଆଦିଲ୍ଲୀ,୨୧।୧୨

ପଡ଼ୋଶୀ ଚାଇନାରେ ବିଏଫ୍.୭ ସବ୍‌ଭାରିଆଣ୍ଟ ସଂକ୍ରମଣର ଭୟାବହତା ଭାରତ ପାଇଁ ଚିନ୍ତାର କାରଣ ସାଜିଥିବାବେଳେ ବୁଧବାର କେନ୍ଦ୍ର ସରକାର ଏହାକୁ ନେଇ ଦେଶବାସୀଙ୍କୁ ସତର୍କ କରାଇଛନ୍ତି। କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡବ୍ୟଙ୍କ ଅଧ୍ୟକ୍ଷତାରେ ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଏହି ଉଚ୍ଚସ୍ତରୀୟ ବୈଠକରେ ଭାରତର କୋଭିଡ୍-୧୯ ସ୍ଥିତି ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ବୈଠକ ଶେଷ ହେବା ପରେ ମନ୍ତ୍ରୀ ମାଣ୍ଡବ୍ୟ ଟୁଇଟ୍ କରିଥିଲେ, କୋଭିଡ୍ ଏ ପର୍ଯ୍ୟନ୍ତ ଯାଇନାହିଁ। ଅଧିକାରୀମାନଙ୍କୁ ସତର୍କ ରହିବାକୁ ଓ ସର୍ଭିଲାନ୍ସ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। କୌଣସି ପ୍ରକାର ସ୍ଥିତିର ମୁକାବିଲା ପାଇଁ ଆମେ ପ୍ରସ୍ତୁତ। ସେହିପରି କୋଭିଡ୍ ସମ୍ପର୍କିତ ଜାତୀୟ ଟାସ୍କ ଫୋର୍ସ ମୁଖ୍ୟ ତଥା ନୀତି ଆୟୋଗ ସଦସ୍ୟ ଭି.କେ. ପଲ୍ କହିଛନ୍ତି, ପର୍ଯ୍ୟାପ୍ତ ☞ପୃଷ୍ଠା-୪

# ଅବକାରୀ ହେପାଜତରେ ମୃତ୍ୟୁ

**ପୋଲିସ ହେପାଜତରେ ଥିବା ବ୍ୟକ୍ତିଙ୍କ ପ୍ରତି ଆଚରଣ ଏବଂ ବ୍ୟବହାରରେ ପରିବର୍ତ୍ତନ ହେଉ ନାହିଁ। ଫଳରେ ବିଭିନ୍ନ ସମୟରେ ହେପାଜତରେ ଲୋକମାନଙ୍କ ମୃତ୍ୟୁ ଘଟୁଛି। ମଙ୍ଗଳବାର ରାତିରେ ଏମିତି ଆଉ ଏକ ଘଟଣା ଘଟିଛି ଚୌଦ୍ୱାର ଅବକାରୀ ଉପନିରୀକ୍ଷକଙ୍କ କାର୍ଯ୍ୟାଳୟରେ। ଚୋରା ମଦ କାରବାର ଅଭିଯୋଗରେ ଗିରଫ ହୋଇଥିବା ଚୌଦ୍ୱାର ମହିଁସାଲଣ୍ଡାର ଶରତ ପ୍ରଧାନଙ୍କୁ କାର୍ଯ୍ୟାଳୟ ପରିସରରେ ରଖାଯାଇଥିଲା। ବୁଧବାର ସକାଳୁ ତାଙ୍କୁ କୋର୍ଟ ଚାଲାଣ କରାଯାଇଥାନ୍ତା। ହେଲେ ରାତିରେ ଶରତଙ୍କ ମୃତ୍ୟୁ ଘଟିଛି। ଅବକାରୀ ପୋଲିସ ପିଟିପିଟି ମାରି ଦେଇଥିବା ମୃତ ଯୁବକଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ଅସୁସ୍ଥତା କାରଣରୁ ଯୁବକଙ୍କ ମୃତ୍ୟୁ ଘଟିଥିବା ଅବକାରୀ ବିଭାଗ ପକ୍ଷରୁ ସଫେଇ ଦିଆଯାଉଛି, ଯାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରାଯାଇଛି।**

- **ଚୋରା ଦେଶୀମଦ ବିକ୍ରି ଅଭିଯୋଗରେ ଅଟକ ଥିଲେ**
- **ହତ୍ୟା ଅଭିଯୋଗ ଆଣିଲେ ଭାଇ**
- **ଅସୁସ୍ଥତା କାରଣରୁ ମୃତ୍ୟୁ ସନ୍ଦେହ: ପୋଲିସ**

ଚୌଦ୍ୱାର,୨୧।୧୨(ଡି.ଏନ୍.ଏ.)

ଚୌଦ୍ୱାର ଥାନା ଅନ୍ତର୍ଗତ ମହିଁସାଲଣ୍ଡା ଗ୍ରାମର ଶରତ ପ୍ରଧାନ ମଙ୍ଗଳବାର ଅପରାହ୍ନରେ ଗୁରୁଡ଼ିଝାଟିଆ ଥାନା କୁମାରପୁର-ବଳିପୁର ରାସ୍ତାରେ ଠିଆହୋଇଥିଲେ। ଏହି ସମୟରେ ଅବକାରୀ ବିଭାଗର ପାଟ୍ରୋଲିଂ ଟିମ୍ ତାଙ୍କ ଆଡ଼କୁ ଆସିବାରୁ ସେ ଭୟରେ ଦୌଡ଼ି ପଳାଇ ଯାଇଥିଲେ। ତେବେ ଅବକାରୀ କର୍ମଚାରୀ ତାଙ୍କୁ କାବୁ କରିଥିଲେ। ତାଙ୍କ ନିକଟରୁ ୮୦ଲିଟର ମହୁଲି ମଦ ଜବତ କରିବା ସହିତ ତାଙ୍କୁ ଚୌଦ୍ୱାରସ୍ଥିତ ଅବକାରୀ ଉପନିରୀକ୍ଷକଙ୍କ କାର୍ଯ୍ୟାଳୟକୁ



ଶରତ ପ୍ରଧାନ

ଅଣାଯାଇଥିଲା। ବୁଧବାର ତାଙ୍କୁ କୋର୍ଟଚାଲାଣ କରାଯାଇଥାନ୍ତା। ତେବେ ବିଳମ୍ବିତ ରାତିରେ ତାଙ୍କ ଶରୀର ହଠାତ୍ ଅସୁସ୍ଥ ହୋଇପଡ଼ିଥିଲା। ରାତି ପ୍ରାୟ ୧୦ଟା ସମୟରେ ଶରତଙ୍କ ଭାଇ ଭରତ ଓ ଜନୈକ ଓକିଲ ତାଙ୍କୁ କାର୍ଯ୍ୟାଳୟରେ ଭେଟିବା ସହିତ କିଛି ଔଷଧ ଓ କିଛି ଖାଦ୍ୟ ଦେଇ ଘରକୁ ଚାଲି ଯାଇଥିଲେ। ରାତି ୧୧ଟାରେ ଶରତଙ୍କ ଓକିଲ ଫୋନ୍ ଯୋଗେ ଭରତଙ୍କୁ ତୁମ ଭାଇଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଅବକାରୀ କର୍ମଚାରୀ କଟକ ବଡ଼ ଡାକ୍ତରଖାନା ନେଇଥିବା କହିଥିଲେ। ଡାକ୍ତରଖାନାରେ ପହଞ୍ଚିବାପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଭରତ ଡାକ୍ତରଖାନାରେ ପହଞ୍ଚି ଶରତଙ୍କ ଗୋଡ଼ର ଆଙ୍ଗୁଠିରେ ଗଭୀର କ୍ଷତ ଥିବା ଦେଖିଥିଲେ। ତାଙ୍କ ଭାଇଙ୍କୁ ଅବକାରୀ ବିଭାଗ କର୍ମଚାରୀମାନେ ପିଟି ପିଟି ମାରି ଦେଇଥିବା ସନ୍ଦେହ କରି ଚୌଦ୍ୱାର ଥାନାରେ ଭରତ ଏକ ଲିଖିତ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ଚୌଦ୍ୱାର ଅବକାରୀ ଅଧିକାରୀ ଦୁର୍ଯ୍ୟୋଧନ ଦିଗଲ ଏଭଳି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସେ ଡିସେମ୍ବର ୧୭ରୁ ୨୪ ତାରିଖ ପର୍ଯ୍ୟନ୍ତ ଛୁଟିରେ ଅଛନ୍ତି। ତଥାପି ଏହି ଘଟଣା ଶୁଣିବା ପରେ କର୍ମଚାରୀଙ୍କ ସହିତ ଯୋଗାଯୋଗ କରି ମୃତ ଶରତଙ୍କ ଉଚ୍ଚ ରକ୍ତଚାପ ଥିବା ହେତୁ ତାଙ୍କର ଏଭଳି ପରିସ୍ଥିତି ହୋଇଥିବା କହିଛନ୍ତି। ତାଙ୍କୁ କୌଣସି କର୍ମଚାରୀ ବାଡ଼ାବାଡ଼ି କରି ନ ଥିବା କହିବା ସହିତ ହୃଦ୍‌ଘାତ କିମ୍ବା ରକ୍ତଚାପ ହେତୁ ତାଙ୍କର ମୃତ୍ୟୁ ହୋଇଥାଇ ପାରେ। ଏନେଇ ମଙ୍ଗଳବାଗ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୨୭୫୮/୨୦୨୨) ରୁଜୁ କରାଯାଇ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ରିପୋର୍ଟ ଆସିବାପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଅବକାରୀ ଅଧିକାରୀ ଦିଗଲ କହିଛନ୍ତି। ତେବେ ଏହି ଘଟଣା ପ୍ରଚାରିତ ହେବା ପରେ ମହିଁସାଲଣ୍ଡାର ଶତାଧିକ ଗ୍ରାମବାସୀ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ବିଶ୍ୱାସରେ ସାନ୍ତା**






# 'ଗୋବିନ୍ଦଙ୍କ ପକେଟରୁ ମିଳିଛି ଲଫାପା'

ବଲାଙ୍ଗୀର ଅଫିସ, ୨୧।୧୨

କଣ୍ଟାବାଞ୍ଜି ସବ୍‌ଜେଲରେ ମଙ୍ଗଳବାର ମମିତା ମେହେର ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦଙ୍କ ମୃତ୍ୟୁ ଘଟିଥିବାବେଳେ ତାଙ୍କ ପକେଟରୁ ଏକ ମାଟିଆ ରଙ୍ଗର ଲଫାପା ମିଳିଛି। ସେଥିରେ ଦୁଇପୃଷ୍ଠାର ଲେଖା ରହିଛି। ଏକଥା ପୋଲିସ କହିଥିବା ଗୋବିନ୍ଦଙ୍କ କାକା ଶ୍ୱଶୁର ମହେନ୍ଦ୍ର ସାହୁ କହିଛନ୍ତି। ଏପରି କି ସେହି ଦୁଇପୃଷ୍ଠାର ଲେଖା ପଢ଼ିବାକୁ ଚାହିଁଥିବାରୁ ତାଙ୍କୁ ପୋଲିସ ସୁଯୋଗ ଦେଇ ନ ଥିଲା ବୋଲି ମହେନ୍ଦ୍ର କହିଛନ୍ତି।

ଗୋବିନ୍ଦ ସାହୁଙ୍କ ମୃତଦେହକୁ ମଙ୍ଗଳବାର ରାତିରୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲକୁ ଅଣାଯାଇ ଶବାଗାରରେ ରଖାଯାଇଥିଲା। ☞ପୃଷ୍ଠା-୪

### କଣ୍ଟାବାଞ୍ଜିରେ କ୍ରାଇମବ୍ରାଞ୍ଚ ଟିମ୍‌ର ତନାଘନା

ବଲାଙ୍ଗୀର ଅଫିସ, ୨୧।୧୨

କଣ୍ଟାବାଞ୍ଜି ସବ୍‌ଜେଲରେ ମଙ୍ଗଳବାର ମମିତା ମେହେର ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କ ମୃତ୍ୟୁକୁ ନେଇ ଚର୍ଚ୍ଚା ଥମିବାର ନାଁ ନେଉନାହିଁ। ଜେଲ କର୍ତ୍ତୃପକ୍ଷ ଏବଂ ପୋଲିସ ପକ୍ଷରୁ ଏହାକୁ ଆତ୍ମହତ୍ୟା ବୋଲି କୁହାଯାଇଥିଲେ ମଧ୍ୟ ଏହାକୁ ଗୋବିନ୍ଦଙ୍କ ପରିବାର ଏବଂ ସମ୍ପର୍କୀୟ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହନ୍ତି। ସିଧାସଳଖ ଏହାକୁ ଏକ ହତ୍ୟା ବୋଲି ଅଭିଯୋଗ କରାଯାଇଛି। ପୋଲିସ ☞ପୃଷ୍ଠା-୪

# ୧୯ ସହରରେ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ପ୍ରକଳ୍ପ

- **ଲୋକାର୍ପିତ କଲେ ମୁଖ୍ୟମନ୍ତ୍ରୀ**
- **ସାଢ଼େ ୫ ଲକ୍ଷ ଲୋକଙ୍କୁ ମିଳିବ ୨୪ ଘଣ୍ଟିଆ ସ୍ୱଚ୍ଛ ପାଣି**

ଭୁବନେଶ୍ୱର,୨୧।୧୨(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ରାଜ୍ୟର ୧୯ ସହରରେ ୨୪ ଘଣ୍ଟିଆ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ପ୍ରକଳ୍ପ ଲୋକାର୍ପିତ କରିଛନ୍ତି। ସେହି ସହରଗୁଡ଼ିକ ହେଲା ଭୁବନେଶ୍ୱର, କଟକ, ନିମାପଡ଼ା, ବ୍ରହ୍ମପୁର, ଗୋପାଳପୁର, ରାଉରକେଲା, ସୁନ୍ଦରଗଡ଼, ବୀରମିତ୍ରପୁର, ରାଜଗାଙ୍ଗପୁର, କେନ୍ଦୁଝର, ଯୋଡ଼ା, ବଡ଼ବିଲ, ଚମ୍ପୁଆ, ଆନନ୍ଦପୁର, ବାରିପଦା, ରାଇରଙ୍ଗପୁର, ଉଦଳା,



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ବୋଧନ ଦେଉଛନ୍ତି।

**ପ୍ରତି ପରିବାରକୁ ଭଲ ପିଇବା ପାଣି ଯୋଗାଇବା ପ୍ରାଥମିକତା: ନବୀନ**

କରଞ୍ଜିଆ ଓ ବ୍ୟାସନଗର। ଏହିସବୁ ସହରଗୁଡ଼ିକର ୫.୫ ଲକ୍ଷ ଲୋକ ଉପକୃତ ହେବେ। ଏହା ପୂର୍ବରୁ ୫-ଟି ଉପକ୍ରମରେ ପୁରୀରେ ସବୁ ଲୋକଙ୍କୁ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ସୁବିଧା ମିଳିଥିଲା। ଗୋପାଳପୁରରେ ମଧ୍ୟ ରାଜ୍ୟର ଦ୍ୱିତୀୟ ସହର ଭାବରେ ଶତ ପ୍ରତିଶତ ଲୋକଙ୍କୁ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ବ୍ୟବସ୍ଥାର ସୁବିଧା ପ୍ରଦାନ କରାଯାଇଛି। ଏହାବ୍ୟତୀତ ଖୋର୍ଦ୍ଧା, ଜଟଣୀ ଓ ହିଞ୍ଜିଳିକାଟୁ ସହର ପାଇଁ ☞ପୃଷ୍ଠା-୪

# ଦିନ ମଜୁରିଆଙ୍କୁ ୧୪ କୋଟିର ଆୟକର ନୋଟିସ

ପାଟନା,୨୧।୧୨

ଦିନକୁ ୪୦୦ ଟଙ୍କା ଆୟ କରୁଥିବା ଜଣେ ଶ୍ରମିକଙ୍କୁ କମ୍ପାନୀ ଚଳାଉଥିବା ଦର୍ଶାଇ ୧୪ କୋଟି ଟଙ୍କାର ଆୟକର ନୋଟିସ ଆସିଛି। ବିହାରର ରୋହତସ ଜିଲାର ଏହି ଘଟଣା ତାଙ୍କ ପାଖ ପଡ଼ୋଶୀଙ୍କୁ ଆଚମ୍ବିତ କରିଦେଇଛି। କାରଘର ଥାନା ଅଞ୍ଚଳର ମନୋଜ ଯାଦବଙ୍କ ଘରେ ସୋମବାର ଆୟକର ବିଭାଗର






ଏକ ଟିମ୍ ପହଞ୍ଚିଥିଲା। ଆଇଟି ଅଧିକାରୀମାନେ ମନୋଜ ଏକ କମ୍ପାନୀ ଚଳାଉଥିବା ଏବଂ ତାଙ୍କ ଉପରେ ୧୪ କୋଟି ଟଙ୍କାର ଆୟକର ରିଟର୍ନ ବକେୟା ଥିବା ଦର୍ଶାଇ ନୋଟିସ ଧରାଇ ଦେଇଥିଲେ। ଅଧିକାରୀମାନଙ୍କ ମତରେ ମନୋଜଙ୍କ ନାମରେ ଥିବା ବ୍ୟାଙ୍କ ଖାତା ଜରିଆରେ ଉକ୍ତ କମ୍ପାନୀର ☞ପୃଷ୍ଠା-୪




ସରି ଆସୁଛି ବର୍ଷ ୨୦୨୨ । ଏହି ବର୍ଷ ଓଡ଼ିଶାର ଉପକୂଳବର୍ତ୍ତୀ ଜିଲା ପାଇଁ ଥିଲା ଘଟଣାବହୁଳ । ଯାଜପୁର ଜିଲା କୋରେଇ ଷ୍ଟେଶନରେ ମାଲଗାଡ଼ି ଲାଇନଚ୍ୟୁତ୍, ବ୍ୟାସ ନଗର ପୌରାଧ୍ୟକ୍ଷାଙ୍କ ଫାଇଲ୍ ଫିଙ୍ଗା ରାଜନୀତି, ନାବାଳିକା ବଳାତ୍କାର ମାମଲାରେ ୨ଅଭିଯୁକ୍ତଙ୍କୁ ଜଗତସିଂହପୁର ଫାଷ୍ଟଟ୍ରାକ୍ କୋର୍ଟ(ପୋକ୍ସୋ) ଫାଶୀ ଦଣ୍ଡରେ ଦଣ୍ଡିତ କରିବା ଘଟଣା ଚର୍ଚ୍ଚାରେ ରହିଥିଲା । ଏଥିସହିତ କେନ୍ଦ୍ରାପଡ଼ାରେ କାର୍ତ୍ତିକେଶ୍ୱର ଭସାଣି ଶୋଭାଯାତ୍ରାରେ ବାଣ ବିସ୍ଫୋରଣ ୨ଜଣଙ୍କ ଜୀବନ ନେଇଥିଲା । ଚଳିତ ବର୍ଷ ଗହୀରମଥାରେ ଡଲଫିନ୍ ସଂଖ୍ୟା ବୃଦ୍ଧି ଓ ଡାଙ୍ଗମାଳରେ ଲୁଣା କୁମ୍ଭୀର ହାଚେରୀରେ ଆଉ ଏକ ଧଳା କୁମ୍ଭୀର ଠାବ ପରେ ପରିବେଶବିତ୍‌ମାନଙ୍କୁ ଖୁସି ଦେଇଥିଲା ।

# ଫାଇଲ ଫିଙ୍ଗା ରାଜନୀତି



ଯାଜପୁର ଜିଲା ବ୍ୟାସନଗର ପୌର ପରିଷଦ ନିର୍ବାହୀ ଅଧିକାରୀଙ୍କ ଉପରକୁ ପୌରାଧ୍ୟକ୍ଷା ସଙ୍ଗୀତା ପିଙ୍ଗୁଆ ଫାଇଲ୍ ଫୋପାଡ଼ିବା ଘଟଣା ଗତମାସ ୧୬ ତାରିଖରେ ଭାଇରାଲ ହେବା ପରେ ଯାଜପୁର ରାଜନୀତିରେ ଆଲୋଡ଼ନ ସୃଷ୍ଟି ହୋଇଥିଲା । ଏହି ଘଟଣା ପଛରେ କି ରହସ୍ୟ ଲୁଚି ରହିଥିଲା ତାକୁ ନେଇ ନାନା ପ୍ରସଙ୍ଗ ସାମ୍ନାକୁ ଆସିଥିଲା । ସାରା ରାଜ୍ୟରେ ଏହାକୁ ନେଇ ଚର୍ଚ୍ଚା ଜୋର ଧରିଥିଲା । ଏହି ଘଟଣାକୁ ନେଇ ବିଭିନ୍ନ ରାଜନୈତିକ ଦଳ ଓ ସଙ୍ଗଠନ ପକ୍ଷରୁ ପୌରାଧ୍ୟକ୍ଷାଙ୍କ ଗିରଫ ଦାବି କରାଯାଇ ଆନ୍ଦୋଳନ ହୋଇଥିଲା । ହେଲେ ପରବର୍ତ୍ତୀ ଅବସ୍ଥାରେ ନିର୍ବାହୀ ଅଧିକାରୀ ଅଶୋକ କୁମାର ରାଉତଙ୍କୁ ଅନ୍ୟତ୍ର ବଦଳି କରାଯାଇଥିଲା ।

# ନିମିଷକରେ ଛାରଖାର



ସେଦିନ ଥିଲା ୨୦୨୨ ନଭେମ୍ବର ୨୧ । ପୂର୍ବତଟ ରେଳପଥର ଖୋର୍ଦ୍ଧା ଡିଭିଜନ ଅନ୍ତର୍ଗତ ଯାଜପୁର ଜିଲା କୋରେଇ ଷ୍ଟେଶନରେ ସକାଳ ୬ଟା ୫୪ରେ ଘଟିଥିଲା ଏକ ମର୍ମନ୍ତୁଦ ରେଳ ଦୁର୍ଘଟଣା । ଝାଡ଼ଖଣ୍ଡର ଡାଙ୍ଗୋଆପୋଷିରୁ ଗଞ୍ଜାମ ଜିଲା ଛତ୍ରପୁର ଅଭିମୁଖେ ଯାଉଥିବା ମାଲବାହୀ ଟ୍ରେନ୍ ଲାଇନଚ୍ୟୁତ ହେଲା । ୫୮ ବଗିବିଶିଷ୍ଟ ଏହି ଟ୍ରେନ୍‌ର ୧୪ ଡ଼ବା ଲାଇନଚ୍ୟୁତ ହେବା ସହ ୮ଟି ପ୍ଲାଟଫର୍ମ ଉପରକୁ ମାଡ଼ି ଯାଇଥିଲା । ଫଳରେ ଉକ୍ତ ପ୍ଲାଟଫର୍ମର ଯାତ୍ରୀ ବିଶ୍ରାମଗାରରେ ଡିଏମ୍‌ୟୁ ଟ୍ରେନକୁ ଅପେକ୍ଷାରତ ୩ ଜଣ ମହିଳା ଯାତ୍ରୀଙ୍କ ମୃତ୍ୟୁ ଘଟିଥିଲା । ତେବେ ମୃତକମାନଙ୍କ ମଧ୍ୟରୁ ଜଣେ ମହିଳାଙ୍କ ଅଢେଇ ବର୍ଷର ଶିଶୁପୁତ୍ର ବର୍ତ୍ତିଯାଇଥିଲେ । ଏହାସହ ୪ ଜଣ ଗୁରୁତର ହୋଇଥିଲେ । ମୃତକଙ୍କ ପରିବାରକୁ ସରକାରଙ୍କ ପକ୍ଷରୁ ୭ ଲକ୍ଷ ଟଙ୍କା ଲେଖାଏ ସହାୟତା ରାଶି ପ୍ରଦାନ କରାଯାଇଥିଲା ।

## ୨ ଗଣବଳାତ୍କାରୀଙ୍କୁ ଫାଶୀ ଦଣ୍ଡ

ଜଗତସିଂହପୁର ଜିଲା ତିର୍ତ୍ତୋଲ ଥାନା କ୍ରୀଷ୍ଣାନନ୍ଦପୁର ଅଞ୍ଚଳରେ ୨୧।୮।୧୪ରେ ଜଣେ ୮ ବର୍ଷୀୟା ନାବାଳିକା ତାଙ୍କ ଦାଦା ପୁଅ ଭାଇ ସହ ଗାଁର ଏକ ଦୋକାନକୁ ଚକୋଲେଟ୍ କିଣିବାକୁ ଯାଇଥିଲେ । ଏହି ସମୟରେ ଅଭିଯୁକ୍ତମାନେ ତାଙ୍କୁ ଉଠାଇ ନେଇ ଗଣବଳାତ୍କାର କରିଥିଲେ । ଏହାପରେ ନାବାଳିକାଙ୍କ ମୃତ୍ୟୁ ଘଟିଥିଲା । ଗତ ଜୁନ ୨୮ ତାରିଖରେ ଏହି ମାମଲାର ରାୟ ପ୍ରକାଶ ପାଇଥିଲା । ମାମଲାର ବିଚାର କରି ଜଗତ୍‌ସିଂହପୁର ଫାଷ୍ଟ ଟ୍ରାକ୍ କୋର୍ଟ (ପୋକ୍ସୋ) ବିଚାରପତି ଅଜୟ କୁମାର ମହାନ୍ତି ୪ ଅଭିଯୁକ୍ତଙ୍କ ମଧ୍ୟରୁ କ୍ରୀଷ୍ଣାନନ୍ଦପୁରର ସେକ ଆସିଫ ଓ ସେକ ଅକିଲଙ୍କୁ ଫାଶୀ ଦଣ୍ଡରେ ଦଣ୍ଡିତ କରିଥିଲେ । ଅନ୍ୟ ୨ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ ହୋଇଥିଲେ ।

## ୧୦୫ କୋଟି ଟଙ୍କା ଜରିମାନା

ଯାଜପୁର ଜିଲା ଧର୍ମଶାଳା ତହସିଲ ଅଧୀନ କଳାପଥର ଖାଦାନରେ ସାଟେଲାଇଟ ମାପଚୁପ କରି ଅଗଷ୍ଟରେକ ୪ ଜଣ ଲିଜ୍‌ଧାରୀଙ୍କଠାରୁ ୧୦୫ କୋଟି ୮୭ ଲକ୍ଷ ଜରିମାନା ଆଦାୟ କରିବାକୁ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ତହସିଲଦାର ଡିମାଣ୍ଡ ନୋଟିସ କରିଥିଲେ । ଲିଜ୍‌ଧାରୀ ଚନ୍ଦ୍ରମଣି ପରିଡାଙ୍କଠାରୁ ୧ କୋଟି ୮୭ ଲକ୍ଷ ଓ ସାବିତ୍ରୀ ପରିଡ଼ାଙ୍କଠାରୁ ୧୬ କୋଟି ୫୭ ଲକ୍ଷ, ରଞ୍ଜନ ଜେନାଙ୍କଠାରୁ ୨୩ କୋଟି ୩୨ ଲକ୍ଷ ଓ ସରୋଜ ରାଉତଙ୍କଠାରୁ ୬୩ କୋଟି ୩୭ ଲକ୍ଷ ଟଙ୍କା ଜରିମାନା ଆଦାୟ ନିର୍ଦ୍ଦେଶ ହୋଇଛି ।

## ଭସାଣି ଶୋଭାଯାତ୍ରାରେ ବିସ୍ଫୋରଣ



କେନ୍ଦ୍ରାପଡ଼ା ଜିଲା ସଦର ଥାନା ଅନ୍ତର୍ଗତ ବାଲିଆ ବଜାରରେ ଗତ ନଭେମ୍ବର ୨୩ରେ ଖୁବ୍ ଧୁମ୍‌ଧାମ୍‌ରେ ଚାଲିଥିଲା କାର୍ତ୍ତିକେଶ୍ୱରଙ୍କ ଭସାଣି ଶୋଭାଯାତ୍ରା । ହେଲେ ସେହି ମଜାକୁ ଜାଳି ପୋଡ଼ି ଛାରଖାର କରି ଦେଇଥିଲା ବାଣ ବିସ୍ଫୋରଣ । ବାଣ ଫୁଟା ପ୍ରତିଯୋଗିତା ଆଣିଥିଲା ବିଭିଷିକା ଏଥିରେ ଶତାଧିକ ଆହତ ହୋଇଥିବା ବେଳେ ୨ଜଣଙ୍କ ମୃତ୍ୟୁ ଘଟିଥିଲା । ଅଦ୍ୟାବଧି ୧୨ ଜଣ କଟକ ବଡ ମେଡିକାଲରେ ଚିକିତ୍ସିତ ହେଉଛନ୍ତି ।

## ନିଜ ନାମରେ ମାମଲା ରୁଜୁ କଲେ ଆଇଆଇସି



ଯାଜପୁର ଜିଲା କୋରେଇ ଥାନା ଅଧିକାରୀ ଶ୍ରବଣ କୁମାର ମହାରଣା ଦଳିତ ଦମ୍ପତିଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହିତ ମାଡ ମାରିବା ଅଭିଯୋଗ ହୋଇଥିଲା । ଏହି ଘଟଣା ବିବାଦ ସୃଷ୍ଟି କରିବାରୁ ସେ ନିଜ ନାମରେ ନିଜେ ମାମଲା ରୁଜୁ କରିଥିଲେ । ଏହି ପ୍ରସଙ୍ଗ ଚଳିତ ବର୍ଷର ଚର୍ଚ୍ଚିତ ଘଟଣା ଥିଲା । ୩୦।୯।୨୦୨୨ରେ ଏହି ମାମଲା ରୁଜୁ କରାଯାଇଥିଲା । ଜିଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋର ଏବଂ ଏସ୍‌ପି ରାହୁଲ ପି.ଆରଙ୍କ ନିର୍ଦ୍ଦେଶରେ ଥାନାଧିକାରୀ ମହାରଣାଙ୍କ ନିଜ ନାମରେ ମାମଲା(ନଂ. ୩୧୯/୨୦୨୨)ହେବା ସହ ୧୬ଟି ସଙ୍ଗିନ ଦଫା ଲାଗିଥିଲା ।

## ଟୋଲ୍‌ପ୍ଲାଜା ସ୍ଥାନାନ୍ତର

ନ୍ୟାଶନାଲ ହାଇୱେ ଅଥରିଟି ଅଫ୍ ଇଣ୍ଡିଆ ଅଧୀନରେ ଥିବା ଯାଜପୁର ଜିଲା ପାଣିକୋଇଲି ଟୋଲ୍ ପ୍ଲାଜାକୁ ୯।୧୧।୨୦୨୨ରେ ଯାଜପୁର-ଭଦ୍ରକ ସୀମାନ୍ତବର୍ତ୍ତୀ ନେଉଳାଛକକୁ ସ୍ଥାନାନ୍ତର କରାଯାଇଥିଲା । ବନ୍ଧାକୋଠାରୁ ୪୭ କିମି ଦୂରତାରେ ଥିବା ପାଣିକୋଇଲି ଟୋଲ୍‌ପ୍ଲାଜା ବେଆଇନ ଦର୍ଶାଇ ଅଞ୍ଚଳବାସୀ ଅଭିଯୋଗ କରିଆସୁଥିଲେ ।

## ଟାଟା ହାତକୁ ଗଲା ନୀଳାଚଳ



ଟାଟା ଷ୍ଟିଲ୍ ଲଙ୍ଗ ପ୍ରଡକ୍ଟସ୍ ଲିମିଟେଡ(ଟିଏସ୍‌ଏଲ୍‌ପିଏଲ୍) ପକ୍ଷରୁ ନୀଳାଚଳ ଇସ୍ପାତ୍ ନିଗମ ଲିମିଟେଡ (ଏନ୍‌ଆଇଏନ୍‌ଏଲ୍)ର ୯୩.୭୧ ପ୍ରତିଶତ ଅଂଶଧନର ଗତ ଜୁଲାଇ ୪ରେ ଅଧିଗ୍ରହଣ ପ୍ରକ୍ରିୟା ସମ୍ପନ୍ନ ହୋଇଥିଲା । ଡିସ୍‌ଇନ୍‌ଭେଷ୍ଟମେଣ୍ଟ ଓ ପବ୍ଲିକ୍ ଆସେଟ୍ ମ୍ୟାନେଜମେଣ୍ଟ ବିଭାଗ ଦ୍ୱାରା ପରିଚାଳିତ ପ୍ରକ୍ରିୟାନୁସାରେ ଗତ ମାର୍ଚ୍ଚ ୧୦ରେ ପ୍ରଥମେ ଶେୟାର ବିକ୍ରି ଓ କ୍ରୟ ଚୁକ୍ତିନାମା ହୋଇଥିଲା । ଏଥିପାଇଁ ଟାଟା ଷ୍ଟିଲ୍ ପକ୍ଷରୁ ମୋଟ ୧୨,୧୦୦ କୋଟି ଟଙ୍କା ପ୍ରଦାନ କରାଯାଇଥିଲା । ଏମ୍‌ଏମ୍‌ଟିସି, ଏନ୍‌ଏମ୍‌ଡିସି, ମେକନ୍, ଭାରତ ହେଭି ଇଲେକ୍ଟ୍ରିକାଲ ଲିମିଟେଡ, ଇଣ୍ଡଷ୍ଟ୍ରିଆଲ ପ୍ରମୋଶନ୍ ଆଣ୍ଡ ଇନ୍‌ଭେଷ୍ଟମେଣ୍ଟ କର୍ପୋରେଶନ୍ ଅଫ୍ ଓଡ଼ିଶା ଲିମିଟେଡ, ଓଡ଼ିଶା ମାଇନିଂ କର୍ପୋରେଶନ୍ ଲିମିଟେଡ, ଓଡ଼ିଶା ସରକାରଙ୍କ ଦ୍ୱାରା ଯୌଥ ପରିଚାଳନାରେ ବାର୍ଷିକ ୧ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ଏନଆଇଏନ୍‌ଏଲ୍ ଟାଟା କମ୍ପାନୀ ହାତକୁ ଯାଇଥିଲା ।



## ଶ୍ୱେତାକୁ ନେଇ ପୁଣି ଖୁସି

ଜାତୀୟ ଉଦ୍ୟାନ ଭିତରକନିକାସ୍ଥ ଡାଙ୍ଗମାଳରେ ଲୁଣା କୁମ୍ଭୀର ହାଚେରୀ ଅଛି । ପ୍ରତିବର୍ଷ ଆଖପାଖ ଅଞ୍ଚଳରୁ ଅଣ୍ଡା ସଂଗ୍ରହ କରାଯାଇ ହାଚେରୀରେ ଶବକ ଜନ୍ମକୁ ଅପେକ୍ଷା କରାଯାଇ ଥାଏ । ଗତ ଜାନୁଆରୀରେ ସେଠାରେ ଏକ ୩ ବର୍ଷିୟା ଧଳା କୁମ୍ଭୀର ରହିଥିବା ଜଣାପଡିବା ପରେ ଖୁସିର ଲହରୀ ଖେଳି ଯାଇଥିଲା । ବନ ବିଭାଗ ପକ୍ଷରୁ ଏହାର ନାମ ଶ୍ୱେତା ରଖାଯାଇଛି । ଧଳା କୁମ୍ଭୀର ଗୋରିକୁ ଜାତୀୟ ଯୁବ ଉତ୍ସବ ମାସକଟ ଭାବେ ବ୍ୟବହାର କରାଯାଇଛି । ଗୋରି, ଶ୍ୱେତା, ମଲ୍ଲି ସମେତ ୧୬ଟି ଧଳା କୁମ୍ଭୀର ରହି ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣ କେନ୍ଦ୍ର ବିନ୍ଦୁ ସାଜିଛନ୍ତି ।

# ଡଲଫିନ୍ ସଂଖ୍ୟା ୫୪୦



ଚଳିତ ବର୍ଷ ଏପ୍ରିଲରେ ଗହୀରମଥା ସାମୁଦ୍ରିକ ଅଞ୍ଚଳରୁ ଖୁସିର ଖବର ମିଳିଥିଲା । ୨୦୧୮ରୁ କ୍ରମାଗତ ହ୍ରାସ ପାଉଥିବା ଡଲଫିନଙ୍କ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇଥିବା ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା । ୨୦୧୮ରେ ୩୦୭, ୨୦୧୯ରେ ୨୧୬ , ୨୦୨୦ରେ ୬୨ ଓ ୨୦୨୧ରେ ୩୪୨ ଡଲଫିନ୍ ରହିଥିବା ବେଳେ ଚଳିତ ବର୍ଷ ସେହି ସଂଖ୍ୟା ୫୪୦ରେ ପହଞ୍ଚି ଥିଲା । ଯାହା ଚିଲିକାରେ ଥିବା ଡଲଫିନ୍‌ଠାରୁ ଅଧିକ । ଏହି ସମୟରେ ଚିଲିକାରେ ଡଲଫିନ୍ ସଂଖ୍ୟା ୧୬୭ ରହିଛି ।

## ପ୍ରମୋଦିନୀଙ୍କୁ ନ୍ୟାୟ

### ୨ ଦୋଷୀଙ୍କୁ ୧୪ ବର୍ଷ ଜେଲ



ବହୁ ଚର୍ଚ୍ଚିତ ପ୍ରମୋଦିନୀ ରାଉଳ ଏସିଡ୍ ମାଡ଼ ମାମଲାର ରାୟ ଗତ ମେ’ ୮ ରେ ପ୍ରକାଶ ପାଇଥିଲା । ଜଗତ୍‌ସିଂହପୁର ସହକାରୀ ଦୌରାଜଜ୍ ରଶ୍ମିତା ସାହୁ ସନ୍ତୋଷ ବେଦାନ୍ତ ଓ ବିଶ୍ୱଜିତ ଦଳସିଂହରାୟଙ୍କୁ ଦୋଷୀସାବ୍ୟସ୍ତ କରି ୧୪ ବର୍ଷ ଲେଖାଏ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି । ଅଭିଯୁକ୍ତଦ୍ୱୟ ୧୫ ହଜାର ଟଙ୍କା ଲେଖାଏ ଜରିମାନା ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ପ୍ରମୋଦିନୀ ତିର୍ତ୍ତୋଲସ୍ଥିତ ଆଦିକବି ସାରଳା ଦାସ ମହାବିଦ୍ୟାଳୟର ଯୁକ୍ତ ୨ କଳା ଛାତ୍ରୀ ଥିଲେ । ଅଭିଯୁକ୍ତ ଜବାନ ସନ୍ତୋଷ ତାଙ୍କୁ ଏକତରଫା ଭଲପାଇ ନିରାଶ ହେଲା ପରେ ୨୦୦୯ ଏପ୍ରିଲ ୧୮ ରେ କନକପୁର ବିଏସ୍‌ଏନ୍‌ଏଲ୍ ଟେଲିଫୋନ ଏକ୍ସଚେଞ୍ଜ ନିକଟରେ ବନ୍ଧୁ ଅନିଲଙ୍କ ସହ ମିଶି ପ୍ରମୋଦିନୀଙ୍କୁ ଏସିଡ୍ ମାଡ଼ କରିଥିଲେ । ଏଥିଯୋଗୁ ପ୍ରମୋଦିନୀଙ୍କ ଶରୀରର ୮୦% ପୋଡି ଯାଇଥିଲା । ସେ ଦୃଷ୍ଟିଶକ୍ତି ହରାଇ ବସିଥିଲେ ।

## ଅଭିନେତ୍ରୀ ରଶ୍ମିରେଖାଙ୍କ ସନ୍ଦେହଜନକ ମୃତ୍ୟୁ



ଟେଲି ଅଭିନେତ୍ରୀ ରଶ୍ମିରେଖା ଓଝା ଓରଫ୍ ସୋନି (୨୨)ଙ୍କ ସନ୍ଦେହଜନକ ମୃତ୍ୟୁ ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଥିଲା । ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଥାନା ଅନ୍ତର୍ଗତ ସଙ୍କେତପାଟଣା ଗ୍ରାମର ସୋନି ଭୁବନେଶ୍ୱର ନୟାପଲ୍ଲୀସ୍ଥିତ ଏକ ଭଡ଼ା ଘରେ ରହୁଥିଲେ । ସେ ୨ ଓଡ଼ିଆ ଚଳଚ୍ଚିତ୍ରରେ ପାର୍ଶ୍ୱ ଅଭିନେତ୍ରୀ ଭାବେ କାମ କରିବା ସହ ଏକାଧିକ ଧାରାବାହିକରେ ଅଭିନୟର ଯାଦୁ ଦେଖାଇଥିଲେ । ତ୍ରିକୋଣୀୟ ପ୍ରେମ ସମ୍ପର୍କରୁ ତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା । ପ୍ରେମିକ ସନ୍ତୋଷ ପାତ୍ର ତାଙ୍କୁ ହତ୍ୟା କରିଥିବା ପରିବାର ଲୋକେ ନୟାପଲ୍ଲୀ ଥାନାରେ ଅଭିଯୋଗ କରିଥିଲେ । ବିରିଡ଼ି ଅଞ୍ଚଳର ରାଜାଙ୍କ ସହ ରଶ୍ମିରେଖାଙ୍କ ବିବାହ ପ୍ରସ୍ତାବ ପଡ଼ିଥିବାରୁ ପ୍ରତିକ୍ରିୟାଶୀଳ ହୋଇ ସନ୍ତୋଷ ତାଙ୍କୁ ହତ୍ୟା କରିଥିବା ଅଭିଯୋଗରେ ଦର୍ଶାଯାଇଥିଲା । ଏହାର କିଛିଦିନ ପରେ ରାଉରକେଲାର ବାସନ୍ତୀ କଲୋନୀସ୍ଥିତ ଏକ ଘରୁ ସନ୍ତୋଷଙ୍କ ଝୁଲନ୍ତା ମୃତଦେହ ମିଳିଥିଲା ।

## ପ୍ରେମିକାଙ୍କୁ ନେଇ ବିବାଦରେ ତିର୍ତ୍ତୋଲ ବିଧାୟକ



ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସଙ୍କ ସହ ପ୍ରେମିକା ସୋମାଲିକା ଦାସଙ୍କ ବିବାହ ପ୍ରସଙ୍ଗକୁ ନେଇ ଗତ ଜୁନରେ ବିବାଦ ମୁଣ୍ଡ ଟେକିଥିଲା । ଏନେଇ ସେତେବେଳେ ବେଶ୍ ଚର୍ଚ୍ଚା ଚାଲିଥିଲା । ସୋମାଲିକା ବିଧାୟକଙ୍କ ନାଁରେ ନାନା ଆରୋପ କରିବା ସହ ଥାନାରେ ମଧ୍ୟ ମାମଲା ରୁଜୁ କରିଥିଲେ । ସୋମାଲିକା ବାପାଙ୍କ ଅଡିଓ ଭାଇରାଲ ହେଲା ପରେ ପରିସ୍ଥିତି ଜଟିଳ ରୂପ ନେଇଥିଲା । କିନ୍ତୁ ବିଧାୟକ ତାଙ୍କ ମା’ଙ୍କ ଦେହ ଖରାପ କାରଣରୁ ବିବାହରେ ବିଳମ୍ବ ହେଉଥିବା ଦର୍ଶାଇଥିଲେ । କିନ୍ତୁ ବିବାହକୁ ଏଡ଼ାଇ ଯାଇ ନ ଥିଲେ ।

# ମୁକ୍ତିକାନ୍ତଙ୍କ ଆତ୍ମହତ୍ୟା ଉଦ୍ୟମ





## ବିଜ୍ଞାପନ ହୋର୍ଡିଂ ଉପରେ ସାଢ଼େ ୪ ଘଣ୍ଟା

- ୯ ବର୍ଷ ତଳର ପ୍ରତିଶ୍ରୁତିକୁ ମନେ ପକାଇବାକୁ ରାଉରକେଲାରୁ ଆସିଥିଲେ
- ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାକୁ ସୁଯୋଗ ନ ଦିଆଯିବାରୁ ଧାରଣାରେ ବସିଥିଲେ
- ଉଦ୍ଧାର କଲା ଅଗ୍ନିଶମ ଟିମ୍, କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସା ଜାରି

**ଭୁବନେଶ୍ୱର, ୨୧।୧୨ (ବ୍ୟୁରୋ)**

ରାଉରକେଲାର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୯ବର୍ଷ ତଳେ ଦେଇଥିବା ପ୍ରତିଶ୍ରୁତିକୁ ମନେପକାଇ ଦେବାକୁ ରାଉରକେଲାରୁ ଚାଲି ଚାଲି ଭୁବନେଶ୍ୱର ଆସିଥିଲେ ସମାଜସେବୀ ମୁକ୍ତିକାନ୍ତ ବିଶ୍ୱାଳ। କାନ୍ଧରେ ଥିଲା ସେସବୁ ବିକାଶ ପ୍ରକଳ୍ପ ମଡେଲ୍‌ର ଭାର। ହେଲେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାକୁ ସୁଯୋଗ ଦିଆ ନ ଯିବାରୁ ସେ ଗତ ୭ଦିନ ହେଲା ଶିଶୁଭବନ ଛକରେ ଧାରଣା ଦେଇଥିଲେ। ହେଲେ ତାଙ୍କ କଥା ଶୁଣା ନ ଯିବାରୁ ମୁକ୍ତିକାନ୍ତ ଶେଷରେ ଚରମ ନିଷ୍ପତ୍ତି ନେଇଛନ୍ତି। ବୁଧବାର ନବୀନ ନିବାସଠାରୁ ମାତ୍ର ୫୦୦ ମିଟର ଦୂର କ୍ୟାପିଟାଲ ଥାନା ଅନ୍ତର୍ଗତ ଶିଶୁ ଭବନ ଛକ ନିକଟରେ ଥିବା ଏକ ବିଜ୍ଞାପନ ହୋର୍ଡିଂ ଉପରେ ଚଢ଼ି ତଳକୁ ଡେଇଁବା ସହ ଦେହରେ ଡିଜେଲ ଢାଳି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ହୋର୍ଡିଂ ଉପରେ ଦୀଘ ୪ ଘଣ୍ଟାର ହ୍ରାଇ ହାଇଡ୍ରାମା ପରେ ଶେଷରେ ମୁକ୍ତିକାନ୍ତଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ପରେ ଆମ୍ବୁଲାନ୍ସରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇ ଚିକିତ୍ସା ଆରମ୍ଭ କରାଯାଇଛି। ସେ ସୁସ୍ଥ ହେଉଥିବା ହସ୍ପିଟାଲ ସୂତ୍ରରୁ ଜଣାପଡ଼ିଛି। ଏଥିପାଇଁ ପୋଲିସ ଓ ଅଗ୍ନିଶମ ବାହିନୀଙ୍କୁ ସାଢ଼େ ୪ ଘଣ୍ଟା ଧରି ନାକେଦମ୍ ହେବାକୁ ପଡିଥିଲା।

ମୁକ୍ତିକାନ୍ତ ପୂର୍ବାହ୍ନ ପ୍ରାୟ ୧୦ଟା ୪୫ରେ ହଠାତ୍ ଉକ୍ତ ହୋର୍ଡିଂ ଉପରକୁ ଚଢ଼ି ସେଠାରେ ଜାତୀୟ ପତାକାକୁ ବାନ୍ଧି ଅଭିନବ ପ୍ରତିବାଦ କରିଥିଲେ। ସମର୍ଥକମାନେ ସେଠାରେ ପହଞ୍ଚି ତାଙ୍କୁ ତଳକୁ ଆସିବାକୁ ନେହୁରା ହୋଇଥିଲେ। କିନ୍ତୁ ତାଙ୍କର ଗୋଟିଏ ଜିଦ୍, ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ଅଫିସିଆଲ ଷ୍ଟେଟ୍‌ମେଣ୍ଟ ମିଳିଲେ ସେ ତଳକୁ ଓହ୍ଲାଇବେ। ଏପରି କଥାହେବା ଭିତରେ ମୁକ୍ତିକାନ୍ତ ପାଖରେ ରଖିଥିବା ଡିଜେଲ ବୋତଲକୁ ଦେହରେ ଅଳ୍ପ ଅଳ୍ପ ଢାଳି ହୋଇଯାଉଥିଲେ। ଲାଇଟର୍ ଓ ଦିଆସିଲ୍ ପ୍ୟାକେଟ ଧରି ଦେହରେ ନିଆଁ ଲଗାଇ ଆତ୍ମାହୁତି ଦେବାକୁ ଧମକ ଦେଉଥିଲେ। ଯଦି ତାଙ୍କୁ ବଳପୂର୍ବକ ଉଦ୍ଧାର କରାଯାଏ ସେ ତଳକୁ ଡେଇଁପଡ଼ିବେ କିମ୍ବା ଦେହରେ ନିଆଁ ଲଗାଇଦେବାକୁ ଫୋନ୍ ଯୋଗେ ଉଚ୍ଚସ୍ୱରରେ ଧମକ ଦେଉଥିଲେ। ଅତିରିକ୍ତ ଡିସିପି ପି.କେ. ରାଉତ, ପ୍ରକାଶ ଚନ୍ଦ୍ର ପାଲ, ଜୋନ୍ ଏସିପି ମାନସ ଗଡ଼ନାୟକ ପ୍ରମୁଖ ଉପସ୍ଥିତ ରହି ସ୍ଥିତି ଉପରେ ନଜର ରଖିଥିଲେ। ଏପରି ସମୟରେ ମୁକ୍ତିକାନ୍ତଙ୍କ ସମର୍ଥକମାନେ ବାରମ୍ବାର ନବୀନ ନିବାସ ଅଭିମୁଖେ ଯାଉଥିବାବେଳେ ପୋଲିସ ସେମାନଙ୍କୁ ଅଟକାଉଥିଲା। ପୋଲିସ ବହୁଥର ମାଇକ ଦ୍ୱାରା ମୁକ୍ତିକାନ୍ତଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସହ ଭେଟ କରାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ସେ ବିଶ୍ୱାସ କରୁ ନ ଥିଲେ। ଅପରାହ୍ନ ୩ଟା ପର୍ଯ୍ୟନ୍ତ ମୁକ୍ତିକାନ୍ତ ତଳକୁ ନ ଆସିବାରୁ ଫାୟାର ଡେପୁଟି ଅଫିସର ଅବନି ସ୍ୱାଇଁଙ୍କ ନେତୃତ୍ୱରେ ୩୦ ଜଣିଆ ଟିମ୍ ବେଶ୍ ସତର୍କତା ଓ ଯୋଜନାବଦ୍ଧ ଭାବେ ଅପରେଶନ ଆରମ୍ଭ କରିଥିଲେ। ବହୁ ସମୟ ଧରି ବୁଝାଶୁଝା ପରେ ତାଙ୍କୁ କାବୁ କରାଯାଇଥିଲା। ଅପରାହ୍ନ ପ୍ରାୟ ୩ଟା ୩୦ରେ ଉଦ୍ଧାର କରାଯିବା ପରେ ହାଇଡ୍ରୋଲିକ୍ ବ୍ରୁଣ୍ଟୋ ସ୍କାଏ ଲିଫ୍ଟ ସହାୟତାରେ ତଳକୁ ଅଣାଯାଇ ଆମ୍ବୁଲାନ୍ସରେ କ୍ୟାପିଟାଲ ହସ୍ପିଟାଲକୁ ନିଆଯାଇଥିଲା।

ତଳକୁ ଅଣାଯିବା ସମୟରେ ମୁକ୍ତିକାନ୍ତ ଗଣମାଧ୍ୟମକୁ କହିଥିଲେ, ସରକାର ତାଙ୍କ ପ୍ରତିଶ୍ରୁତି ପୂରଣ ନ କରିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ। ଯଦି ତାଙ୍କୁ ଗିରଫ କରାଯାଏ, ଜେଲ ଭିତରେ ଅନଶନ କରିବେ। ସେପଟେ ମୁକ୍ତିକାନ୍ତଙ୍କୁ ଉଦ୍ଧାର କଥା ଶୁଣିବା ପରେ ତାଙ୍କ ପରିବାର ଲୋକେ ଆଶ୍ୱସ୍ତ ହୋଇଥିଲେ ମଧ୍ୟ ରାଜ୍ୟ ସରକାର ଓ ମୁଖ୍ୟମନ୍ତ୍ରୀଙ୍କ ଉପରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ କେବଳ ଧନୀ ଲୋକଙ୍କ କଥା ଶୁଣନ୍ତି ବୋଲି ସେମାନେ କହିଛନ୍ତି।

ସୂଚନାଯୋଗ୍ୟ, ରାଉରକେଲାରେ ୪୦୦ ଶଯ୍ୟା ବିଶିଷ୍ଟ ସୁପର ସ୍ପେଶାଲିଷ୍ଟ ହସ୍ପିଟାଲ, କୋଏଲ ନଦୀରେ ବ୍ୟାରେଜ, ନଦୀ ପାର୍ଶ୍ୱରେ ରିଂ ରୋଡ ନିର୍ମାଣ ଓ ଶୀତଳ ଭଣ୍ଡାର ଆଦି ପ୍ରକଳ୍ପଗୁଡିକ କାର୍ଯ୍ୟକ୍ଷମ କରିବା ମୁକ୍ତିକାନ୍ତଙ୍କ ଦାବି ରହିଛି। ମୁଖ୍ୟମନ୍ତ୍ରୀ ୨୦୧୩ରେ ଏସବୁର ପ୍ରତିଶ୍ରୁତି ଦେଇଥିଲେ। ମୁକ୍ତିକାନ୍ତ ଏସବୁ ଦାବିର ଦୁଇଟି ପ୍ରକଳ୍ପ ମଡେଲକୁ ନଭେମ୍ବର ୧୬ରୁ ରାଉରକେଲାରୁ କାନ୍ଧରେ ବୋହି ନବୀନ ନିବାସ ଅଭିମୁଖେ ବାହାରିଥିଲେ। ସେ ଡିସେମ୍ବର ୧୪ରେ ଭୁବନେଶ୍ୱରରେ ପହଞ୍ଚିଥିଲେ। ହେଲେ ମୁଖ୍ୟମନ୍ତ୍ରୀଙ୍କୁ ଦେଖା କରିବାକୁ ସୁଯୋଗ ଦିଆ ନ ଯିବାରୁ ସେ ଶିଶୁଭବନ ଛକରେ ଧାରଣାରେ ବସିଥିଲେ। ଉଲ୍ଲେଖଯୋଗ୍ୟ, ଏହା ପୂର୍ବରୁ ୨୦୧୮ ଜୁଲାଇ ୩୦ରେ ମଧ୍ୟ ସେ ରାଉରକେଲାରୁ ଭୁବନେଶ୍ୱର ପଦଯାତ୍ରାରେ ଆସି ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ସହ ଦାବି ନେଇ ସ୍ମାରକପତ୍ର ଦେଇଥିଲେ।

# ଗଜପତିରେ ମୃଦୁ ଭୂକମ୍ପ

**ଭୁବନେଶ୍ୱର,(ବ୍ୟୁରୋ)/ପାରଳାଖେମୁଣ୍ଡି /ପାତ୍ରପୁର,୨୧।୧୨ (ଡି.ଏନ୍.ଏ)**

ଗଜପତି ଜିଲାରେ ବୁଧବାର ସକାଳ ୯ଟା ୪୬ ମିନିଟ ୨୦ ସେକେଣ୍ଡରେ ମୃଦୁ ଭୂକମ୍ପ ଅନୁଭୂତ ହୋଇଛି। ରିକ୍ଟର ସ୍କେଲ୍‌ରେ ଏହାର ତୀବ୍ରତା ୩.୪ ଥିଲା। ଭୂକମ୍ପର ଉତ୍ପତ୍ତି ସ୍ଥଳ ଭୂପୃଷ୍ଠର ୫ କିମି ତଳେ ଥିଲା। ଏ ନେଇ ଭାରତୀୟ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଭୂକମ୍ପର ଝଟକା ମୋହନା, ଆର. ଉଦୟଗିରି ଓ ଗଞ୍ଜାମ ଜିଲା ପାତ୍ରପୁର ଅଞ୍ଚଳରେ ଅନୁଭୂତ ହୋଇଛି। ୫ରୁ ୬ ସେକେଣ୍ଡ ପର୍ଯ୍ୟନ୍ତ ଏହା ଅନୁଭୂତ ହୋଇଛି। ଏଥିଯୋଗୁ କୌଣସି କ୍ଷୟକ୍ଷତିର ସୂଚନା ନାହିଁ। ଭୂକମ୍ପ ଝଟକା ଅନୁଭୂତ କରି ଲୋକମାନେ ଭୟରେ ଘରୁ ବାହାରକୁ ଚାଲିଆସିଥିଲେ। ଏପରି କି ସ୍କୁଲର ଛାତ୍ରୀଛାତ୍ରମାନେ ମଧ୍ୟ ଶ୍ରେଣୀରୁ ବାହାରକୁ ଚାଲିଆସିଥିଲେ। ଗାଁରେ ମହିଳାମାନେ ହୁଳହୁଳି ଦେଇଥିଲେ। କାଳେ ପୁଣି ଭୂକମ୍ପ ହେବ, ସେଥିପାଇଁ ଲୋକମାନେ କିଛି ସମୟ ଘର ଭିତରକୁ ଯାଇ ନ ଥିଲେ। ମୋହନା ସମେତ ଲୁହାଗୁଡି, ଅଡ଼ବା, ଚନ୍ଦ୍ରଗିରି, ମହେନ୍ଦ୍ରଗଡ଼, ଆର. ଉଦୟଗିରି ଓ ଗଞ୍ଜାମ ଜିଲା ପାତ୍ରପୁର ବ୍ଲକ ଖାରିଆଗୁଡ଼ା ଅଞ୍ଚଳରେ ଏହି ଭୂମିକମ୍ପ ଅନୁଭୂତ ହୋଇଛି ।

# ନଗଦ ୧.୬ କୋଟି, ୧.୮୩ କେଜି ସୁନା ମିଳିଲା

### ଇଡ୍‌କଲ୍ ଡେପୁଟି ମ୍ୟାନେଜରଙ୍କ ଘରେ ଭିଜିଲାନ୍ସ ଚଢ଼ାଉର ଦ୍ୱିତୀୟ ଦିନ

**ଭୁବନେଶ୍ୱର, ୨୧।୧୨(ବ୍ୟୁରୋ)**

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଇଡ୍‌କଲ୍ (ଓଡ଼ିଶା ଇଣ୍ଡଷ୍ଟ୍ରିଆଲ ଇନ୍‌ଫ୍ରାଷ୍ଟ୍ରକ୍ଚର୍ ଡେଭଲପ୍‌ମେଣ୍ଟ କର୍ପୋରେଶନ୍ ଅଫ୍ ଓଡ଼ିଶା ଲିମିଟେଡ୍)ର କୋରାପୁଟ ଜିଲା 'ଆମ୍ବାଭାଲି ଲାଇମ୍ ଷ୍ଟୋନ୍ ମାଇନ୍‌ସ'ର ଡେପୁଟି ମ୍ୟାନେଜର ଗୟା ସାନ୍ତରାଙ୍କ ଘରେ ମଙ୍ଗଳବାରଠାରୁ ଭିଜିଲାନ୍ସ ଚଢ଼ାଉ ଚାଲିଛି। ବୁଧବାର ଦ୍ୱିତୀୟ ଦିନରେ ଭୁବନେଶ୍ୱରସ୍ଥିତ ତାଙ୍କ ଘରୁ ନଗଦ ୧ କୋଟି ୬ ଲକ୍ଷ ୪୦ ହଜାର ଟଙ୍କା, ୧ କେଜି ୮୩ ଗ୍ରାମ ସୁନା ଓ ୬ କେଜି ୭୫୦ ଗ୍ରାମ ରୁପା ମିଳିଛି। ଘରୁ ଏତେ ପରିମାଣର ନଗଦ ଟଙ୍କା ମିଳିବା ଭିଜିଲାନ୍ସ ଇତିହାସରେ ୪ର୍ଥ ଘଟଣା ବୋଲି କୁହାଯାଉଛି। ଚଢ଼ାଉ ଓ ଯାଞ୍ଚ ଜାରି ରହିଥିବାବେଳେ ଆୟ ବହିର୍ଭୂତ ସମ୍ପତ୍ତି ନେଇ ଗୟାଙ୍କୁ କୋରାପୁଟରୁ ଭୁବନେଶ୍ୱର ଅଣାଯାଇ ପଚରାଉଚରା କରାଯାଉଛି। ଅନ୍ୟପକ୍ଷରେ ଗୟାଙ୍କ ୧୬ଟି ବ୍ୟାଙ୍କ ଆକାଉଣ୍ଟ ମଧ୍ୟରୁ ୪ଟିରେ ୪.୧୯ କୋଟି ଟଙ୍କା ଜମା ରାଶି ବୁଧବାର ଠାବ ହୋଇଥିଲା। ବାକି ଆକାଉଣ୍ଟରେ ଜମା ଟଙ୍କାକୁ ଯାଞ୍ଚ କରାଯାଉ ଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, କୋରାପୁଟ ଜିଲା ସୁଙ୍କି ଗେଟସ୍ଥିତ ଭଡ଼ାଘର, ଆମ୍ବାଭାଲିସ୍ଥିତ କାର୍ଯ୍ୟାଳୟ, ଭୁବନେଶ୍ୱର ମଞ୍ଚେଶ୍ୱର ଶିଳ୍ପାଞ୍ଚଳସ୍ଥିତ ୩ ମହଲା କୋଠା ଓ ବ୍ୟବସାୟିକ ପ୍ରତିଷ୍ଠାନ, ଜୟଦେବ ବିହାରସ୍ଥିତ ନିର୍ମାଣାଧୀନ ୪ ମହଲା କୋଠା, ନୟାଗଡ଼ ଜିଲା ଓଡ଼ଗାଁସ୍ଥିତ ପୈତୃକ ଘର ଏବଂ ରାୟଗଡ଼ା ଜିଲାର ମୁନିଗୁଡ଼ାସ୍ଥିତ ଶ୍ୱଶୁର ଘରେ ମଙ୍ଗଳବାର ଏକକାଳୀନ ଚଢ଼ାଉ ହୋଇଥିଲା। ଭୁବନେଶ୍ୱର, ନୟାଗଡ଼ ଓ ଯାଜପୁରର ମୁଖ୍ୟ ଅଞ୍ଚଳରେ ୧୩ଟି ପ୍ଲଟ ସହ ୨ଟି ଚାରିଚକିଆ ଯାନ ଓ ୪ଟି ବାଇକ୍ ମଧ୍ୟ ଠାବ ହୋଇଥିଲା। ଉକ୍ତ ସମ୍ପତ୍ତିର ପରିମାଣ ବଢ଼ିବା ନେଇ ଆଶଙ୍କା କରାଯାଉଛି। ଅନ୍ୟ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ନେଇ ଭିଜିଲାନ୍ସ ଟିମ୍ ଗୟାଙ୍କୁ ପଚରାଉଚରା କରୁଛି। ଗୁରୁବାର ଗୟାଙ୍କୁ ଭିଜିଲାନ୍ସ ଗିରଫ କରିପାରେ ବୋଲି ସୂଚନା ମିଳିଛି।






**ଆଜିର ମନ୍ତବ୍ୟ**

"ମହାରାଷ୍ଟ୍ର-କର୍ନାଟକ ସୀମା ବିବାଦ ସମ୍ପର୍କରେ ଉଭୟ ରାଜ୍ୟ ସରକାରଙ୍କ ମଧ୍ୟରେ ଆଲୋଚନାର ଆବଶ୍ୟକତା ରହିଛି। ନଚେତ୍ ଚାଇନା ଭଳି ଆମେ ମଧ୍ୟ କର୍ନାଟକ ଭିତରକୁ ଅନୁପ୍ରବେଶ କରିବୁ। **-ସଞ୍ଜୟ ରାଉତ, ଶିବସେନା (ଉଦ୍ଧବ ଠାକ୍‌ରେ) ଏମ୍‌ପି**

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଭାଙ୍ଗକୁ ଚୁଡ଼ା ଘଷା, ମାଉଁସକୁ ମଦ**
**ଗଞ୍ଜେଇ କି ଘିଅଭାତ ଅଫିମକୁ ଦୁଧ ।**

ଭାଙ୍ଗ ସହିତ ଚୁଡ଼ାଘଷା ଓ ମଦ ସହିତ ମାଂସ ଖିଆଯିବା ଭଳି ଗଞ୍ଜେଇ ସହ ଘିଅଭାତ ତଥା ଅଫିମ ସହିତ କ୍ଷୀର ଖିଆଯାଉଥିବାର ଜଣାଯାଇଥାଏ। ଏପରି ଖାଦ୍ୟ ଖାଇବାରେ ଏକ ଅଲଗା ପ୍ରକାରର ମଜା ମଧ୍ୟ ରହିଥାଏ। ବିଭିନ୍ନ ନିଶାଦ୍ରବ୍ୟ ସେବନ ସହ ଉପଯୁକ୍ତ ଖାଦ୍ୟ ଖାଇବା ନେଇ ଏଠାରେ ବର୍ଣ୍ଣନା କରାଯାଇଛି।

**ଭୋକ କି ଜାଣେ କଞ୍ଚା ଓଦା**
**ନିଦ କି ଜାଣେ ଲଟା ବୁଦା ।**

କଥାରେ ଅଛି ଭୋକ ଲାଗୁଥିବାବେଳେ ଆମ୍ବିଳା ଆମ୍ବ ମଧ୍ୟ ପାଚିଲୁ ସୁଆଦିଆ ଲାଗିଥାଏ। ତେଣୁ ଭୋକିଲା ବ୍ୟକ୍ତିଙ୍କୁ ଯେ କୌଣସି ଖାଦ୍ୟ ମିଳିଲେ ସେଥିରେ ସେ ବାଛବିଚାର ନ କରି ତାକୁ ଆନନ୍ଦରେ ଗ୍ରହଣ କରିଥାଏ। ସେହିପରି ନିଦ ମାଡ଼ି ଆସିଲେ ବ୍ୟକ୍ତିର ସ୍ଥାନ, ପାତ୍ର ଓ କାଳର କୌଣସି ଜ୍ଞାନ ରହେ ନାହିଁ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

# ମଝିଘରିଆଣୀଙ୍କ ହୁଣ୍ଡିରୁ ମିଳିଲା ୬୨ ଲକ୍ଷ

**ରାୟଗଡ଼ା ଅଫିସ/ରାୟଗଡ଼ା (ସ୍ୱ.ପ୍ର.),୨୧।୧୨**

ରାୟଗଡ଼ା ଜିଲାର ଅଧିଷ୍ଠାତ୍ରୀ ଦେବୀ ମାଁ ମଝିଘରିଆଣୀଙ୍କ ମନ୍ଦିର ହୁଣ୍ଡି ବୁଧବାର ଖୋଲାଯାଇଛି। ଚଳିତ ବର୍ଷ ଚୈତ୍ରଯାତ୍ରା ପୂର୍ବରୁ ମାଁଙ୍କ ହୁଣ୍ଡି ଖୋଲାଯିବାର ନିୟମ ରହିଥିବା ବେଳେ ସେହି କ୍ରମରେ ଖୋଲି ଗଣତି କରାଯାଇଥିଲା। ହୁଣ୍ଡିରୁ ମୋଟ ୬୨ ଲକ୍ଷ ୨୨ ହଜାର ୫୯ ଟଙ୍କା ବାହାରିଛି। ସେହିପରି ୪୬ ଗ୍ରାମ ସୁନା, ୧୭୭୫ ଗ୍ରାମ ରୁପା ସମେତ ଆମେରିକା, ଅଷ୍ଟ୍ରେଲିଆ, ଆଫ୍ରିକା ଦେଶର ୪୮ଟି ମୁଦ୍ରା ମଧ୍ୟ ହୁଣ୍ଡିରୁ ବାହାରିଛି।

ସକାଳେ ମାଜିଷ୍ଟ୍ରେଟ ଏବଂ ପୋଲିସ ଉପସ୍ଥିତିରେ ମନ୍ଦିର ପରିଚାଳନା କମିଟି ପକ୍ଷରୁ ହୁଣ୍ଡି ଖୋଲାଯାଇ ଗଣତି ଆରମ୍ଭ ହୋଇଥିଲା। ୮ ଘଣ୍ଟା ଧରି ଗଣତି ହୋଇଥିଲା। ଏଥିପୂର୍ବରୁ ଅଗଷ୍ଟ ୨୪ରେ ଦଶହରା ପୂର୍ବରୁ ମନ୍ଦିର ହୁଣ୍ଡି ଖୋଲାଯାଇଥିଲା। ସେହି ସମୟରେ ହୁଣ୍ଡିରୁ ୧ କୋଟି ୧ ଲକ୍ଷ ୨୩ ହଜାର ଟଙ୍କା ସମେତ ୧୦୪ ଗ୍ରାମ ସୁନା, ୨୬୭୦ ଗ୍ରାମ ରୁପା ବାହାରିଥିଲା। ବିଭିନ୍ନ ଅଞ୍ଚଳରୁ ଆସୁଥିବା ମାଁଙ୍କ ଶ୍ରଦ୍ଧାଳୁ ପ୍ରତ୍ୟେକ



ସ୍ୱେଚ୍ଛାସେବୀମାନେ ଦାନଟଙ୍କା ଗଣତି କରୁଛନ୍ତି।

ଦିନ ମାନସିକ ରଖି ହୁଣ୍ଡିରେ ଦାନ କରିଥାନ୍ତି। ହୁଣ୍ଡିରୁ ବାହାରିଥିବା ଟଙ୍କା ବ୍ୟାଙ୍କରେ ଜମା କରାଯାଇଛି। ସେହିଭଳି ସୁନା ଓ ରୁପା ଜିଲା କୋଷାଗାରରେ ରଖାଯାଇଥିବା ମନ୍ଦିର ପରିଚାଳନା କମିଟି ପକ୍ଷରୁ ସୂଚନା ମିଳିଛି। ଗଣତିରେ ବ୍ୟାଙ୍କ କର୍ମଚାରୀ ସମେତ ଅନେକ ସ୍ୱେଚ୍ଛାସେବୀ ସାମିଲ ଥିଲେ।

# ଫୁଲବାଣୀ ୮ ଡିଗ୍ରୀ

**ଭୁବନେଶ୍ୱର,୨୧।୧୨(ବ୍ୟୁରୋ)**

ରାଜ୍ୟରେ ଗତ କିଛିଦିନ ହେବ ଶୀତର ପ୍ରକୋପ ଜାରି ରହିଛି। ବିଶେଷକରି ଆଭ୍ୟନ୍ତରୀଣ ଏବଂ ପଶ୍ଚିମ ଓଡ଼ିଶାରେ ଏହାର ପ୍ରକୋପ ଅଧିକ। ସର୍ବନିମ୍ନ ତାପମାତ୍ରା ୮ ଡିଗ୍ରୀ ସେଲ୍‌ସିୟସକୁ ଖସିଯାଇଛି। ରାଜ୍ୟର ୬ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ସେଲ୍‌ସିୟସ ତଳେ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂଚନା ଅନୁଯାୟୀ ବୁଧବାର ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୮ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ସୁନ୍ଦରଗଡ଼ ୯.୩, ଝାରସୁଗୁଡ଼ା ୯.୬, କେନ୍ଦୁଝର ୮.୮, ଦାରିଙ୍ଗବାଡ଼ି ୧୦, କୋରାପୁଟରେ ସର୍ବନିମ୍ନ ତାପମାତ୍ରା ୧୦ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।ଆସନ୍ତା ୨୪ ତାରିଖରୁ ରାଜ୍ୟରେ ପଶ୍ଚିମାବାୟୁ ପ୍ରବାହ ହେବ। ଏଥିଯୋଗୁ ଶୀତ ହ୍ରାସ ପାଇପାରେ। ଆସନ୍ତା ୨୪ ଘଣ୍ଟା ମଧ୍ୟରେ କନ୍ଧମାଳ, ନୟାଗଡ଼, ଗଜପତି, ଖୋର୍ଦ୍ଧା, ପୁରୀ, କଟକ, ଅନୁଗୋଳ, ଢେଙ୍କାନାଳ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ ଏବଂ ଯାଜପୁର ଜିଲାର କେତେକ ସ୍ଥାନରେ କୁହୁଡ଼ି ହେବାର ସମ୍ଭାବନା ରହିଛି ।

# ଜାନୁୟାରୀ ୧୭ରୁ ବସ୍ ଧର୍ମଘଟ

**ଭୁବନେଶ୍ୱର,୨୧।୧୨(ବ୍ୟୁରୋ)**

ରାଜ୍ୟ ସରକାରଙ୍କୁ ଘରୋଇ ବସ୍ ମାଲିକ ସଂଘ ଚେତାବନୀ ଦେଇଛି । ଆସନ୍ତା ଜାନୁୟାରୀ ୧୬ ସୁଦ୍ଧା ୮ ଦଫା ଦାବି ପୂରଣ ନ ହେଲେ ୧୭ ତାରିଖରୁ ରାସ୍ତାରେ କୌଣସି ଘରୋଇ ବସ୍ ଗଡ଼ିବ ନାହିଁ। ୮ ଦଫା ଦାବି ପୂରଣ ନେଇ ବୁଧବାର ଅନୁଷ୍ଠିତ ଘରୋଇ ବସ୍ ମାଲିକ ସଂଘର ଗୁରୁତ୍ୱପୂର୍ଣ୍ଣ ବୈଠକ ପରେ ଏହି ନିଷ୍ପତ୍ତି ନିଆଯାଇଛି। ବୈଠକରେ ବସ୍ ମାଲିକମାନେ ଯୋଗଦେଇ ସରକାରଙ୍କ ସ୍କ୍ରାପ୍ ପଲିସିକୁ ବିରୋଧ କରିଛନ୍ତି । ଘରୋଇ ବସ୍ ମାଲିକ ସଂଘ ମୁଖପାତ୍ର ଦେବାଶିଷ ନାୟକ କହିଛନ୍ତି, ସ୍କ୍ରାପ୍ ପଲିସି ଉଚ୍ଛେଦ ସହ ୮ ଦଫା ଦାବି ପୂରଣ ନ ହେଲେ ଜାନୁୟାରୀ ୧୭ ତାରିଖରୁ ରାଜ୍ୟରେ କୌଣସି ବସ ଗଡ଼ିବ ନାହିଁ। ସଂଘ ପକ୍ଷରୁ ସ୍କ୍ରାପ୍ ପଲିସିକୁ ପ୍ରତ୍ୟାହାର, ମୋଟରଯାନ ଆଇନ ନଂ. ୫୯କୁ ପ୍ରତ୍ୟାହାର, ବସ୍ ପରମିଟକୁ ଗାଡ଼ି ସହ ତୃତୀୟ ପକ୍ଷକୁ ହସ୍ତାନ୍ତର ଅନୁମତି, ସ୍ଲିପର ବସ୍‌ଗୁଡ଼ିକୁ ଦିନବେଳା ଚଳାଇବାକୁ ଅନୁମତି ଦେବା, ମଙ୍ଗୁଳି-ସମ୍ବଲପୁର ଓ ବଲାଙ୍ଗୀରଠାରୁ ବରଗଡ଼ ଯାଏ ରାସ୍ତାକୁ ତୁରନ୍ତ ମରାମତି କରିବା, ସବୁ ବସ୍‌ଷ୍ଟାଣ୍ଡ ପାଇଁ ପାର୍କିଂ ଫି' ସମାନ କରିବା ଆଦି ଦାବି କରାଯାଇଛି।

# ଭିଜିଲାନ୍ସ ଜାଲରେ କୋଟିପତି ରେଞ୍ଜର

**ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ**

**ଭବାନୀପାଟଣା/କେସିଙ୍ଗା, ୨୧।୧୨(ସ୍ୱ.ପ୍ର./ଡି.ଏନ.ଏ.)**

ଭିଜିଲାନ୍ସ ଜାଲରେ କଳାହାଣ୍ଡି ଜିଲା କେଗାଁ ରେଞ୍ଜର କେଶବ ମାଝି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବୁଧବାର ସକାଳେ କେସିଙ୍ଗା ଓମ ନଗରପଡ଼ାସ୍ଥିତ ବାସ ଭବନ, କେଗାଁ ସରକାରୀ କାର୍ଯ୍ୟାଳୟ, କ୍ୱାର୍ଟର ଓ ବ୍ରାହ୍ମଣୀର ପୈତୃକ ଘରେ ଏକକାଳୀନ କୋରାପୁଟ ଓ କଳାହାଣ୍ଡି ଭିଜିଲାନ୍ସ ବିଭାଗ ଚଢ଼ାଉ କରିଛି।



ରେଞ୍ଜର କେଶବ ମାଝି

ଚଢ଼ାଉ ସମୟରେ ରେଞ୍ଜର ମାଝି ଓ ତାଙ୍କ ପରିବାର ସଦସ୍ୟଙ୍କ ନାମରେ ବିଭିନ୍ନ ବ୍ୟାଙ୍କରେ ଖାତା ରହିବା ସହିତ ନଗଦ ୨ ଲକ୍ଷ ୭୮ ହଜାର ୬୪୦ ଟଙ୍କା ଜମା, ବ୍ୟାଙ୍କ ଓ ବୀମାରେ ୩୩ ଲକ୍ଷ ଟଙ୍କା ଜମା ଥିବା, ୨୦୨୦ରେ କେସିଙ୍ଗା ଓମ୍ ନଗର ପଡ଼ାରେ ନିର୍ମିତ ୩ ମହଲା କୋଠା ଯାହାର ଦାମ ୧ କୋଟି ୧୮ ଲକ୍ଷରୁ ଊର୍ଦ୍ଧ୍ୱ, କେସିଙ୍ଗା ସହର ଆଖପାଖରେ ୪ଟି ପ୍ଲଟ ରହିଥିବା ଜଣାପଡ଼ିଛି। ପ୍ଲଟଗୁଡ଼ିକ ହେଲା କେସିଙ୍ଗା ବ୍ରାହ୍ମଣୀରେ ୧ ଏକର.୬୬ ଡିସମିଲ ଓ ୧ ଏକର ୩୭ ଡିସମିଲ, କେସିଙ୍ଗା ସହରରେ ୧୧ ଡିସମିଲ, ବୋରିଙ୍ଗ ପଦରରେ ୬୨ ଡିସମିଲର ପ୍ଲଟ ରହିଥିବା ସୂଚନା ମିଳିଛି। ସେହିପରି ୪୭୭ ଗ୍ରାମ ସୁନା ଅଳଙ୍କାର, ୩୨୦ ଗ୍ରାମ ରୁପା, ୨ଟି ଚାରିଚକିଆ ଯାନ, ବୁଲେଟ ଆଦି ବହୁ ସାମଗ୍ରୀ ଠାବ ହୋଇଥିବା ଜଣାପଡ଼ିଛି। ଏହାର ଆନୁମାନିକ ମୂଲ୍ୟ ୨.୪୫ କୋଟି ବୋଲି ସୂଚନା ମିଳିଛି। ଚଢ଼ାଉରେ ମାଲକାନଗିରି ଡିଏସ୍‌ପି ସୁଶାନ୍ତ ବିଶ୍ୱାଳ, ଭବାନୀପାଟଣା ଡିଏସ୍‌ପି ସଦାନନ୍ଦ ପାଣି, ନବରଙ୍ଗପୁର ଡିଏସ୍‌ପି କଳାବତୀ ବାଗ, ଇନ୍ସପେକ୍ଟର ସାବିତ୍ରୀ ପ୍ରଧାନ, ପ୍ରମିଳା ସୁନା, ଆଲୋକ ମହାପାତ୍ର ପ୍ରମୁଖ ୧୨ଜଣିଆ ଟିମ୍ ସାମିଲ ଥିଲେ।

# ୪ ଓଏଏସ୍ ଅଫିସର କ୍ରୀଡ଼ା ବିଭାଗ ଓଏସ୍‌ଡି ନିଯୁକ୍ତ

**ହକି ବିଶ୍ୱକପ୍ ପରିଚାଳନା**

ଭୁବନେଶ୍ୱର,୨୧।୧୨(ବ୍ୟୁରୋ): ହକି ବିଶ୍ୱକପକୁ ସୁରୁଖୁରୁରେ ଶେଷ କରିବା ପାଇଁ ରାଜ୍ୟ ସରକାର ବୁଧବାର ୪ ଜଣ ଓଏଏସ୍ ଅଫିସରଙ୍କୁ କ୍ରୀଡ଼ା ବିଭାଗକୁ ଓଏସ୍‌ଡି ଭାବେ ବଦଳି କରିଛନ୍ତି। ଏ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଯୁଗ୍ମ ସଚିବ ବାଦଲ କୁମାର ମହାନ୍ତି, ଇଡ୍‌କୋ ଲ୍ୟାଣ୍ଡ ଅଫିସର ସମ୍ବିତ କୁମାର ଗଡନାୟକ, ଟେକ୍ସଟ ବୁକ୍ ପ୍ରଡକ୍ସନ ଓ ମାର୍କେଟିଂ ନିର୍ଦ୍ଦେଶକ ଯୋଗେନ୍ଦ୍ର ମାଝି ଏବଂ ଭୁବନେଶ୍ୱର ବ୍ଲକ ଅତିରିକ୍ତ ତହସିଲଦାର ଶାଶ୍ୱତ ପ୍ରଧାନଙ୍କୁ କ୍ରୀଡ଼ା ବିଭାଗକୁ ଓଏସ୍‌ଡି ଭାବେ ବଦଳି କରାଯାଇଛି। ଉକ୍ତ ଅଧିକାରୀମାନେ ତୁରନ୍ତ କ୍ରୀଡ଼ା ବିଭାଗରେ ରିପୋର୍ଟ କରିବାକୁ କୁହାଯାଇଛି।

## ପ୍ରଥମ ପୃଷ୍ଠାରୁ...

### ଅବକାରୀ ହେପାଜତରେ...

ସନ୍ଧ୍ୟାରେ ୫୫ ନମ୍ବର ଜାତୀୟ ରାଜପଥର ଓଟିଏମ୍ ଛକ ପରିବା ବଜାର ନିକଟରେ ରାସ୍ତା ଅବରୋଧ କରିବାବେଳେ କଟକ ଜୋନ୍-୧ ଏସିପି ଅରୁଣ କୁମାର ସ୍ୱାଇଁ ଓ ଚୌଦ୍ୱାର ଥାନା ଆଇଆଇସି ବିରଞ୍ଚି ନାରାୟଣ ପତି ୨ ପ୍ଲାଟୁନ୍ ଫୋର୍ସ ସହିତ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକମାନଙ୍କୁ ବୁଝାଶୁଝା କରି ରାସ୍ତାରୋକୋରୁ ବିରତ କରାଇଥିଲେ। ଶରତଙ୍କ ନାମରେ ପୂର୍ବରୁ କୌଣସି ଆପରାଧିକ ମାମଲା ନ ଥିବା ଅବକାରୀ ପୋଲିସ ସୂଚନା ଦେଇଛି। ମୃତ ଶରତଙ୍କ ଗୋଟିଏ ଛୋଟ ବିକଳାଙ୍ଗ ପୁଅ ଓ ଗୋଟିଏ ଝିଅ ଥିବାବେଳେ ସେମାନଙ୍କ ଭରଣପୋଷଣ ଦାୟିତ୍ୱ ନେବା, କ୍ଷତିପୂରଣ ବାବଦ ୫ଲକ୍ଷ ଟଙ୍କା ପ୍ରଦାନ ଓ ଶରତଙ୍କ ପତ୍ନୀଙ୍କୁ ଚାକିରି ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏସିପି ସ୍ୱାଇଁଙ୍କ କହିବା ହେଲା ଏନ୍‌ଏଚ୍‌ଆର୍‌ସି ଗାଇଡ୍‌ଲାଇନ୍ ଅନୁସାରେ ଇନ୍‌କ୍ୱାରୀ ଚାଲିଛି। ମୃତକଙ୍କ ଭାଇ କରିଥିବା ଅଭିଯୋଗ ଉପରେ ତଦନ୍ତ କରାଯିବ ବୋଲି କହିଛନ୍ତି।

### ୧୯ ସହରରେ ଡ୍ରିଙ୍କ୍ ...

ମୁଖ୍ୟମନ୍ତ୍ରୀ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ କାର୍ଯ୍ୟକ୍ରମର ଆରମ୍ଭ ଘୋଷଣା କରିଛନ୍ତି। ଏହାଦ୍ୱାରା ଏହି ୩ଟି ସହରର ୧.୫୦ ଲକ୍ଷ ଲୋକ ଉପକାର ପାଇବେ ।

ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ପ୍ରତି ପରିବାରକୁ ଭଲ ପିଇବା ପାଣି ଯୋଗାଇବା ମୋର ବହୁତ ଦିନର ସ୍ୱପ୍ନ। ଏହା ସବୁବେଳେ ମୋ ସରକାରର ପ୍ରାଥମିକତା ହୋଇରହିଛି। ଜଳ ଆମ ସମସ୍ତଙ୍କ ପାଇଁ ଅମୂଲ୍ୟ। ଏହାକୁ ଉପଯୁକ୍ତ ଭାବେ ବ୍ୟବହାର କରିବା ଉଚିତ। ଗୋଟିଏ ବି ବୁନ୍ଦା ଜଳ ନଷ୍ଟ ନ କରିବା ପାଇଁ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ଜଳ ହେଉଛି ଜୀବନ। ଜନସ୍ୱାସ୍ଥ୍ୟ ଓ ଦୈନନ୍ଦିନ ଜୀବନର ସୁବିଧା ପାଇଁ ସ୍ୱଚ୍ଛ ଜଳ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଏହି ସୁବିଧା ଜନସାଧାରଣଙ୍କ ଜୀବନଧାରଣ ମାନରେ ପ୍ରଭୂତ ଉନ୍ନତି ଆଣିବ। ବିଶ୍ୱର ବଡ଼ ବଡ଼ ସହରର ବ୍ୟବସ୍ଥା ସହିତ ଓଡ଼ିଶାର ସହରଗୁଡ଼ିକ ମଧ୍ୟ ଯୋଡ଼ି ହୋଇଛନ୍ତି । ବ୍ୟୁରୋ ଅଫ୍ ଷ୍ଟାଣ୍ଡାର୍ଡ୍ସର ମାନ ଅନୁଯାୟୀ ଲୋକେ ଉତ୍ତମ ଓ ସ୍ୱଚ୍ଛ ଜଳ ପାଇପାରୁଛନ୍ତି। ଏହି ସେବା ପାଇଁ ମୁଖ୍ୟମନ୍ତ୍ରୀ ୱାଟ୍‌କୋକୁ ଧନ୍ୟବାଦ ଦେଇଛନ୍ତି।

ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ଓ ଦୃଢ଼ ନେତୃତ୍ୱ ଯୋଗୁ ଓଡ଼ିଶାବାସୀ ଉନ୍ନତମାନର ସେବା ପାଇପାରୁଛନ୍ତି। ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ରାଜ୍ୟ ସରକାରଙ୍କ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ। ଓମ୍ବାଡସିର ଓଭରସାଇଟ୍ ଅଥରିଟି ଜଷ୍ଟିସ ଅନନ୍ତ ପଟ୍ଟନାୟକ କହିଛନ୍ତି, ସେ ମାଇନିଂ ଅଞ୍ଚଳକୁ ପ୍ରାୟତଃ ଗସ୍ତ କରନ୍ତି। ପାଣି ପାଇଁ ଲୋକଙ୍କ ଅସୁବିଧାକୁ ସେ ଅନୁଭବ କରିଛନ୍ତି। ଆଜି ସେ ଅଞ୍ଚଳଗୁଡ଼ିକରେ ପିଇବା ପାଣି କ୍ଷେତ୍ରରେ ଉଲ୍ଲେଖନୀୟ କାମ ହୋଇଛି। ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କ ଭୂମିକା ବାସ୍ତବରେ ପ୍ରଶଂସନୀୟ ବୋଲି ସେ କହିଛନ୍ତ। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଜି. ମାଥିଭାଥନନ ସ୍ୱାଗତ ଭାଷଣ ଦେଇଥିଲେ। ୱାଟ୍‌କୋର ସିଇଓ ପି.କେ. ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମନ୍ତ୍ରୀ ଅଶୋକ ପଣ୍ଡା, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ୧୯ଟି ସହରର ନେତୃବୃନ୍ଦ, ଅଧିକାରୀଗଣ ଓ ଜନସାଧାରଣ ଭିଡିଓ କନ୍‌ଫରେନ୍ସ ଜରିଆରେ ଯୋଡ଼ି ହୋଇଥିଲେ ।

### ଓଡ଼ିଶାରେ ବିଏଫ୍.୭ ...

ଜେନୋମ୍ ସିକ୍ୱେନ୍ସିଂ କରାଯାଇଥିଲା। ଉକ୍ତ ମହିଳା ଓ ତାଙ୍କ ପରିବାର ଗତ ଅକ୍ଟୋବରରୁ ଆମେରିକାରେ ରହୁଛନ୍ତି। ଭାରତ ଛାଡ଼ିବା ପର୍ଯ୍ୟନ୍ତ ତାଙ୍କ ପରିବାରର କୌଣସି ସଦସ୍ୟଙ୍କଠାରେ କରୋନାର ଲକ୍ଷଣ ନ ଥିଲା। ତେବେ ଗତ ୩ ମାସ ମଧ୍ୟରେ ରାଜ୍ୟର ଅନ୍ୟ କୌଣସି ଆକ୍ରାନ୍ତଙ୍କଠାରେ ଏହି ନୂଆ ସବ୍‌ଭାରିଆଣ୍ଟ ଚିହ୍ନଟ ହୋଇନାହିଁ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଅନ୍ୟପକ୍ଷେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡବ୍ୟଙ୍କ ଅଧକ୍ଷତାରେ ବୁଧବାର ଅନୁଷ୍ଠିତ ସମୀକ୍ଷା ବୈଠକରେ ବିଶେଷଜ୍ଞମାନେ କହିଛନ୍ତି, ଦେଶରେ କୋଭିଡ୍ ମହାମାରୀ ସଂକ୍ରମିତଙ୍କ ସଂଖ୍ୟାରେ ବିଶେଷ ବୃଦ୍ଧି ଘଟି ନ ଥିଲେ ହେଁ ପୂର୍ବରୁ ଥିବା ଓ ନୂଆକରି ବାହାରୁଥିବା ଭାରିଆଣ୍ଟଗୁଡ଼ିକୁ ଟ୍ରାକ୍ କରିବା ପାଇଁ ସର୍ଭିଲାନ୍ସ ବ୍ୟବସ୍ଥାକୁ ମଜଭୁତ କରାଯିବା ଆବଶ୍ୟକତା ରହିଛି। ନୂଆଦିଲ୍ଲୀରେ ଅଧିକାରୀମାନଙ୍କ ସୂତ୍ରରୁ ଜଣାପଡ଼ିଛି ଯେ, ବର୍ତ୍ତମାନ ଚାଇନାର ସହରଗୁଡ଼ିକରେ ବିଏଫ୍.୭ ସମେତ ଓମିକ୍ରନ୍‌ର ସଞ୍ଚାରଣକ୍ଷମ ଷ୍ଟ୍ରେନ୍‌ଗୁଡ଼ିକର ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ମହାମାରୀର ଏହି ସବ୍‌ଭାରିଆଣ୍ଟ ବେଜିଂ ଓ ସାଂଘାଇରୁ ଅନ୍ୟ ସହରଗୁଡ଼ିକୁ ବ୍ୟାପି ଆତଙ୍କ ଖେଳାଇଛି। ବିଏଫ୍.୭ର ସଂକ୍ରମଣ କ୍ଷମତା ଅଧିକ ରହିଥିବାରୁ ଚାଇନାବାସୀ ଏଥିରୁ ବର୍ତ୍ତିପାରୁ ନାହାନ୍ତି। ଏପରି କି ଭାକ୍ସିନ ନେଇଥିବା ଲୋକେ ମଧ୍ୟ ଏହି ଭୂତାଣୁରେ ଆକ୍ରାନ୍ତ ହୋଇ ପ୍ରାଣ ହରାଉଛନ୍ତି। ଓମିକ୍ରନ୍ ବିଏ.୫ ଭାରିଆଣ୍ଟରୁ ଉତ୍ପନ୍ନ ଏହି ଭୂତାଣୁର ସଂକ୍ରମଣ କ୍ଷମତା ସର୍ବାଧିକ। ପୂର୍ବରୁ ଏହା ଆମେରିକା, ବ୍ରିଟେନ ଏବଂ ବେଲଜିୟମ, ଜର୍ମାନୀ, ଫ୍ରାନ୍ସ ଓ ଡେନ୍‌ମାର୍କ ଭଳି ୟୁରୋପୀୟ ରାଷ୍ଟ୍ରଗୁଡ଼ିକରେ ଚିହ୍ନଟ ହୋଇସାରିଛି।

# ସ୍ୱାସ୍ଥ୍ୟ ବିଭାଗ ତତ୍ପର

**ଭୁବନେଶ୍ୱର(ବ୍ୟୁରୋ),୨୧।୧୨**

ସତର୍କତା ଅବଲମ୍ବନ ପାଇଁ କେନ୍ଦ୍ରର ଚିଠି ପାଇବା ପରେ ରାଜ୍ୟ ସରକାର ତତ୍ପରତା ଦେଖାଇଛନ୍ତି। ଲକ୍ଷଣ ଦେଖାଯିବା ମାତ୍ରେ ଟେଷ୍ଟିଂ ପାଇଁ ସ୍ୱାସ୍ଥ୍ୟ ବିଭାଗ ଅନୁରୋଧ କରିଛି। ରାଜ୍ୟ ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର କହିଛନ୍ତି, ଲୋକଙ୍କଠାରେ କୋଭିଡ୍-୧୯ ଲକ୍ଷଣ ଦେଖାଯିବା ମାତ୍ରେ ଟେଷ୍ଟ କରାଯିବ। ଆକ୍ରାନ୍ତଙ୍କ ଜେନୋମ୍ ସିକ୍ୱେନ୍ସିଂ ହେବ। ଆମ ପାଖରେ ପର୍ଯ୍ୟାପ୍ତ ପରିମାଣର ଜେନୋମ୍ ସିକ୍ୱେନ୍ସିଂ ଏବଂ ସର୍ଭିଲାନ୍ସ କରିବାକୁ ସୁବିଧା ଅଛି। ଏହାପରେ ମଧ୍ୟ ଯଦି ସଂକ୍ରମଣ ବଢ଼େ ତା'ପରେ ଅନ୍ୟ ପଦକ୍ଷେପ ନିଆଯିବ। ହକି ବିଶ୍ୱକପରେ ଭିଡ଼କୁ ଦୃଷ୍ଟିରେ ରଖି ସେଠାରେ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି। କାହାଠାରେ ଲକ୍ଷଣ ପ୍ରକାଶ ପାଇଲେ ସଙ୍ଗେ ସଙ୍ଗେ ସେଠାରେ ତାଙ୍କର ଟେଷ୍ଟ କରିବା ବ୍ୟବସ୍ଥା କରାଯାଇଛି। ଭୁବନେଶ୍ୱର ଓ ରାଉରକେଲାରେ ଟେଷ୍ଟିଂ ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା କରାଯାଇଥିବା ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ କହିଛନ୍ତି। ସ୍ୱାସ୍ଥ୍ୟ ବିଭାଗ ସଚିବ ଶାଳିନୀ ପଣ୍ଡିତ ବୁଧବାର ଏନ୍‌ଏଚ୍‌ଏମ୍ ଏବଂ ଓଏସ୍‌ଏମ୍‌ସିଏଲ୍ ପରିଚାଳନା ନିର୍ଦ୍ଦେଶକ, ସମସ୍ତ ଜିଲାପାଳ, ଜନସ୍ୱାସ୍ଥ୍ୟ ସ୍ୱତନ୍ତ୍ର ସଚିବ, ସ୍ୱାସ୍ଥ୍ୟ ବିଭାଗର ସମସ୍ତ ନିର୍ଦ୍ଦେଶକ, ସମସ୍ତ ସରକାରୀ ମେଡିକାଲ କଲେଜ ଡିନ୍ ଏବଂ ସୁପରିଣ୍ଟେଣ୍ଡେଣ୍ଟ, ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ଏବଂ ରାଉରକେଲା ଆର୍‌ଜିଏଚ୍ ନିର୍ଦ୍ଦେଶକ ଓ ସମସ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଚିଠି ଲେଖି ସତର୍କ ରହିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। କରୋନା ଟେଷ୍ଟିଂ ବଢ଼ାଇବା ସହିତ ସମସ୍ତ ପଜିଟିଭ କେସ୍‌ର ଜେନୋମ୍ ସିକ୍ୱେନ୍ସିଂ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

### 'ମାସ୍କ ପିନ୍ଧ, ...

ଟେଷ୍ଟ କରାଯାଉଥିବାରୁ ଆତଙ୍କିତ ହେବାର କିଛି ନାହିଁ। କିନ୍ତୁ ଲୋକେ ଭିଡ଼ ଭିତରକୁ ଗଲେ ମାସ୍କ ପିନ୍ଧନ୍ତୁ। ଅନ୍ତର୍ଜାତୀୟ ବିମାନ ଯାତ୍ରା ପାଇଁ ରହିଥିବା ପୂର୍ବ ଗାଇଡ୍‌ଲାଇନ୍ (ନିର୍ଦ୍ଦେଶାବଳୀ)ରେ କୌଣସି ପ୍ରକାର ପରିବର୍ତ୍ତନ କରାଯାଇନାହିଁ। ପ୍ରକାଶ ଯେ, ଏହା ପୂର୍ବରୁ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ପତ୍ର ଲେଖିଥିଲେ। ଚାଇନା, ଜାପାନ, ଆମେରିକା, ଦକ୍ଷିଣ କୋରିଆ ଓ ବ୍ରାଜିଲ ଭଳି ଦେଶଗୁଡ଼ିକରେ ହଠାତ୍ ସଂକ୍ରମଣ ମାମଲା ବୃଦ୍ଧି ପାଇଥିବାରୁ ପଜିଟିଭ୍ ଚିହ୍ନଟ ହୋଇଥିବା ବ୍ୟକ୍ତିମାନଙ୍କ ଜେନୋମ୍ ସିକ୍ୱେନ୍ସିଂକୁ କଡ଼ାକଡ଼ି କରିବାକୁ ସେ ଏଥିରେ ପରାମର୍ଶ ଦେଇଥିଲେ। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ୱେବ୍‌ସାଇଟ୍ ଅନୁସାରେ ଭାରତରେ ଗତ ୨୪ ଘଣ୍ଟା ମଧ୍ୟରେ ୧୨୯ ନୂଆ ମାମଲା ସାମ୍ନାକୁ ଆସିଛି। ଏଥିସହ ସକ୍ରିୟ ମାମଲା ସଂଖ୍ୟା ୩,୪୦୮କୁ ବୃଦ୍ଧି ପାଇଛି। ଦିନକ ଭିତରେ ଦେଶରେ ଜଣେ ସଂକ୍ରମିତଙ୍କ ମୃତ୍ୟୁ ଘଟିଛି।

### 'ଗୋବିନ୍ଦଙ୍କ ପକେଟରୁ ...

ବୁଧବାର ପୂର୍ବାହ୍ନରେ ବୁର୍ଲା ଭିମ୍‌ସାର ମେଡିକାଲ କଲେଜ ଏଫ୍‌ଏମ୍‌ଟି ପ୍ରଫେସର ସତ୍ୟସାଇ ପଣ୍ଡା, ଆସିଷ୍ଟାଣ୍ଟ ପ୍ରଫେସର ବୀରେନ୍ ଖାଲ୍‌କୋ ଏବଂ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ଏଫ୍‌ଏମ୍‌ଟି ବିଭାଗ ଡାକ୍ତର ସୁବଳ ନାଏକ ବ୍ୟବଚ୍ଛେଦ କରିଥିଲେ। ଜାତୀୟ ମାନବାଧିକାର କମିଶନ(ଏନ୍‌ଏଚ୍‌ଆର୍‌ସି)ଙ୍କ ନିର୍ଦ୍ଦେଶ ଏବଂ ଗାଇଡଲାଇନ୍ ମୁତାବକ୍ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ବ୍ୟବଚ୍ଛେଦ କରାଯାଇଛି। ସମଗ୍ର ପ୍ରକ୍ରିୟାକୁ ଭିଡିଓ ରେକର୍ଡିଂ କରାଯାଇଛି। ଗୋବିନ୍ଦଙ୍କ କାକା ଶ୍ୱଶୁର ମହେନ୍ଦ୍ର ସାହୁ ଏବଂ ତାଙ୍କ ଶଳା ଚୁନା ସାହୁ ବ୍ୟବଚ୍ଛେଦ ଗୃହ ବାହାରେ ଉପସ୍ଥିତ ଥିଲେ। ମହେନ୍ଦ୍ର କହିଛନ୍ତି, ଗୋବିନ୍ଦଙ୍କ ଆତ୍ମହତ୍ୟା ବିଶ୍ୱାସଯୋଗ୍ୟ ନୁହେଁ। ସେ ଜଣେ ଷ୍ଟ୍ରଙ୍ଗ୍ ଲୋକ। ମମିତା ମେହେର ହତ୍ୟା ଘଟଣା ଏକ ସମ୍ବେଦନଶୀଳ ଘଟଣା ହୋଇଥିବାରୁ ତାଙ୍କୁ ମାରି ଦିଆଯାଇଥିବା ସନ୍ଦେହ ହେଉଛି ବୋଲି ସେ କହିଛନ୍ତି। ୪ ଘଣ୍ଟା ଧରି ବ୍ୟବଚ୍ଛେଦ ପ୍ରକ୍ରିୟା ଚାଲିବା ପରେ ମୃତଦେହକୁ ଗୋବିନ୍ଦଙ୍କ ସମ୍ପର୍କୀୟଙ୍କୁ ଦେବାକୁ ପୋଲିସ ଚାହିଁଥିଲା। ମାତ୍ର ଏହାକୁ ଗ୍ରହଣ କରିବାକୁ ମହେନ୍ଦ୍ର ଏବଂ ଶଳା ଚୁନା ମନା କରିଦେଇଥିଲେ। ଏହାପରେ ଗୋବିନ୍ଦଙ୍କ ଝିଅ ଲିପିକା ସାହୁ ଭୀମ ଭୋଇ ମେଡିକାଲ ଆସି ମୃତଦେହ ଗ୍ରହଣ କରି ମହାଲିଙ୍ଗ ଗାଁକୁ ନେଇଥିଲେ।

### କଣ୍ଟାବାଞ୍ଜିରେ କ୍ରାଇମବ୍ରାଞ୍ଚ ...

ମହାନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ ମୁତାବକ ମାମଲାର କ୍ରାଇମବ୍ରାଞ୍ଚ ତଦନ୍ତ ଆରମ୍ଭ ହୋଇଛି। ବୁଧବାର ପୂର୍ବାହ୍ନ ପ୍ରାୟ ୧୦ଟାରେ କ୍ରାଇମବ୍ରାଞ୍ଚ ଡିଏସ୍‌ପି ବିଜୟ କୁମାର ମଲ୍ଲିକଙ୍କ ନେତୃତ୍ୱରେ ୧୦ଜଣିଆ କ୍ରାଇମବ୍ରାଞ୍ଚ ଟିମ୍ ସହ ଫୋରେନସିକ୍ ଏବଂ ସାଇଣ୍ଟିଫିକ୍ ଦଳ କଣ୍ଟାବାଞ୍ଜି ସବ୍‌ଜେଲରେ ପହଞ୍ଚିଥିଲେ। ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ସାଢ଼େ ୨ଟା ପର୍ଯ୍ୟନ୍ତ ସେଠାରେ ତନାଘନା କରିଥିଲେ। ସେଠାରେ କ'ଣ ତଦନ୍ତ କରାଯାଇଛି ତାହାର ସୂଚନା ଦେଇ ନ ଥିଲେ ମଧ୍ୟ କିଭଳି ପରିସ୍ଥିତିରେ ଗୋବିନ୍ଦ ସାହୁଙ୍କର ଜେଲ ପରିସରରେ ମୃତ୍ୟୁ ହେଲା ତାକୁ ନେଇ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି। ଜେଲର ସାଧାରଣ ସେଲ୍‌ରେ ଗୋବିନ୍ଦ ଥିଲେ। ମଙ୍ଗଳବାର କୋର୍ଟରେ ଶୁଣାଣି ପ୍ରକ୍ରିୟା ଥିବାରୁ ସେ କୋର୍ଟକୁ ଯିବାର ନିର୍ଦ୍ଧାରିତ ଥିଲା। ପୋଲିସ ଏସ୍କର୍ଟ ଟିମ୍ ମଧ୍ୟ ଜେଲକୁ ଆସିସାରିଥିଲା। ଏଭଳି ପରିସ୍ଥିତିରେ ସେ କିଭଳି ଉପାୟ ଅବଲମ୍ବନ କରି ଆତ୍ମହତ୍ୟା କରିବାର ସୁଯୋଗ ପାଇଲେ ବୋଲି ଏବେ ସାଧାରଣରେ ପ୍ରଶ୍ନ ଉଠୁଛି। ଜେଲ ଭିତର କିଚେନ୍ ଝରକା ରେଲିଂରେ ସେ ଗାମୁଛା ସାହାଯ୍ୟରେ ଆତ୍ମହତ୍ୟା କରିଥିବା କୁହାଯାଇଛି। ଏହା ସାଧାରଣରେ ବିଶ୍ୱାସଯୋଗ୍ୟ ହୋଇପାରୁନାହିଁ। ଏଦିଗରେ କ୍ରାଇମବ୍ରାଞ୍ଚ କ'ଣ ତଦନ୍ତ କରିଛି ସେନେଇ କିଛି କହିପାରିବେ ନାହିଁ ବୋଲି ଡିଏସ୍‌ପି ମଲ୍ଲିକ ଗଣମାଧ୍ୟମକୁ କହିଛନ୍ତି। ତଦନ୍ତ ସରିଲେ ସବିଶେଷ ରିପୋର୍ଟ ଦିଆଯିବ ବୋଲି ସେ କହିଛନ୍ତି।

### ଦିନ ମଜୁରିଆଙ୍କୁ ୧୪ ...

ଅନେକ କୋଟି ଟଙ୍କା କାରବାର ହୋଇଥିଲା। ମନୋଜ କହିଥିଲେ, ସେ ଜଣେ ଶ୍ରମିକ ହୋଇଥିବାରୁ ତାଙ୍କ ସବୁ ସମ୍ପତ୍ତି ବିକିଲେ ବି ୧୪ କୋଟି ଟଙ୍କା ପୈଠ କରିପାରିବେ ନାହିଁ। ଖୋଳତାଡ଼ ପରେ ପ୍ରକୃତ କଥା ସାମ୍ନାକୁ ଆସିଛି। ମନୋଜ ପୂର୍ବରୁ ଦିଲ୍ଲୀ, ହରିୟାଣା ଓ ପଞ୍ଜାବର କେତୋଟି ଘରୋଇ କମ୍ପାନୀରେ କାମ କରୁଥିଲେ। ୨୦୨୦ରେ କୋଭିଡ୍ ସଂକ୍ରମଣର ମୁକାବିଲା ପାଇଁ କେନ୍ଦ୍ର ସରକାର ଜାରି କରିଥିବା ଲକ୍‌ଡାଉନ୍ ବେଳେ ସେ ନିଜ ଘର ବିହାରକୁ ଫେରିଆସିଥିଲେ। ମନୋଜ କହିଛନ୍ତି, ସେ ପୂର୍ବରୁ ନିଯୁକ୍ତିବେଳେ ତାଙ୍କ ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର, ଆଧାର, ପ୍ୟାନ୍ କାର୍ଡ ଆଦି ଦସ୍ତାବିଜ ଦାଖଲ କରିଥିଲେ। କମ୍ପାନୀଗୁଡ଼ିକ ସେସବୁକୁ ଜାଲିଆତି କରି ତାଙ୍କ ନାମରେ ବ୍ୟାଙ୍କ ଆକାଉଣ୍ଟ ଖୋଲିବା ସହ ଏଭଳି କାରସାଦି କରିଥିବା ମନୋଜ ଅଧିକାରୀମାନଙ୍କୁ କହିଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଶାରୀରିକ ସମସ୍ୟା ଯୋଗୁ ଦିନଚର୍ଯ୍ୟା ଭଲ ନ ହୋଇପାରେ। ଗତକାଲି ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ଟଣାଓଟରା ଭିତିରେ ପାଇବେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ମିଳିବ। ପଡ଼ୋଶୀଙ୍କ ସାହାଯ୍ୟରେ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବାର ଆଶା ରହିଛି।

**ବୃଷ**
ସ୍ୱାସ୍ଥ୍ୟ ପୂର୍ବଭଳି ରହିଲେ ମଧ୍ୟ ସାମୟିକ ଦୁର୍ବଳତା କାର୍ଯ୍ୟକ୍ଷେତ୍ରକୁ ମନ୍ଥର କରିପାରେ। ଆପଣଙ୍କ କାର୍ଯ୍ୟାବଳୀର ଖୁବ୍ ପ୍ରଶଂସା କରି ପଦସ୍ଥ ବ୍ୟକ୍ତିବିଶେଷ ଖୁସି ହୋଇପାରନ୍ତି। କର୍ମକ୍ଷେତ୍ରରେ ଗୁରୁଦାୟିତ୍ୱ ବହନ କରିବାକୁ ସରକାରୀ ଆଦେଶପତ୍ର ମିଳିପାରେ। ସାମାଜିକ ସ୍ତରରେ ଅର୍ଥ ଓ ସମ୍ମାନ ପାଇବେ।

**ମିଥୁନ**
ଫାଇଲ୍ କାମ ବୃଦ୍ଧି କାରଣରୁ ଆଜି ଘରକଥା ବୁଝିବା ପାଇଁ ମଧ୍ୟ ସମୟ ପାଇବେ ନାହିଁ। ସାମାଜିକ ସ୍ତରରେ ବନ୍ଧୁବର୍ଗଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିବେ। ସାମୟିକଭାବରେ ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ବ୍ୟସ୍ତ ରହିପାରନ୍ତି। ଆପୋସ ଆଲୋଚନା ଜରିଆରେ ହୃତ ସମ୍ପର୍କ ପୁନଃ ପ୍ରତିଷ୍ଠା ହୋଇପାରେ।

**କର୍କଟ**
ଆଜି ସକାଳୁ ସକାଳୁ ହଠାତ୍ କୌଣସି ଖବର ପାଇ ଖୁସି ହେବେ। ମିଥ୍ୟା ଅଭିଯୋଗକୁ ବୁଝି ନ ପାରି ନିଜଲୋକଙ୍କ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଅନିୟମିତ ଭୋଜନ କାରଣରୁ ପେଟ ଗୋଳମାଳ ଦେଖାଦେଇ ପାରେ। କର୍ମ କ୍ଷେତ୍ରରେ ଅବହେଳା ପ୍ରଦର୍ଶନ କରି ସମାଲୋଚିତ ହେବେ।

**ସିଂହ**
ବନ୍ଧୁମାନଙ୍କ ସାହାଯ୍ୟ ଓ ସହଯୋଗରୁ ଅଭିଳଷିତ ଫଳ ପାଇ ଖୁସି ହେବେ। ଅପରାହ୍ନରେ ଗୃହସୀମାକୁ କେନ୍ଦ୍ରକରି ବିବାଦ ବୃଦ୍ଧି ପାଇବାର ଆଶଙ୍କା ରହିଛି। ବାଣିଜ୍ୟ, ବ୍ୟବସାୟ, ନିର୍ମାଣ ଓ ପ୍ରଶାସନିକ ସ୍ତରରେ ସମସ୍ୟାର ଆଶୁ ସମାଧାନ ହୋଇଯିବ। ପରକଥାରେ ପଡି ଭୁଲ୍ ମାର୍ଗର ଅନୁସରଣ କରି ଅନୁତାପ କରିବାକୁ ପଡ଼ିପାରେ।

**କନ୍ୟା**
ଚତୁଃପାର୍ଶ୍ୱରେ ଘଟିଯାଉଥିବା ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ। ପରିବାରର ବରାଦ ଅନନୁଯାୟୀ ଗୃହୋପକରଣ ସାମଗ୍ରୀ କ୍ରୟ କରିବେ। ଗୁରୁଜନଙ୍କଠାରୁ ପରାମର୍ଶ ପାଇ ଖୁସି ହେବେ। ସଭାସମିତିରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ।

**ତୁଳା**
ପରିସ୍ଥିତି ପ୍ରତି ଲକ୍ଷ୍ୟ କରି କେତେକ କ୍ଷେତ୍ରରେ ଜାଣିଶୁଣି ମଧ୍ୟ ନୀରବ ରହିବାକୁ ବାଧ୍ୟ ହେବେ। ଆବଶ୍ୟକତା ଉପଲବ୍ଧି କରି ଏକାଧିକ କାମ ହାତକୁ ନେଇ ବ୍ୟଥିତ ହୋଇପାରନ୍ତି। ବନ୍ଧୁମାନଙ୍କ ସହ ଆଜିର ସକାଳୁଆ ଯାତ୍ରାରେ ସଫଳତା ପାଇବେ। ଆନୁଷ୍ଠାନିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ।

**ବିଛା**
ଆଜି କାମ ହାସଲ କରିବା ସକାଶେ କଅଁଳ କଥା କହି ପରିସ୍ଥିତିକୁ ସୁଧାରି ନେଇପାରନ୍ତି। ଅନ୍ୟାୟ ବିରୋଧରେ ସ୍ୱର ଉଠାଇବେ ସତ କିନ୍ତୁ ସହଯୋଗ ପାଇବେନାହିଁ। ଅନିୟମିତ ଆହାର ଯୋଗୁ ସ୍ୱାସ୍ଥ୍ୟରେ ସମସ୍ୟା ଦେଖାଦେଇପାରେ। କେତେକ ନୂତନ କାମର ପରିକଳ୍ପନା କରି ପ୍ରସ୍ତୁତି ଆରମ୍ଭ କରିପାରନ୍ତି।

**ଧନୁ**
କର୍ମକ୍ଷେତ୍ରରେ କେତେକ ସାମାନ୍ୟ ଭୁଲ୍‌ରୁ କାମଗୁଡିକ ବିଶୃଙ୍ଖଳିତ ହୋଇପାରେ। ପ୍ରତ୍ୟେକ କ୍ଷେତ୍ରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡିବେ। ଶାସ୍ତ୍ରାଧ୍ୟୟନ, ସାହିତ୍ୟ ଚର୍ଚ୍ଚା ଓ ସତ୍‌ସଙ୍ଗ, ସଭାସମିତି, ବିତର୍କରେ ଅଂଶଗ୍ରହଣ କରି ପ୍ରଶଂସିତ ହେବେ। ପରିବାରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ।

**ମକର**
ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧିଯୋଗୁ ମନରେ ସରସତା ରହି ନ ପାରେ। କର୍ମକ୍ଷେତ୍ରରେ ବନ୍ଧୁଙ୍କ ମେଳରେ ରହିବାର ସୁଯୋଗ ପାଇ ଖୁସି ହେବେ। କଳା, ସାହିତ୍ୟ ଓ ଚଳଚ୍ଚିତ୍ର ତଥା ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ହେବ। ସଭାସମିତିକୁ ନିମନ୍ତ୍ରିତ ହୋଇ ଦୂରଯାତ୍ରା କରିବାକୁ ପଡ଼ିପାରେ।

**କୁମ୍ଭ**
ବନ୍ଧୁମାନଙ୍କ ସହ ଆଲୋଚନା ଅନୁଯାୟୀ ଆଜିର କାମଗୁଡିକ ସବୁ ଠିକ୍‌ଠିକ୍ ହୋଇଯିବ। କୌଣସି ସମସ୍ୟାର ଆଶଙ୍କା କରି ଅସୁବିଧା ନ ଥିଲେ ମଧ୍ୟ ମନ ଅସ୍ଥିର ରହିବ। ଅନ୍ୟମନସ୍କ ହେତୁ କେତେକ ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ। ଫେରିବା ବାଟରେ ଅର୍ଥ କିମ୍ବା ଦ୍ରବ୍ୟହାନି ଯୋଗୁ ବିଚଳିତ ବୋଧ କରିପାରନ୍ତି।

**ମୀନ**
ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ବହୁତ ଭଲ ହେବ। ଯାତ୍ରା ସମୟରେ ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି। ଆନୁଷ୍ଠାନିକ କାର୍ଯ୍ୟକ୍ରମ, କଳା, ସାହିତ୍ୟ, ଆଲୋଚନା କ୍ଷେତ୍ରରେ ବେଶ୍ ଆଦୃତ ହେବେ। କର୍ମକ୍ଷେତ୍ରରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି।

ଆଜି ଡିସେମ୍ବର ୨୨ ତାରିଖ, ବିଶ୍ୱଗଣିତ ଦିବସ, ପଲ୍ଲୀକବି ନନ୍ଦକିଶୋର ବଳଙ୍କ ଜୟନ୍ତୀ, ଶାରଦା ଦେବୀଙ୍କ ଜନ୍ମଦିବସ, ପୌଷକୃଷ୍ଣ ଚତୁର୍ଦ୍ଦଶୀ ଗୁରୁବାର, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ଅମାବାସ୍ୟାର ନିଶାପାଳନ, ରାଶିନକ୍ଷତ୍ର-ଜ୍ୟେଷ୍ଠା/ବିଛା, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬।୨୦ମି. ଗତେ ଘ.୦୭।୪୭ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୧।୦୬ମି. ଗତେ ଘ.୦୨।୨୭ମି. ମଧ୍ୟେ ରାହୁ କାଳ।

# ଏସ୍‌ଆଇଟି ନ ହେଲେ ସିବିଆଇ ତଦନ୍ତ ହେଉ

## ଗାଁ ଶ୍ମଶାନରେ ଗୋବିନ୍ଦଙ୍କ ଅନ୍ତିମ ସଂସ୍କାର

ଭବାନୀପାଟଣା/ଗୋଲାମୁଣ୍ଡା, ୨୧ା୧୨(ସ୍ୱ.ପ୍ର./ଡି.ଏନ.ଏ.)

କଳାହାଣ୍ଡି ଜିଲା ମହାଲିଙ୍ଗ ସନଶାଇନ ପବ୍ଲିକ ସ୍କୁଲ ଅଧକ୍ଷା ମମିତା ମେହେର ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କ ମଙ୍ଗଳବାର କଣ୍ଟାବାଞ୍ଜି ସବ୍‌ଜେଲ ଭିତରେ ମୃତ୍ୟୁ ଘଟଣା ରାଜ୍ୟରେ ହଇଚଇ ସୃଷ୍ଟି କରିଛି। ବୁଧବାର ଗୋବିନ୍ଦ ସାହୁଙ୍କ ମୃତଦେହ କଡ଼ା ସୁରକ୍ଷା ବ୍ୟବସ୍ଥା ଭିତରେ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ବ୍ୟବଚ୍ଛେଦ କରାଯାଇଥିଲା। ଏହାପରେ ପୋଲିସ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର


ଗୋବିନ୍ଦଙ୍କ ମୃତଦେହ ଗାଁରେ ପହଞ୍ଚିବା ପରେ ଲୋକେ ଦେଖିବାକୁ ଭିଡ଼ ଜମାଇଛନ୍ତି।

କରିଥିଲା। ସନ୍ଧ୍ୟା ସାଢ଼େ ୫ଟାରେ ଆମ୍ବୁଲାନ୍ସ ଜରିଆରେ ଗୋବିନ୍ଦଙ୍କ ମୃତଦେହ ନିଜ ଗାଁ ମହାଲିଙ୍ଗରେ ପହଞ୍ଚିଥିଲା। ଏହି ସମୟରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ନିଜ ଘର ପରିସରରେ ବିଧି ବିଧାନ ଅନୁଯାୟୀ ମୃତଦେହକୁ କିଛି ସମୟ ରଖାଯିବା ପରେ ଅନ୍ତିମ ସଂସ୍କାର ପାଇଁ ଗାଁ ଶ୍ମଶାନକୁ ନିଆଯାଇଥିଲା। ସେଠାରେ ପୁଅ ଚିନୁ ସାହୁ ମୁଖାଗ୍ନି ଦେଇଥିଲେ। ଅନ୍ୟପଟେ ଏବେବି ପରିବାର ଲୋକେ ଏହା ଆତ୍ମହତ୍ୟା ନୁହେଁ ବରଂ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ଅଭିଯୋଗ ଆଣିଛନ୍ତି। ଯଦି ରାଜ୍ୟ ସରକାରଙ୍କ ସତସାହସ ଅଛି ତାହାହେଲେ କେନ୍ଦ୍ରକୁ ଏହି ଘଟଣାର ସିବିଆଇ ତଦନ୍ତ କରିବାକୁ ପତ୍ର ଲେଖନ୍ତୁ, ନଚେତ ଏସଆଇଟି ତଦନ୍ତ ନିର୍ଦ୍ଦେଶ ଦିଅନ୍ତୁ ବୋଲି ମୃତ ଗୋବିନ୍ଦଙ୍କ ଭଣଜା ମନୋଜ ସାହୁ କହିଛନ୍ତି।

# ଡିଏନ୍‌ଏ ଦ୍ୱନ୍ଦ୍ୱ: ସ୍ପଷ୍ଟ କଲେ ଉତ୍ତରାଞ୍ଚଳ ଆଇଜି

## ଗୋଟିଏ ପରୀକ୍ଷାରେ ମେଳ, ଗୋଟିଏରେ ସ୍ପଷ୍ଟତା ନାହିଁ


STATE FORENSIC SCIENCE LABORATORY RASULGARH, BHUBANESWAR-751010, ODISHA
INTER DIVISIONAL EXAMINATION REPORT
DNA DIVISION

SFSL No. . 2021BHUB006067
Parent Division No. 2021BIOL002209
Referred Division No. 2021XDNA000315
Date of Dispatch : 09/11/2021

| | | | | |
|---|---|---|---|---|
| 19 | R | 1. Pre-processing: Small amount of of tissue was taken and pre-processed . 2.Extraction: DNA was extracted by Automated DNA Extraction method using Qiagen EZ1 DNA Investigator kit. 3.Quantification: Using Quantifiler® Trio DNA Quantification Kit. 4.Amplification: Using AmpFlSTR® Globalfiler® Kit. 5.DNA Profiling and Software Analysis: Using Automated DNA Sequencer 3500 XL Model (ABI) and Gene Mapper® IDX Software with respect to Gene ScanTM 600 Liz TM size standard. | 1. Same as Exhibit A. | - |
| 20 | R1 | 1. Same as Exhibit R. | 1. Same as Exhibit A. | - |
| 21 | R2 | 1. Same as Exhibit R. | 1. Same as Exhibit A. | - |

ଡିଏନ୍‌ଏ ରିପୋର୍ଟ

ସମ୍ବଲପୁର(ବ୍ୟୁରୋ)/ ବଲାଙ୍ଗୀର ଅଫିସ୍, ୨୧ା୧୨

ବହୁଚର୍ଚ୍ଚିତ ମମିତା ମେହେର ହତ୍ୟା ଘଟଣାରେ ଗିରଫ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କ ଆତ୍ମହତ୍ୟା ପରେ ଏହି ମାମଲା ଭିନ୍ନ ମୋଡ଼ ନେଇଛି। ଡିଏନ୍‌ଏ ରିପୋର୍ଟକୁ ନେଇ ବିଭ୍ରାନ୍ତିକର ଚର୍ଚ୍ଚା ହେଉଥିବାବେଳେ ଉତ୍ତରାଞ୍ଚଳ ପୋଲିସ ଆଇଜି ଡ. ଦୀପକ କୁମାର ବୁଧବାର ଗଣମାଧ୍ୟମ ଆଗରେ ଏହାର ସତ୍ୟତା ନେଇ ସୂଚନା ଦେଇଛନ୍ତି। ସେ କହିଛନ୍ତି, କ୍ରାଇମ ସିନ୍ ରିକ୍ରିଏଶନ ସମୟରେ ମୁଖ୍ୟ ଅଭିଯୁକ୍ତ ସାହୁ ଦେଖାଇଥିବା ସ୍ଥାନରୁ ଦେହାବଶେଷ ସଂଗ୍ରହ କରାଯାଇ ପୋଡ଼ା ହାଡ଼କୁ ପରୀକ୍ଷା ନିମନ୍ତେ ରାଜ୍ୟ ଫୋରେନ୍‌ସିକ୍ ଲ୍ୟାବକୁ ପଠାଯାଇଥିଲା। ଏଥିରେ ୨ ପ୍ରକାର ପରୀକ୍ଷା କରାଯାଇଥାଏ। ନ୍ୟୁକ୍ଲିୟର ଡିଏନ୍‌ଏ ପରୀକ୍ଷାରୁ ଏହା ମମିତାଙ୍କ ବାପା ଓ ମା'ଙ୍କ ଡିଏନ୍‌ଏ ସହ ମେଳ ଖାଇଥିଲା। ସାଧାରଣତଃ ନ୍ୟୁକ୍ଲିୟର ଡିଏନ୍‌ଏ ପରୀକ୍ଷା ରିପୋର୍ଟ ଉପରେ ଗୁରୁତ୍ୱ ଦିଆଯାଇଥାଏ। ଅନ୍ୟପକ୍ଷେ ମାଇଟୋକଣ୍ଡ୍ରିଆଲ ଡିଏନ୍‌ଏ ପରୀକ୍ଷା ସୁବିଧା ନ ଥିବାରୁ ହାଇଦ୍ରାବାଦସ୍ଥିତ ସିଡିଏଫ୍‌ଡି କେନ୍ଦ୍ରକୁ ପୋଡ଼ା ହାଡ଼ ପଠାଯାଇଥିଲା। ହେଲେ ସେଥିରେ କୌଣସି ସ୍ପଷ୍ଟ ଚିତ୍ର ଆସି ନ ଥିଲା। ହାଡ଼ର ବହୁଅଂଶ ପୋଡିଯାଇଥିବାରୁ ସିଡିଏଫ୍‌ଡି ନ୍ୟୁକ୍ଲିୟର ଡିଏନ୍‌ଏକୁ ବାହାର କରିପାରିଲା ନାହିଁ। ରାଜ୍ୟ ଫୋରେନ୍‌ସିକ୍ ଲ୍ୟାବ ଡିଏନ୍‌ଏ ପରୀକ୍ଷାରୁ ରିପୋର୍ଟ ମେଳ ଖାଉଥିବା ନେଇ ସ୍ପଷ୍ଟ ରିପୋର୍ଟ ଆସିବାରୁ ଏଥିରେ ଆଉ କୌଣସି ବିବାଦ ନାହିଁ। ଗତ ଫେବୃୟାରୀରୁ ଚାର୍ଜସିଟ୍ ଏବଂ ଅନ୍ୟାନ୍ୟ କାଗଜପତ୍ର କୋର୍ଟରେ ଦାଖଲ ହୋଇସାରିଛି। ଏସମ୍ପର୍କରେ ଅଭିଯୁକ୍ତଙ୍କ ପକ୍ଷ ମଧ୍ୟ ଅବଗତ ଅଛନ୍ତି। ଡିଏନ୍‌ଏ ମେଳ ଖାଉନାହିଁ ବୋଲି ଏବେ ଯେଉଁ କୁହାଯାଉଛି, ତାହା ସମ୍ପୂର୍ଣ୍ଣ ମିଥ୍ୟା। ଅନ୍ୟପଟେ ଏହି ମାମଲା ଏବେ କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର ହୋଇଛି। ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତିଙ୍କ ତତ୍ତ୍ୱାବଧାନରେ ଘଟଣାର ତଦନ୍ତ ଚାଲିଥିଲା। ସମସ୍ତ ଦିଗକୁ ନେଇ ତଦନ୍ତ ପରେ ରିପୋର୍ଟ ପ୍ରସ୍ତୁତ କରାଯାଇଥିଲା ବୋଲି ଆଇଜି କୁମାର କହିଛନ୍ତି। ସୂଚନାଯୋଗ୍ୟ, ସମ୍ପ୍ରତି ମମିତା ମେହେରଙ୍କ ମୃତଦେହର ଅବଶେଷକୁ ନେଇ ବିବାଦ ଦେଖାଦେଇଛି। ମହାଲିଙ୍ଗସ୍ଥିତ ଶିକ୍ଷାନୁଷ୍ଠାନ ପରିସରରୁ ହାଡ଼ କଙ୍କାଳ ଜବତ ହୋଇଥିଲା, ଯାହା ମମିତାଙ୍କର ବୋଲି ଚିହ୍ନଟ ହୋଇଥିଲା। ଜବତ ହାଡ଼ ପରୀକ୍ଷା ଲାଗି ଫୋରେନ୍‌ସିକ୍ ଲ୍ୟାବକୁ ପଠାଯାଇଥିଲା। ମମିତାଙ୍କ ଦେହାବଶେଷର ଡିଏନ୍‌ଏ ତାଙ୍କ ମାତାପିତାଙ୍କ ଡିଏନ୍‌ଏ ସହ ମେଳ ଖାଉ ନ ଥିବା ନେଇ ଗୋବିନ୍ଦଙ୍କ ଓକିଲ ଦେବାଶିଷ ପଣ୍ଡା ମଙ୍ଗଳବାର ଅଭିଯୋଗ କରିଥିଲେ।

# ହତ୍ୟାକାରୀଙ୍କ ଆତ୍ମହତ୍ୟାକୁ ନେଇ ଭାଜପା ହୀନ ରାଜନୀତି କରୁଛି: ବିଜେଡି

ଭୁବନେଶ୍ୱର,୨୧ା୧୨(ବ୍ୟୁରୋ)

ପ୍ରାୟ ଏକ ବର୍ଷ ତଳେ ମମିତା ମେହେର ହତ୍ୟାକାଣ୍ଡ ଘଟିଲା ବେଳେ ଏହାକୁ ନେଇ ଅନେକ ରାଜନୀତି ହୋଇଥିଲା। ଏପରି କି ଏହି ସ୍ପର୍ଶକାତର ମାମଲାରୁ ରାଜନୀତିର ରୁଟିସେକିବା ପାଇଁ ବିରୋଧୀ ଦଳମାନେ ପୀଡ଼ିତାଙ୍କ ଚରିତ୍ର ସଂହାର କରିବାକୁ ପଛାଇ ନ ଥିଲେ। ଏବେ ପୁଣିଥରେ ମମିତା ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁ ଆତ୍ମହତ୍ୟା କରିବା ପରେ ଭାଜପା ହୀନ ରାଜନୀତି କରିବା ଆରମ୍ଭ କରିଦେଇଛି। ରାଜନୀତି କରିବା ଲାଗି ଓଡ଼ିଶାରେ ଆହୁରି ଅନେକ ପ୍ରସଙ୍ଗ ରହିଛି। ଭାଜପା ନେତାମାନେ ଶସ୍ତା ରାଜନୀତି ନ କରି ନ୍ୟାୟପାଳିକା ଉପରେ ଆସ୍ଥା ରଖନ୍ତୁ ବୋଲି ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି।


ଲେନିନ୍ ମହାନ୍ତି

ମହାନ୍ତି କହିଛନ୍ତି ଯେ ମମିତା ମେହେର ହତ୍ୟାକାଣ୍ଡ ଘଟିବା ପରେ ଏହାର ଗୁରୁତ୍ୱକୁ ଉପଲବ୍ଧି କରି ଜଣେ କାର୍ଯ୍ୟରତ ବିଚାରପତିଙ୍କ ତଦାରଖରେ ଏହି ମାମଲାର ତଦନ୍ତ ଲାଗି ଅନୁମତି ଦେବାକୁ ରାଜ୍ୟ ସରକାରଙ୍କ ତରଫରୁ ହାଇକୋର୍ଟଙ୍କ ନିକଟରେ ଆବେଦନ କରାଯାଇଥିଲା। ରାଜ୍ୟ ସରକାରଙ୍କ ଆବେଦନକୁ ଗ୍ରହଣ କରି ହାଇକୋର୍ଟ ଜଣେ ଅବସରପ୍ରାପ୍ତ ଜିଲା ଜଜ୍‌ଙ୍କ ତଦାରଖରେ ଏହି ମାମଲାର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲା ଜଜ୍‌ଙ୍କ ତଦାରଖରେ ତଦନ୍ତ ହେବା ପରେ ପୋଲିସ ମାମଲାର ଚାର୍ଜଶିଟ୍ ଦାଖଲ କରିଥିଲା ଏବଂ ଅଦାଲତରେ ମଧ୍ୟ ଦ୍ରୁତ ବେଗରେ ମାମଲାର ଶୁଣାଣି ଜାରି ରହିଥିଲା। ଅନ୍ୟପକ୍ଷରେ ଏହି ସ୍ପର୍ଶକାତର ମାମଲାରେ ଆରମ୍ଭରୁ ଭାଜପା ରାଜନୀତି କରିବା ସହ ମୃତ ମମିତା ମେହେରଙ୍କ ଚରିତ୍ର ସଂହାର କରିବାରୁ ତାଙ୍କ ପରିବାରବର୍ଗ ଗଭୀର ମାନସିକ ଆଘାତ ପାଇଥିଲେ। ତେଣୁ ସେମାନେ ଏହାକୁ ନେଇ ରାଜନୀତି ନ କରିବାକୁ ହାତଯୋଡ଼ି ନିବେଦନ କରିଥିଲେ। ମାତ୍ର ଏହା ସତ୍ତ୍ୱେ ଭାଜପା ନେତାମାନେ ତାଙ୍କ ପରିବାରବର୍ଗଙ୍କ କୋହପୂର୍ଣ୍ଣ ଆବେଦନକୁ ଗ୍ରହଣ ନ କରି ଏହି ସ୍ପର୍ଶକାତର ଘଟଣାକୁ ନେଇ ରାଜନୀତି କରି ଚାଲିଲେ। ଜଣେ ହତ୍ୟାକାରୀଙ୍କ ଆତ୍ମହତ୍ୟାକୁ ନେଇ ଭାଜପା ଏତେ ଲୁହ ଗଡ଼ାଉଛି କାହିଁକି। ଓଡ଼ିଶାରେ ରାଜନୀତି କରିବାକୁ ଅନେକ ପ୍ରସଙ୍ଗ ଅଛି। ଏଭଳି ଏକ ସମ୍ବେଦନଶୀଳ ମାମଲାରେ ଭାଜପା ନେତାମାନେ ଅଯଥା ରାଜନୀତି ନ କରି ନ୍ୟାୟ ବ୍ୟବସ୍ଥା ଉପରେ ଆସ୍ଥା ରଖନ୍ତୁ ବୋଲି ମହାନ୍ତି କହିଛନ୍ତି।

# ଗୋବିନ୍ଦଙ୍କ ମୃତ୍ୟୁ ତଥ୍ୟ ଲୁଚାଇବା ପାଇଁ ହୋଇଛି: ସାଲୁଜା

ଭୁବନେଶ୍ୱର,୨୧ା୧୨(ବ୍ୟୁରୋ)


ସନ୍ତୋଷ ସିଂ ସାଲୁଜା

ମମିତା ମେହେର ମୃତ୍ୟୁ ଘଟଣାର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁ କଣ୍ଟାବାଞ୍ଜି ଉପକାରାଗାରରେ ଆତ୍ମହତ୍ୟା କଲେ। ଏହା ଆତ୍ମହତ୍ୟା ନା ଏକ ସୁଚିନ୍ତିତ ହତ୍ୟା ଷଡ଼ଯନ୍ତ୍ର ବୋଲି କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା ପ୍ରଶ୍ନ କରିଛନ୍ତି। କଂଗ୍ରେସ ଭବନଠାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସାଲୁଜା କହିଛନ୍ତି, ଗୋବିନ୍ଦଙ୍କ ମୃତ୍ୟୁ ବହୁକିଛି ତଥ୍ୟକୁ ସମ୍ପୂର୍ଣ୍ଣରୂପେ ଲୁଚାଇଦେବା ପାଇଁ ହୋଇଛି। ଏ ଷଡ଼ଯନ୍ତ୍ର ସରକାରୀ ଦଳର ପ୍ରଭାବଶାଳୀ ବିଧାୟକ, ପୂର୍ବତନ ମନ୍ତ୍ରୀ ଏବଂ ବହୁ କିଛି ଆଇଏଏସ୍, ଆଇପିଏସ୍ ଅଫିସର ରଚିଛନ୍ତି। ଜେଲ ପରିସରରେ ସିସିଟିଭି କ୍ୟାମେରା ଲଗାଯାଇଛି। ଏପରିକି ପୋଲିସ କର୍ମଚାରୀମାନେ ମଧ୍ୟ କଏଦୀମାନଙ୍କୁ ଜଗି ରୁହନ୍ତି। କିନ୍ତୁ ଏତେ ବ୍ୟବସ୍ଥା ସତ୍ତ୍ୱେ କିଭଳି ଗୋବିନ୍ଦ ଏକ ୬ଫୁଟ ଲମ୍ବ ରେଲିଂରେ ଗାମୁଛାରେ ଆତ୍ମହତ୍ୟା କଲେ। ମମିତା ମେହେର ହତ୍ୟା ଘଟଣାରେ ତତ୍କାଳୀନ ବିଜେଡିର ପ୍ରଭାବଶାଳୀ ନେତା ଦିବ୍ୟଶଙ୍କର ମିଶ୍ରଙ୍କର ସମ୍ପୃକ୍ତି ଥିବା ନେଇ ଯଥେଷ୍ଟ ପ୍ରମାଣ ମିଳିସାରିଥିଲା। ଏପରିକି ବିଜେଡିର ବହୁ ତୁଙ୍ଗନେତା ଓ ମନ୍ତ୍ରୀମାନେ ଲଗାତର ମହାଲିଙ୍ଗ କଲେଜକୁ ଯିବାର ପ୍ରମାଣ ମଧ୍ୟ ମିଳିଥିଲା। ଏପରିକି ଏମାନେ ସମସ୍ତେ ଗୋବିନ୍ଦଙ୍କର ଅତି ନିଜସ୍ୱ ଥିଲେ। ଗୋବିନ୍ଦଙ୍କ ମୃତ୍ୟୁର କିଛିଦିନ ପୂର୍ବରୁ କାହିଁକି କଣ୍ଟାବାଞ୍ଜି ଜେଲର କର୍ମଚାରୀଙ୍କୁ ବହୁଳ ଭାବେ ବଦଳି କରାଯାଇଥିଲା। ନିଜେ ସମ୍ବଲପୁର ରେଞ୍ଜର ଡିଆଇଜି କଣ୍ଟାବାଞ୍ଜି ଜେଲ ପରିଦର୍ଶନରେ ଯାଇଥିଲେ। ଯଦି ସେତେବେଳେ ଏଭଳି କୌଣସି ଅସୁବିଧା ଲକ୍ଷ୍ୟ କରିଥିଲେ ତାହାକୁ କାହିଁକି ସୁଧାରି ନ ଥିଲେ। ଏହି ସ୍ପର୍ଶକାତର ଘଟଣାରେ ଉଚ୍ଚ ନ୍ୟାୟାଳୟର ଜଣେ ବିଚାରପତିଙ୍କ ଅଧ୍ୟକ୍ଷତାରେ ଏକ ଏସ୍‌ଆଇଟି ତଦନ୍ତ ବା ସିବିଆଇ ତଦନ୍ତ ହେଉ ବୋଲି ସାଲୁଜା ଦାବୀ କରିଛନ୍ତି।

# ସିବିଆଇ ତଦନ୍ତ ନ ହେଲେ ରାଜ୍ୟବ୍ୟାପୀ ଆନ୍ଦୋଳନ: ଭାଜପା

ଭୁବନେଶ୍ୱର,୨୧ା୧୨(ବ୍ୟୁରୋ)

ମମିତା ମେହେର ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ଏବଂ ସାକ୍ଷୀ ଗୋବିନ୍ଦ ସାହୁଙ୍କ ଜେଲ ଭିତରେ ମୃତ୍ୟୁ ଆତ୍ମହତ୍ୟା ନୁହେଁ ବରଂ ସୁପରିକଳ୍ପିତ ହତ୍ୟାକାଣ୍ଡ। ରାଜ୍ୟ ସରକାରଙ୍କ ବହୁ ମନ୍ତ୍ରୀ ଓ ଶାସକ ଦଳର ବହୁ ନେତା ବିଭିନ୍ନ କୁକର୍ମ କରି ଆଇନ ଜାଲରେ ଧରାପଡ଼ିବା ଭୟରେ ଅଛନ୍ତି। ତେଣୁ ସେମାନଙ୍କୁ ସୁରକ୍ଷା ଦେବା ସକାଶେ ସରକାରୀ ଭାବେ ସାକ୍ଷୀ ସଫା ଅଭିଯାନ ଆରମ୍ଭ ହୋଇଛି। ଗୋବିନ୍ଦଙ୍କ ମୃତ୍ୟୁ ଘଟଣା ଏହାର ଜ୍ୱଳନ୍ତ ଉଦାହରଣ ବୋଲି ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଏଭଳି ସମ୍ବେଦନଶୀଳ ଘଟଣାର ତଦନ୍ତ ତୁରନ୍ତ ସିବିଆଇ ଦ୍ୱାରା କରାଗଲେ ପ୍ରକୃତ ସତ୍ୟାସତ୍ୟ ସାମ୍ନାକୁ ଆସିପାରିବ। ଏହା ନ ହେଲେ ରାଜ୍ୟ ସରକାରଙ୍କ ସାକ୍ଷୀ ସଫା ଅଭିଯାନ ବିରୋଧରେ ଦଳ ପକ୍ଷରୁ ରାଜ୍ୟବ୍ୟାପୀ ଆନ୍ଦୋଳନ କରାଯିବ ବୋଲି ପୃଥ୍ୱୀରାଜ କହିଛନ୍ତି।


ଖବରଦାତା ସମ୍ମିଳନୀରେ ଭାଜପା ନେତୃବୃନ୍ଦ।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ବୁଧବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପୃଥ୍ୱୀରାଜ କହିଛନ୍ତି, ଶିକ୍ଷୟିତ୍ରୀ ମମିତା ମେହେରଙ୍କୁ ଅତ୍ୟନ୍ତ ବୀଭତ୍ସ ଭାବେ ହତ୍ୟା କରାଯିବା ପରେ ପ୍ରମାଣ ନଷ୍ଟ ପାଇଁ ଶବକୁ ଗାଏବ କରାଯାଇଥିଲା। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁ ଗିରଫ ହେବା ପରେ ଦୀର୍ଘଦିନ ଧରି ଜେଲରେ ଥିଲେ। ମଙ୍ଗଳବାର ତାଙ୍କୁ କୋର୍ଟରେ ହାଜର ହେବାକୁ ଥିବାବେଳେ ଏହା ପୂର୍ବରୁ ତାଙ୍କ ମୃତ୍ୟୁ ଘଟିବା ଆଦୌ ସଂଯୋଗବଶତଃ ନୁହେଁ ବରଂ ସରକାରଙ୍କ ବିଧିବଦ୍ଧ ଯୋଜନା। ପୋଲିସ ଓ କ୍ରାଇମବ୍ରାଞ୍ଚ ଦ୍ୱାରା ସମସ୍ତ ପ୍ରମାଣ ନଷ୍ଟ କରିବାର ପ୍ରୟାସ ଆରମ୍ଭ ହୋଇଛି। ବର୍ତ୍ତମାନ ଘଟଣାର ମୁଖ୍ୟ ସାକ୍ଷୀ ଗୋବିନ୍ଦ ସାହୁଙ୍କୁ ହତ୍ୟା କରାଯାଇ ବଳକା ପ୍ରମାଣ ନଷ୍ଟ କରାଯିବାର ବିରାଟ ଷଡ଼ଯନ୍ତ୍ର ରଚାଯାଇଛି। ପୋଲିସ ଡିଆଇଜି କଣ୍ଟାବାଞ୍ଜି ଜେଲକୁ ଯାଇ ଗୋବିନ୍ଦଙ୍କୁ ଦେଖାକରିବା କଥା ବହୁ ସନ୍ଦେହ ସୃଷ୍ଟି କରୁଛି। ତାଙ୍କ ସ୍ୱାମୀକୁ ହତ୍ୟା କରାଯାଇଛି ବୋଲି ଗୋବିନ୍ଦଙ୍କ ସ୍ତ୍ରୀ ମଧ୍ୟ ଅଭିଯୋଗ ଆଣିଛନ୍ତି। ଗୋବିନ୍ଦଙ୍କୁ ନିର୍ଦ୍ଦୋଷ କରାଯାଇ ଜେଲରୁ ମୁକୁଳାଯିବ ବୋଲି ରାଜ୍ୟ ସରକାରଙ୍କ ଦୁଇ ପୂର୍ବତନ ମନ୍ତ୍ରୀ ଆଶ୍ୱାସନା ଦେଇଥିବାର ମୃତ ଗୋବିନ୍ଦଙ୍କ କକା ଶ୍ୱଶୁର କହିଛନ୍ତି। ରାଜ୍ୟ ସରକାରଙ୍କ 'କୁକର୍ମର ସାକ୍ଷୀ ସଫା ଅଭିଯାନ' ଅତ୍ୟନ୍ତ ନିନ୍ଦନୀୟ ବୋଲି ସେ କହିଛନ୍ତି।

# 'ଜେଲ୍ ଅଧିକାରୀଙ୍କୁ ଗିରଫ କରାଯାଉ'

- ଗୋବିନ୍ଦଙ୍କ ମୃତ୍ୟୁ ଆତ୍ମହତ୍ୟା, ନୁହେଁ, ସୁପରିକଳ୍ପିତ ହତ୍ୟା: ଯୁବ କଂଗ୍ରେସ
- ଏସ୍‌ଆଇଟି ତଦନ୍ତ ଦାବିକଲା ରାଜ୍ୟ ଯୁବ କଂଗ୍ରେସ
- ସାର୍ବଜନୀନ ହେଉ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ

କଟକ ଅଫିସ, ୨୧ା୧୨

ମମିତା ମେହେର ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କ ମୃତ୍ୟୁ ଆତ୍ମହତ୍ୟା ନୁହେଁ, ଏହା ଏକ ସୁପରିକଳ୍ପିତ ହତ୍ୟା। କାରଣ ମମିତା ହତ୍ୟା ଘଟଣାରେ ଶାସକ ଦଳର ବହୁ ନେତା ଓ ପୂର୍ବତନ ମନ୍ତ୍ରୀଙ୍କ ସମ୍ପୃକ୍ତି ରହିଥିବା ଅଭିଯୋଗ ହୋଇ ଆସୁଥିଲା। ଏଭଳି ପରିସ୍ଥିତିରେ ଗୋବିନ୍ଦ ଦୀର୍ଘଦିନ ପରେ ଆତ୍ମହତ୍ୟା କରିଥିବା କଥାକୁ ଗ୍ରହଣ କରାଯାଇପାରୁନାହିଁ ବୋଲି ଓଡ଼ିଶା ରାଜ୍ୟ ଯୁବ କଂଗ୍ରେସ ସଭାପତି ଡ. ସ୍ମୃତିରଞ୍ଜନ ଲେଙ୍କା ଅଭିଯୋଗ କରିଛନ୍ତି। ଏ ନେଇ ଲେଙ୍କାଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନଶୃଙ୍ଖଳା) ଆର୍.କେ. ଶର୍ମାଙ୍କୁ ବୁଧବାର ସାକ୍ଷାତ କରି ଡିଜିପିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଭାରତୀୟ ପିଙ୍ଗଳ କୋଡ୍ ୩୦୨ ଦଫା ଅନୁଯାୟୀ ଜେଲ ଦାୟିତ୍ୱରେ ଥିବା ପୋଲିସ ଅଧିକାରୀଙ୍କୁ ଗିରଫ କରିବା,


ଯୁବ କଂଗ୍ରେସ ପକ୍ଷରୁ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନଶୃଙ୍ଖଳା) ଆର୍.କେ. ଶର୍ମାଙ୍କୁ ଦାବିପତ୍ର ଦିଆଯାଉଛି।

ଗୋବିନ୍ଦଙ୍କ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ସାର୍ବଜନୀନ କରିବା ସହ ହାଇକୋର୍ଟ ନିୟନ୍ତ୍ରିତ ସ୍ପେଶାଲ ଇନ୍‌ଭେଷ୍ଟିଗେଶନ୍ ଟିମ୍(ଏସ୍‌ଆଇଟି) ଦ୍ୱାରା ତଦନ୍ତ କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଡ. ଲେଙ୍କାଙ୍କ ସହ ରାଜ୍ୟ ଯୁବ କଂଗ୍ରେସର ନିରଞ୍ଜନ ନାୟକ, ଜ୍ଞାନ ରଞ୍ଜନ ରାଉତ, ମାନସ ନାୟକ, ଜଗତ ଜୀବନ ମହାନ୍ତି, ସୁଦୀପ ସାମଲ, ସୋନୁ ସ୍ୱାଇଁ, ବିଶ୍ୱଜିତ୍ ଲେଙ୍କା, ଆଦିତ୍ୟ ପ୍ରସାଦ ପରିଡ଼ା, ଆକାଶ କୁମାର ସାମଲ, ଶୁଭ ରଞ୍ଜନ ମହାନ୍ତି, ଦିବ୍ୟ ରଞ୍ଜନ ମହାନ୍ତିଙ୍କ ସହ ଅନ୍ୟମାନେ ଶର୍ମାଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

ସୂଚନାଯୋଗ୍ୟ, ୨୦୨୧ ଅକ୍ଟୋବର ୮ରେ ବଲାଙ୍ଗୀର ଜିଲା ତୁରେକେଲା ଥାନା ଅନ୍ତର୍ଗତ ଝରଣୀ ଗାଁରୁ ସନ୍‌ସାଇନ ପବ୍ଲିକ ସ୍କୁଲ ଅଧକ୍ଷା ମମିତା କଳାହାଣ୍ଡି ଜିଲା ମହାଲିଙ୍ଗ ଅଭିମୁଖେ ବାହାରି ନିଖୋଜ ହୋଇଯାଇଥିଲେ। ତାଙ୍କ ପରିବାର ଲୋକେ କେ.ଗାଁ. ଥାନାରେ ଅଭିଯୋଗ କରିବାକୁ ଯାଇଥିଲେ। ସେଠାରେ ଅଭିଯୋଗ ଗ୍ରହଣ କରାଯିବ ନାହିଁ ବୋଲି ପୋଲିସ ଅଧିକାରୀ ମନା କରିବାରୁ ସେଠାରୁ ଫେରିଆସି ଅକ୍ଟୋବର ୧୩ରେ ବଲାଙ୍ଗୀର ଜିଲା ସିନ୍ଧେକେଲା ଥାନାରେ ଅଭିଯୋଗ କରିଥିଲେ। ସେଠାରେ ମାମଲା ରୁଜୁ ହୋଇଥିଲା। ପୋଲିସ ମହାଲିଙ୍ଗରୁ ସନ୍‌ସାଇନ ପବ୍ଲିକ ସ୍କୁଲ ପରିଚାଳନା କମିଟି ସଭାପତି ଗୋବିନ୍ଦଙ୍କୁ ଅକ୍ଟୋବର ୧୪ରେ ଥାନାରେ ଅଟକ ରଖିଥିଲା। ମମିତାଙ୍କୁ ଗୋବିନ୍ଦ ତାଙ୍କ କାର୍ ଭିତରେ ହତ୍ୟା କରିଥିଲେ। ପରେ ମହାଲିଙ୍ଗର ଏକ ନିର୍ମାଣାଧୀନ ଷ୍ଟାଡିୟମରେ ପୋଡ଼ି ମାରିଦେବା ପରେ ପୋତି ଦେଇଥିବା ନେଇ ପୋଲିସ ତଦନ୍ତ ଓ ଚାର୍ଜଶିଟ୍‌ରେ ଉଲ୍ଲେଖ କରିଥିଲା। ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦଙ୍କ ସହ ତତ୍କାଳୀନ ମନ୍ତ୍ରୀ ଓ ବିଶିଷ୍ଟ ଲୋକଙ୍କ ସମ୍ପର୍କ ଦୃଷ୍ଟିରୁ ଘଟଣାଟି ରାଜ୍ୟବ୍ୟାପୀ ହଇଚଇ ସୃଷ୍ଟି କରିଥିଲା। ହେଲେ ଏବେ ଗୋବିନ୍ଦଙ୍କ ମୃତ୍ୟୁ ପରେ ଅଧିକ ସନ୍ଦେହଜନକ ସ୍ଥିତିକୁ ଆଣିଛି।

omfed
ନିର୍ବାଚନ ଅଧିକାରୀ
ଓଡ଼ିଶା ରାଜ୍ୟ ସମବାୟ ଦୁଗ୍ଧ ଉତ୍ପାଦକ ମହାସଂଘ (ଓମଫେଡ) ଲି.ଙ୍କ କାର୍ଯ୍ୟାଳୟ
ନିର୍ବାଚନ ବିଜ୍ଞାପନ
ସଂଖ୍ୟା: ୦୧ ତାରିଖ: ୨୨ା୧୨ା୨୦୨୨
No. CAD-4205: ଓଡ଼ିଶା ସମବାୟ ସମିତି ଆଇନ ୧୯୬୨ରେ ଥିବା ବ୍ୟବସ୍ଥା ଅନୁଯାୟୀ ଓ ଓଡ଼ିଶା ସମବାୟ ସମିତି (କମିଟିର ନିର୍ବାଚନ) ନିୟମାବଳୀ ୧୯୯୨ର ଧାରା ୪ରେ ନ୍ୟସ୍ତ ହୋଇଥିବା କ୍ଷମତା ବଳରେ ଏବଂ ରାଜ୍ୟ ସମବାୟ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ ପ୍ରକାରେ ଆମ୍ଭେ ଡଃ. ବିଶ୍ୱଜିତ ରାଉତ, ଉପ-ନିର୍ଦ୍ଦେଶକ (ଡେରୀ), ନିର୍ବାଚନ ଅଧିକାରୀ, ଓଡ଼ିଶା ରାଜ୍ୟ ସମବାୟ ଦୁଗ୍ଧ ଉତ୍ପାଦକ ମହାସଂଘ ଲିଃ., ଏତଦ୍ୱାରା ବିଜ୍ଞାପିତ କରାଉଛୁ ଯେ, ଉପରୋକ୍ତ ସମବାୟ ସମିତିର କମିଟି ସଦସ୍ୟ/ସଦସ୍ୟା ପଦ (ଗୁଡ଼ିକ)ର ନିର୍ବାଚନ ତା ୨୬ା୦୨ା୨୦୨୩ରିଖରେ ଅନୁଷ୍ଠିତ ହେବ। ନିର୍ବାଚନ ସଂକ୍ରାନ୍ତୀୟ ବିସ୍ତୃତ କାର୍ଯ୍ୟକ୍ରମ ଯଥା ସମୟରେ ଘୋଷଣା କରାଯିବ।
ନିର୍ବାଚନ ଅଧିକାରୀ
ଓଡ଼ିଶା ରାଜ୍ୟ ସମବାୟ ଦୁଗ୍ଧ ଉତ୍ପାଦକ ମହାସଂଘ ସମିତି ଲିଃ.
OIPR-06063/11/0055/2223

ODISHA PUBLIC SERVICE COMMISSION
ADVERTISEMENT No. 13 of 2022-23
Recruitment to the Posts of Veterinary Assistant Surgeon/ Additional Veterinary Assistant Surgeon in Group - A (Junior Branch - II) of Odisha Veterinary Service under Fisheries & Animal Resources Development Department.
WEBSITE: www.opsc.gov.in

No. D-256: Online applications are invited from the prospective candidates through the proforma application to be made available on the Website of the Commission (http://opsc.gov.in) for recruitment to 659 (Six Hundred Fifty Nine) posts of Veterinary Assistant Surgeon/Additional Veterinary Assistant Surgeon in Group - A (Junior Branch-II) of Odisha Veterinary Service under Fisheries & Animal Resources Development Department in the scale of pay of 44,900/- in Level-10, Cell - 1 of ORSP, 2017 with usual Dearness and other allowances as may be sanctioned by the Government of Odisha from time to time.

2. VACANCY POSITION: As per requisition filed by the Fisheries & Animal Resources Deelopment Department, Government of Odisha, out of a total of 659 (213 - W) vacancies, 302 (100 - W) vacancies are reserved for UR category, 05 (02 - W) vacancy is reserved for SEBC category, 118 (37 - W) vacancy is reserved for SC category & 234 (74 - W) vacancies are reserved for ST category. Also 05 (02 - W) vacancies are reserved for Sports Persons and 18 (06 - W) are reserved for Persons with Disabilities whose permanent disability is 40% and more.
3. AGE: A candidate must have attained the age of 21 (Tweny one) years and must not be above the age of 38 (Thrity eight) years as on the 1st day of January, 2022 i.e. he/she must have been born not earlier than 2nd January 1984 and not later than 1st January 2001.
4. EDUCATIONAL QUALIFICATION: A candidate must
   a) Possess a Bachelor's Degree in Veterinary Science & Animal Husbandry (B.V. Sc. & A.H.) or its equivalent degree from any recognized University/College/Institution in India or abroad.
   b) Possess required conversion certificates recognized by Veterinary Council of India (VCI) in case of candidate having Degrees from Universities of Foreign Countries.
   c) Possess valid Registration Certificate under the Odisha Veterinary Practitioners Act, 1970 (Section 21).
5. EXAMINATION FEE: The examination fee for all categories of candidates has been exempted as per GA & PG Department Notification No. 9897/Gen., Dt.11.04.2022.
6. METHOD OF SELECTION: The selection of candidates for recuritment to the posts of Assistant Director will be made on the basis of Written Test and interview.

The link for registration/re-registration and submission of Online application shall be available from 30.12.2022 to 30.01.2023 (Note: 30.01.2023 is the last date for submission of Registered Online Application).
The candidates are advised to visit the website of the Commission at http://opsc.gov.in for detailed information for applying to the above post.

CUTTACK
DATE: 20.12.2022
Sd./- SECRETARY
ODISHA PUBLIC SERVICE COMMISSION, CUTTACK
OIPR-12002/11/0224/2223

ୟୁକୋ ବ୍ୟାଙ୍କ
ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଂ, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯, ଫୋନ୍: ୦୬୭୪-୨୬୨୦୪୨୩
ଦଖଲ ନୋଟିସ୍
ସ୍ଥାବର ସମ୍ପତ୍ତି ନିମନ୍ତେ

(ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ, ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ ୟୁକୋ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨(୨୦୦୨ର ନଂ. ୫୪) ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୮ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଚୁକ୍ତି ହାରରେ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ ଓ ଆଇନଗତ ଖର୍ଚ୍ଚ ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତାମାନେ ସେମାନଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର ବର୍ଣ୍ଣିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏତଦ୍ ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଅନ୍ୟଥା ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ୟୁକୋ ବ୍ୟାଙ୍କ ନିକଟରେ ସମସ୍ତ ଦେୟ ସହିତ ସେବାବଦ ସୁଧ ଓ ଖର୍ଚ୍ଚ ପାଇଁ ଉତ୍ତରଦାୟୀ ରହିବେ।

| ଶହୀଦ ନଗର ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତାମାନେ: ୧) ଶ୍ରୀ ସିଦ୍ଧାର୍ଥ ଶଙ୍କର ଦାଶ, ପିତା: ଶ୍ରୀ ବଳରାମ ଦାଶ, ୨) ଶ୍ରୀ ବଳରାମ ଦାଶ, ପିତା: ୰ ବୈଷ୍ଣବ ଚରଣ ଦାଶ / ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀମତୀ ଜ୍ୟୋର୍ତିମୟୀ ଦାଶ, ସ୍ୱାମୀ: ଶ୍ରୀ ବଳରାମ ଦାଶ, ୨) ଶ୍ରୀମତୀ ମଧୁମିତା ଆଚାର୍ଯ୍ୟ, ସ୍ୱାମୀ: ଶ୍ରୀ ସିଦ୍ଧାର୍ଥ ଶଙ୍କର ଦାଶ, ସମସ୍ତଙ୍କ ଠିକଣା-ପ୍ଲଟ୍ ନଂ.: ୨୭(ଅଂଶ), ମହର୍ଷି କଲେଜ ପଛପାର୍ଶ୍ୱ, ଶହୀଦ ନଗର, ଭୁବନେଶ୍ୱର, ଖୋର୍ଦ୍ଧା-୭୫୧୦୦୭ | ୨୮.୦୯.୨୦୨୨ ସୁଦ୍ଧା ଟ.୫୦,୦୫,୮୯୪.୪୪ + ସେବାବଦ ସୁଧ ଏବଂ ଖର୍ଚ୍ଚ | ୧୩.୧୦.୨୦୨୨ / ୧୬.୧୨.୨୦୨୨ | ଶ୍ରୀ ବଳରାମ ଦାଶ, ପିତା: ୰ ବୈଷ୍ଣବ ଚରଣ ଦାଶଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ହାଲ୍ ମୌଜା: ଭୁବନେଶ୍ୱର ସହର ୟୁନିଟ୍-୯ ସତ୍ୟନଗର, ଜିଲ୍ଲା: ଖୋର୍ଦ୍ଧା, ସବ୍-ରେଜିଷ୍ଟ୍ରାର କାର୍ଯ୍ୟାଳୟ: ଭୁବନେଶ୍ୱରରେ ତା.୦୪.୧୧.୧୯୭୭ରିଖରେ ସମ୍ପାଦିତ ପଞ୍ଜିକୃତ ବିକ୍ରୟ ଦଲିଲ୍ ନଂ.: ୭୨୧୦,୭୨୨୬, ଖାତା ନଂ.: ୧୬୩, ପ୍ଲଟ୍ ନଂ.: ୧୧୭/୧୧୦୩, କ୍ଷେତ୍ର: ଏକର୦.୦୫୦ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ପ୍ଲଟ୍ ନଂ.: ୧୦୬୦, ପୂର୍ବ: ପ୍ଲଟ୍ ନଂ.: ୧୧୦୪, ପଶ୍ଚିମ: ପ୍ଲଟ୍ ନଂ.: ୧୦୫୦ |

ସ୍ଥାନ : ଭୁବନେଶ୍ୱର, ତାରିଖ : ୨୧.୧୨.୨୦୨୨
କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ



ଶିଶୁଭବନ ଛକରେ ହୋର୍ଡିଂ ଉପରେ ଆତ୍ମହତ୍ୟା ଉଦ୍ୟମ କରୁଥିବା ମୁକ୍ତିକାନ୍ତ ବିଶ୍ୱାଳଙ୍କୁ ଉଦ୍ଧାର କରାଯାଉଛି।



ଘଟଣାସ୍ଥଳରେ ଲୋକଙ୍କ ଭିଡ଼। (ଫଟୋ: ବିକାଶ)

**ମୁକ୍ତିକାନ୍ତଙ୍କ ଆତ୍ମହତ୍ୟା ଉଦ୍ୟମ ଘଟଣା**

# ନବୀନ ନିବାସ ନା ଜେଲ...



୫୦ଫୁଟ୍‌ର ହୋର୍ଡିଂ ଉପରେ ମୁକ୍ତିକାନ୍ତ ଦେହରେ ଡିଜେଲ ଢାଳି ଆତ୍ମହତ୍ୟା ଉଦ୍ୟମ କରୁଛନ୍ତି।

କଳକାରଖାନା ପ୍ରଦୂଷଣରେ ଜୀବନଯନ୍ତ୍ରଣା ଭୋଗୁଥିବା ରାଉରକେଲାବାସୀଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ଇସ୍ପାତ ହସ୍ପିଟାଲକୁ ସୁପର ସ୍ପେଶାଲିଟି ହସ୍ପିଟାଲରେ ପରିଣତ କରିବା, ବ୍ରାହ୍ମଣୀ ନଦୀ ଉପରେ ବ୍ରିଜ୍ ନିର୍ମାଣ ପାଇଁ ୨୦୧୫ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରତିଶ୍ରୁତି ଦେଇଥିଲେ। ହେଲେ ୩ବର୍ଷ ପରେ ପ୍ରଧାନମନ୍ତ୍ରୀଙ୍କୁ ମନେ ପକାଇ ଦେବାକୁ ଆଇଡଲ୍ ମ୍ୟାନ୍ ମୁକ୍ତିକାନ୍ତ ବିଶ୍ୱାଳ ୨୦୧୮ରେ ରାଉରକେଲାରୁ ଦିଲ୍ଲୀ ପଦଯାତ୍ରାରେ ଯାଇ ନିରାଶ ହୋଇଥିଲେ। ସେତେବେଳେ ତାଙ୍କର ଏହି ଉଦ୍ୟମକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଶଂସା କରିଥିଲେ। ସେ ଦିଲ୍ଲୀରୁ ଫେରିବା ପରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ରାଉରକେଲାର ବିକାଶ ନେଇ ଆଲୋଚନା କରିଥିଲେ। ପ୍ରଧାନମନ୍ତ୍ରୀ ସିନା ଶୁଣିଲେନି ହେଲେ ମୁଖ୍ୟମନ୍ତ୍ରୀ ୨୦୧୩ରେ ଦେଇଥିବା ପ୍ରତିଶ୍ରୁତିକୁ ପାଳନ କରିବା ନେଇ ସବୁଜ ସଙ୍କେତ ପାଇଥିଲେ। ୯ ବର୍ଷ ତଳର ସେହି ପ୍ରତିଶ୍ରୁତିକୁ ମନେ ପକାଇ ଦେବାକୁ ମୁକ୍ତିକାନ୍ତ ରାଉରକେଲାରୁ ନଭେମ୍ବର ୨୬ରୁ ପଦଯାତ୍ରାରେ ବାହାରିଥିଲେ। ଆଶା କରିଥିଲେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ପରେ ରାଉରକେଲାରେ ୪୦୦ ଶଯ୍ୟା ବିଶିଷ୍ଟ ସୁପର ସ୍ପେଶାଲିଷ୍ଟ ହସ୍ପିଟାଲ, କୋଏଲ ନଦୀରେ ବ୍ୟାରେଜ, ନଦୀ ପାର୍ଶ୍ୱରେ ରିଂ ରୋଡ୍ ନିର୍ମାଣ ଓ ଶୀତଳ ଭଣ୍ଡାର ଆଦି ପ୍ରକଳ୍ପ ହୋଇଯିବ। କାନ୍ଧରେ ଥିଲା ପ୍ରକଳ୍ପଗୁଡ଼ିକର ମଡେଲ ଥିବା ୨୭ କେଜିର ଭାର। ୫୩୦ କିମିରୁ ଊର୍ଦ୍ଧ୍ୱ ରାସ୍ତା ଅତିକ୍ରମ କରି ଡିସେମ୍ବର ୧୪ରେ ରାଜଧାନୀରେ ପହଞ୍ଚିବା ପରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ଆଶା ମଉଳିଯାଇଥିଲା। ୮ଦିନର ଧାରଣା ସତ୍ତ୍ୱେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ନ ପାରିବାରୁ ଶେଷରେ ବୁଧବାର ଶିଶୁଭବନ ଛକରେ ବିଜ୍ଞାପନ ହୋର୍ଡିଂ ଉପରକୁ ଚଢ଼ି ମୁକ୍ତିକାନ୍ତ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଉଦ୍ଧାର ପରେ ମୁକ୍ତିକାନ୍ତ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଏହାପରେ ମୁଖ୍ୟମନ୍ତ୍ରୀ ତାଙ୍କୁ ଆଲୋଚନା ପାଇଁ ଡାକିବେ ନା ପୋଲିସ ଗିରଫ କରି ଜେଲ୍ ପଠାଇ ଦେବ ତାହାକୁ ନେଇ ଏବେ ଚର୍ଚ୍ଚା ଚାଲିଛି।

## ଏମିତି ଥିଲା ଉଦ୍ଧାର କାର୍ଯ୍ୟ



ଅଗ୍ନିଶମ କର୍ମଚାରୀମାନେ ହୋର୍ଡିଂ ତଳେ ଜମ୍ପିଙ୍ଗ୍ ସିଟ୍ ବିଛାଇବାକୁ ନେଉଛନ୍ତି।

ମୁକ୍ତିକାନ୍ତଙ୍କୁ ଉଦ୍ଧାର ପାଇଁ ଅଗ୍ନିଶମ କର୍ମଚାରୀମାନେ ବେଶ୍ ସତର୍କତା ଓ ଯୋଜନାବଦ୍ଧ ଭାବେ ଅଭିଯାନ ଆରମ୍ଭ କରିଥିଲେ। ଗୋଟିଏ ପାଣି ଗାଡ଼ି, ଆଡ୍‌ଭାନ୍ସ ରେସ୍କ୍ୟୁ ଟେଣ୍ଡର (ସ୍ୱତନ୍ତ୍ର ଯାନ) ମଧ୍ୟ ମହଜୁଦ ରଖାଯାଇଥିଲା। ମୁକ୍ତିକାନ୍ତ ତଳେ ପଡ଼ିଯିବା ଭୟ ଥିବାରୁ ହୋର୍ଡିଂ ତଳେ ଜମ୍ପିଙ୍ଗ୍ ସିଟ୍ ରଖାଯାଇଥିଲା। ଅନ୍ୟଏକ ପାଖରେ ୨ଟି ଜାଲ (କ୍ୟାଚିଙ୍ଗ୍ ନେଟ୍) ମଧ୍ୟ ବିଛାଯାଇଥିଲା। ଅଗ୍ନିଶମ ବାହିନୀ ବିଜ୍ଞାପନ ହୋର୍ଡିଂକୁ ଚଢ଼ିଥିଲେ। ଏପଟେ ମୁକ୍ତିକାନ୍ତଙ୍କୁ ପାଣି ସ୍ପ୍ରେ କରାଯାଇ ହାତରେ ଥିବା ଦିଆସିଲ ଓ ମୁକ୍ତିକାନ୍ତ ପିନ୍ଧିଥିବା ପୋଷାକକୁ ଓଦା କରି ଦିଆଯାଇଥିଲା। ତାଙ୍କ ପାଖାପାଖି ରହିଥିବା ଅଗ୍ନିଶମ କର୍ମଚାରୀମାନେ ମୁକ୍ତିକାନ୍ତଙ୍କ ସହ ଅତି ନିଜର ଭଳି କଥା ହୋଇ ମାନସିକ ସ୍ଥିତିକୁ ବଦଳାଇବାକୁ ଚେଷ୍ଟା କରିଥିଲେ। ଧୀରେ ଧୀରେ ମୁକ୍ତିକାନ୍ତଙ୍କୁ ଅନ୍ୟମନସ୍କ କରାଇ ହଠାତ୍ ତାଙ୍କୁ କାବୁ କରିନେଇଥିଲେ। ଏହିସମୟରେ ତଳେ ପ୍ରସ୍ତୁତ ହୋଇ ରହିଥିବା ଟିମ୍ ହାଇଡ୍ରୋଲିକ୍ ପ୍ଲାଟଫର୍ମ ବା ବ୍ରୁଣ୍ଟୋ ସ୍କାଏ ଲିଫ୍ଟରେ ମୁକ୍ତିକାନ୍ତଙ୍କ ପାଖରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ।

## “ଚ୍ୟାଲେଞ୍ଜ ଥିଲା ଉଦ୍ଧାର କାର୍ଯ୍ୟ

*ମୁକ୍ତିକାନ୍ତଙ୍କୁ ଉଦ୍ଧାର କରିବା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। କିନ୍ତୁ ହାତରେ ଡିଜେଲ ଓ ଲାଇଟର ଥିବାରୁ କିଛି ବଡ଼ ଘଟଣା ଘଟିବା ନେଇ ଆଶଙ୍କା ଥିବାରୁ ଭୟଭୀତ ଥିଲୁ। ଏହାସହ ତଳେ ପାଚେରି ଓ ଆମ୍ବଗଛ ଆଦି ଥିବାରୁ ତାହା ମଧ୍ୟ ଏକ ବଡ଼ ସମସ୍ୟା ଥିଲା। ଏନେଇ ଟିମ୍ ସହ ଆଲୋଚନା ପରେ ସୁରକ୍ଷିତ ଉଦ୍ଧାର ପାଇଁ ଯୋଜନା ପ୍ରସ୍ତୁତି କରାଯାଇଥିଲା। ତେବେ ଏହି ଉଦ୍ଧାର କାର୍ଯ୍ୟ ଆମ ପାଇଁ ବଡ଼ ଚ୍ୟାଲେଞ୍ଜ ଥିଲା। ଏହା ସଫଳ ହୋଇଥିବାରୁ ଖୁସି ଲାଗୁଛି।*

**–ଅବନୀ ସ୍ୱାଇଁ,**
**ଡେପୁଟି ଫାୟାର ଅଫିସର**




ଶିଶୁ ଭବନ ଛକସ୍ଥିତ ମୁକ୍ତିକାନ୍ତଙ୍କ ଧାରଣାସ୍ଥଳ।

## ଗହଳି ହଟାଇବାକୁ ନାକେଦମ୍ ପୋଲିସ

ଏତେ ସଂଖ୍ୟକ ଲୋକଙ୍କୁ ଦେଖି ପୋଲିସ ମଧ୍ୟ ଚିନ୍ତାରେ ପଡିଯାଇଥିଲା। ମାଇକ ଯୋଗେ ଘଟଣାସ୍ଥଳ ଖାଲି କରିବାକୁ ଯେତେ କୁହାଯାଇଥିଲେ ମଧ କେହି ଏହାକୁ କର୍ଣ୍ଣପାତ କରି ନ ଥିଲେ। ବରଂ ସମୟ ବଢିବା ସହିତ ଲୋକଙ୍କ ଗହଳି ସେହି ମାତ୍ରାରେ ବଢିଚାଲିଥିଲା। ଟ୍ରାଫିକ୍ ସ୍ଥିତି ସୁଧାରିବାକୁ ନବୀନ ନିବାସ ଅଭିମୁଖେ ଯାଉଥିବା ରାସ୍ତାକୁ ପୋଲିସ ଯାତାୟତ ବନ୍ଦ କରି ଦେଇଥିଲା। ଗୋଟିଏ ପଟେ ମୁକ୍ତିକାନ୍ତଙ୍କୁ ଉଦ୍ଧାର ପାଇଁ ପ୍ରୟାସ କରାଯାଉଥିବାବେଳେ ଅନ୍ୟପଟେ ଲୋକଙ୍କୁ ଉକ୍ତ ସ୍ଥାନରୁ ହଟାଇବାକୁ ପୋଲିସ ନାକେଦମ୍ ହୋଇଥିଲେ।

## ସମୟ ଗଡୁଥିଲା, ବଢୁଥିଲା ଛନକା

ଜୀବନକୁ ବାଜି ଲଗାଇ ସାଢେ ୪ ଘଣ୍ଟାରୁ ଅଧିକ ସମୟ ହୋର୍ଡିଂ ଉପରେ ଖରାରେ ବସିଥିଲେ ମୁକ୍ତିକାନ୍ତ। ସମୟ ଗଡ଼ିବା ସହ ଲୋକଙ୍କ ସମାଗମ ବଢୁଥିଲା। ରାସ୍ତାରେ ଯିଏ ଯାଉଥିଲା ସିଏ ଗାଡି ଅଟକାଇ ଘଟଣା ପଚାରି ବୁଝିବା ସହ କିଛି ସମୟ ଅଟକି ଯାଉଥିଲେ। କିନ୍ତୁ ୫୦ ଫୁଟ ଉଚ୍ଚରେ ଚଢି ଆତ୍ମହତ୍ୟା ପାଇଁ ଚିତ୍କାର କରି କହୁଥିବା ଶୁଣିବା ପରେ ଲୋକଙ୍କ ମନରେ ଛନକା ପଶିଥିଲା। କାଳେ ଡେଇଁ ପଡ଼ିବେ, ପୋଡି ହୋଇଯିବେ କି ବୋଲି ଭାବୁଥିଲେ। କେହି କେହି ମୁକ୍ତିକାନ୍ତଙ୍କୁ ଭଲରେ ଉଦ୍ଧାର କରାଯାଉ ବୋଲି ଭଗବାନଙ୍କୁ ଡାକୁଥିବା ଦେଖିବାକୁ ମିଳୁଥିଲା।

## ସୁରକ୍ଷାକୁ ନେଇ ପ୍ରଶ୍ନ

ଶିଶୁଭବନ ଛକ ସବୁଠୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ହୋଇଥିବା ବେଳେ ଅଧିକାଂଶ ସମୟ ଲୋକେ ଆନ୍ଦୋଳନ କରିଥାନ୍ତି । ମୁକ୍ତିକାନ୍ତ ମଧ ସେଠାରେ ୭ ଦିନ ଧରି ଧାରଣରେ ବସିଥିଲେ । ଉକ୍ତ ସ୍ଥାନରେ ଏକ ପୋଲିସ ଏଡ ପୋଷ୍ଟ ମଧ ରହିଛି । ବୁଧବାର କିଛି ପୋଲିସ କର୍ମଚାରୀ ମଧ ଉପସ୍ଥିତ ଥିଲେ । ହେଲେ ମୁକ୍ତିକାନ୍ତ ଗାଧେଇବାକୁ ଯାଇ ହୋର୍ଡିଂ ଉପରେ ଚଢ଼ିଯାଇଥିଲେ ମଧ ଉପସ୍ଥିତ ଥିବା ପୋଲିସ କର୍ମଚାରୀଙ୍କ ଧାନ ନପଡିବା ବଡ ଆଶ୍ଚର୍ଯ୍ୟ ଲାଗୁଛି । ତେଣୁ ପୋଲିସ କର୍ମଚାରୀଙ୍କ କର୍ତ୍ତବ୍ୟରେ ଅବହେଳା ଯୋଗୁ ମୁକ୍ତିକାନ୍ତ ଚଢ଼ିବାକୁ ସମୟ ପାଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି ।

# ହାଇକୋର୍ଟରେ ସତ୍ୟପାଠ ଦାଖଲ

**କଟକ ଅଫିସ, ୨୧।୧୨**

ରାଜ୍ୟର ବିଭିନ୍ନ ଥାନାରେ ଅବକାରୀ ଦ୍ରବ୍ୟ ନଷ୍ଟ କରାଯିବା ସମ୍ପର୍କିତ ମାମଲାରେ ପୋଲିସ ବିଭାଗ ପକ୍ଷରୁ ହାଇକୋର୍ଟରେ ବୁଧବାର ସତ୍ୟପାଠ ଦାଖଲ କରାଯାଇଛି। ପୋଲିସ ପକ୍ଷରୁ ବିଭିନ୍ନ ଥାନାରେ ୫୯୮ କୁଇଣ୍ଟାଲ ୬୨ କେଜି ୬୭୪ ଗ୍ରାମ୍ ଗଞ୍ଜେଇ ଓ ୨୬ କେଜି ୭୬୮ ଗ୍ରାମ୍ ବ୍ରାଉନ୍‌ସୁଗାର ନଷ୍ଟ କରାଯାଇଥିବା ଦର୍ଶାଯାଇଛି। ସେହିପରି ୩୧୮ କୁଇଣ୍ଟାଲ ୪୮ କେଜି ୩୨୧ ଗ୍ରାମ୍ ଗଞ୍ଜେଇ ଓ ୧ କେଜି ୩୬୩ ଗ୍ରାମ୍ ୮୪୦ ମିଲିଗ୍ରାମ୍ ବ୍ରାଉନ୍‌ସୁଗାର ନଷ୍ଟ ହେବାକୁ ଯୋଜନା ରହିଥିବା ପୋଲିସ ବିଭାଗ ହାଇକୋର୍ଟଙ୍କୁ ଅବଗତ କରାଇଛି। ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ବିଚାରପତି ଏସ୍. କେ. ପାଣିଗ୍ରାହୀଙ୍କ ଖଣ୍ଡପୀଠ ମାମଲାର ଶୁଣାଣି କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ଜନ୍ମେଞ୍ଜୟ କଟିକିଆ ମାମଲା ପରିଚାଳନା କରୁଥିଲେ।

**ଅବକାରୀ ଦ୍ରବ୍ୟ ନଷ୍ଟ ମାମଲା**

**ବେଆଇନ ଧର୍ମାନୁଷ୍ଠାନ ଉଚ୍ଛେଦ ମାମଲା**

# ୨୦୧୨ ବେଆଇନ ଧର୍ମାନୁଷ୍ଠାନ ମାଟିରେ ମିଶିଛି

**କଟକ ଅଫିସ, ୨୧।୧୨**

ବେଆଇନ ଧର୍ମାନୁଷ୍ଠାନ ଉଚ୍ଛେଦ ମାମଲା ସମ୍ପର୍କିତ ଶୁଣାଣି ବୁଧବାର ହାଇକୋର୍ଟରେ ହୋଇଥିଲା। ବର୍ତ୍ତମାନ ସୁଦ୍ଧା ୧୦,୭୭୮ଟି ବେଆଇନ ଧର୍ମାନୁଷ୍ଠାନକୁ ନିୟମିତ କରାଯାଇଛି। ୨୦୧୨ଟି ବେଆଇନ ଧର୍ମାନୁଷ୍ଠାନକୁ ମାଟିରେ ମିଶାଇ ଦିଆଯାଇଛି, ୫୦୩ଟିକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି, ଆଉ ୫୨୭୮ଟି ଧର୍ମାନୁଷ୍ଠାନ ଉପରେ କାର୍ଯ୍ୟାନୁଷ୍ଠାନ ବାକି ରହିଛି ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ସତ୍ୟପାଠ ଜରିଆରେ ହାଇକୋର୍ଟଙ୍କୁ ଅବଗତ କରାଯାଇଛି। ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ବିଚାରପତି ଏସ୍. କେ. ପାଣିଗ୍ରାହୀଙ୍କ ଖଣ୍ଡପୀଠ ଉକ୍ତ ମାମଲାର ଶୁଣାଣି କରିଥିଲେ। ଆସନ୍ତା ଏପ୍ରିଲ ୫ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ମାମଲାର ବିବରଣୀରୁ ପ୍ରକାଶ, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟରେ ରହିଥିବା ବେଆଇନ ଧର୍ମାନୁଷ୍ଠାନକୁ ନେଇ ହାଇକୋର୍ଟ ନିଜ ଆଡୁ ଏକ ମାମଲା ରୁଜୁ କରି ଶୁଣାଣି କରୁଛନ୍ତି। ରାଜ୍ୟ ମୁଖ୍ୟ ଶାସନ ସଚିବ ସତ୍ୟପାଠ ମାଧମରେ ଉଚ୍ଛେଦ ହେଉଥିବା, ଅନ୍ୟତ୍ର ସ୍ଥାନାନ୍ତର ହେଉଥିବା ଓ ନିୟମିତ ହେଉଥିବା ଧର୍ମାନୁଷ୍ଠାନଗୁଡ଼ିକର ତଥ୍ୟ ହାଇକୋର୍ଟଙ୍କୁ ପ୍ରଦାନ କରିଆସୁଛନ୍ତି। ରାଜ୍ୟରେ ୧୮,୬୨୧ ବେଆଇନ ଧର୍ମାନୁଷ୍ଠାନ ରହିଛି। ସେଥିମଧ୍ୟରେ ୧୩,୩୫୩ଟି ଉପରେ ପଦକ୍ଷେପ ନିଆଯାଇସାରିଲାଣି ବୋଲି ରାଜ୍ୟ ସରକାର ହାଇକୋର୍ଟଙ୍କୁ ଅବଗତ କରାଇଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସୋନାଲି ସାହୁ



@ ସୋନାଲି



@ ସରୋଜ



@ ଚନ୍ଦନ



@ ଲକ୍ଷ୍ମଣ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।



ଟୁଗେଦର ଅନୁଷ୍ଠାନ ପକ୍ଷରୁ ଭୁବନେଶ୍ୱର ସୂଚନା ଭବନରେ ବୁଧବାର ଅନୁଷ୍ଠିତ ଚିତ୍ତରଞ୍ଜନ ମହାନ୍ତଙ୍କ ଏକକ ଚିତ୍ରକଳା ପ୍ରଦର୍ଶନୀକୁ ଲୋକେ ବୁଲି ଦେଖୁଛନ୍ତି।



କଟକ ବାଲିଯାତ୍ରା ଉପର ପଡିଆରେ ଦେବଦାସୀ ଡ୍ୟାନ୍ସ ଏକଡେମୀ ପକ୍ଷରୁ ବୁଧବାର ଅନୁଷ୍ଠିତ ପ୍ରତ୍ୟାବର୍ତ୍ତନ-୨୦୨୨ କାର୍ଯ୍ୟକ୍ରମରେ ଝୁମର କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ବିଶ୍ୱ ଓଡ଼ିଶୀ ଉତ୍ସବ, ଭଞ୍ଜକଳା ମଣ୍ଡପ, ପୂର୍ବାହ୍ନ ୧୦ଟା।
- ଟୁଗେଦର ପକ୍ଷରୁ ଚିତ୍ତରଞ୍ଜନ ମହନ୍ତଙ୍କ 'ଏ ସୋଲୋ ୱାଟର କଲର୍ ଆର୍ଟ ଏକ୍ଜିବିଶନ' ସୂଚନା ଭବନ, ୧୧ଟା।
- ଉତ୍କଳ ୟୁନିଭର୍ସିଟି ଅଫ୍ କଲ୍ଚର୍ ନ୍ୟାଶନାଲ୍ ସେମିନାର୍, ସେମିନାର୍ ହଲ୍, ୟୁୟୁସି, ମଦନପୁର, ପୂର୍ବାହ୍ନ ୧୧ଟା।
- ନାଲ୍କୋ ଛକ ନିଉଜ୍ପେପର ହକର୍ସ ୟୁନିୟନ୍ର ପ୍ରଥମ ବାର୍ଷିକ ଉତ୍ସବ, ଏଫ୍ଆର୍ ହାଇସ୍କୁଲ ପଛ କମ୍ୟୁନିଟି ସେଣ୍ଟର, ଶୈଳଶ୍ରୀ ବିହାର, ମଧ୍ୟାହ୍ନ ୧୨ଟା।
- ବକ୍ସି ଜଗବନ୍ଧୁ ଇଂଲିଶ୍ ମିଡିୟମ୍ ସ୍କୁଲ-୨ର ୧୫ତମ ବାର୍ଷିକ ଉତ୍ସବ 'ପୁଲ୍ସୋଟିଓ',ସ୍କୁଲ ପରିସର, ସତ୍ୟଭାମାପୁର, ଅପରାହ୍ନ ୩ଟା।
- ଶିବଶକ୍ତି କ୍ଲବ ପକ୍ଷରୁ ଅଲ୍ ଓଡ଼ିଶା ୨୭ତମ ତମାଣ୍ଡୋ କପ୍ ଫୁଟବଲ୍ ଟୁର୍ନାମେଣ୍ଟ, ତମାଣ୍ଡୋ ମିନି ଷ୍ଟାଡିୟମ୍, ଅପରାହ୍ନ ୩ଟା।
- ଏମ୍ବିଏସ୍ ପବ୍ଲିକ୍ ସ୍କୁଲର ୧୯ତମ ବାର୍ଷିକ ଉତ୍ସବ, ୟୁନିଟ୍-୯, ଅପରାହ୍ନ ୪ଟା ୩୦।
- ଡିଏଭି ପବ୍ଲିକ ସ୍କୁଲର ୨୫ତମ ବାର୍ଷିକ ଉତ୍ସବ, ସ୍କୁଲ ପରିସର 'କାଭିସ୍', ପୋଖରୀପୁଟ୍, ଅପରାହ୍ନ ୫ଟା ୩୦।
- ସେଣ୍ଟର ଫର୍ ଆସିଆନ୍ ଷ୍ଟଡିଜ୍, ଭୁବନେଶ୍ୱର ପକ୍ଷରୁ ପ୍ରଥମ ତାରାମଣି ଦେବୀ ମେମୋରିଆଲ ଲେକ୍ଚର, ସେମିନାର ହଲ୍-୧, କ୍ୟାମ୍ପସ-୬, ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡଷ୍ଟ୍ରିଆଲ୍ ଟେକ୍ନୋଲୋଜି, କିଟ୍ ରୋଡ, ପଟିଆ, ଅପରାହ୍ନ ୫ଟା ୩୦।
- ସଙ୍ଗୀତ ସନ୍ଧ୍ୟା ଜୀବନ ଜିନ୍ଦାବାଦ୍, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା।
- ଦି ବ୍ଲୁ ଲାଇଟ୍ ଡ୍ୟାନ୍ସ ଷ୍ଟୁଡିଓ ପକ୍ଷରୁ ମୟୂରଭଞ୍ଜ ଛଉ, ଦି ବ୍ଲୁ ଲାଇଟ୍ ନୃତ୍ୟ ମନ୍ଦିର, ପଦ୍ମାବତୀ ବିହାର, ସନ୍ଧ୍ୟା ୭ଟା।

**ବାଲିଅନ୍ତା**

- ୪୦ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର ଉଦ୍ଯାପନୀ ଉତ୍ସବ, ବେଣ୍ଟପୁର, ଆଚାର୍ଯ୍ୟ ହରିହର ସରକାରୀ ଉଚ୍ଚ ବିଦ୍ୟାଳୟ, ଅପରାହ୍ନ ୩ଟା।

# ପଥୋତ୍ସବରେ ହକି ଟ୍ରଫିକୁ ହେବ ସ୍ୱାଗତ

ଭୁବନେଶ୍ୱର,୨୧।୧୨(ବ୍ୟୁରୋ)

ହକି ବିଶ୍ୱକପ୍ ଆୟୋଜନକୁ ନେଇ ସହରବାସୀଙ୍କ ମଧ୍ୟରେ ଉତ୍କଣ୍ଠା ପ୍ରକାଶ ପାଇବାରେ ଲାଗିଛି। ଅନ୍ୟପଟେ ଆୟୋଜନକୁ ଆକର୍ଷଣୀୟ କରିବା ପାଇଁ ଭୁବନେଶ୍ୱର ମହାନଗର ନିଗମ(ବିଏମ୍ସି) ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଉଛି। ଆସନ୍ତା ୨୫ ତାରିଖରେ ହକି ବିଶ୍ୱକପ୍ ଟ୍ରଫି ରାଜଧାନୀରେ ପହଞ୍ଚିବାକୁ ଥିବାବେଳେ ରାଜଧାନୀବାସୀ ସେହିଦିନଠାରୁ 'ପଥ ଉତ୍ସବ'ର ମଜାନେବେ। ତେବେ ଟ୍ରଫିକୁ ସ୍ୱାଗତ କରିବା ପାଇଁ ଅଧିକରୁ ଅଧିକ ସହରବାସୀ ଏହି ଦିନ ସାମିଲ ହେବା ପାଇଁ ବିଏମ୍ସି ମେୟର ସୁଲୋଚନା ଦାସ ଆହ୍ୱାନ ଜଣାଇଛନ୍ତି। ବୁଧବାର ବିଏମ୍ସି କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ମେୟର ଏହି ସୂଚନା ଦେଇଛନ୍ତି।

ଚଳିତ ମାସରେ 'ପଥ ଉତ୍ସବ' ମାଷ୍ଟରକ୍ୟାଣ୍ଟିନ ଛକରୁ ରାମମନ୍ଦିର ଛକ ମଧ୍ୟରେ ଅନୁଷ୍ଠିତ ହେବ। ୨୦୨୩ ଜାନୁଆରୀ ୮ ତାରିଖ ଓ ୧୫ ତାରିଖରେ ଭିନ୍ନ ସ୍ଥାନରେ ଅନୁଷ୍ଠିତ ହେବ। ପଥ ଉତ୍ସବରେ ଯୋଗାସନ, ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ଚିତ୍ରାଙ୍କନ, ସଙ୍ଗୀତ ଓ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ହକି ଟ୍ରଫିକୁ ସ୍ୱାଗତ କରିବା ପାଇଁ ପ୍ରତି ଛକରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ। ଏଥିପାଇଁ ମହାନଗର ନିଗମାଞ୍ଚଳର ପ୍ରତି ୱାର୍ଡରୁ ପ୍ରତିଭା ଅନ୍ୱେଷଣ କରି ସ୍ଥାନୀୟ କର୍ପୋରେଟରମାନେ ନାମ ପଞ୍ଜୀକରଣରେ ସହଯୋଗ କରିବେ ବୋଲି ନିର୍ଦ୍ଦେଶ ଦିଆଯାଇଛି। ଆୟୋଜିତ ବୈଠକରେ କମିଶନର ବିଜୟ ଅମୃତା କୁଲାଙ୍ଗେ ଯୋଗଦେଇ ହକି ବିଶ୍ୱକପ୍ ଆୟୋଜନକୁ ନେଇ ସହରବାସୀ ଗର୍ବ ଅନୁଭବ କରିବା ସହ କାର୍ଯ୍ୟକ୍ରମକୁ ଉପଭୋଗ କରିବା ଉଚିତ୍ ବୋଲି କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଡେପୁଟି ମେୟର ମଞ୍ଜୁଲତା କହଁର, ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀ ଏବଂ ଅତିରିକ୍ତ କମିଶନର ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### ହକି ବିଶ୍ୱକପ୍ : ସମନ୍ୱୟ ରକ୍ଷା ପାଇଁ ଉଚ୍ଚସ୍ତରୀୟ କମିଟି

ହକି ବିଶ୍ୱକପ୍କୁ ଶୃଙ୍ଖଳିତ ତଥା ଆକର୍ଷଣୀୟ କରିବା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଉଛି। ବିଭିନ୍ନ ଦାୟିତ୍ୱରେ ଥିବା ବିଭାଗଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷାକରି କାର୍ଯ୍ୟ ତଦାରଖ କରିବା ନିମନ୍ତେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି। ଏହି କାର୍ଯ୍ୟକୁ ନିୟମିତ ଅନୁଧ୍ୟାନ କରାଯାଉଛି। ବୁଧବାର ଭୋର ସମୟରେ ବିଡିଏ ଉପାଧ୍ୟକ୍ଷ ବଲୱନ୍ତ ସିଂ, ବିଏମ୍ସି କମିଶନର ବିଜୟ ଅମୃତା କୁଲାଙ୍ଗେ ଓ ବରିଷ୍ଠ ଅଧିକାରୀମାନେ ଜୟଦେବବିହାର ଛକଠାରୁ ୧୨୦ ବାଟାଲିୟନ, ପାୱାର ହାଉସ, ରାଜଭବନ ଛକ, ଏଜି ଛକ ଆଦି ସ୍ଥାନ ପରିଦର୍ଶନ କରିଛନ୍ତି। ରାସ୍ତାରେ କେବୁଲ ଝୁଲିବା, ଅଳିଆ ଆବର୍ଜନା ପଡିବା, ରାସ୍ତାର ମରାମତି ସହ ସୌନ୍ଦର୍ଯ୍ୟକରଣ କାର୍ଯ୍ୟର ତଦାରଖ କରିଛନ୍ତି। ଏହି ଅବସରରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉପସ୍ଥିତ ରହି ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଏଥିସହ ବାକି ରହିଥିବା କାର୍ଯ୍ୟଗୁଡ଼ିକ ନିର୍ଦ୍ଧାରିତ ସମୟ ମଧ୍ୟରେ ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି।






ଭଞ୍ଜକଳା ମଣ୍ଡପଠାରେ ବୁଧବାର ଅନୁଷ୍ଠିତ ଦେବଦାସୀ ରାଷ୍ଟ୍ରୀୟ ନୃତ୍ୟ ସମାରୋହ ଓ ଦେବଦାସୀ ରାଷ୍ଟ୍ରୀୟ ସମ୍ମାନ ପ୍ରଦାନ ଉତ୍ସବରେ ଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ୧୫ଜଣଙ୍କୁ 'ଦେବଦାସୀ ରାଷ୍ଟ୍ରୀୟ ସମ୍ମାନ'

### ଦେବଦାସୀ ରାଷ୍ଟ୍ରୀୟ ନୃତ୍ୟ ସମାରୋହ

ଭୁବନେଶ୍ୱର,୨୧।୧୨(ବ୍ୟୁରୋ)

ଦେବଦାସୀ ନୃତ୍ୟମନ୍ଦିର ଦ୍ୱାରା ଆୟୋଜିତ ୧୬ଶ ଦେବଦାସୀ ରାଷ୍ଟ୍ରୀୟ ନୃତ୍ୟ ସମାରୋହ ଓ ଦେବଦାସୀ ରାଷ୍ଟ୍ରୀୟ ସମ୍ମାନ ପ୍ରଦାନ ଉତ୍ସବ ବୁଧବାର ଭଞ୍ଜକଳା ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଜଗବନ୍ଧୁ ଜେନାଙ୍କ ପୌରାହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଶଶୀଭୁଷଣ ବେହେରା, ପୂର୍ବତନ ଏମ୍ପି ପ୍ରସନ୍ନ ପାଟଶାଣୀ, ଓଟିଡିସି ଅଧ୍ୟକ୍ଷ ଲେନିନ ମହାନ୍ତି, ଓଡିଶୀ ନୃତ୍ୟଗୁରୁ ପଦ୍ମଶ୍ରୀ ସୁଜାତା ମହାପାତ୍ର, ଓଡିଶା ଅଭିଭାବକ ମହାସଂଘ ଅଧ୍ୟକ୍ଷ ବାସୁଦେବ ଭଟ୍ଟ, ସହ ଅଧ୍ୟକ୍ଷ ପ୍ରସନ୍ନ ବିଷୋୟୀ ଓ ପୂର୍ବତନ ଶିଶୁ ଅଧିକାର ସୁରକ୍ଷା କମିଶନ ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ ଯୋଗଦେଇଥିଲେ। ଏହି ଅବସରରେ ୧୫ଜଣଙ୍କୁ 'ଦେବଦାସୀ ରାଷ୍ଟ୍ରୀୟ ସମ୍ମାନ' ପ୍ରଦାନ କରାଯାଇଥିଲା। ସେମାନେ ହେଲେ ଓଡିଶୀ ନୃତ୍ୟଗୁରୁ ଗୋବିନ୍ଦ ଚନ୍ଦ୍ର ପାଳ, ବମ୍ବେର ଭାରତ ନାଟ୍ୟମ୍ ଗୁରୁ ଦୀପକ ଆର୍ ମଜୁମଦାର, କଥକ ଗୁରୁ ଅସୀମ ବନ୍ଧୁ ଭଟ୍ଟାଚାର୍ଯ୍ୟ, କୁଚିପୁଡ଼ି ନୃତ୍ୟ ଗୁରୁ କେ. ଭି. ଲକ୍ଷ୍ମୀ ଗାରୁ, ମଣିପୁରୀ ନୃତ୍ୟ ଗୁରୁ ଆଖମ ଲକ୍ଷ୍ମୀ ଦେବୀ, ମୋହିନୀ ଆଟମ୍ ଗୁରୁ ଐଶ୍ୱର୍ଯ୍ୟା ବାରିଆର, ଆସାମୀ ସତ୍ରିଆ ନୃତ୍ୟ ଗୁରୁ ଡ୍ରିମ୍ପି ଗୋଗୋଇ, ଭାରତ ନାଟ୍ୟମ ଗୁରୁ ଡ଼. ମନୀଷା ଦେବୀ ଗୋସ୍ୱାମୀ, କୁଚିପୁଡ଼ି ଗୁରୁ କିରଣମୟୀ ବୋନଲା, ସାଥୀୟା ନୃତ୍ୟରେ ଡିମ୍ପି ବୈଶ୍ୟ, ଆମେରିକାର ଓଡିଶୀ ନୃତ୍ୟ ଗୁରୁ ଲିସା ସନ୍ଥମ୍, ଓଡିଶୀରେ ଦେବୋଲିନା ଦତ୍ତ, ଶ୍ରଦ୍ଧା ରଥ, ସୁଜାତା ନାୟକ ଓ ମନୋସ୍ମିତା। ଦେଶର ବିଭିନ୍ନ ଅଞ୍ଚଳରୁ ପ୍ରତିଷ୍ଠିତ ନୃତ୍ୟଶିଳ୍ପୀମାନେ ଓଡିଶୀ, ଭାରତ ନାଟ୍ୟମ, କଥକ, କୁଚିପୁଡ଼ି, ମଣିପୁରୀ ଓ ଶାସ୍ତ୍ରୀୟ ନୃତ୍ୟ ପରିବେଷଣ କରି ଦର୍ଶକଙ୍କୁ ବିମୋହିତ କରିଥିଲେ। ପ୍ରାୟ ୩୦ଜଣ ନବ ପ୍ରତିଭା ନୃତ୍ୟ ପରିବେଷଣ କରିଥିଲେ। ଓଡିଶୀ ନୃତ୍ୟ ଗୁରୁ ଦେବମିତା ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ମନମୋହିଲା ମନୋରଞ୍ଜନ ଦାସ ଏକାଙ୍କିକା ଉତ୍ସବ



ନାଟ୍ୟାୟନ 'ମନୋରଞ୍ଜନ ଦାସ ଏକାଙ୍କିକା ଉତ୍ସବ' ର ଏକ ଦୃଶ୍ୟ।

ଭୁବନେଶ୍ୱର,୨୧।୧୨(ବ୍ୟୁରୋ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ନାଟକ ବିଭାଗ ଦ୍ୱାରା ବୁଧବାର ନାଟ୍ୟାୟନର 'ମନୋରଞ୍ଜନ ଦାସ ଏକାଙ୍କିକା ଉତ୍ସବ' ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ନବନାଟ୍ୟ ଆନ୍ଦୋଳନର ମୁଖ୍ୟ ପୁରୋଧା ମନୋରଞ୍ଜନ ଦାସଙ୍କ ୫ଟି ଏକାଙ୍କିକା ଦେଖିବାକୁ ମିଳିଥିଲା। ଏହି ଅବସରରେ ଅତିଥି ଭାବେ ବିଭାଗୀୟ ନିର୍ଦ୍ଦେଶକ ରଞ୍ଜନ ଦାସ, ମହାବିଦ୍ୟାଳୟର ଅଧ୍ୟକ୍ଷ ବିଜୟ କୁମାର ଜେନା ପ୍ରମୁଖ ଯୋଗଦେଇଥିଲେ। ଏଥିସହ ନାଟ୍ୟ ନିର୍ଦ୍ଦେଶକ ମନୋଜ କୁମାର ପଟ୍ଟନାୟକ, ଓଡ଼ିଶୀ ଓ ଗୋଟିପୁଅ ନୃତ୍ୟଗୁରୁ ଗୋବିନ୍ଦ ଚନ୍ଦ୍ର ପାଳ, ରୂପକ କୁମାର ପରିଡ଼ା, ନୃତ୍ୟଗୁରୁ ପ୍ରଭାତ ସ୍ୱାଇଁ ମଧ୍ୟ ଉପସ୍ଥିତ ଥିଲେ। 'ସନ୍ଧାନ' ନାଟକରୁ ସନ୍ଧ୍ୟାର କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପରେ 'ପ୍ରତିମା', 'ନାରୀ', 'ପ୍ରେମ ଓ ଅର୍ଥ' ଏବଂ 'ଆଗନ୍ତୁକ' ପ୍ରଦର୍ଶିତ ହୋଇଥିଲା। ଅଳ୍ପ ସମୟ ବ୍ୟବଧାନରେ ପ୍ରସ୍ତୁତ ଏହି ନାଟକ ଉପସ୍ଥିତ ଦର୍ଶକଙ୍କ ମନ ମୋହିଥିଲା। ସିଦ୍ଧାନ୍ତ, ବିଜୟ, କାଜଲ, ଅଭିଜିତ୍, ଫିରୋଜ, ଶିପ୍ରା, ସରିତା, ସୌମ୍ୟରଞ୍ଜନ, ଶୁଭଙ୍କର, ବର୍ଷା, ଅବନ୍ତୀ ପ୍ରମୁଖ ଅଭିନୟ କରିଥିଲେ।

# ପ୍ରାଥମିକ ଶିକ୍ଷକଙ୍କ ଦାବିକୁ ନେଇ ସମୀକ୍ଷା ବୈଠକ

ଭୁବନେଶ୍ୱର, ୨୧।୧୨(ବ୍ୟୁରୋ)

ରାଜ୍ୟରେ ସରକାରୀ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ କାର୍ଯ୍ୟରତ ବିଭିନ୍ନ ବର୍ଗର ଶିକ୍ଷକଙ୍କ କେତେକ ଦାବି ସମ୍ପର୍କରେ ବୁଧବାର ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପ୍ରମୁଖ ଶାସନ ସଚିବ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଅଂଶଗ୍ରହଣ କରିଥିଲେ। ସମୀକ୍ଷା ବୈଠକରେ ଶିକ୍ଷକଙ୍କ ବିଭିନ୍ନ ଦାବି ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଏହି ପ୍ରସଙ୍ଗରେ ଖୁବ୍ଶୀଘ୍ର ସମ୍ପୃକ୍ତ ଶିକ୍ଷକ ସଂଘ କର୍ମକର୍ତ୍ତାଙ୍କ ସହିତ ଆଲୋଚନା କରାଯାଇ ଦାବିଗୁଡ଼ିକ ସଂକ୍ରାନ୍ତରେ ଆବଶ୍ୟକ ପ୍ରସ୍ତାବ ସରକାରଙ୍କ ନିକଟରେ ରଖିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି।

# ଅଚିହ୍ନା ଶବ ସତ୍କାର କଲା 'ଓଡ଼ିଶା ମୋ ପରିବାର'

ଭୁବନେଶ୍ୱର,୨୧।୧୨(ବ୍ୟୁରୋ)

'ଓଡ଼ିଶା ମୋ ପରିବାର' ପକ୍ଷରୁ କ୍ୟାପିଟାଲ ହସ୍ପିଟାଲର ଶବ ସଂରକ୍ଷଣ ଗୃହରୁ ଏକ ଅଚିହ୍ନା ମହିଳାଙ୍କ ମୃତଦେହକୁ ସତ୍ୟନଗର ଶ୍ମଶାନରେ ସତ୍କାର କରାଯାଇଛି। କଳାରାହାଙ୍ଗ ଲେଭଲ କ୍ରସିଂ ନିକଟରୁ ଉକ୍ତ ମୃତଦେହ ମିଳିଥିଲା। ପୋଲିସ ସହାୟତାରେ ମୃତଦେହକୁ କ୍ୟାପିଟାଲ ହସ୍ପିଟାଲକୁ ପ୍ରଥମେ ବ୍ୟବଚ୍ଛେଦ ପାଇଁ ନିଆଯାଇଥିଲା। ପରେ ଓଡ଼ିଶା ମୋ ପରିବାର ଯୁଗ୍ମ ସମ୍ପାଦକ ରୁଦ୍ର ନାରାୟଣ ସାମନ୍ତରାୟ ଓ ଆବାହକ ଅରୂପ ପଟନାୟକଙ୍କ ଉଦ୍ୟମରେ ଜୟ ଓଡ଼ିଶାର ଶବ ପରିବହନ ଯାନ 'ଶେଷ ସାଥୀ' ରେ ମୃତଦେହକୁ ସତ୍ୟନଗର ଶ୍ମଶାନକୁ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

# ଚମ୍ପେଶ୍ୱର ମନ୍ଦିରରୁ ୨ ଅଷ୍ଟଧାତୁ, ରୁପା ସାମଗ୍ରୀ ଚୋରି



ବାଲିଅନ୍ତା,୨୧।୧୨(ଡି.ଏନ୍.ଏ.)

ବାଲିଅନ୍ତା ବ୍ଲକ କାକରୁଦ୍ରପୁର ପଞ୍ଚାୟତ ଅଧୀନ ସଠିଲୋ ଗ୍ରାମର ଆରାଧ୍ୟଦେବତା ଶ୍ରୀ ଚମ୍ପେଶ୍ୱର ମନ୍ଦିରରୁ ମଙ୍ଗଳବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ମନ୍ଦିରର ଦକ୍ଷିଣଦ୍ୱାର କବାଟକୁ ଶାବଳରେ ତାଡ଼ି ଗର୍ଭଗୃହର ଆସ୍ଥାନରେ ପୂଜା ପାଉଥିବା ଚଳନ୍ତି ପ୍ରତିମା ଓ ରୁପା ସାମଗ୍ରୀକୁ ଚୋରି କରି ନେଇଛନ୍ତି। ମୂଲ୍ୟବାନ୍ ଅଷ୍ଟଧାତୁରେ ନିର୍ମିତ ପ୍ରଭୁ ଚନ୍ଦ୍ରଶେଖର ଓ ପାର୍ବତୀଙ୍କ ବିଗ୍ରହକୁ ଦୁର୍ବୃତ୍ତମାନେ ନେଇ ପଳାଇଛନ୍ତି। ଚୋରି ହୋଇଥିବା ଚନ୍ଦ୍ରଶେଖରଙ୍କ ମୂର୍ତ୍ତିର ଉଚ୍ଚତା ପ୍ରାୟ ଦେଢ଼ ଫୁଟ ଏବଂ ପାର୍ବତୀଙ୍କ ପ୍ରାୟ ୧ ଫୁଟ ହେବ। ଏହି ପ୍ରାଚୀନ ମୂର୍ତ୍ତିର ଓଜନ ୧୦ କିଲୋ ହେବ ବୋଲି କୁହାଯାଇଛି। ଏହାସହିତ ଚନ୍ଦ୍ରଶେଖରଙ୍କ ମୂର୍ତ୍ତିକୁ ଶୋଭା ପାଉଥିବା ରୁପା ଅର୍ଦ୍ଧଚନ୍ଦ୍ର ଓ ଛତ୍ରୀକୁ ମଧ୍ୟ ଦୁର୍ବୃତ୍ତମାନେ ଚୋରି କରି ନେଇଛନ୍ତି। ବୁଧବାର ଭୋର ସମୟରେ ପୂଜକ ନୀଳକଣ୍ଠ ପଣ୍ଡା ମନ୍ଦିରକୁ ପୂଜା କରିବାକୁ ଆସି ଦକ୍ଷିଣ ଦ୍ୱାର କବାଟ ଭଙ୍ଗା ଯାଇଥିବା ଦେଖିବାକୁ ପାଇଥିଲେ। ତତ୍କ୍ଷଣାତ୍ ସେ ସ୍ଥାନୀୟ ଗ୍ରାମବାସୀଙ୍କୁ ଏ ବିଷୟରେ ଜଣାଇଥିଲେ। ପରେ ଆସ୍ଥାନରେ ପୂଜା ପାଉଥିବା ପୁରାତନ ଚନ୍ଦ୍ରଶେଖର ଓ ପାର୍ବତୀଙ୍କ ଅଷ୍ଟଧାତୁ ମୂର୍ତ୍ତି ନ ଥିବା ଦେଖିଥିଲେ। ଏନେଇ ପୂଜକ ବାଲିଅନ୍ତା ଥାନାରେ ଜଣାଇଥିଲେ। ବାଲିଅନ୍ତା ପୋଲିସ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଚଳାଇଛି। ତେବେ କିଛି ମାସ ବ୍ୟବଧାନରେ ଉକ୍ତ ଥାନା ଅଞ୍ଚଳର ମୂର୍ତ୍ତି ଚୋରି ହେବା ପଛରେ ଏକ ରାକେଟ୍ କାମ କରୁଥିବା ସାଧାରଣରେ ଚର୍ଚ୍ଚା ହେଉଛି।

# ନାଚ, ଖେଳ ମାଧ୍ୟମରେ ପ୍ରତିବାଦ

ଭୁବନେଶ୍ୱର,୨୧।୧୨(ବ୍ୟୁରୋ)

ଓଡ଼ିଶା କଳା ଓ କ୍ରୀଡ଼ା ଶିକ୍ଷକ ମହାସଂଘ ବିଭିନ୍ନ ଦାବି ନେଇ ୧୭ଦିନ ହେଲା ଲୋୟର ପିଏମ୍ଜିରେ ପ୍ରତିବାଦ ପ୍ରଦର୍ଶନ କରୁଛି। ରାଜ୍ୟର ସମସ୍ତ ଜିଲାରୁ ଆସିଥିବା ଓଡ଼ିଶା କଳା ଓ କ୍ରୀଡ଼ା ପ୍ରଶିକ୍ଷକ ପ୍ରଶିକ୍ଷିକାମାନେ ବୁଧବାର ସମ୍ବଲପୁରୀ ନୃତ୍ୟ, ଖୋଖୋ ଖେଳି ଏବଂ ଢୋଲ ବଜାଇ ଅଭିନବ ଉପାୟରେ ରାଜ୍ୟ ସରକାରଙ୍କ ନିକଟରେ ନିଜର ଦାବି ଉପସ୍ଥାପନ କରିଛନ୍ତି। ପ୍ରାୟ ୯ବର୍ଷ ଧରି ଓଡ଼ିଶା କଳା ଓ କ୍ରୀଡ଼ା ଶିକ୍ଷକ ମହାସଂଘ ସ୍ଥାୟୀ ନିଯୁକ୍ତି ପ୍ରସ୍ତାବକୁ ସରକାରଙ୍କୁ ଅବଗତ କରାଇ ଆସୁଥିଲେ ମଧ୍ୟ ସରକାର କର୍ଣ୍ଣପାତ କରିନାହାନ୍ତି। ଚଳିତବର୍ଷ ବିଧାନସଭା ଅଧିବେଶନ ଆରମ୍ଭରୁ ମହାସଂଘ ଧାରଣା ଜାରି ରଖିଥିଲେ ମଧ୍ୟ ରାଜ୍ୟ ସରକାରଙ୍କ ଉଦାସୀନତା ମନୋଭାବ କଳା ଓ କ୍ରୀଡ଼ା ପ୍ରଶିକ୍ଷକମାନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିବାରେ ଲାଗିଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରିରହିବ ବୋଲି ମହାସଂଘର ଆବାହକ ଧର୍ମେନ୍ଦ୍ର ପଣ୍ଡା, ଜଗଜ୍ଜୀବନ ନାୟକ ଓ ଦେବବ୍ରତ ପଟ୍ଟନାୟକ, ସଂଯୋଜକ ଆଶୁତୋଷ ଶତପଥି, ବିଜନ ଦାସ ପ୍ରମୁଖ ଚେତାବନୀ ଦେଇଛନ୍ତି।

# ରାଜ୍ୟ ସଂସ୍କୃତି ବିଭାଗ ତଦନ୍ତ କରୁ : ପାଇକ ମହାସଂଘ

### ଜାତୀୟ ପରେଡରୁ ପ୍ରଜ୍ଞାପନ ମେଢ଼ ବାଦ୍ ପ୍ରସଙ୍ଗ

ଭୁବନେଶ୍ୱର,୨୧।୧୨(ବ୍ୟୁରୋ)

ଚଳିତବର୍ଷ ମଧ୍ୟ ଓଡ଼ିଶାର ପ୍ରଜ୍ଞାପନ ମେଢ଼କୁ ବାଦ୍ ଦିଆଯାଇଛି। ଆଗାମୀ ସାଧାରଣତନ୍ତ୍ର ଦିବସରେ ଦିଲ୍ଲୀର ଜାତୀୟ ରାଜପଥରେ ହେବାକୁ ଥିବା ପରେଡରେ ଦେଖିବାକୁ ମିଳିବନି ଓଡିଶାର ମେଢ଼। କେଉଁ ଆଧାରରେ ଗତ ୩ବର୍ଷ ଧରି ଏହାକୁ ବାଦ୍ ଦିଆଯାଉଛି ବୋଲି ନିଖିଳ ଓଡ଼ିଶା ପାଇକ ମହାସଂଘ ପ୍ରଶ୍ନ ଉଠାଇଛି। ଏନେଇ ମହାସଂଘ ପକ୍ଷରୁ ସ୍ଥାନୀୟ ସୂଚନା ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମହାସଂଘର ରାଜ୍ୟ ସଭାପତି ଅଶୋକ ପାଲଟାସିଂ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି, ଓଡ଼ିଶାର କଳା ଓ ସଂସ୍କୃତିକୁ କେନ୍ଦ୍ର ସରକାର ଅବହେଳା, ହୀନମନ୍ୟତା କରିଥିବାରୁ ମହାସଂଘ ଏହାର ତୀବ୍ର ନିନ୍ଦା କରୁଛି। କଳାର ଚାତୁରୀ ପାଇଁ ଏ ରାଜ୍ୟ ଉତ୍କଳ। ଚୟନକର୍ତ୍ତାମାନେ କେଉଁ ଆଧାରରେ ଏହାକୁ ବାଦ୍ ଦେଉଛନ୍ତି। ହୀନ ରାଜନୈତିକ ଅଭିସନ୍ଧି ରଖି ଏହା କରାଯାଉଥିବା ସେ ଅଭିଯୋଗ କରିନ୍ତି। ରାଜ୍ୟ ସଂସ୍କୃତି ବିଭାଗ ଏହା ଉପରେ ତଦନ୍ତ କରିବାକୁ ପାଇକ ମହାସଂଘ ଦାବି କରିଛି। ଚଳିତବର୍ଷ 'ପାଇକ ଆଖଡ଼ା' ଓ ଦେଶ ସ୍ୱାଧୀନତାରେ ଶହୀଦ ହୋଇଥିବା ଓଡ଼ିଶାର ମହାନ୍ ଜନ ନାୟକଙ୍କୁ ନେଇ ପ୍ରଜ୍ଞାପନ ମେଢ ପ୍ରସ୍ତୁତ କରିବାକୁ ରାଜ୍ୟ ସରକାରଙ୍କୁ ମହାସଂଘ ପ୍ରସ୍ତାବ ଦେଇଥିଲା। ରାଜ୍ୟ ସରକାର ଏହା ଉପରେ ପଦକ୍ଷେପ ନେଲେନାହିଁ। କେନ୍ଦ୍ର ସରକାରଙ୍କ ସଂସ୍କୃତି ବିଭାଗ ବାରମ୍ବାର ଓଡ଼ିଶା ପ୍ରତି ଚରମ ଅବହେଳା ପ୍ରଦର୍ଶନ କରି ଚାଲିଛନ୍ତି। ଭାରତବର୍ଷର ପ୍ରଥମ ସ୍ୱାଧୀନତା ସଂଗ୍ରାମ 'ପାଇକ ବିଦ୍ରୋହ'କୁ ବର୍ତ୍ତମାନ ସୁଦ୍ଧା କେନ୍ଦ୍ର ସରକାର ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ପ୍ରଦାନ ନ କରିବା ଏକ ବିଡ଼ମ୍ବନାର ବିଷୟ। କେନ୍ଦ୍ର ସରକାର ବାରମ୍ବାର ଏପରି ହୀନ ରାଜନୀତି କରୁଥିବାରୁ ମହାସଂଘ କର୍ମକର୍ତ୍ତାମାନେ ତୀବ୍ର ବିରୋଧ କରିବା ସହିତ ଆଗାମୀ ଦିନରେ କେନ୍ଦ୍ରକୁ କଡ଼ା ଜବାବ ଦେବାକୁ ଚେତାବନୀ ଦେଇଛି।

# ବିଷ ପିଇ ବୃଦ୍ଧାଙ୍କ ଆତ୍ମହତ୍ୟା

ଗମ୍ଭାରିମୁଣ୍ଡା/ବାଣପୁର, ୨୧।୧୨(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ବାଣପୁର ଥାନା ବିଂଝଳା ଗ୍ରାମରେ ଜଣେ ବୃଦ୍ଧା ବୁଧବାର ବିଷ ପିଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ସେ ହେଲେ ଉକ୍ତ ଗ୍ରାମର ଗୋଲି ଭାରିମଲ୍ଲ (୭୦)। ଏ ନେଇ ପୋଲିସ ଏକ ମାମଲା(ନଂ.୩୬/୨୨) ରୁଜୁ କରି ତଦନ୍ତ ଚଳାଇଛି। ଗୋଲି ବୁଧବାର ମଧ୍ୟାହ୍ନରେ ଦୀର୍ଘ ସମୟ ପର୍ଯ୍ୟନ୍ତ କବାଟ ବନ୍ଦ କରି ରହିବାରୁ ପରିବାର ଲୋକ ସନ୍ଦେହ କରିଥିଲେ। ସେ ଅଚେତ ଅବସ୍ଥାରେ ତଳେ ପଡ଼ିବା ସହ ପାଖରେ ବିଷ ବୋତଲ ଥିବା ଝରକାରେ ଦେଖିଥିଲେ। ପରେ ତାଙ୍କୁ ମେଡିକାଲ ନେଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।




ଭୁବନେଶ୍ୱର ସୂଚନା ଭବନରେ ବୁଧବାର ଆୟୋଜିତ ସାରସ୍ୱତ ସମାରୋହରେ ଡ. କାଶୀନାଥ ନାୟକଙ୍କ ପୁସ୍ତକ 'ମାଇଁ ଭିଲେଜ ଲାଇଫ୍ ଆଣ୍ଡ ବେୟଣ୍ଡ'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

# ସାହିତ୍ୟ, ଇତିହାସ ପରସ୍ପର ପରିପୂରକ

### 'ଶାଳଭଞ୍ଜିକା' ଲୋକାର୍ପିତ

ଭୁବନେଶ୍ୱର,୨୧।୧୨(ବ୍ୟୁରୋ)

ଖାରବେଳଙ୍କ ତଥ୍ୟରଞ୍ଜିତ କଳିଙ୍ଗ କାହାଣୀ ଉପନ୍ୟାସ ଭାବରେ 'ଶାଳଭଞ୍ଜିକା' ବୁଧବାର ସ୍ଥାନୀୟ ଏକ ହୋଟେଲରେ ଉନ୍ମୋଚିତ ହୋଇଯାଇଛି। ଏହି ଇଂଲିଶ ଉପନ୍ୟାସଟି ଡ. ଇନ୍ଦ୍ରମଣି ଜେନାଙ୍କ ଓଡ଼ିଆ ଉପନ୍ୟାସ 'ନିଶାର୍ଦ୍ଧ ଶାଳଭଞ୍ଜିକା'ର ରୂପାନ୍ତର। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବ୍ୟୋମକେଶ ତ୍ରିପାଠୀ ଯୋଗଦେଇ କହିଲେ, ଇତିହାସ ସମସ୍ତଙ୍କର। ସାହିତ୍ୟ ଓ ଇତିହାସ ପରସ୍ପର ପରିପୂରକ। ଖାରବେଳ ଜଣେ ଦିଗ୍ବିଜୟୀ ଶାସକ ଥିଲେ, କିନ୍ତୁ ଭାରତ ଏବଂ ଓଡ଼ିଶା ଇତିହାସରେ ତାଙ୍କୁ ଯେଭଳି ଗୁରୁତ୍ୱ ଦିଆଯିବା କଥା ଦିଆଯାଇ ନାହିଁ। ଖାରବେଳଙ୍କ ଉପରେ ଅଧିକରୁ ଅଧିକ ଲେଖାହେଲେ ଓ ତାଙ୍କୁ ନେଇ ଗର୍ବ କଲେ ତାଙ୍କ ଗୁରୁତ୍ୱ ରହିବ। ମୁଖ୍ୟବକ୍ତା ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ଡ. ଅଶୋକ କୁମାର ପଟ୍ଟନାୟକ କହିଲେ, ଏହି ପୁସ୍ତକ ଏକ ପ୍ରାମାଣିକ ଇତିହାସ। ଖାରବେଳଙ୍କୁ ଦେଶ ବାହାରେ ପହଞ୍ଚାଇବାରେ ଲେଖକଙ୍କ ଉଦ୍ୟମ ପ୍ରଶଂସନୀୟ। ସମ୍ମାନିତ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ଇଂଲିଶ ବିଭାଗର ପୂର୍ବତନ ପ୍ରଫେସର ଡ. ଯତୀନ କୁମାର ନାୟକ କହିଲେ, ଅତୀତ କେବେ ମାରେନି। ଅତୀତ ହିଁ ବାସ୍ତବତା। ଅତୀତ ବିଷୟରେ ଲେଖିବା ଏକ ଆହ୍ୱାନ। କଥାକାର ଡ. ଗୌରହରି ଦାସ ଓ ପ୍ରକାଶନ ସଂସ୍ଥାର ଅଶୋକ ପରିଡ଼ା ଉପସ୍ଥିତି ଥିଲେ। ଆମେରିକାର ବ୍ଲାକ ଇଗଲ୍ ବୁକ ଦ୍ୱାରା ପ୍ରକାଶିତ ହୋଇ ଏହି ପୁସ୍ତକ ଅନ୍ୟ ରାଷ୍ଟ୍ରରେ ଉପଲବ୍ଧ ହୋଇଛି। ରାଜୁ ସାମଲ ଏହାର ସମ୍ପାଦନା କରିଛନ୍ତି। ଡ. ପ୍ରେରଣା ବିଶାଳ ଅତିଥି ପରିଚୟ ଓ ସୋମନାଥ ପ୍ରସାଦ ଜେନା ଧନ୍ୟବାଦ ଦେଇଥିଲେ।

**ଓଡ଼ିଆ ଗୀତିକବି ସମାଜର ନୂତନ କର୍ମକର୍ତ୍ତା ମନୋନୀତ**

**କଟକ ଅଫିସ:** ଓଡ଼ିଆ ଗୀତିକବି ସମାଜର ୩୦ତମ ବାର୍ଷିକ ଉତ୍ସବ କଟକ ଶ୍ରୀରାମଚନ୍ଦ୍ର ଭବନରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ଅନୁଷ୍ଠାନର ନୂତନ କର୍ମକର୍ତ୍ତାଙ୍କୁ ମନୋନୀତ କରାଯାଇଥିଲା। ଏଥିରେ ସଭାପତି ଭାବେ ଗୌର ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ପୀତାମ୍ବର ମିଶ୍ର, ଉପସଭାପତି ମନୋଜ ମହାନ୍ତି ଏବଂ ଡ. କିଶୋର ମହାନ୍ତି, ସାଧାରଣ ସମ୍ପାଦକ ପ୍ରେମଚାନ୍ଦ ମହାନ୍ତି, ଯୁଗ୍ମ ସମ୍ପାଦକ ରାଜା ଅର୍ଦ୍ଧେନ୍ଦୁ ଶେଖର ମହାନ୍ତି, କୋଷାଧ୍ୟକ୍ଷ ଭାବେ ସନ୍ଧ୍ୟାରାଣୀ ମିତ୍ର ମନୋନୀତ ହୋଇଥିଲେ। ସେହିପରି ଦେବେନ୍ଦ୍ର ଦାସ, ନନ୍ଦକିଶୋର ସିଂ, ଗୌରହରି ଦଳାଇ, ଡା. ଅନ୍ତର୍ଯ୍ୟାମୀ ମିଶ୍ର, ଡ. ରବି ନାରାୟଣ ସେନାପତି, ଲିଙ୍ଗରାଜ ରଥ, ମନୋଜ ପଟ୍ଟନାୟକ ଏବଂ ଡ. ବିଜୟାନନ୍ଦ ସିଂ ଉପଦେଷ୍ଟା ଭାବେ ମନୋନୀତ ହୋଇଥିଲେ। ପ୍ରଭାତ କୁମାର ନନ୍ଦ ଉତ୍ସବ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ମାଞ୍ଜାସୂତାରେ କଟି ୨ ବାଇକ୍ ଆରୋହୀ ଗୁରୁତର

**ଖୁଣ୍ଟୁଣୀ,୨୧।୧୨(ଡି.ଏନ୍.ଏ.):** ୫୫ନଂ. ଜାତୀୟ ରାଜପଥର ଖୁଣ୍ଟୁଣୀ ବଜାର ନିକଟରେ ବୁଧବାର ଅପରାହ୍ନ ସାଢେ ୩ଟାରେ ମାଞ୍ଜାସୂତାରେ କଟି ୨ଜଣ ବାଇକ ଆରୋହୀ ଗୁରୁତର ହୋଇଛନ୍ତି। ସେମାନେ ହେଲେ କଟକର ମେଡିସିନ ରିପ୍ରେଜେଣ୍ଟେଟିଭ୍ ପ୍ରଭାତ ପୃଷ୍ଟି ଓ ଖୁଣ୍ଟୁଣୀ ଥାନା ଅଧୀନ ଅନନ୍ତପୁର ଗ୍ରାମର ସୁଶାନ୍ତ ଦେହୁରୀ। ପ୍ରଭାତ ବାଇକ୍‌ରେ ଢେଙ୍କାନାଳରୁ କାମ ସାରି କଟକ ଯାଉଥିଲେ। ସେହିପରି ସୁଶାନ୍ତ ଅନନ୍ତପୁର ଗ୍ରାମରୁ ଖୁଣ୍ଟୁଣୀ ବଜାରକୁ ବାଇକ୍‌ରେ ଆସୁଥିଲେ। ଏହି ସମୟରେ ରାସ୍ତା ଉପରେ ଝୁଲି ରହିଥିବା ଗୁଡି ମାଞ୍ଜାସୂତା ସଂସ୍ପର୍ଶରେ ଆସିବାରୁ ପ୍ରଭାତଙ୍କ ନାକ ଓ ବେକ ଏବଂ ସୁଶାନ୍ତଙ୍କ ବେକ କଟି ଯାଇଥିଲା। ସେମାନଙ୍କୁ ଆଠଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନାଯୋଗ୍ୟ, ମାଞ୍ଜାସୂତାରେ ଗୁଡ଼ି ଉଡାଇବା ପାଇଁ ପ୍ରଶାସନ ପକ୍ଷରୁ ନିଷେଧ କରାଯାଇଛି। ହେଲେ ଏହାକୁ ବେଖାତିର କରି ଖୁଣ୍ଟୁଣୀ ଅଞ୍ଚଳରେ ପିଲା ଓ ଯୁବକମାନେ ମାଞ୍ଜାସୂତାରେ ଗୁଡି ଉଡାଉଛନ୍ତି। ଫଳରେ ଏଭଳି ଅଘଟଣ ଘଟିଛି। ଏଥିପ୍ରତି ଖୁଣ୍ଟୁଣୀ ପୋଲିସ ଦୃଷ୍ଟି ଦେଇ ମାଞ୍ଜାସୂତା ବ୍ୟବହାର ଉପରେ ରୋକ୍ ଲଗାଇବା ପାଇଁ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ଦାବି କରିଛନ୍ତି।

### ଗାଡ଼ି ଧକ୍କାରେ ଯୁବକ ମୃତ

**ଟାଙ୍ଗୀ(କଟକ), ୨୧।୧୨ (ଡି.ଏନ୍.ଏ.):** ଟାଙ୍ଗୀ ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥର ବନ୍ଧାଳ ନିକଟରେ ବୁଧବାର ଗାଡ଼ି ଧକ୍କାରେ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଅନ୍ୟଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଟାଙ୍ଗୀ ଥାନା ଅଧୀନ କୋଟସାହି ପଞ୍ଚାୟତ କନ୍ଦରକଣା ଗ୍ରାମର ପ୍ରତାପ ମଲ୍ଲିକ ଓ ଗୁରୁତର ହେଲେ ପ୍ରଦୀପ ଭୂୟାଁ। ଉଭୟ ସ୍ଥାନୀୟ କାରଖାନାରୁ କାମ ସାରି ଏକ ବାଇକ୍‌ରେ ଘରକୁ ଫେରୁଥିବାବେଳେ ବନ୍ଧାଳ ନିକଟରେ ପଛରୁ ଦ୍ରୁତଗତିରେ ଆସୁଥିବା ଏକ ଗାଡି ସେମାନଙ୍କୁ ଧକ୍କା ଦେଇଥିଲା। ପ୍ରଦୀପ ରାସ୍ତା ପାର୍ଶ୍ୱକୁ ଛିଟିକି ପଡି ଗୁରୁତର ହୋଇଥିଲେ। ହେଲେ ପ୍ରତାପଙ୍କ ଉପରେ ଗାଡ଼ି ଚକା ଚଢ଼ିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଟାଙ୍ଗୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଚିକିତ୍ସା ଓ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇ ତଦନ୍ତ ଜାରି ରଖିଛି।

### ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ର କର୍ମଚାରୀ ସଂଘର ବାର୍ଷିକୋତ୍ସବ

**କଟକ ଅଫିସ, ୨୧।୧୨:** ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ ରୋଗ ଓ ଗବେଷଣା କେନ୍ଦ୍ର କର୍ମଚାରୀ ସଂଘର ବାର୍ଷିକୋତ୍ସବ ମଙ୍ଗଳାବାଗସ୍ଥିତ ସଂଘର ସମ୍ମିଳନୀ କକ୍ଷରେ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ସଂଘ ସଭାପତି ବସନ୍ତ କୁମାର ସାହୁ ଅଧକ୍ଷତା କରି କହିଥିଲେ, କର୍ମଚାରୀମାନଙ୍କ ସମସ୍ୟାକୁ ସମାଧାନ କରାଯାଉ ନାହିଁ। କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ସମାଧାନ ସହ ପେନ୍‌ସନ୍ ଲାଗୁ କରିବା ପାଇଁ ବିଭାଗୀୟ ମନ୍ତ୍ରୀ ଓ ସଚିବଙ୍କୁ ଦାବିପତ୍ର ପ୍ରଦାନ କରାଯିବ ବୋଲି ସାହୁ କହିଥିଲେ । ଏଥିରେ କେନ୍ଦ୍ରୀୟ ରେଡ଼କ୍ରସ ରକ୍ତ ଭଣ୍ଡାର କର୍ମଚାରୀ ସଂଘ ସାଧାରଣ ସମ୍ପାଦକ ରବି ନାରାୟଣ ସାହୁ, ଉପସଭାପତି ହୃଷୀକେଶ ସାହୁ, ସହ ସମ୍ପାଦକ ଆର୍.ଏନ୍. ପାତ୍ର, ଜିନାରାଣୀ ମିଶ୍ର, ବବିତା ମହାନ୍ତି, ବାସନ୍ତିଲତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସଂଘ ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ଅତିଥି ପରିଚୟ ଓ ଜ୍ୟୋତ୍ସ୍ନାରାଣୀ ସିଂ ଧନ୍ୟବାଦ ଦେଇଥିଲେ ।

### ଜିଲାସ୍ତରୀୟ ପ୍ରଶିକ୍ଷଣ ଶିବିର

**କଟକ ଅଫିସ, ୨୧।୧୨:** ଖାନ୍‌ନଗର ସରକାରୀ ଉଚ୍ଚ ବିଦ୍ୟାଳୟରେ 'ଲିଙ୍ଗ ସମ୍ବେଦନଶୀଳତା ଓ ପାଠ୍ୟକ୍ରମ ସହ ସଂଯୋଗୀକରଣ' ସମ୍ପର୍କିତ ୩ ଦିନିଆ ଜିଲାସ୍ତରୀୟ ପ୍ରଶିକ୍ଷଣ ଶିବିର ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଜିଲାର ବିଭିନ୍ନ ବ୍ଲକରୁ ୩୬ ଜଣ ଶିକ୍ଷକ ଏଥିରେ ଅଂଶଗ୍ରହଣ କରିଛନ୍ତି। ଜିଲା ଶିକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ନାୟକ ଏଥିରେ ଯୋଗଦେଇ ତାଲିମ ଶିବିରର ଉପାଦେୟତା ଓ ଆବଶ୍ୟକତା ଉପରେ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ପରାମର୍ଶ ଦେଇଥିଲେ। ଅପରାହ୍ନରେ ମୋ ସ୍କୁଲ ଅଭିଯାନର ଡେପୁଟି ଡାଇରେକ୍ଟର ଅବିନାଶ ଶତପଥୀ, ରାଜ୍ୟ ଜେଣ୍ଡର କୋଅର୍ଡିନେଟର ଲହରୀ ମହାନ୍ତି, ବ୍ରେକ୍‌ଥ୍ରୁର ରାଜ୍ୟ ମୁଖ୍ୟ ରୁକ୍ମିଣୀ ପଣ୍ଡା ପ୍ରମୁଖ ପ୍ରଶିକ୍ଷାର୍ଥୀମାନଙ୍କ ସହିତ ଆଲୋଚନା କରିଥିଲେ। ଜିଲା ଜେଣ୍ଡର ସଂଯୋଜକ ମାନସୀ ଧଳ ଓ ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ଷଡ଼ଙ୍ଗୀ ଶିବିର ପରିଚାଳନା କରିଥିଲେ। ସେହିପରି ମୋ ସ୍କୁଲ ଅଭିଯାନର କୋଡ୍ କ୍ଲବ ତାଲିମ ଅନୁଷ୍ଠିତ ହୋଇଥିଲା। ଏଥିରେ ୫-ଟି ରୂପାନ୍ତରିତ ହାଇସ୍କୁଲର ୨୩ ଜଣ ଶିକ୍ଷୟିତ୍ରୀଶିକ୍ଷକ ଯୋଗଦେଇଥିଲେ।

# ଆସୁଛି ବଡ଼ଦିନ: ଜମିଲାଣି ବେପାର




କଟକ ଅଫିସ,୨୧।୧୨

ଆସନ୍ତା ୨୫ ତାରିଖରେ ବଡ଼ଦିନ। ହାତରେ ଆଉ ମାତ୍ର କେଇଟା ଦିନ। ଏହିଦିନ ପ୍ରଭୁ ଯିଶୁଖ୍ରୀଷ୍ଟଙ୍କ ଧରାବତରଣ ଉତ୍ସବ ପାଳନ ନେଇ ଖ୍ରୀଷ୍ଟ ଧର୍ମାବଲମ୍ବୀମାନଙ୍କ ମଧ୍ୟରେ ତତ୍ପରତା ପ୍ରକାଶ ପାଇଛି। ଲୋକମାନେ ବଡ଼ଦିନକୁ ଜାକଜମକରେ ପାଳନ କରିବା ଲାଗି ଏବେଠୁ ଯୋଜନା ପ୍ରସ୍ତୁତ କରିସାରିଲେଣି। ବଜାରରେ ବଡ଼ଦିନର ସାମଗ୍ରୀ ଉପଲବ୍ଧ ହେଲାଣି। ମିଶନ ରୋଡ୍, ବକ୍ସିବଜାର, ଚଣ୍ଡୀ ଛକ, କଲେଜ ଛକ ସମେତ ସହରର ବିଭିନ୍ନ ଅଞ୍ଚଳରେ ବଡ଼ଦିନ ପାଇଁ ସ୍ୱତନ୍ତ୍ର ଷ୍ଟଲ୍ ଖୋଲାଯାଇଛି। ବ୍ୟବସାୟୀମାନେ ବଡ଼ଦିନର ଆବଶ୍ୟକତାକୁ ଦୃଷ୍ଟିରେ ରଖି କମ୍ ମୂଲ୍ୟରୁ ଆରମ୍ଭ କରି ଦାମିକା ଯାଏ ସବୁ ପ୍ରକାରର ସାମଗ୍ରୀ ସଜେଇ ରଖିଛନ୍ତି। ଏଥିପାଇଁ ବେପାର ମଧ ଜମିଲାଣି। ବଜାର ଦର ଅନୁଯାୟୀ ଖ୍ରୀଷ୍ଟମାସ ଟ୍ରି ୬୦ରୁ ୩ ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି। ସେହିପରି ସାନ୍ତାକ୍ଲଜ୍ ୧୦୦ରୁ ୧୦୦୦ ଟଙ୍କା, ସାନ୍ତାକ୍ଲଜ ପୋଷାକ ୪୦୦ରୁ ୧୨୦୦ ଟଙ୍କା, ଡେକୋରେଟିଭ ଷ୍ଟାର୍ ୧୦୦ରୁ ୭୦୦ ଟଙ୍କା, ଡିଜିଟାଲ ଷ୍ଟାର୍ ୧୦୦୦ରୁ ୫୦୦୦ ଟଙ୍କା, କେକ୍ ୧୫୦ରୁ ୨୦୦୦ ଟଙ୍କା ଓ ଘରସଜା ସାମଗ୍ରୀ ୪୦୦ରୁ ୨୦୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। ସବୁବର୍ଗର ଲୋକେ ଯେପରି ଖୁସିରେ ବଡ଼ଦିନ ପାଳନ କରିବେ ସେନେଇ ଉତ୍ସାହିତ ଅଛନ୍ତି।





" ବର୍ତ୍ତମାନ ପୋଷାକ କିଣିବା ପାଇଁ ଯୋଜନା କରୁଛୁ। ଏଥର ନୂଆ ଖ୍ରୀଷ୍ଟମାସ ଟ୍ରି କିଣି ଷ୍ଟାର୍, ବଲ୍‌ବ ଦ୍ୱାରା ତାହାକୁ ସଜେଇବୁ। ପୂରା ପରିବାର ପାଖପଡ଼ୋଶୀଙ୍କ ସହ ବଡ଼ଦିନକୁ ଖୁସିରେ ପାଳନ କରିବୁ। ଏବେଠାରୁ ବିଭିନ୍ନ ସାହିରେ ବଡ଼ଦିନ କ୍ୟାରୋଲ ଓ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେଲାଣି। କୋଭିଡ୍ ପରେ ପ୍ରଥମଥର ବଡ଼ଦିନ ପର୍ବ ପାଳନ ହେବାକୁ ଯାଉଥିବାରୁ ଆମେ ସମସ୍ତେ ଅତ୍ୟନ୍ତ ଉତ୍ସାହିତ ଅଛୁ। ସହରର ସବୁ ବର୍ଗର ଲୋକଙ୍କୁ ଖୁସି ବାଣ୍ଟିବା ଆମର ଲକ୍ଷ୍ୟ।

**-ତପନ ଦାସ, ମକରବାଗ ସାହି, ବକ୍ସିବଜାର**



" ଲୋକଙ୍କ ଆର୍ଥିକ ଅବସ୍ଥା ଧୀରେଧୀରେ ସୁଧୁରୁଛି। ଏଥର ବଡ଼ଦିନ ପାଇଁ ସେମାନେ ବିଭିନ୍ନ ସାମଗ୍ରୀ କିଣିବାକୁ ଭିଡ଼ ଲଗାଇବେ ବୋଲି ଆଶା ଅଛି। ସେମାନଙ୍କ ଆବଶ୍ୟକତାକୁ ନେଇ ଖ୍ରୀଷ୍ଟ ମହାବିଦ୍ୟାଳୟ ସମ୍ମୁଖ ଆମ ଷ୍ଟଲ ସୂର୍ଯ୍ୟାଲୋକରେ ନାନା ରକମର ଆକର୍ଷଣୀୟ ସାମଗ୍ରୀ ସଜେଇଛୁ। ବେପାର ଜମି ଆସିଲାଣି। ଭଲ ବ୍ୟବସାୟ ହେବ ବୋଲି ଆଶା ରହିଛି। ତେବେ ଏସବୁ ବ୍ୟବସାୟ ମାଧ୍ୟମରେ ବଡ଼ଦିନ ପାଳନରେ ନିଜର ସହଯୋଗିତା ରହୁଥିବାରୁ ବେଶ୍ ଖୁସି ଲାଗୁଛି।

**-ତପନ କୁମାର ମହାନ୍ତି, ବ୍ୟବସାୟୀ, ଚଣ୍ଡୀଛକ**



" ସାହି ଚର୍ଚ୍ଚ ଓ ବଡ଼ ଚର୍ଚ୍ଚରେ ଅନୁଷ୍ଠିତ ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ରହିଛି। ଜଣେ ସକ୍ରିୟ ସଭ୍ୟା ଭାବେ ସମସ୍ତଙ୍କୁ ସଙ୍ଗଠିତ କରାଇବା ଦାୟିତ୍ୱ ମୋ ଉପରେ ନ୍ୟସ୍ତ ରହିଛି। ଘରେ ତ ନିଶ୍ଚୟ ପିଠା, ମିଠା ହେବ। ହେଲେ ସାହିବାସିନ୍ଦାଙ୍କ ସହ ଚର୍ଚ୍ଚରେ ପର୍ବ ପାଳନର ନିଆରା ଖୁସି ରହିଛି। ତାକୁ କେବେ ଆମେ ହାତଛଡ଼ା କରୁନା।

**-ସସ୍ମିତା ମହାନ୍ତି, ଗୃହିଣୀ, ଚଣ୍ଡୀରୋଡ୍ ଖ୍ରୀଷ୍ଟିଆନ୍ ସାହି**



" ଘରେ ମୋ ପୁଅ ବଡ଼ଦିନରେ ସାହିପିଲାଙ୍କୁ ଏକାଠି କରି ଖୁସି ମନାଇବାର ଯୋଜନା ରଖିଛି। ତେଣୁ ମା' ହିସାବରେ ମୋର କର୍ତ୍ତବ୍ୟ ଟିକେ ବଢ଼ିଯାଇଛି। ପିଲାଙ୍କ ଦାବି ଅନୁସାରେ ଭଲ କେକ୍ ପ୍ରସ୍ତୁତ କରିବା ସହ ସାନ୍ତାକ୍ଲଜ୍ ମାଧ୍ୟମରେ ଉପହାର ପ୍ରଦାନର ପର୍ବକୁ ଅତି ଆନନ୍ଦର ସହ ମନାଇବୁ ବୋଲି ସ୍ଥିର କରିଛୁ।

**-ସୁଚରିତା ପ୍ରଧାନ, ଗୃହିଣୀ, କେଶରପୁର**

## ରୋଗୀ କଲ୍ୟାଣ ସମିତି ବୈଠକ

**ଅସ୍ତ୍ରୋପଚାର ଓ ପ୍ରସୂତି ବିଭାଗ ଗୃହ ଉଦ୍‌ଘାଟିତ**

ଫୁଲନଖରା,୨୧।୧୨(ଡି.ଏନ୍.ଏ.)

ବାରଙ୍ଗ ବ୍ଲକ ଅନ୍ତର୍ଗତ ମହୀଧରପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ କଲ୍ୟାଣ ସମିତି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିସହ ଅସ୍ତ୍ରୋପଚାର ଓ ସ୍ତ୍ରୀ ପ୍ରସୂତି ବିଭାଗ ଗୃହ ଉଦ୍‌ଘାଟିତ ହୋଇଛି। ନିଆଳି ବିଧାୟକ ଡା. ପ୍ରମୋଦ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହାପରେ ରୋଗୀ କଲ୍ୟାଣ ସମିତି ବୈଠକ ହୋଇଥିଲା। ଏଥିରେ ଗୋଷ୍ଠୀକେନ୍ଦ୍ରକୁ ଆଲୋକିତ କରିବା ପାଇଁ ଆଲୋଚନା ହେବା ସହ ମେଡିକାଲ ମୁଖ୍ୟ ଫାଟକ କାର୍ଯ୍ୟ ଶୀଘ୍ର ସାରିବା ପାଇଁ ନଗରୀ ସରପଞ୍ଚ ନରୋତ୍ତମ ଦାସଙ୍କୁ କୁହାଯାଇଥିଲା। ମେଡିକାଲ ପରିସରରେ ସିସିଟିଭି କ୍ୟାମେରା ଲଗାଯିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ଡାକ୍ତରମାନେ ରୋଗୀଙ୍କୁ ନିରାମୟ ଔଷଧ ସେବନ ପାଇଁ ପରାମର୍ଶ ଦେବାକୁ ବିଧାୟକ ମଲ୍ଲିକ କହିଥିଲେ। ଅସ୍ତ୍ରୋପଚାର ଗୃହ ଓ ପ୍ରସୂତି ବିଭାଗ ଗୃହର ସମସ୍ତ ସରଞ୍ଜାମ ସାମାଜିକ କର୍ମୀ ବିମଳ କିଶୋର ମହାପାତ୍ର ଯୋଗାଇ ଥିବାରୁ ବୈଠକରେ ତାଙ୍କୁ ସଦସ୍ୟମାନେ ଧନ୍ୟବାଦ ଦେଇଥିଲେ। ଏହି ବୈଠକରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ୍ଷକ ଡା. ସୁଭାଷ ଚନ୍ଦ୍ର ଗୋଚ୍ଛାୟତ, ବାରଙ୍ଗ ବ୍ଲକ ବିଜେଡି ସଭାପତି ଗୋଲଖ ଚନ୍ଦ୍ର ପାତ୍ର, ରୋଗୀ କଲ୍ୟାଣ ସମିତି ସଦସ୍ୟ ତଥା ସାମ୍ବାଦିକ ଲଳିତ କୁମାର ଦାଶ, ପ୍ରଶାନ୍ତ ମହାପାତ୍ର, ଅଶୋକ ରଥ, ଘନଶ୍ୟାମ ପାତ୍ର, ଡା. ରେଖା ଭଗତଙ୍କ ସମେତ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଗଜେନ୍ଦ୍ର ପଣ୍ଡା ପାଇଲେ ନୃତ୍ୟଜ୍ୟୋତି ସମ୍ମାନ



ମହାନଦୀ ଫେଷ୍ଟିଭାଲ୍‌ରେ କଳାକାରମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି।

**୧୭ତମ ମହାନଦୀ ଫେଷ୍ଟିଭାଲ ଉଦ୍‌ଘାଟିତ**

କଟକ ଅଫିସ, ୨୧।୧୨

ଗ୍ଲୋବାଲ ଇଣ୍ଡିଆ ମଡେଲ ସ୍କୁଲ, କାଇଣ୍ଡ ଇଣ୍ଡିଆ ଫାଉଣ୍ଡେଶନ, ପୋତାପୋଖରୀ ପୂଜା କମିଟି ଏବଂ ଭାରତ ମସଲାର ମିଳିତ ଆନୁକୂଲ୍ୟରେ କଟକ ପୋତାପୋଖରୀସ୍ଥିତ ନେତାଜୀ ଖେଳ ପଡ଼ିଆରେ ୧୭ତମ ମହାନଦୀ ଫେଷ୍ଟିଭାଲ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ପୂର୍ବତନ ବିଚାରପତି ବୀରକିଶୋର ମିଶ୍ର ଉଦ୍‌ଘାଟନ କରିଥିଲେ। ପୂର୍ବତନ ବିଧାୟକ ତଥା ଅନୁଷ୍ଠାନର ଅଧକ୍ଷ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାରଳା ସାହିତ୍ୟ ସଂସଦର ସଭାପତି ଇଂ. ପ୍ରଭାକର ସ୍ୱାଇଁ, ମୁଖ୍ୟବକ୍ତା ଭାରତ ମସଲାର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା, ଇଂ. ଗୋପାଳକୃଷ୍ଣ ବେହେରା, ଫେଷ୍ଟିଭାଲର ସଭାପତି ପ୍ରଦୀପ୍ତ କୁମାର କର, ପୋତାପୋଖରୀ ପୂଜା କମିଟି ସଭାପତି ରମେଶ ଚନ୍ଦ୍ର କର, ପ୍ରଦୋଷ ସ୍ୱାଇଁ ଏବଂ ଡ. ମଞ୍ଜୁଶ୍ରୀ ଶାସ୍ତ୍ରୀ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରଖ୍ୟାତ ଓଡ଼ିଶୀ ନୃତ୍ୟଶିଳ୍ପୀ ଡ. ଗଜେନ୍ଦ୍ର ପଣ୍ଡାଙ୍କୁ ନୃତ୍ୟ ଜ୍ୟୋତି ସମ୍ମାନ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱପ୍ନ ଫାଉଣ୍ଡେଶନକୁ ମହାନଦୀ ଫେଷ୍ଟିଭାଲ ସମ୍ମାନ ପ୍ରଦାନ କରାଯାଇଥିଲା। ଫେଷ୍ଟିଭାଲର ସମ୍ପାଦକ ଡ. ଚୌଧୁରୀ ସତ୍ୟ ଦାସ ଅତିଥି ପରିଚୟ ପ୍ରଦାନ ଓ ଉପସଭାପତି ଡ. କୃଷ୍ଣଚନ୍ଦ୍ର ଆଇଚ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସ୍ୱାର୍କଲ ଅନୁଷ୍ଠାନର କଳାକାରମାନେ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। ଏଥିସହ ଜିଲା ତଥା ବାହାର ରାଜ୍ୟର କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଉପସଭାପତି ଶୋଭନ ରାୟ ଧନ୍ୟବାଦ ଦେଇଥିଲେ।

## ମହେଶ୍ୱର ରାଓ ପାଇବେ କବିଚନ୍ଦ୍ର ସ୍ମୃତି ସମ୍ମାନ

କଟକ ଅଫିସ, ୨୧।୧୨

ବିଶିଷ୍ଟ ସଙ୍ଗୀତ ଶିଳ୍ପୀ ଏ. ମହେଶ୍ୱର ରାଓ ଚଳିତବର୍ଷର ମର୍ଯ୍ୟାଦାଜନକ କବିଚନ୍ଦ୍ର ସ୍ମୃତି ସମ୍ମାନ ପାଇବା ପାଇଁ ମନୋନୀତ ହୋଇଛନ୍ତି। ପ୍ରଖ୍ୟାତ ଓଡ଼ିଶୀ ନୃତ୍ୟ ଗବେଷକ, ନାଟ୍ୟାଚାର୍ଯ୍ୟ କବିଚନ୍ଦ୍ର ଡ. କାଳିଚରଣ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ଆସନ୍ତା ୨୩ରେ କଟକ ଶ୍ରୀରାମଚନ୍ଦ୍ର ଭବନଠାରେ ଅନୁଷ୍ଠିତ ହେବ। ଉକ୍ତ ଉତ୍ସବରେ ସ୍ମୃତି ସଂସଦ ପକ୍ଷରୁ ରାଓଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ ବୋଲି ସଂସଦର ସଭାପତି ଗୀତିକବି ଗୌର ପଟ୍ଟନାୟକ ଓ ସାଧାରଣ ସମ୍ପାଦକ ନାଟ୍ୟକାର ସଞ୍ଜିତ୍ କୁମାର ପଟ୍ଟନାୟକ ବୁଧବାର ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି। ସୂଚନାଯୋଗ୍ୟ, ସଙ୍ଗୀତ ଶିଳ୍ପୀ ରାଓ ତାଙ୍କ ବାପା ଏମ୍‌ଭିଆର୍ ସ୍ୱାମୀ ଓ ଶ୍ୱଶୁର ହରେକୃଷ୍ଣ ମହାନ୍ତିଙ୍କଠାରୁ ପ୍ରାରମ୍ଭିକ ସଙ୍ଗୀତ ସାଧନା କରିଥିଲେ। ଏହାପରେ ପଣ୍ଡିତ କୁଣ୍ଡଳା ଆଦିନାରାୟଣ ରାଓ, ଗୋପାଳ ଚନ୍ଦ୍ର ପଣ୍ଡା, କାଶୀନାଥ ଶଙ୍କର ବୋଡସ୍, ଜେଭିଏସ୍ ରାଓ, ଭୁବନେଶ୍ୱର ମିଶ୍ର ଏବଂ ବିକାଶ କେଶଲଙ୍କଠାରୁ ଶାସ୍ତ୍ରୀୟ ସଙ୍ଗୀତ ଶିକ୍ଷା ଲାଭ କରିଥିଲେ। ଆକାଶବାଣୀ ତଥା ଦୂରଦର୍ଶନ କଣ୍ଠଶିଳ୍ପୀ ଭାବେ ସେ ପ୍ରତିଷ୍ଠା ଅର୍ଜନ କରିଛନ୍ତି। ସେ ଦୂରଦର୍ଶନ କେନ୍ଦ୍ରରୁ ଡେପୁଟି ଡାଇରେକ୍ଟର ଭାବେ ଅବସର ଗ୍ରହଣ କରିବା ପରେ ସଙ୍ଗୀତ ସାଧନାରେ ବ୍ରତୀ ରହିଛନ୍ତି।

## ୩ ମାସ ମଧ୍ୟରେ ପଦକ୍ଷେପ ନିଅ: ହାଇକୋର୍ଟ

**ଆର୍‌ଡି ରାସ୍ତାରେ ବେଆଇନ ନିର୍ମାଣ ମାମଲା**

କଟକ ଅଫିସ, ୨୧।୧୨

ଢେଙ୍କାନାଳ ଜିଲା ଓଡ଼ାପଡ଼ା ତହସିଲ ଅନ୍ତର୍ଗତ ଖଡ଼ଗପ୍ରସାଦରୁ କମଳଙ୍ଗା ଗ୍ରାମ ଆର୍‌ଡି ରାସ୍ତାରୁ ବେଆଇନ ପାଚେରି ନିର୍ମାଣ ଓ ଜବରଦଖଲ ହଟାଇବା ନିମନ୍ତେ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଢେଙ୍କାନାଳ ଜିଲାପାଳ ଆବେଦନକାରୀଙ୍କଠାରୁ କୋର୍ଟ ନିର୍ଦ୍ଦେଶ ପାଇବାର ୩ ମାସ ମଧ୍ୟରେ ବେଆଇନ ନିର୍ମାଣ ଓ ଜବରଦଖଲ ହଟାଇବା କାର୍ଯ୍ୟ ଶେଷ କରିବାକୁ କୋର୍ଟଙ୍କ ନିର୍ଦ୍ଦେଶ ରହିଛି। ରାସ୍ତାରେ ଜବରଦଖଲ ହେତୁ ଦୁର୍ଦ୍ଦଶା ଭୋଗୁଥିବା ଜନସାଧାରଣ ଓ ଜବରଦଖଲ କରିଥିବା କମ୍ପାନୀକୁ ସାମିଲ କରାଇ ଜିଲାପାଳ ଜବରଦଖଲ ହଟାଇବା ନିମନ୍ତେ ନିଷ୍ପତ୍ତି ନେବେ। ବିଚାରପତି ବିଶ୍ୱନାଥ ରଥଙ୍କ ଖଣ୍ଡପୀଠରେ ଏହି ମାମଲାର ଶୁଣାଣି ହୋଇଥିଲା। ଆବେଦନକାରୀ ଶ୍ରୀତମ ସ୍ୱରୂପ ରାଉତଙ୍କ ପକ୍ଷରୁ ଆଇନଜୀବୀ ତ୍ରିଲୋଚନ ବାରିକ ମାମଲା ପରିଚାଳନା କରୁଥିଲେ।

ମାମଲାର ବିବରଣୀରୁ ପ୍ରକାଶ, ଖଡ଼ଗପ୍ରସାଦରୁ କମଳଙ୍ଗା ଗ୍ରାମ ପର୍ଯ୍ୟନ୍ତ ଆର୍‌ଡି ରୋଡ୍‌ରେ କଣ୍ଟାବାଞ୍ଜିସ୍ଥିତ ଜିଏମ୍‌ଆର୍ ଏନର୍ଜି ଲିମିଟେଡ୍ ପକ୍ଷରୁ ବେଆଇନ ପାଚେରି ନିର୍ମାଣ ସହ ଜବର ଦଖଲ କରାଯାଇଥିଲା। ଏଥିଯୋଗୁଁ ସ୍ଥାନୀୟ ଜନସାଧାରଣଙ୍କ ଯାତାୟାତରେ ଅସୁବିଧା ସୃଷ୍ଟି ହେଉଥିଲା। ଆବେଦନକାରୀଙ୍କ ପକ୍ଷରୁ ହାଇକୋର୍ଟରେ ଏକ ରିଟ୍ ପିଟିଶନ ଦାଖଲ କରାଯାଇ ଉକ୍ତ ରାସ୍ତାରେ କୌଣସି ନିର୍ମାଣ କାର୍ଯ୍ୟ କରା ନ ଯିବାକୁ ନିଶ୍ଚିତ କରାଇବା ସହ ବେଆଇନ୍ ନିର୍ମାଣ ଓ ଜବରଦଖଲ ହଟାଇବା ନେଇ ଆବେଦନ କରାଯାଇଥିଲା। ସ୍ଥାନୀୟ ପୋଲିସ ସହାୟତାରେ ଏହି କାର୍ଯ୍ୟ କରିବା ଓ ଆଇନ ଅମାନ୍ୟକାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଢେଙ୍କାନାଳ ଜିଲାପାଳ ଏବଂ ଓଡ଼ପଡ଼ା ତହସିଲଦାରଙ୍କୁ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ରାଉତ ହାଇକୋର୍ଟଙ୍କୁ ନିବେଦନ କରିଥିଲେ। ଏଥିରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ସଚିବ, ଢେଙ୍କାନାଳ ଜିଲାପାଳ, ଓଡ଼ପଡ଼ା ବିଡିଓ, ତହସିଲଦାର ଏବଂ କଣ୍ଟାବାଞ୍ଜିସ୍ଥିତ ଜିଏମ୍‌ଆର୍ ଏନର୍ଜି ଲିମିଟେଡ୍‌ର ଚେୟାରମ୍ୟାନ ତଥା ମ୍ୟାନେଜିଂ ଡାଇରେକ୍ଟରଙ୍କୁ ପକ୍ଷଭୁକ୍ତ କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ସମ୍ପୃକ୍ତ ଏହି ରାସ୍ତାରୁ ବେଆଇନ ନିର୍ମାଣ ଓ ଜବରଦଖଲ ହଟାଇବା ନିମନ୍ତେ ମଙ୍ଗଳପୁର ପଞ୍ଚାୟତ ଅଧିବାସୀ ଢେଙ୍କାନାଳ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ହେଲେ ଜିଲାପାଳ ନ ବୁଝିବାରୁ ଆବେଦନକାରୀ ଅଧିବାସୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ମୋବାଇଲ କମ୍ପାନୀକୁ ୯୨,୩୯୮ ଟଙ୍କା ପ୍ରଦାନ ନିର୍ଦ୍ଦେଶ

**ଅନ୍‌ଲାଇନ ମୋବାଇଲ୍ କିଣାରେ ଠକେଇ ମାମଲା**

କଟକ ଅଫିସ, ୨୧।୧୨

ଅନ୍‌ଲାଇନ୍ ମୋବାଇଲ କିଣାରେ ଠକେଇ ଅଭିଯୋଗ ମାମଲାର ବିଚାର କରି କଟକ ଜିଲା ଖାଉଟି ଅଦାଲତ ସମ୍ପୃକ୍ତ ମୋବାଇଲ୍ କମ୍ପାନୀକୁ ୯୨,୩୯୮ ଟଙ୍କା ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଖାଉଟି ଅଦାଲତ ସଭାପତି ଦେବାଶିଷ ନାୟକ ଓ ସଦସ୍ୟ ଶିବାନନ୍ଦ ମହାନ୍ତି ଉକ୍ତ ମାମଲାର ବିଚାର କରି ଉପରୋକ୍ତ ପରିମାଣର ଅର୍ଥ ୧ ମାସ ମଧ୍ୟରେ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍‌ଲାଇନ୍ ମୋବାଇଲ ଠକେଇର ଶିକାର ହୋଇଥିବା ବ୍ୟକ୍ତି ଜଣକ ହେଲେ କଟକ ଭାଣପୁରର ଗୌରବ ମୋହନ ସିଂହ।

ମାମଲାର ବିବରଣୀରୁ ପ୍ରକାଶ, ଆବେଦନକାରୀ ଗୌରବ ୨୦୧୯ ଅଗଷ୍ଟ ୨୧ ତାରିଖରେ ଅନ୍‌ଲାଇନ୍‌ରେ ୨୭, ୯୯୯ ଟଙ୍କାର ଏକ ମୋବାଇଲ୍ କିଣିବାକୁ ଏକ ବର୍ଷର ବୀମାରାଶି ଓ ଅନ୍ୟାନ୍ୟ ଖର୍ଚ୍ଚ ସହ ୨୯,୩୯୮ ଟଙ୍କା ପଇଠ କରିଥିଲେ। ସେହି ମାସ ୨୪ ତାରିଖରେ ତାଙ୍କୁ ଏକ ମୋବାଇଲ ମିଳିଥିଲା, ଯାହାର ଦାମ୍ ୯,୯୯୯ ଟଙ୍କା। ଏ ସମ୍ପର୍କରେ ତୁରନ୍ତ ଡେଲିଭରି ବୟଙ୍କୁ ଜଣାଇଥିଲେ ବି ସେ କିଛି କରିପାରିବେ ନାହିଁ ବୋଲି କହିଥିଲେ। ଏହାପରେ କମ୍ପାନୀକୁ ଇମେଲ ଓ ହେଲ୍ପଲାଇନ୍ ମାଧ୍ୟମରେ ଅବଗତ କରାଇଥିଲେ। ହେଲେ ଏଥିପ୍ରତି କେହି ମୁଣ୍ଡ ନ ଖେଳାଇବାରୁ ସେ ବାଧହୋଇ ଜିଲା ଖାଉଟି ଅଦାଲତର ଦ୍ୱାରସ୍ଥ ହୋଇଥିଲେ। ସେ ମୋବାଇଲ ଫୋନ୍ ବାବଦରେ ୨୮,୩୯୮ ଟଙ୍କା, କ୍ଷତିପୂରଣ ବାବଦରେ ୧,୨୦,୦୦୦ ଟଙ୍କା, ମକଦ୍ଦମା ଖର୍ଚ୍ଚ ୨୦ ହଜାର ଓ ମାନସିକ ଯନ୍ତ୍ରଣାଜନିତ କଷ୍ଟର ଭରଣା ପାଇଁ ୧,୫୦,୦୦୦ ଟଙ୍କା ସମ୍ପୃକ୍ତ କମ୍ପାନୀଠାରୁ ପାଇବାକୁ ଦାବି କରିଥିଲେ। ଖାଉଟି ଅଦାଲତ ଏହି ମାମଲାର ବିଚାର କରି କମ୍ପାନୀକୁ ମୋବାଇଲ ସେଟ୍ ବାବଦରେ ୨୨,୩୯୮ ଟଙ୍କା, କ୍ଷତିପୂରଣ ବାବଦରେ ୫୦ ହଜାର ଓ ମକଦ୍ଦମା ଖର୍ଚ୍ଚ ୨୦ ହଜାର ମିଶି ମୋଟ ୯୨,୩୯୮ ଟଙ୍କା ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ବି. କେ. ସିହ୍ନା ଓ ସସ୍ମିତା ସାହୁ ମାମଲା ପରିଚାଳନା କରିଥିଲେ।

## 'ପିଲାଙ୍କ ମନସ୍ତାତ୍ତ୍ୱିକ ଅନୁଶୀଳନ କରିବା ଆବଶ୍ୟକ'



ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

**ଜିଲାସ୍ତରୀୟ ପିଲାଙ୍କ ପାଇଁ ଦିନଟିଏ ବୈଠକ**

- ବିଦ୍ୟାଳୟରେ ପ୍ରଦର୍ଶିତ ହେଉ ଚାଇଲ୍ଡ ହେଲ୍ପଲାଇନ ନମ୍ବର
- କିଶୋର ଅବସ୍ଥାର ସମ୍ବେଦନଶୀଳ ମୁହୂର୍ତ୍ତ ସମ୍ବନ୍ଧରେ ସଚେତନ କରାଯାଉ

କଟକ ଅଫିସ, ୨୧।୧୨

ଜିଲାସ୍ତରୀୟ ପିଲାଙ୍କ ପାଇଁ ଦିନଟିଏ ତ୍ରୟମାସିକ ବୈଠକ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। କଟକ ଜିଲା ପରିଷଦ ସଭାପତି କିଶୋର ଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲାପାଳ ଶିବ ଟପୋ ଯୋଗଦେଇ ପିଲାମାନଙ୍କର ମନସ୍ତାତ୍ତ୍ୱିକ ଅନୁଶୀଳନ କରିବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ସେହିପରି ଜିଲା ପରିଷଦ ନିର୍ବାହୀ ଅଧିକାରୀ ଅମ୍ବର କୁମାର କର କହିଥିଲେ, ଶିଶୁମାନଙ୍କ ନିମନ୍ତେ ଗ୍ରହଣ କରାଯାଉଥିବା କାର୍ଯ୍ୟକ୍ରମଗୁଡ଼ିକୁ ଅନୁଶୀଳନ ପୂର୍ବକ ଆନ୍ତରିକତାର ସହ ସମ୍ପୃକ୍ତ ବିଭାଗ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ଶିଶୁ ସୁରକ୍ଷା କାର୍ଯ୍ୟାଳୟ ନିରନ୍ତର ପ୍ରୟାସ ଜାରି ରଖିଲେ ଶିଶୁମାନଙ୍କ ସର୍ବାଙ୍ଗୀନ ଉନ୍ନତି ଦିଗରେ କୌଣସି ସମସ୍ୟା ସୃଷ୍ଟି ହେବନାହିଁ। ତୃଣମୂଳ ସ୍ତରରେ ଶିଶୁମିତ୍ର ଗ୍ରାମଗୁଡ଼ିକରେ ଜନପ୍ରତିନିଧି, ବିଭିନ୍ନ ଦାୟିତ୍ୱସମ୍ପନ୍ନ ବିଭାଗକୁ ଏକତ୍ରିତ କରି ଶିଶୁ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଉ। ଏହାଦ୍ୱାରା ଶିଶୁ, ଅଭିଭାବକ ଏବଂ ଜନସାଧାରଣ ସଚେତନ ହୋଇପାରିବେ ବୋଲି ସେ କହିଥିଲେ। ଜିଲା ଶିଶୁ ମଙ୍ଗଳ ସମିତି ଅଧକ୍ଷା ମନ୍ଦାକିନୀ ଜେମା ଯୋଗଦେଇ ସମସ୍ତ ବିଦ୍ୟାଳୟରେ ଚାଇଲ୍ଡ ହେଲ୍ପଲାଇନ ନମ୍ବର ୧୦୯୮ର ସଚେତନତା ପାଇଁ ପ୍ରଦର୍ଶିତ ହେବା ଦରକାର ବୋଲି କହିଥିଲେ। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ କୃଷ୍ଣ ପ୍ରସାଦ ପଟ୍ଟନାୟକ ଯୋଗଦେଇ କିଶୋର ଅବସ୍ଥାର ସମ୍ବେଦନଶୀଳ ମୁହୂର୍ତ୍ତ ଏବଂ ଏ ସମ୍ବନ୍ଧରେ ତୃଣମୂଳସ୍ତରରେ ସଚେତନତାର ଆବଶ୍ୟକତା ରହିଛି ବୋଲି କହିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବୈଠକରେ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ଛୋଟରାୟ, ଜିଲା ସମାଜ ମଙ୍ଗଳ ଅଧିକାରୀ ସବିତା ରାଉତ, ଜିଲା ମଙ୍ଗଳ ଅଧିକାରୀ ମଧୁମିତା ମହାପାତ୍ର, ବାଲ୍ୟ ବିବାହ ଜିଲା ସଂଯୋଜିକା ନିବେଦିତା ପାଣିଗ୍ରାହୀ, ଜିଲା ଶ୍ରମ ଅଧିକାରୀ ପ୍ରସନ୍ନ କୁମାର ପ୍ରଧାନ, ଚାଇଲ୍ଡଲାଇନର ସଂଯୋଜକ ନାରାୟଣ ଶୁକ୍ଳା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଗତି ମହାନ୍ତି ବକ୍ତବ୍ୟ ଦେଇଥିଲେ। ଜିଲା ସମାଜ ମଙ୍ଗଳ କାର୍ଯ୍ୟାଳୟର କାର୍ଯ୍ୟକ୍ରମ ଅଧିକାରୀ ମଞ୍ଜୁଲତା ନାୟକ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ବିଷ ପିଇ ବୃଦ୍ଧାଙ୍କ ଆତ୍ମହତ୍ୟା

ଗମ୍ଭାରିମୁଣ୍ଡା/ବାଣପୁର,୨୧।୧୨ (ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ବାଣପୁର ଥାନା ବିଂଝଳା ଗ୍ରାମରେ ଜଣେ ବୃଦ୍ଧା ବୁଧବାର ବିଷ ପିଇ ଆତ୍ମହତ୍ୟା କରିଥିବାର ଅଭିଯୋଗ ହୋଇଛି। ସେ ହେଲେ ଉକ୍ତ ଗ୍ରାମର ଗୋଲି ଭାରିମଲ୍ଲ (୭୦)। ଏ ନେଇ ପୋଲିସ ଏକ ମାମଲା(ନଂ.୩୬/୨୨) ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ ସୂଚନା ମୁତାବକ, ଗୋଲି ବୁଧବାର ମଧ୍ୟାହ୍ନରେ ଘରେ ଏକ ରୁମ୍‌ରେ ଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ରୁମ୍‌ରୁ ନ ବାହାରିବାରୁ ପରିବାର ଲୋକ ସନ୍ଦେହ କରିଥିଲେ। ପରେ ଝରକା ପଟେ ଦେଖିବାବେଳେ ସେ ଅଚେତ ଅବସ୍ଥାରେ ତଳେ ପଡ଼ିବା ସହ ପାଖରେ ବିଷ ବୋତଲ ପଡ଼ିଥିଲା। ଗୋଲିଙ୍କୁ ଉଦ୍ଧାର କରି ଟାଙ୍ଗୀ ମେଡିକାଲ ନେଇଥିବା ବେଳେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଗମ୍ଭାରୀମୁଣ୍ଡା ବିଟ୍ ହାଉସ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହାପରେ ପରିବାର ପକ୍ଷରୁ ଏହା ଏକ ଆତ୍ମହତ୍ୟା ବୋଲି ଅଭିଯୋଗ ହୋଇଛି।

### ଅଟୋ ସହ ମଦ ଜବତ, ଚାଳକ ଗିରଫ

ବାଲୁଗାଁ/ଗମ୍ଭାରିମୁଣ୍ଡା/ବାଣପୁର,୨୧।୧୨ (ଡି.ଏନ୍.ଏ.): ବାଲୁଗାଁ ଅବକାରୀ ବିଭାଗ ପକ୍ଷରୁ ବୁଧବାର ବାଣପୁର ଥାନା ସାନସିରେଇପୁର ଫରେଷ୍ଟ ବିଟ ହାଉସ ନିକଟରେ ଚେକିଂବେଳେ ଏକ ଯାତ୍ରୀବାହୀ ଅଟୋ ସହ ୩୪୦ଲିଟର ଦେଶୀ ମଦକୁ ଜବତ କରିବା ସହ ଚାଳକଙ୍କୁ ଗିରଫ କରିଛି। ସେ ହେଲେ ଏହି ଥାନା ଅଧୀନ ଭୀମପୁର ଗ୍ରାମର ରଞ୍ଜନ ସାହୁ। ଏ ନେଇ ପୋଲିସ ଏକ ମାମଲା(ନଂ.୧୩୫/୨୨) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ ପ୍ରକାଶ ଯେ, ଶାଳିଆ ଡ୍ୟାମ୍ ନିକଟ କୋଶରଡ଼ା ଏବଂ ନିଳାଦ୍ରୀ ପ୍ରସାଦ ଅଞ୍ଚଳରୁ ବେଆଇନ ଭାବେ ଦେଶୀମଦ ପ୍ରସ୍ତୁତ କରାଯାଇ ବିଭିନ୍ନ ଅଞ୍ଚଳକୁ ଚାଲାଣ ହୋଇଆସୁଅଛି । ଅବକାରୀ ବିଭାଗ ଓ ପୋଲିସ୍ ବାରମ୍ବାର ଚଢ଼ାଉ କରୁଥିଲେ ମଧ ଏହାକୁ ରୋକାଯାଇପାରୁ ନାହିଁ। ତେବେ ଆଗକୁ ନୂଆବର୍ଷ ଆସୁଥିବା ବେଳେ ଚୋର ମଦ ବେପାରୀଙ୍କୁ ଧରିବା ପାଇଁ ବାଲୁଗାଁ ଅବକାରୀ ବିଭାଗ ପାଟ୍ରୋଲିଂ ଜାରି ରଖିଛନ୍ତି । ଏପରିସ୍ଥଳେ ନୀଳାଦ୍ରି ପ୍ରସାଦ ଅଞ୍ଚଳରୁ ଓଡ଼ି୨୫ ଏ ୯୨୯୯ ବିଶିଷ୍ଟ ଏକ ଯାତ୍ରୀବାହୀ ଅଟୋ ଯୋଗେ ବିପୁଳ ପରିମାଣରେ ମଦ ଚାଲାଣ ହେଉଥିବା କୌଣସି ସୂତ୍ରରୁ ଖବର ପାଇ ବାଲୁଗାଁ ଅବକାରୀ ଅଧିକାରୀ ରୋହିତ ଦଣ୍ଡସେଣ ସଦଳବଳେ ସାନସିରେଇପୁର ଫରେଷ୍ଟ ବିଟ୍ ହାଉସ ନିକଟରେ ବୁଧବାର ସକାଳୁ ଛପି ରହିଥିଲେ। ପୂର୍ବାହ୍ନ ପ୍ରାୟ ୧୧ଟାରେ ଉକ୍ତ ଅଟୋଟି ଆସୁଥିବା ବେଳେ ଅବକାରୀ କର୍ମଚାରୀ ଅଟକାଇ ଯାଞ୍ଚ କରିବାରେ ୩ଟି ବସ୍ତାରେ ୩୪୦ଲିଟର ଦେଶୀ ମଦକୁ ଜବତ କରିଥିଲେ । ଉକ୍ତ ଚଢ଼ାଉରେ ଅନ୍ୟମାନଙ୍କ ମଧ୍ୟରେ ଏସ୍‌ଆଇ ରଜନୀ ମିଞ୍ଜ୍, କନଷ୍ଟେବଳ ରତ୍ନାକର ଜାଲି ଓ ଉର୍ମିଷ୍ଠା ସାମନ୍ତସିଂହାର ପ୍ରମୁଖ ସାମିଲ ହୋଇଥିଲେ ।

# ‘ଅନ୍ନଦାତାଙ୍କୁ ଅଣଦେଖା କରାଯାଉଛି’

### ତୁରନ୍ତ ବ୍ୟବସ୍ଥିତ ଭାବେ ଧାନମଣ୍ଡି ଖୋଲାଯାଉ: ଭାଜପା

ଖୋର୍ଦ୍ଧା ଅଫିସ,୨୧।୧୨

ଧାନକ୍ରୟ ବ୍ୟବସ୍ଥାରେ ସରକାରଙ୍କ ଭୁଲ ନିଷ୍ପତ୍ତି ଯୋଗୁ ଚାଷୀକୁଳ ଉପେକ୍ଷିତ ହେଉଛନ୍ତି। ସରକାର ଚାଷୀର ଉତ୍ପାଦିତ ଧାନ ଠିକ ଭାବେ କ୍ରୟ କରୁ ନ ଥିବାରୁ ଚାଷୀ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛନ୍ତି। ଧାନମଣ୍ଡି ପରିଚାଳନାରେ ଅବ୍ୟବସ୍ଥା, ବିଳମ୍ବରେ ମଣ୍ଡି ଖୋଲିବା, ଧାନକ୍ରୟରେ ଅନିୟମିତତା ଯୋଗୁ ଚାଷୀ ହନ୍ତସନ୍ତ ହେଉଛନ୍ତି। ଅନ୍ନଦାତାଙ୍କୁ ସରକାର ଅଣଦେଖା କରୁଛନ୍ତି ବୋଲି ଭାଜପା ଖୋର୍ଦ୍ଧା ଜିଲା ଶାଖା ଅଭିଯୋଗ ଆଣିଛି। ତୁରନ୍ତ ଧାନମଣ୍ଡି ଖୋଲିବା ସହ ବ୍ୟବସ୍ଥା କରିବାକୁ ଦାବି ନେଇ ଭାଜପା ପକ୍ଷରୁ ମଙ୍ଗଳବାର ଖୋର୍ଦ୍ଧା ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀଙ୍କୁ ଦାବିପତ୍ର ଦିଆଯାଇଛି।

ଉକ୍ତ ଦାବିପତ୍ରରେ ଦର୍ଶାଯାଇଛି ଯେ, ଉପକୂଳ ଓଡ଼ିଶାରେ ଶତକଡ଼ା ୮୦ଭାଗ ଚାଷୀ ଧାନ କାଟି ଅମଳ କରିଛନ୍ତି। ମଣ୍ଡି ଖୋଲିବାରେ ବିଳମ୍ବ କରାଯାଉଛି। ପଶ୍ଚିମ ଓଡ଼ିଶାରେ ଅବ୍ୟବସ୍ଥାରେ ମଣ୍ଡି ଚାଲିଛି। ମଣ୍ଡିଗୁଡ଼ିକ ତୁରନ୍ତ ଖୋଲିବା ସହ ଧାନକ୍ରୟ ବ୍ୟବସ୍ଥା ଶୃଙ୍ଖଳିତ କରାଯାଉ।



ବିଭିନ୍ନ ଦାବି ନେଇ ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଭାଜପାର ବିକ୍ଷୋଭ।

କୃଷକ ପଞ୍ଜୀକରଣରେ ଅନିୟମିତତା, ପାତରଅନ୍ତର ବନ୍ଦ ହେଉ। ଟୋକନ ସମସ୍ୟାର ସମାଧାନ କରାଯାଉ। ଚାଷୀଙ୍କ ମୁଣ୍ଡପିଛା ୬୦ କୁଇଣ୍ଟାଲ ଧାନବିକ୍ରି ନିଷ୍ପତ୍ତି ପ୍ରତ୍ୟାହାର କରାଯାଇ ଅବଧି ବୃଦ୍ଧି କରାଯାଉ। କେନ୍ଦ୍ର ସରକାର ୮ବର୍ଷ ମଧ୍ୟରେ ସର୍ବନିମ୍ନ ସହାୟକ ମୂଲ୍ୟରେ ୭ଶହ ଟଙ୍କା ବୃଦ୍ଧି କରିଛନ୍ତି। ଚାଷୀଙ୍କୁ ଏମ୍‌ଏସ୍‌ପି ଦରରେ ଉତ୍ପାଦିତ ଦାମ ମିଳିବା ପାଇଁ ସରକାର ବ୍ୟବସ୍ଥା କରନ୍ତୁ। ପ୍ରତି ବ୍ଲକ ଓ ଜିଲା ସ୍ତରରେ ଅଭିଯୋଗ ପ୍ରକୋଷ୍ଠ ଖୋଲାଯାଉ। ଅବହେଳା କରୁଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ। ଜଳସେଚିତ ଜମିରେ ୨୮ କୁଇଣ୍ଟାଲ ଓ ଅଣଜଳସେଚିତ ଜମିରେ ୨୨ କୁଇଣ୍ଟାଲ ପ୍ରତି ଏକର ହେବ ବୋଲି ଘୋଷଣା କରାଯାଉ। ବସ୍ତା ଓ ସୁତୁଲି ଟଙ୍କା ଚାଷୀଙ୍କୁ ଦିଆଯାଉ। ୨୦୧୬ରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା ଶହେ ଟଙ୍କା ବୋନସ ଦେବାକୁ ଦାବି କରାଯାଇଛି। ଖୋର୍ଦ୍ଧା ଜିଲା ସଭାପତି ରଶ୍ମି ମହାପାତ୍ରଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ ସମୟରେ ପୂର୍ବତନ ଜିଲା ସଭାପତି ନିକୁଞ୍ଜ ପଟ୍ଟନାୟକ, ପ୍ରତାପ ମହାପାତ୍ର, ରାଜୀବ ଷଡ଼ଙ୍ଗୀ, ପ୍ରଦୀପ୍ତ ପାଣି, ହରି ମହାରଣା, ଗଗନ ପାଇକରାୟ ଏବଂ ଗୁଣନିଧି ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଭାଜପା କୃଷକମୋର୍ଚ୍ଚା ଉପାଧ୍ୟକ୍ଷ ଶ୍ରୀରଞ୍ଜନ ମଙ୍ଗରାଜ କହିଥିଲେ ଯେ, ମଣ୍ଡିକୁ ଶୃଙ୍ଖଳିତ ଓ ବ୍ୟବସ୍ଥିତ କରାଯାଉ। କଟନୀ ଛଟନୀ ବନ୍ଦ ହେଉ। ମିଲରମାନଙ୍କ ମନମାନିରେ ମଣ୍ଡି ଚାଲୁଛି। ଏଭଳି ସ୍ଥିତ ବନ୍ଦ କରାଯାଉ। ଚାଷୀ ବହୁ କଷ୍ଟ ସହି ଫସଲ ଅମଳ କରିଛନ୍ତି। ବିକ୍ରି ସମୟରେ ସେମାନଙ୍କୁ ସହଯୋଗ କରାଯାଉ। ଚାଷୀ ଶୀତ କାକରରେ ଖୋଲା ଆକାଶ ତଳେ ମଣ୍ଡିରେ ଧାନ ପକାଇ ଜଗି ରହୁଛି। ଟୋକନ ମିଳୁନି, ମିଳିବାବେଳକୁ ଅବଧି ଚାଲିଯାଉଛି। ଫଳରେ ଚାଷୀ ହଇରାଣ ହେଉଛନ୍ତି। ସେମାନଙ୍କ ଧାନ ବିକ୍ରି ସମୟରେ ସମସ୍ତ ସୁବିଧା ଯୋଗାଇବା ଓ ସ୍ୱଚ୍ଛତା ପ୍ରତି ଗୁରୁତ୍ୱ ଦେବା ସହ ମଣ୍ଡିରେ ଦଲାଲରାଜ ବନ୍ଦ କରାଯାଉ। ମିଲରମାନଙ୍କ ମର୍ଜିରେ ନୁହେଁ ସରକାରଙ୍କ ଗାଇଡ୍ ଲାଇନ ଅନୁସାରେ ମଣ୍ଡି ଚାଲୁ ବୋଲି ସେ ଦାବି କରିଛନ୍ତି।

# ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କୁ ଜିଲାରୁ ହଟାଯାଉ


କେନ୍ଦ୍ରୀୟ ମାନବ ଅଧିକାର ସୁରକ୍ଷା ସଙ୍ଗଠନର ସଦସ୍ୟମାନେ ଜିଲାପାଳଙ୍କୁ ଦାବିପତ୍ର ଦେଉଛନ୍ତି।

### ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର

ଖୋର୍ଦ୍ଧା ଅଫିସ,୨୧।୧୨

ଖୋର୍ଦ୍ଧା ଜିଲା ପ୍ରଶାସନରେ ଭ୍ରଷ୍ଟାଚାର ବଢ଼ିଚାଲିଛି। ଫଳରେ ଜିଲାର ବିକାଶ ସ୍ଥାଣୁ ପାଲଟିଛି। ଜିଲାରେ ଦୁର୍ନୀତିରେ ଲିପ୍ତ ଥିବା ଅଧିକାରୀମାନଙ୍କୁ ହଟାଇବା ଲାଗି କେନ୍ଦ୍ରୀୟ ମାନବ ଅଧିକାର ସୁରକ୍ଷା ସଙ୍ଗଠନ ଦାବି କରିଛି। ଏ ନେଇ ସଙ୍ଗଠନ ପକ୍ଷରୁ ବୁଧବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଛି। ଏହି ସମୟରେ ସଙ୍ଗଠନ ସଭାପତି ସୁକାନ୍ତ ପରିଡ଼ା ଏବଂ ଆଇନଜୀବୀ ଶିଶିର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ବେଗୁନିଆ ବ୍ଲକରେ ଦୁର୍ନୀତି ଚରମ ସୀମାରେ ପହଞ୍ଚିଛି। ସ୍ୱାସ୍ଥ୍ୟ, ଶିକ୍ଷା, ପୋଲିସ, ବିଦ୍ୟୁତ, କୃଷି, ଜଳସେଚନ, ପୂର୍ତ୍ତ ଓ ରାଜସ୍ୱ ବିଭାଗରେ ଦୁର୍ନୀତି ବଢ଼ିଚାଲିଛି। ଏହି ସବୁ ବିଭାଗରେ ଅଧିକାରୀ, ଯନ୍ତ୍ରୀମାନେ ଦୀର୍ଘ ସମୟ ଧରି ଏଠାରେ ଅବସ୍ଥାପିତ ହୋଇଥିବାରୁ ବିଭିନ୍ନ ଉପାୟରେ ଅର୍ଥ ଉପାର୍ଜନ କରୁଛନ୍ତି। ଏମାନେ ଉକ୍ତ ନିର୍ବାଚନମଣ୍ଡଳୀର ଅଧିବାସୀ ହୋଇଥିବାରୁ ସ୍ଥାନୀୟ ଲୋକଙ୍କଠାରୁ ଉତ୍କୋଚ ନେଇ ବଡ ଅଟ୍ଟାଳିକା ନିର୍ମାଣରେ ଲାଗିଛନ୍ତି। ସରକାରୀ ନିୟମାନୁଯାୟୀ, ସରକାରୀ ଅଧିକାରୀ ଗୋଟିଏ ସ୍ଥାନରେ ତିନିବର୍ଷରୁ ଊର୍ଦ୍ଧ୍ୱ ସମୟ ରହିପାରିବେ ନାହିଁ। କିନ୍ତୁ ତାହା ବେଗୁନିଆ ବ୍ଲକ କ୍ଷେତ୍ରରେ କାର୍ଯ୍ୟକାରୀ ହେଉନାହିଁ। ଗତ ୪ବର୍ଷ ମଧ୍ୟରେ ୩ ତହସିଲଦାର, ୩ ଆର୍‌ଆଇ, ୨ କନିଷ୍ଠ ଯନ୍ତ୍ରୀ, ଜଣେ ପୋଲିସ ଏସ୍‌ଆଇ ଓ କନଷ୍ଟେବଲ ନିଲମ୍ବିତ ହୋଇଛନ୍ତି। ବେଗୁନିଆ ବ୍ଲକର କେତେଜଣ ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କ ନାମ ଉକ୍ତ ଦାବି ପତ୍ରରେ ଉଲ୍ଲେଖ ରହିଛି। ସରକାର ତଦନ୍ତ କରି ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କୁ ଜିଲାରୁ ହଟାଇବା ଲାଗି ସଂଘ ଦାବି କରିଛି।

# ସଫେଇ କର୍ମଚାରୀଙ୍କୁ ନିୟମିତ କରାଯାଉ


Photo of Ranjit K.N.Samantaray
ସଫେଇ କର୍ମଚାରୀମାନେ ବିଭିନ୍ନ ଦାବି ନେଇ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ ଅଭିମୁଖେ ବାହାରିଥିବା ଶୋଭାଯାତ୍ରା।

- ଶୋଭାଯାତ୍ରା ସହ କାର୍ଯ୍ୟାଳୟ ଘେରିଲେ
- ଜିଲାପାଳଙ୍କୁ ଦାବିପତ୍ର, ଆନ୍ଦୋଳନ ଚେତାବନୀ

ଖୋର୍ଦ୍ଧା ଅଫିସ,୨୧।୧୨

ସ୍ୱଚ୍ଛତା ଅଭିଯାନର ମୂଳମନ୍ତ୍ରକୁ ସାକାର କରୁଛନ୍ତି ସଫେଇ କର୍ମଚାରୀ। ପରିମଳ ସେବା କ୍ଷେତ୍ରରେ ସଫେଇ କର୍ମଚାରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସେମାନେ ଦୀର୍ଘବର୍ଷ ହେବ ସେବା ଯୋଗାଇ ଆସୁଛନ୍ତି। କରୋନା ମହାମାରୀ ସମୟରେ ଜୀବନକୁ ବାଜି ଲଗାଇ ନିୟମିତ ସେବା ଯୋଗାଇଥିଲେ। ତେବେ ସେମାନଙ୍କ ଦାବି ପ୍ରତି ସରକାର ଗୁରୁତ୍ୱ ଦେଉନାହାନ୍ତି। ସଫେଇ କର୍ମଚାରୀଙ୍କ ଚାକିରିକୁ ନିୟମିତ କରାଯିବା ଓ ସାମାଜିକ ସୁରକ୍ଷା ଯୋଗାଇ ଦେବାକୁ ସରକାର ପଦକ୍ଷେପ ନେଉନାହାନ୍ତି। ବାରମ୍ବାର ଦାବିପତ୍ର ପ୍ରଦାନ ସତ୍ତ୍ୱେ କେବଳ ପ୍ରତିଶ୍ରୁତି ମିଳିଛି ବୋଲି ସଂଘ ଅଭିଯୋଗ କରିଛି। ଚୁକ୍ତିଭିତ୍ତିକ କର୍ମଚାରୀଙ୍କୁ ନିୟମିତ କରାଯିବା ଓ ସାମାଜିକ ସୁରକ୍ଷା ଦାବିରେ ଓଡ଼ିଶା ଚୁକ୍ତିଭିତ୍ତିକ ଠିକା ସଫେଇ କର୍ମଚାରୀ ସଂଘ ବୁଧବାର ଏକ ବିଶାଳ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ପହଞ୍ଚି ବିକ୍ଷୋଭ କରିଥିଲେ। ଏଥିସହ ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ଦେଇଥିଲେ।

ଅଭିଯୋଗରେ ଉଲ୍ଲେଖ ରହିଛି ଯେ, ସଫେଇ କର୍ମଚାରୀ ଦୀର୍ଘବର୍ଷ ହେବ ଜନସାଧାରଣଙ୍କୁ ସେବା ଯୋଗାଇ ଆସୁଛନ୍ତି। ସରକାର ସମସ୍ତ ବର୍ଗର ଲୋକଙ୍କ କଥା ବିଚାରକୁ ନେଉଥିବାବେଳେ ସଫେଇ କର୍ମଚାରୀଙ୍କ ପ୍ରତି ଅବହେଳା କରାଯାଉଛି। ସମାନ କାମକୁ ସମାନ ଦରମା ଓ ମୌଳିକ ସୁବିଧା ଦିଆଯାଉନାହିଁ। ଠିକାଦାର ମାଲାମାଲ ହେଉଛନ୍ତି ଓ ସଫେଇ କର୍ମଚାରୀ ଅସୁବିଧା ଭୋଗୁଛନ୍ତି। ଏନେଇ ସଂଘ ସଭାପତି ମୋହନ ନାୟକ କହିଛନ୍ତି, ସମସ୍ତ ଜିଲାରେ ହଜାର ହଜାର ସଫେଇ କର୍ମଚାରୀ ଅବହେଳିତ ଅବସ୍ଥାରେ ରହିଛନ୍ତି। ସେମାନଙ୍କୁ ନିୟମିତ କରାଯିବା ତ ଦୂରର କଥା ସାମାଜିକ ସୁରକ୍ଷା ପ୍ରତି ଗୁରୁତ୍ୱ ଦିଆଯାଉନାହିଁ। ଏଣୁ ସରକାର ଉପରୋକ୍ତ ଦାବି ବିଚାରକୁ ନ ନେଲେ ଆଗାମୀ ଦିନରେ ସଂଘ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ବିକ୍ଷୋଭରେ ସଂଘ ଉପସଭାପତି ବିଷ୍ଣୁ ନାୟକ, ସମ୍ପାଦକ ମନୋଜ କୁମାର ନାୟକ, ପ୍ରକାଶ ଚନ୍ଦ୍ର ନାୟକ ଏବଂ ପ୍ରଶାନ୍ତ ନାୟକଙ୍କ ସମେତ ଶତାଧିକ କର୍ମଚାରୀ ସାମିଲ ଥିଲେ।

### ଘରୁ ସୁନା ଅଳଙ୍କାର ଚୋରି

ଗମ୍ଭାରିମୁଣ୍ଡା/ବାଣପୁର,୨୧।୧୨(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ବାଣପୁର ଥାନା ଅନ୍ତର୍ଗତ ବିଂଝଳା ଗ୍ରାମର ଏକ ଘରୁ ସୁନା ଅଳଙ୍କାର ଚୋରି ହୋଇଯାଇଥିବା ନେଇ ବୁଧବାର ଅଭିଯୋଗ ହୋଇଛି। ସୂଚନା ମୁତାବକ, ଉକ୍ତ ଗ୍ରାମର ସୁଶାନ୍ତ ସ୍ୱାଇଁ ବିଦେଶରେ ରହୁଥିବାବେଳେ ତାଙ୍କ ସ୍ତ୍ରୀ ସୌନ୍ଦର୍ଯ୍ୟା ଲକ୍ଷ୍ମୀ ମଙ୍ଗଳବାର କୌଣସି ବ୍ୟକ୍ତିଗତ କାର୍ଯ୍ୟରେ ଘର ତାଲା ପକାଇ କଟକ ଯାଇଥିଲେ। ତେବେ ବୁଧବାର ସକାଳୁ ଘରକୁ ଫେରି ଦେଖିବା ବେଳେ ଘର ତାଲା ଭଙ୍ଗାଯାଇଥିଲା। ଭିତରକୁ ଯାଇ ଦେଖିଲାବେଳକୁ ଘରୁ ବହୁ ମୂଲ୍ୟବାନ ଜିନିଷ ଚୋରି ହୋଇଯାଇଥିବା ବେଳେ ଆଲମିରା ଖୋଲାଯାଇ କିଛି ସୁନା ଅଳଙ୍କାର ଓ ୫୦ହଜାର ଟଙ୍କା ଚୋରି ହୋଇଯାଇଛି। ଏ ନେଇ ବାଣପୁର ଥାନାରେ ସୌନ୍ଦର୍ଯ୍ୟା ଅଭିଯୋଗ କରିବାପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ବଣିକ ସଂଘର ବଜାର ଅଞ୍ଚଳ ସଫେଇ

ବୋଲଗଡ଼,୨୧।୧୨(ଡି.ଏନ୍.ଏ.)

ବୋଲଗଡ଼ ବ୍ଲକ ପିଚୁକୁଳି ନୀଳକଣ୍ଠେଶ୍ୱର ବଣିକ ସଂଘ ପକ୍ଷରୁ ବୁଧବାର ସ୍ୱଚ୍ଛତା ଦିବସ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ପବିତ୍ର ମୋହନ ମାଝୀଙ୍କ ଆହ୍ୱାନରେ ୧୫୦ରୁ ଊର୍ଦ୍ଧ୍ୱ ବ୍ୟବସାୟୀ ମନ୍ଦିର ପରିସର, ବ୍ୟାଙ୍କ, ସ୍ୱାସ୍ଥ୍ୟକେନ୍ଦ୍ର ଓ ଦେଢ଼ କିମି ବଜାର ଅଞ୍ଚଳକୁ ସଫେଇ କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ନେପାଳ କର, ପବିତ୍ର ଚୌଧୁରୀ, ଚିତ୍ତରଞ୍ଜନ ସାମନ୍ତ, କୃଷ୍ଣ ଓଝା ପ୍ରମୁଖ ପରିଚାଳନା କରିଥିଲେ। ଏ ନେଇ ସନ୍ଧ୍ୟାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା।

# ୨୬ରୁ ବୋଲଗଡ଼ ମହୋତ୍ସବ

### ମହୋତ୍ସବ ପାଇଁ ସ୍ୱର ପ୍ରତିଭା, ବକ୍ତୃତା ଚୟନ

ବୋଲଗଡ଼,୨୧।୧୨(ଡି.ଏନ୍.ଏ.)

ଚଳିତବର୍ଷ ଆସନ୍ତା ୨୬ତାରିଖରେ ବୋଲଗଡ଼ ମହୋତ୍ସବ ଆଶା-୨୦୨୨ ଆରମ୍ଭ ହେବାକୁ ଯାଉଛି। ଏହି ଉପଲକ୍ଷେ ସ୍ୱର ପ୍ରତିଭା ଓ ବକ୍ତୃତା ଚୟନ କାର୍ଯ୍ୟକ୍ରମ ସ୍ଥାନୀୟ ପରମାନନ୍ଦ ମହାବିଦ୍ୟାଳୟର ନବନିର୍ମିତ ସଭାଗୃହରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ମହୋତ୍ସବ ୩୦ ତାରିଖ ପର୍ଯ୍ୟନ୍ତ ୫ଦିନ ପାଇଁ ଆୟୋଜିତ ହେବାକୁ ରହିଛି । ବଂଶୀଧର ସଙ୍ଗୀତ ମହାବିଦ୍ୟାଳୟ ସୌଜନ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଅବିନାଶ ସୁବୁଦ୍ଧି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମକୁ ବୋଲଗଡ଼ ପରମାନନ୍ଦ ମହାବିଦ୍ୟାଳୟର ଅଧ୍ୟକ୍ଷ ହେମନ୍ତ କୁମାର ମହାପାତ୍ର ଉଦ୍‌ଘାଟନ କରିଥିଲେ। ସ୍ୱର ପ୍ରତିଭା ଚୟନର ଗୀତ ପ୍ରତିଯୋଗିତାରେ ୩୩ ଜଣ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିବା ବେଳେ ଶୁଭଶ୍ରୀ ସ୍ୱାଇଁ ପ୍ରଥମ ସ୍ଥାନ, ପ୍ରଜ୍ଞା ପରିମିତା ପ୍ରିୟଦର୍ଶିନୀ ଓ ସୌମ୍ୟରଞ୍ଜନ ରାଉତ ଦ୍ୱିତୀୟ ସ୍ଥାନ,ଅନନ୍ୟା ପ୍ରିୟଦର୍ଶିନୀ ଓ ପ୍ରଭାସ କୁମାର ଓଝା ଯୁଗ୍ମ ଭାବେ ତୃତୀୟ ସ୍ଥାନ ଅଧିକାର କରି କୃତକାର୍ଯ୍ୟ ହୋଇଛନ୍ତି। ସେହିପରି ଅନ୍‌ଲାଇନ ଶିକ୍ଷା ପାରମ୍ପରିକ ଶିକ୍ଷାଠାରୁ ଭଲ ଶୀର୍ଷକ ବକ୍ତୃତା ପ୍ରତିଯୋଗିତାରେ ୧୯ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ପ୍ରକାଶ ପରିଡା ପ୍ରଥମ,




ସନ୍ଧ୍ୟାରାଣୀ ସୁବୁଦ୍ଧି ଦ୍ୱିତୀୟ ଓ ଶ୍ରଦ୍ଧାଞ୍ଜଳି ଖଟେଇ ତୃତୀୟ ସ୍ଥାନରେ କୃତକାର୍ଯ୍ୟ ହୋଇଥିବାର ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ସ୍ୱର ପ୍ରତିଭା ଚୟନ ପାଇଁ ଗୀତ ପ୍ରତିଯୋଗିତାରେ ବିଚାରକ ଭାବେ ତବଲା ବାଦକ ଗୁରୁ ବୈକୁଣ୍ଠ ସାହୁ, ଓଡ଼ିଶୀ ଗୁରୁ ରଜନୀକାନ୍ତ ମହାପାତ୍ର, ଗୁରୁ ଏକାନ୍ତ ବିହାରୀ ଚୌଧୁରୀ ପ୍ରମୁଖ ବିଚାରକ ଭାବେ ଯୋଗଦେଇଥିଲେ। ଅନୁରୂପ ଭାବେ ବକ୍ତୃତା ପ୍ରତିଯୋଗିତା ପାଇଁ ବିଚାରକ ରୂପେ ଅଧ୍ୟାପିକା ଲକ୍ଷ୍ମୀପ୍ରଭା ମିଶ୍ର, ଗାୟତ୍ରୀ ପଟ୍ଟନାୟକ ଏବଂ ଉମାକାନ୍ତ ବେବର୍ତ୍ତା ପଟ୍ଟନାୟକ ଯୋଗଦେଇଥିଲେ। ମହୋତ୍ସବ କମିଟିର ଉପଦେଷ୍ଟା କୃଷ୍ଣମୋହନ ପାଟଲାସିଂହଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାମାଜକ କର୍ମୀ ମନୋଜ କୁମାର ପଣ୍ଡା ଅଧାପକ ଗାନ୍ଧୀ କୁମାର ସାହୁ ଓ ବଂଶୀଧର ସଙ୍ଗୀତ ମହାବିଦ୍ୟାଳୟ ଅଧ୍ୟକ୍ଷ ବୈକୁଣ୍ଠ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଲକ୍ଷ୍ମୀଧର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ, ରାଇଜିଂ କ୍ଲବ ବିଜୟୀ

ବୋଲଗଡ଼, ୨୧।୧୨(ଡି.ଏନ୍.ଏ.)

ବୋଲଗଡ଼ ବ୍ଲକ ସଂପୁର ଗ୍ରାମର ବାଲୁଙ୍କେଶ୍ୱର ରାଇଜିଂ ଷ୍ଟାର୍ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଦ୍ୱାଦଶ ଲକ୍ଷ୍ମୀଧର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଚତୁର୍ଥ ଲିଗ ମ୍ୟାଚ ସ୍ଥାନୀୟ ଟାଙ୍ଗୀ ପଡ଼ିଆରେ ବୁଧବାର ଠଣାପଲ୍ଲୀ ଗ୍ରାମର ରାଇଜିଂ କ୍ରିକେଟ କ୍ଲବ ଓ ପଣ୍ଡୁସରର ମା’ ଦକ୍ଷିଣକାଳୀ କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପଣ୍ଡୁସର କ୍ରିକେଟ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇ ୧୮.୫ ଓଭର ରେ ୧୩୪ରନ କରି ସମସ୍ତ ଉଇକେଟ ହରାଇଥିଲା। ଜବାବରେ ଠଣାପଲ୍ଲି କ୍ରିକେଟ ଦଳ ୧୮.୪ ଓଭରରେ ୯ ଉଇକେଟ ବିନିମୟରେ ୧୩୮ରନ କରି ବିଜୟୀ ହୋଇଥିଲା। ଏହି ବିଜୟ ସହ ଠଣାପଲ୍ଲିର ମା ଦକ୍ଷିଣକାଳୀ କ୍ରିକେଟ କ୍ଲବ କ୍ୱାର୍ଟରଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଏହି ମ୍ୟାଚଟରେ ଅତିଥି ଭାବେ ପରମାନନ୍ଦ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ରବୀନ୍ଦ୍ରନାଥ ପାଣିଗ୍ରାହୀ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଅମ୍ପାୟର ଭାବେ ଭଗବାନ ମଙ୍ଗରାଜ ଓ ପ୍ରଭାତ ପ୍ରଧାନ ଖେଳ ପରିଚାଳନା କରିଥିଲେ। ଶାନ୍ତନୁ ଛୋଟରାୟ ଧାରା ବିବରଣୀ ପ୍ରଦାନ କରିଥିଲେ । ଆୟୋଜକ କ୍ଲବର ସଭାପତି ନିରଞ୍ଜନ ନାୟକଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ ଓ ଗ୍ରାମର ଯୁବକମାନେ ଖେଳ ପରିଚାଳନାରେ ସହଯୋଗ କରିଥିଲେ।


ଟାଙ୍ଗୀ ପଡ଼ିଆରେ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟର ଚତୁର୍ଥ ଲିଗ ମ୍ୟାଚରେ ଉପସ୍ଥିତ ଅତିଥିଙ୍କ ସହ ଖେଳାଳି।

# ଆସିବ ଷ୍ଟୁଡେଣ୍ଟ ସ୍ପୋର୍ଟ୍ସ ପଲିସି

ଖୋର୍ଦ୍ଧା ଅଫିସ,୨୧।୧୨


ମହିଳା ମହାବିଦ୍ୟାଳୟର ୪୨ତମ ସାମ୍ବତ୍ସରିକ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ ମୁଖପତ୍ର ଉନ୍ମୋଚନ କରୁଛନ୍ତି।

**ମହିଳା ମହାବିଦ୍ୟାଳୟର ସାମ୍ବତ୍ସରିକ ଉତ୍ସବ**

- ଶୈକ୍ଷିକ ବାତାବରଣ ଉପରେ ଗୁରୁତ୍ୱ
- ଓଡ଼ିଶା ହେବ କ୍ରୀଡ଼ା ହବ୍

ବିଦ୍ୟାଳୟ ରୂପାନ୍ତରଣ ସହ ମହାବିଦ୍ୟାଳୟର ଶୈକ୍ଷିକ ବାତାବରଣ ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ଶିଳ୍ପ ଅଭିବୃଦ୍ଧି ପାଇଁ ଓଡ଼ିଶା କନକ୍ଲେଭ ପରେ ଶିକ୍ଷା କ୍ଷେତ୍ରରେ ବ୍ୟାପକତା ଉପରେ ଦୃଷ୍ଟି ଦେଉଛନ୍ତି। ଶିକ୍ଷା ହିଁ ସଫଳତାର ମାପକାଠି। ଛାତ୍ରୀ ଛାତ୍ରଙ୍କ ଅନ୍ତର୍ନିହିତ ପ୍ରତିଭା ଲୋକଲୋଚନକୁ ଆଣିବା ଓ ଦକ୍ଷତା ବିକାଶ ବୃଦ୍ଧି ଦିଗରେ ସରକାର ଚେଷ୍ଟିତ ଅଛନ୍ତି। କଲେଜଗୁଡ଼ିକର ଭିତ୍ତିଭୂମି ସହ ଶିକ୍ଷାଗତ ଯୋଗ୍ୟତା ଅନୁସାରେ ନିଯୁକ୍ତି ସୃଷ୍ଟି ପାଇଁ ପ୍ରୟାସ କରାଯାଉଛି। ସେହିପରି ରାଜ୍ୟରେ କ୍ରୀଡ଼ା ଭିତ୍ତିଭୂମି ବିକାଶ ପ୍ରତି ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଉଛନ୍ତି। ମହାବିଦ୍ୟାଳୟ ସ୍ତରରେ କ୍ରୀଡ଼ା ଭିତ୍ତିଭୂମି ଲାଗି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉଛି। ଏହି କଲେଜରୁ ଜଣେ ଛାତ୍ରୀ ହକିରେ ସ୍ଥାନ ପାଇଛନ୍ତି। ଏହା ଏକ ଗୌରବର ବିଷୟ। ୨୦୨୩ ଜାନୁୟାରୀ ବିଶ୍ୱ ହକି ପୁରୁଷ କପ୍ ଓଡ଼ିଶାରେ ଆୟୋଜନ ହେବାକୁ ଯାଉଛି। ହକି ଖେଳକୁ ପ୍ରୋତ୍ସାହନ ଦେବା ସହ ସଫଳ ହକି ବିଶ୍ୱକପ ଆୟୋଜନ କ୍ଷେତ୍ରରେ ଓଡ଼ିଶା ବିଶ୍ୱରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଓଡ଼ିଶା କ୍ରୀଡ଼ାର ହବ୍ ହେବାକୁ ଯାଉଛି। ଆଗକୁ ସରକାର ଷ୍ଟୁଡେଣ୍ଟ ସ୍ପୋର୍ଟସ ପଲିସି ଆଣିବାକୁ ଯାଉଛନ୍ତି ବୋଲି ମହିଳା ମହାବିଦ୍ୟାଳୟର ୪୨ତମ ସାମ୍ବତ୍ସରିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ ଯୋଗଦେଇ କହିଛନ୍ତି। କଲେଜ ପରିଚାଳନା ସମିତିର ସଭାପତି ଡ. ମମତା ଦେଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ପୂଜାରୀ କହିଲେ, କଲେଜ ଗୁଡ଼ିକରେ ପାଠପଢ଼ା ସହ ବୈଷୟିକ ଶିକ୍ଷା, ଆଧୁନିକ ଜ୍ଞାନକୌଶଳରେ ଶିକ୍ଷାର ଅଗ୍ରଗତି, ଅଧିକରୁ ଅଧିକ ନିଯୁକ୍ତି ସୁଯୋଗ ଉପରେ ସରକାର ଗୁରୁତ୍ୱାରୋପ କରୁଛନ୍ତି। ଛାତ୍ରୀଛାତ୍ର ଆଗକୁ ବଢିଲେ, ଓଡ଼ିଶାର ଗୌରବ ବୃଦ୍ଧି ପାଇବ ବୋଲି କହିଥିଲେ।

ସମ୍ମାନିତ ଅତିଥି ଭାବେ ‘ଓଡ଼ିଶା ମୋ ପରିବାର’ର ରାଜ୍ୟ ଆବାହକ ଅରୂପ ମୋହନ ପଟ୍ଟନାୟକ ଯୋଗଦେଇ କହିଲେ, ଶିକ୍ଷା ହିଁ ସମାଜରେ ପରିଚୟ ଆଣିଥାଏ। ପରିବାରରେ ୩ ଭଉଣୀ, ୨ଭାଇ କିପରି ଉଚ୍ଚଶିକ୍ଷା ହାସଲ କରି ସମାଜରେ ପ୍ରତିଷ୍ଠିତ ହୋଇଛନ୍ତି, ତାହାର ଉଦାହରଣ ଦେଇ ଛାତ୍ରୀମାନଙ୍କୁ ଉଚ୍ଚତର ଶିକ୍ଷା ହାସଲ ଲାଗି ସେ ପରାମର୍ଶ ଦେଇଥିଲେ। ସଫଳତାର ଶୀର୍ଷରେ ପହଞ୍ଚିବା ପର୍ଯ୍ୟନ୍ତ ପରିଶ୍ରମ କର। ଉଥାନ, ପତନରେ ଥକି ନ ଯାଇ ନିରନ୍ତର ପ୍ରୟାସ ଜାରି ରଖିଲେ ସମାଜରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବ ବୋଲି ସେ କହିଥିଲେ। ପୁରୀ ଜିଲା ଡେଲାଙ୍ଗ ବେରବୋଇ ଭଳି ଏକ ଅଖ୍ୟାତ ପଲ୍ଲୀର ଅରୁପ ମୁମ୍ବାଇର ପୋଲିସ କମିଶନର ପଦରେ ପହଞ୍ଚିବା ପଛରେ ନିରନ୍ତର ପ୍ରୟାସ, ପରିଶ୍ରମ, ଗୁରୁଜନଙ୍କ ଆର୍ଶୀବାଦ ରହିଛି ବୋଲି ସେ କହିଥିଲେ।

ସମ୍ମାନିତ ଅତିଥି ଭାବେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଯୋଗଦେଇ କହିଲେ ଯେ, ମହିଳାଙ୍କ ପ୍ରଗତି ବିନା ଦେଶର ପ୍ରଗତି ସମ୍ଭବ ନୁହେଁ। ସଫଳତା ପାଇବାକୁ ହେଲେ ପରିଶ୍ରମ କରିବାକୁ ପଡ଼ିବ। ସେହିପରି ଅନ୍ୟତମ ସମ୍ମାନିତ ଅତିଥି ଭାବେ ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି କହିଲେ ଯେ, ସ୍ୱପ୍ନ ଦେଖ, ସାକାର ନ ହେବା ପର୍ଯ୍ୟନ୍ତ ଅଭ୍ୟାସ, ପରିଶ୍ରମ ଜାରି ରଖ। ଜୀବନରେ ଶୃଙ୍ଖଳାଜ୍ଞାନ ଜରୁରୀ ବୋଲି ସେ କହିଥିଲେ। କଲେଜ ଅଧ୍ୟକ୍ଷା ଡ. ବିଜୟଲକ୍ଷ୍ମୀ ଦାସ ବିବରଣୀ ପାଠ କରି ମହାବିଦ୍ୟାଳୟର ୪୨ବର୍ଷର ଗୌରବମୟ ଇତିହାସ ସମ୍ପର୍କରେ ଆଲୋକପାତ କରିଥିଲେ। ବିଜ୍ଞାନାଗାର, ସମେତ ଅନ୍ୟାନ୍ୟ ଭିତ୍ତିଭୂମି ଲାଗି ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରିଚାଳନା ସମିତି ଅଧ୍ୟକ୍ଷା ମମତା ଦେ ସଭାପତିତ୍ୱ ଭାଷଣରେ ମହିଳା ସଶକ୍ତୀକରଣ ଉପରେ ଗୁରୁତ୍ୱ ଦେଇ କହିଲେ ଯେ, ଶୃଙ୍ଖଳିତ, ସମୃଦ୍ଧ ସମାଜ ଗଠନରେ ଛାତ୍ରୀଛାତ୍ରଙ୍କ ପ୍ରମୁଖ ଭୂମିକା ରହିଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଛାତ୍ରୀଛାତ୍ରମାନେ ବନ୍ଦେ ଉତ୍କଳ ଜନନୀଗାନ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

## ସଂକ୍ଷେପରେ

### ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ମାମଲା: ୩ ଭାଇଙ୍କୁ ୩ ବର୍ଷ ଜେଲ

ନିମାପଡ଼ା,୨୧।୧୨(ଡି.ଏନ୍.ଏ): ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ମାମଲାରେ ନିମାପଡ଼ା ସହକାରୀ ଦୌରାଜଜ୍ ନୀଳିମା ପଣ୍ଡା ୩ ଜଣ ଆକ୍ରମଣକାରୀ ଭାଇଙ୍କୁ ବୁଧବାର ୩ ବର୍ଷ ସଶ୍ରମ କାରାଦଣ୍ଡ ଶୁଣାଇଛନ୍ତି। ଦଫା ୩୦୭ ଏବଂ ୩୪୧ରେ ଦୋଷୀ ସାବ୍ୟସ୍ତ କରି କାରାଦଣ୍ଡ ସହ ୧୬ ହଜାର ଟଙ୍କା ଜରିମାନା, ଜରିମାନା ଅନାଦାୟ ଅଧିକ ୬ ମାସ ଦଣ୍ଡ ପ୍ରଦାନ କରିଛନ୍ତି। ସେମାନେ ହେଲେ ବଳଙ୍ଗା ଥାନା ଅନ୍ତର୍ଗତ ତୋରିହଁବନ୍ଧ ଗ୍ରାମର କାହ୍ନୁଚରଣ ରାୟ, କରୁଣାକର ରାୟ ଓ ଦୀନବନ୍ଧୁ ରାୟ। ସୂଚନା ମୁତାବକ, ପୂର୍ବ ବିବାଦ ଓ ଶତ୍ରୁତାକୁ କେନ୍ଦ୍ର କରି ୨୦୦୪ ଜୁନ୍ ୨୩ରେ ଉକ୍ତ ଗ୍ରାମର ରଶ୍ମିରଞ୍ଜନ ନଦୀକୁ ଶୌଚ ହେବାକୁ ଯାଇଥିଲେ। ସେହି ସମୟରେ ୩ ଭାଇ ସଂଘବଦ୍ଧ ଭାବେ ରଶ୍ମିଙ୍କୁ ଭୁଜାଲି, ଫାର୍ସା ଆଦି ମାରଣାସ୍ତ୍ରରେ ଅତର୍କିତ ଆକ୍ରମଣ କରିଥିଲେ। ଏଥିରେ ରଶ୍ମି ଗୁରୁତର ଆହତ ହୋଇଥିଲେ। ଏନେଇ ସେ ଉକ୍ତ ୩ ଭାଇଙ୍କ ବିରୋଧରେ ବଳଙ୍ଗା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ. ୬୬/୨୦୦୪) ରୁଜୁ କରି ଆକ୍ରମଣକାରୀଙ୍କୁ ଗିରଫ କରିଥିଲା। କୋର୍ଟର ଜିଆର୍ କେସ୍ ନଂ. ୩୯୧/୨୦୦୪, ଏସ୍‌ଟି କେସ୍ ନଂ. ୫୨/୨୦୨/୦୬ରେ କୋର୍ଟରେ ମାମଲା ରୁଜୁ ଥିଲା। ସରକାରଙ୍କ ପକ୍ଷରୁ ଆଡିସନାଲ୍ ପିପି ବ୍ରହ୍ମାନନ୍ଦ ପ୍ରଧାନ ଏହି ମାମଲା ପରିଚାଳନା କରୁଥିଲେ।

### ଫେରାର ଅଭିଯୁକ୍ତ ଗିରଫ

ପିପିଲି,୨୧।୧୨(ଡି.ଏନ୍.ଏ.): ବିଭିନ୍ନ ସମୟରେ ଲୋକଙ୍କଠାରୁ ଲୁଟ୍ କରି ଫେରାର୍ ଥିବା ଜଣେ ଅଭିଯୁକ୍ତଙ୍କୁ ପିପିଲି ଥାନା ପୋଲିସ ବୁଧବାର ଗିରଫ କରି କୋର୍ଟଚାଲାଣ କରାଯାଇଛି। ସେ ହେଲେ ଗଞ୍ଜାମ ଜିଲା କୋଦଳା ଥାନା ଅଞ୍ଚଳର ଏମ୍. ଅଜୟ। ସୂଚନା ଅନୁଯାୟୀ, ଚଳିତ ମାସ ୧ ତାରିଖ ଦିନ ଅପରାହ୍ନରେ ଦାଣ୍ଡମୁକୁନ୍ଦପୁର ଗ୍ରାମ ନୂଆସାହିର କୁନ୍ତଳା ପ୍ରଧାନ ସ୍ଥାନୀୟ ଷ୍ଟେଟ ବ୍ୟାଙ୍କରୁ ୪୦ ହଜାର ଟଙ୍କା ଉଠାଇ ବ୍ୟାଗରେ ରଖି ତାଙ୍କ ସ୍ୱାମୀଙ୍କ ସହ ସାଇକେଲ ପଛରେ ବସି ଘରକୁ ଆସୁଥିଲେ। ଏହି ସମୟରେ ରାସ୍ତା ଉପରେ ଏକ ମନ୍ଦିର ସମ୍ମୁଖରେ କେହି ଦୁର୍ବୃତ୍ତ ତାଙ୍କଠାରୁ ଉକ୍ତ ଟଙ୍କା ବ୍ୟାଗଟି ଜୋର୍ କରି ଟାଣି ନେଇଯାଇଥିଲା। ଏ ନେଇ ସେ ଥାନାରେ ଅଭିଯୋଗ କରିବା ପରେ ତଦନ୍ତ ଅଧିକାରିଣୀ ଏସ୍ଆଇ ସୁରମା ସ୍ୱାଇଁ ଏକ ମାମଲା ନଂ.୬୫୨/୨୨ ରୁଜୁ କରି ତଦନ୍ତ ଚଳାଇଥିଲେ। ତେବେ ବିଶେଷ ସୂତ୍ରରୁ ଅଜୟ ଏହି ଚୋରିରେ ସମ୍ପୃକ୍ତ ଥିବା ପୋଲିସ ଜାଣିବା ପରେ ବୁଧବାର ତାକୁ ଧରିବାରେ ସଫଳ ହୋଇଛନ୍ତି। ଅଭିଯୁକ୍ତଙ୍କଠାରୁ ନଗଦ ୮ ହଜାର ଟଙ୍କା ସହ ତାର ବାଇକ୍‌କୁ ଜବତ କରାଯାଇଛି ବୋଲି ଆଇଆଇସି ଅଭିମନ୍ୟୁ ନାୟକ ସୂଚନା ଦେଇଛନ୍ତି।

### ଚଢ଼ାଉ: ୩ ଲକ୍ଷ ଟଙ୍କାର ଯନ୍ତ୍ରାଂଶ ଜବତ

ବଳଙ୍ଗା,୨୧।୧୨(ଡି.ଏନ୍.ଏ.): ବଳଙ୍ଗା ଥାନା ଅନ୍ତର୍ଗତ ଚନ୍ଦ୍ରାଦେଇପୁର ମଠସାହିରେ ଥିବା ଦୀର୍ଘ ୧୫ ବର୍ଷ ଧରି ଚାଲୁଥିବା ବେଆଇନ କରତକଳ ଉପରେ ଖୋର୍ଦ୍ଧା ବନଖଣ୍ଡ ପକ୍ଷରୁ ବୁଧବାର ଚଢ଼ାଉ କରାଯାଇଛି। ଖୋର୍ଦ୍ଧା ବନଖଣ୍ଡ ଅସିତ୍ ମିଶ୍ରଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ସହ ଭୋର ୫ଟା ସମୟରେ ଚଢ଼ାଉ କରାଯାଇଥିଲା। କରତକଳର ସମସ୍ତ ଯନ୍ତ୍ରାଂଶକୁ ଗ୍ୟାସ୍‌କଟର ସାହାଯ୍ୟରେ କାଟି ଜବତ କରାଯାଇଥିଲା। ସମସ୍ତ ଯନ୍ତ୍ରାଂଶର ମୂଲ୍ୟ ୩ ଲକ୍ଷ ଟଙ୍କା ହେବ ବୋଲି ଟିମ୍ ସୂଚନା ଦେଇଛି। ଚଢ଼ାଉରେ ବାଲିପାଟଣା ରେଞ୍ଜର ମାନସ ମହାନ୍ତି, ଖୋର୍ଦ୍ଧା ରେଞ୍ଜର ଜୟକୃଷ୍ଣ ପଣ୍ଡା, ଖୋର୍ଦ୍ଧା ଓ ବାଲିପାଟଣା ଫରେଷ୍ଟରଙ୍କ ସହ ରଣପୁର ଏପିଆର୍ ଫୋର୍ସ ଟିମ୍ ସାମିଲ ଥିଲେ। ଆଗକୁ ଅନ୍ୟ ଜାଗାଗୁଡ଼ିକରେ ଚଢ଼ାଉ କରାଯିବ ବୋଲି ବାଲିପାଟଣା ରେଞ୍ଜର ମହାନ୍ତି କହିଛନ୍ତି।

### ମହାବିଦ୍ୟାଳୟ ନୂତନ ସଭାପତିଙ୍କୁ ସ୍ୱାଗତ

ଅସ୍ତରଙ୍ଗ,୨୧।୧୨(ଡି.ଏନ୍.ଏ.): ମଙ୍ଗଳା ଡିଗ୍ରୀ ମହାବିଦ୍ୟାଳୟ, କାକଟପୁରର ନୂତନ ସଭାପତି ଶିକ୍ଷାବିତ୍ ସୁଧୀର ଚନ୍ଦ୍ର ଭୂୟାଁଙ୍କୁ ସ୍ୱାଗତ କରାଯାଇଛି। ଅଧକ୍ଷ ଡ. ଅଶୋକ ତ୍ରିପାଠୀ ଏହି ସଭାରେ ସଭାପତିତ୍ୱ କରି ସ୍ୱାଗତ ଭାଷଣ ଦେଇଥିଲେ। ପରେ ପ୍ରାଧାପକ ସରୋଜ ନାୟକ, ଅଧାପକ ସୁବ୍ରତ ନାୟକ, ମୁଖ୍ୟ କିରାଣି କୃଷ୍ଣଚନ୍ଦ୍ର ପଣ୍ଡା ଅଭିନନ୍ଦନ ଜଣାଇ କର୍ମଚାରୀ ତଥା ମହାବିଦ୍ୟାଳୟର ସୁବିଧା ଅସୁବିଧା ସମ୍ପର୍କରେ ଭୂୟାଁଙ୍କୁ ଜଣାଇଥିଲେ। ଭୂୟାଁ ମହାବିଦ୍ୟାଳୟ କର୍ମଚାରୀଙ୍କ ସମସ୍ୟାର ସମାଧାନ, ଗୁଣାତ୍ମକ ଶିକ୍ଷାଦାନ, ମହାବିଦ୍ୟାଳୟର ଲାଇବ୍ରେରୀ, ଲାବରଟାରି ଓ ଅନ୍ୟାନ୍ୟ ଭିତ୍ତିଭୂମିର ବିକାଶ, ମହାବିଦ୍ୟାଳୟକୁ ନାକ୍ ଟିମ ପୁନଃ ଆଣିବା ପାଇଁ ଚେଷ୍ଟା କରିବେ ବୋଲି ପ୍ରକାଶ କରିଥିଲେ।

# ପର୍ଯ୍ୟଟକଙ୍କୁ ଶୋଷଣ ଅଭିଯୋଗ

**ସ୍ୱର ଉତ୍ତୋଳନ କଲା ଚିଲିକା ମୋଟରବୋଟ୍ ଆସୋସିଏଶନ**

ବ୍ରହ୍ମଗିରି,୨୧।୧୨(ଡି.ଏନ୍.ଏ.)

ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ଚିଲିକା ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଏହାର ସୌନ୍ଦର୍ଯ୍ୟ ସହ ମା' କାଳୀଜାଈଙ୍କୁ ଦର୍ଶନ କରିବା ପାଇଁ ପ୍ରତିଦିନ ଶହ ଶହ ପର୍ଯ୍ୟଟକ ଚିଲିକା ବୁଲିବାକୁ ଆସୁଛନ୍ତି। ଏବେ ଶୀତ ଋତୁ ଚାଲିଥିବାରୁ ଏଠାରେ ଲକ୍ଷାଧିକ ପର୍ଯ୍ୟଟକଙ୍କ ସମାଗମ ହୁଏ। କିନ୍ତୁ ଚିଲିକା ଭ୍ରମଣରେ ନେବା ପାଇଁ ସରକାରଙ୍କ ପକ୍ଷରୁ କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା ନ ଥିବାରୁ ଚିଲିକା କୂଳ ଅଞ୍ଚଳରେ ଥିବା ଡଙ୍ଗା ଚାଳକମାନେ ମିଶି ଏକ ବୋଟ ଆସୋସିଏଶନ ଗଠନ କରି ନିଜ ନିଜ ଗ୍ରାମ ନିକଟରେ ବୋଟିଂ ପଏଣ୍ଟ ଖୋଲି ପର୍ଯ୍ୟଟକଙ୍କୁ ଚିଲିକାକୁ ବୁଲାଇବାକୁ ନେଇଥାନ୍ତି। ହେଲେ କେତେକ ଡଙ୍ଗା ଓ ମୋଟର ବୋଟ ସଂଘ ପର୍ଯ୍ୟଟକଙ୍କୁ ଦଲାଲ ମାଧ୍ୟମରେ ଶୋଷଣ କରୁଛନ୍ତି। ଯାହାକୁ ନେଇ ପର୍ଯ୍ୟଟକ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ଏ ନେଇ ସାତପଡ଼ାର ଡଲଫିନ ମୋଟର ବୋଟ ଆସୋସିଏଶନ ସ୍ୱର ଉତ୍ତୋଳନ କରିଛି। ଆସୋସିଏଶନ ପକ୍ଷରୁ ବୁଧବାର ଏକ ଖବରଦାତା ସମ୍ମିଳନୀ ମାଧ୍ୟମରେ କିଭଳି ପର୍ଯ୍ୟଟକମାନେ ଶୋଷଣ ହେଉଛନ୍ତି ଏବଂ ସଂଘର ବିଭିନ୍ନ ସମସ୍ୟା ଥିବା ଜଣାଇଛନ୍ତି। ଚିଲିକାରେ ପର୍ଯ୍ୟଟକମାନଙ୍କୁ ନେଇ ବୁଲାଉଥିବା ଡଙ୍ଗାର ଇନସ୍ୟୁରାନ୍ସ ଓ ଲାଇଫ ଗାର୍ଡର ବ୍ୟବସ୍ଥା ନାହିଁ। ସରକାରୀ ଦରଠାରୁ ମାତ୍ରାଧିକ ଦର ନେଉଛନ୍ତି। ଯାହାର ଅଧା ଅଂଶ ପର୍ଯ୍ୟଟକଙ୍କୁ ଆଣୁଥିବା ଗାଡି ଚାଳକ, କେତେକ ପୋଲିସ କର୍ମଚାରୀ ନେଉଛନ୍ତି। ଚିଲିକାରେ ନକଲି ମୋତି ବିକ୍ରିର ବୃଦ୍ଧି ଯୋଗୁ ସାତପଡ଼ା ଅଞ୍ଚଳର ସମ୍ମାନ ଉପରେ ଆଞ୍ଚ ଆସୁଛି। ଏ ସମ୍ପର୍କରେ ପୂର୍ବରୁ ଜିଲାପାଳଙ୍କୁ ଅବଗତ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନି। ତେଣୁ ଏହି ସମସ୍ୟାର ସମାଧାନ ଆସନ୍ତା ୨୭ ତାରିଖ ମଧ୍ୟରେ ନ ହେଲେ ଏହି ମୋଟରବୋଟ ସଂଘ ଚିଲିକାର ଜଳପଥ ଓ ସ୍ଥଳପଥକୁ ୨୮ ତାରିଖଠାରୁ ବନ୍ଦ କରିବା ବୋଲି ଚେତାବନୀ ଦେଇଛି।


ରଘୁରାଜପୁର ଭୁଆସୁଣୀ ମଣ୍ଡପରେ ଚାଲିଥିବା ୬ଷ୍ଠ ଇନ୍ଦ୍ରଧନୁ ଉତ୍ସବର ବୁଧବାର ସନ୍ଧ୍ୟାରେ ପରିବେଷିତ ସମରକଳା।

# ଆକର୍ଷଣ ସାଜିଲା ସମରକଳା ପ୍ରଦର୍ଶନ

**ଇନ୍ଦ୍ରଧନୁ ଉତ୍ସବର ଦ୍ୱିତୀୟ ସନ୍ଧ୍ୟା**

ସାକ୍ଷୀଗୋପାଳ,୨୧।୧୨(ଡି.ଏନ୍.ଏ.)

ପୁରୀ ଜିଲାର ଐତିହ୍ୟ ଗ୍ରାମ ରଘୁରାଜପୁର ଭୁଆସୁଣୀ ମଣ୍ଡପରେ ଚାଲିଥିବା ନୃତ୍ୟ ସଙ୍ଗୀତ ଓ ଲୋକନୃତ୍ୟ ସମାରୋହ ଜାତୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ୬ଷ୍ଠ ଇନ୍ଦ୍ରଧନୁ ଉତ୍ସବର ବୁଧବାର ଥିଲା ୨ୟ ସନ୍ଧ୍ୟା। ଅଭିନ୍ନ ସୁନ୍ଦର ଗୋଟିପୁଅ ନୃତ୍ୟ ପରିଷଦ ଏବଂ ସିଏମ୍‌ଡିବି ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଆୟୋଜିତ ଉତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥିଭାବେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦେଇ ରଘୁରାଜପୁରର ବିଭିନ୍ନ ନୃତ୍ୟ କଳା ସହ ଚିତ୍ରଶିଳ୍ପୀ ପାଇଁ ଏହି ଗ୍ରାମ ଆଜି ସବୁଠି ବେଶ୍ ପରିଚିତ। ଏହା କଳା, ଶିଳ୍ପୀ ହିଁ ଗ୍ରାମର ଐତିହ୍ୟକୁ ବଜାୟ ରଖିପାରିଛି ବୋଲି ବିଧାୟକ କହିଥିଲେ। ଏଥିସହ ଉତ୍ସବରେ ବର୍ଷିୟାନ ନୃତ୍ୟ, ସଙ୍ଗୀତ ଗୁରୁ ଓ କଳାକାରମାନଙ୍କୁ ବିଧାୟକ ସମ୍ବର୍ଦ୍ଧିତ କରିଥିଲେ। ସମ୍ମାନିତ ଅତିଥି ଭାବରେ ରାଜ୍ୟ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ଓଡ଼ିଶୀ ସଙ୍ଗୀତ ଗୁରୁ ଚନ୍ଦ୍ରମଣି ଲେଙ୍କା, ଡା. ଶୁକଦେବ ନାୟକ, କେନ୍ଦ୍ର ଚଳଚ୍ଚିତ୍ର ପାନେଲ ବୋର୍ଡ ମେମ୍ବର ସଞ୍ଜୀବ ମିଶ୍ର, ଲିନୁ ମିଶ୍ର, ଅଭିନେତ୍ରୀ ଲକ୍ଷ୍ମୀପ୍ରିୟା ମିଶ୍ର, ମାଳତିପାଟପୁର ସରପଞ୍ଚ ମହେନ୍ଦ୍ର ମହାପାତ୍ର ଓ ସମିତି ସଭ୍ୟ ପ୍ରମୋଦ କୁମାର ମହାରଣା, ଅନୁଷ୍ଠାନର ସଭାପତି ଯୋଗେନ୍ଦ୍ର ନାଥ ସ୍ୱାଇଁ, ଉପସଭାପତି ପ୍ରହ୍ଲାଦ ସାମନ୍ତରାୟ, ସିଏମ୍‌ଡିବି ଟ୍ରଷ୍ଟ ସମ୍ପାଦିକା ଚନ୍ଦ୍ରମଣି ଦେଇ, ଗ୍ରାମ ସଭାପତି ଲକ୍ଷ୍ମୀଧର ସୁବୁଦ୍ଧି, ଲକ୍ଷ୍ମଣ ମହାରଣା ଓ ସୁରେନ୍ଦ୍ର ମହାରଣା ଯୋଗଦେଇଥିଲେ। ବିଭିନ୍ନ ଅନୁଷ୍ଠାନର କଳାକାରମାନେ ପରିଷେଣ କରିଥିବା ପ୍ରତିଟି କାର୍ଯ୍ୟକ୍ରମ ଶୀତୁଆ ରାତିରେ ମଞ୍ଚ ନିକଟରେ ଦର୍ଶକମାନଙ୍କୁ ବାନ୍ଧି ରଖିଥିଲା। ଢେଙ୍କାନାଳରୁ ଆସିଥିବା ମା' ଜଗତ ଜନନୀ ପାଇକ ଆଖଡ଼ା ଦଳ ବୀର ଓଡ଼ିଆ ପୁଅର ସମରକଳା ନିଖୁଣ ପ୍ରଦର୍ଶନ ଆକର୍ଷଣ ସାଜିଥିଲା। ଭୁବନେଶ୍ୱର ନକ୍ଷତ୍ର ଗୁରୁକୁଳ ପକ୍ଷରୁ ଗୋଟିପୁଅ ନୃତ୍ୟ, ଶ୍ରୀକ୍ଷେତ୍ର ଓଡ଼ିଶୀ ସଙ୍ଗୀତ ବିକାଶ ପରିଷଦ ପୁରୀର କଣ୍ଠଶିଳ୍ପୀମାନେ ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରିଥିବା ବେଳେ କୋଲକାତାର କଳାକାରମାନେ ଲୋକନୃତ୍ୟ ପରିବେଷଣ କରିଥିଲେ। ଆଡ୍‌ଭୋକେଟ ଅଞ୍ଜନ ହୋତା କାର୍ଯ୍ୟକ୍ରମରେ ସଂଯୋଜନା କରିଥିବା ବେଳେ ବସନ୍ତ କୁମାର ମହାରଣା ପରିଚାଳନା କରିଥିଲେ। ଏହି ଅବସରରେ ଇନ୍ଦ୍ରଧନୁ ସମ୍ମାନରେ ବଂଶୀଧର ମହାରଣା, ଡା. ଶୁକଦେବ ନାୟକ, ଅଭିନେତ୍ରୀ ଲକ୍ଷ୍ମୀପ୍ରିୟା ମିଶ୍ର, ଗୋଟିପୁଅ ନୃତ୍ୟ ଗୁରୁ ବିଜୟ କୁମାର ସାହୁ ଏବଂ କୋଲକାତାର ନୃତ୍ୟଶିଳ୍ପୀ ରୂପା କରଙ୍କୁ ଅନୁଷ୍ଠାନ ପକ୍ଷରୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ।

# ଚିଲିକାରେ ଡଲଫିନ ଗଣନା ଆରମ୍ଭ

**୧୮ ଦଳରେ ୧୬୦ କର୍ମଚାରୀ ସାମିଲ**

ବ୍ରହ୍ମଗିରି,୨୧।୧୨(ଡି.ଏନ୍.ଏ)



ଚିଲିକାରେ ଡଲଫିନଙ୍କ ସ୍ଥିତି ଜାଣିବା ପାଇଁ ବୁଧବାରଠାରୁ ପ୍ରଶାସନ ପକ୍ଷରୁ ଏହାର ଗଣନ କାର୍ଯ୍ୟ ଆରମ୍ଭ ହୋଇଯାଇଛି। ବନ ବିଭାଗ ଓ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ)ଙ୍କ ମିଳିତ ସହଯୋଗରେ ଏହି ଗଣନା କାର୍ଯ୍ୟ ଚାଲିଛି। ଏହି ଗଣନା କାର୍ଯ୍ୟରେ ବନ ବିଭାଗ କର୍ମଚାରୀ, ସିଡିଏ କର୍ମଚାରୀ, ସ୍ୱେଚ୍ଛାସେବୀ ଓ ବିଶେଷଜ୍ଞମାନଙ୍କୁ ନେଇ ୧୮ ଟି ଦଳରେ ୧୬୦ଜଣ କର୍ମଚାରୀ ସାମିଲ ହୋଇ ଚିଲିକାର ବିଭିନ୍ନ ସ୍ଥାନକୁ ବିଭାଜିତ ହୋଇ ଗଣନା କାର୍ଯ୍ୟ କରିଛନ୍ତି। ଏହି ଗଣନା କାର୍ଯ୍ୟରେ ସାତପଡ଼ା ରେଞ୍ଜରୁ ୮ଟି ଦଳ ଓ ବାଲୁଗାଁ ରେଞ୍ଜରୁ ୧୦ଟି ଦଳ ସକାଳ ୬ଟାରୁ ବାହାରି ମଧ୍ୟାହ୍ନ ୧୨ଟା ମଧ୍ୟରେ ଶେଷ କରିଥିଲେ। ବାଇନାକୁଲାର, ଜିପିଏସ୍ ଓ ରେଞ୍ଜ ଫାଇଣ୍ଡର ମାଧ୍ୟମରେ ଡଲଫିନଙ୍କ ସ୍ଥିତି ଅନୁଧ୍ୟାନ କରିବା ସହିତ ଗଣନା କରାଯାଇଥିଲା। ସମସ୍ତ ଦଳର ରିପୋର୍ଟ ଆସିବା ପରେ ଚୂଡ଼ାନ୍ତ ରିପୋର୍ଟ ପ୍ରକାଶ ପାଇବା ବୋଲି ବନ ବିଭାଗ ତରଫରୁ ସୂଚନା ମିଳିଛି।

# ବିଦ୍ୟାଳୟ, ସ୍ୱାସ୍ଥ୍ୟକେନ୍ଦ୍ର ସମସ୍ୟା ନେଇ ଆଲୋଚନା

ଡେଲାଙ୍ଗ, ୨୧।୧୨(ଡି.ଏନ୍.ଏ.)

ଡେଲାଙ୍ଗ ବ୍ଲକ କାର୍ଯ୍ୟାଳୟସ୍ଥିତ ବିଜୁ ପଟ୍ଟନାୟକ ସମ୍ମିଳନୀ କକ୍ଷରେ ବୁଧବାର ପଞ୍ଚାୟତ ସମିତିର ୪ର୍ଥ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ବାସନ୍ତୀ ସାହୁଙ୍କ ଅଧ୍ୟକ୍ଷତାରେ ବିଧାୟକ ରୁଦ୍ରପ୍ରତାପ ମହାରଥୀ, ବିଡିଓ ଦିଲୀପ କୁମାର ଷଡ଼ଙ୍ଗୀ, ଅତିରିକ୍ତ ତହସିଲଦାର ରଞ୍ଜନ କୁମାର ନାୟକ, ଅତିରିକ୍ତ ଉନ୍ନୟନ ଅଧିକାରୀ ପ୍ରଦୀପ୍ତ ନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜେଶ୍ୱର ମହାରଣା, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଜାପାନୀ ମିତ୍ର, ପଞ୍ଚାୟତ ଅଧିକାରୀ ରତିକାନ୍ତ ସାହୁ, ଉପାଧ୍ୟକ୍ଷ ଦୁର୍ବାସା ନିଶଙ୍କ, ଏମ୍‌ପିଙ୍କ ପ୍ରତିନିଧି ମଳୟ ମହାନ୍ତି, ଜିଲା ପରିଷଦ ସଭ୍ୟ ପ୍ରସନ୍ନ ସାହୁ, ସଭ୍ୟ ପ୍ରଜ୍ଞା ଛୋଟରାୟ, ଦୀପ୍ତିଶ୍ରୀ ରାଉତରାୟଙ୍କ ସମେତ ସମସ୍ତ ସରପଞ୍ଚ, ସମିତି ସଭ୍ୟ ଉପସ୍ଥିତ ଥିଲେ। ନିରନ୍ତର ବିକାଶ ଲକ୍ଷ୍ୟ ଆଧାରରେ ୨୦୨୩-୨୪ ପାଇଁ ନିର୍ଦ୍ଧାରିତ ୯ଟି ଲକ୍ଷ୍ୟଭିତ୍ତିକ କାର୍ଯ୍ୟ ଖସଡ଼ା ପ୍ରସ୍ତୁତି, ୫-ଟି ଉଚ୍ଚ ବିଦ୍ୟାଳୟର ସ୍ଥିତି ସହ ଆବାସ ଯୋଜନା ହିତାଧିକାରୀ ଚୟନ ସମ୍ପର୍କରେ ବିଡିଓ ଷଡ଼ଙ୍ଗୀ ସୂଚନା ଦେଇଥିଲେ। ବୋଳାକଣାର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ହାକପଡ଼ାର ଚନ୍ଦ୍ରଶେଖର ଦେବ ଉଚ୍ଚ ବିଦ୍ୟାଳୟ ଓ ଖଣ୍ଡିମଙ୍ଗଳପୁରର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଆବଶ୍ୟକ ଭିତ୍ତିଭୂମି ନ ଥିବାରୁ ମଞ୍ଜୁର ହୋଇଥିବା ୫-ଟି ରୂପାନ୍ତରିକରଣ କାର୍ଯ୍ୟ ହୋଇପାରୁ ନ ଥିବା ମତପ୍ରକାଶ ପାଇଥିଲା। ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର, ସ୍ୱାସ୍ଥ୍ୟ ଉପକେନ୍ଦ୍ରରେ ମହିଳା ସ୍ୱାସ୍ଥ୍ୟ କର୍ମୀ ନ ଥିବା, ଉପକେନ୍ଦ୍ର ଗୃହ ନିର୍ମାଣ ହୋଇପାରୁ ନଥିବା, ଆବାସ ଯୋଜନା ହିତାଧିକାରୀ ଚୟନରେ ସ୍ୱଚ୍ଛତା, ପଶୁଙ୍କୁ ସଂକ୍ରମଣ ପ୍ରତିରୋଧ ଟିକା ଦେବା, ଦୟାନଦୀ ସେତୁ ନିର୍ମାଣ ତ୍ୱରାନ୍ୱିତ କରାଯିବା ଆଦି ସମସ୍ୟା ସମ୍ପର୍କରେ ସମିତିସଭ୍ୟ ଅଜୟ ରାଉତରାୟ, ପ୍ରଭାତ ଜେନା, ରୀତାଞ୍ଜଳି ପ୍ରଧାନ, ଅନ୍ନପୂର୍ଣ୍ଣା ରଣଜିତ୍, ଲଲାଟ କେଶରୀ ସାମନ୍ତରାୟ, ହିରଣ୍ମୟୀ ମହାପାତ୍ର, ହରିହର ସ୍ୱାଇଁ, ବିଶ୍ୱନାଥ ପଟ୍ଟନାୟକ ପ୍ରମୁଖ ଦୃଷ୍ଟି ଆକର୍ଷଣ କରିଥିଲେ। ଏ ନେଇ ଶୀଘ୍ର କାର୍ଯ୍ୟ କରିବା ପାଇଁ ବିଡିଓ ନିର୍ଦ୍ଦେଶ ଦେଇଥିଲେ।

# ଜିଲା ଶିକ୍ଷାଧିକାରୀଙ୍କ ନୂତନ କାର୍ଯ୍ୟାଳୟ ପାଇଁ ଭିତ୍ତିପ୍ରସ୍ତର

ପୁରୀ ଅଫିସ, ୨୧।୧୨

ପୁରୀ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ବୁଧବାର ନୂତନ କାର୍ଯ୍ୟାଳୟ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ଗୃହ ନିର୍ମାଣ ପାଇଁ ପ୍ରାୟ ୩ କୋଟି ୮୨ ଲକ୍ଷ ଟଙ୍କାର ବ୍ୟୟ ଅଟକଳ ହୋଇଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ଏହି ପ୍ରକଳ୍ପକୁ ଆସନ୍ତା ୧୧ ମାସ ଭିତରେ ସାରି ଆସନ୍ତା ୨୦୨୩ ଡିସେମ୍ବରରେ ଉଦଘାଟନ କରିବାର ଯୋଜନା ରଖାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି। ନୂତନ ଗୃହରେ ସମ୍ମିଳନୀ କକ୍ଷ ସହ ଆଧୁନିକୀକରଣ କରାଯିବ। ବର୍ତ୍ତମାନ କାର୍ଯ୍ୟ ଚାଲୁଥିବା କାର୍ଯ୍ୟାଳୟ ବହୁ ପୁରାତନ ହୋଇଥିବାରୁ ନୂତନ କାର୍ଯ୍ୟାଳୟର ଆବଶ୍ୟକତା ରହିଥିଲା। ବହୁଦିନ ହେବ ଏନେଇ ପ୍ରସ୍ତାବ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ଜିଲା ଶିକ୍ଷାଧିକାରୀ ବିଶ୍ୱଜିତ୍ ଘୋଷଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ରମାନେ ଯୋଗଦେଇଥିଲେ।

# ଓଡ଼ିଆ ବିଭାଗର ପାଠଚକ୍ର ଆଲୋଚନା ଉଦ୍‌ଯାପିତ

ପିପିଲି,୨୧।୧୨(ସ୍ୱ.ପ୍ର.)

ପିପିଲି ମହାବିଦ୍ୟାଳୟର ଓଡ଼ିଆ ବିଭାଗରେ ପାଠଚକ୍ରକୁ ନେଇ ଚାଲିଥିବା ଆଲୋଚନାଚକ୍ର ବୁଧବାର ଉଦ୍‌ଯାପିତ ହେବା ସହ +୩ କଳା ପ୍ରଥମ ବର୍ଷ ଛାତ୍ରୀଛାତ୍ରମାନଙ୍କୁ ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି। କଲେଜ ଅଧ୍ୟକ୍ଷ ଶିବପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଆଲୋଚନାରେ ମୁଖ୍ୟ ବକ୍ତା ଭାବେ ପୂର୍ବତନ ଓଡ଼ିଆ ଅଧାପକ ତଥା ପ୍ରବଚକ ଶୁକଦେବ ମହାନ୍ତି ଯୋଗଦେଇ ଓଡ଼ିଆ ସାହିତ୍ୟକୁ କବି ଉପେନ୍ଦ୍ର ଭଞ୍ଜଙ୍କ ଅବଦାନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ବିଭାଗର ମୁଖ୍ୟ ଡ.ସଂଗ୍ରାମ କେଶରୀ ପରିଡ଼ା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଡ.ଲୋକନାଥ ସେଠୀ ଧନ୍ୟବାଦ ଦେଇଥିଲେ। ଏତଦ୍‌ବ୍ୟତୀତ ଏହି ସଭାରେ ଓଡ଼ିଆ ବିଭାଗର ଅଧାପିକା ସ୍ମିତା ଲେଙ୍କା, ପୁଷ୍ପଲତା ବିଶୋଇ, ମୋନାଲିସା ସାହୁ, ରୁପାଲିନ ସାହୁ ପ୍ରମୁଖ ଉପସ୍ଥିତ ଥିବାବେଳେ ଓଡ଼ିଆ ବିଭାଗର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ରୀଛାତ୍ରମାନେ ସହଯୋଗ କରିଥିଲେ।

# ୬ ହଜାର ଉପଭୋକ୍ତାଙ୍କୁ ୨୪ ଘଣ୍ଟିଆ ପାନୀୟ ଜଳ ଯୋଗାଣ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

**ଡ୍ରିଙ୍କ ଫ୍ରମ୍ ଟ୍ୟାପ ଲୋକାର୍ପିତ**

ନିମାପଡ଼ା,୨୧।୧୨(ଡି.ଏନ୍.ଏ.)

ରାଜ୍ୟ ସରକାରଙ୍କ ଡ୍ରିଙ୍କ ଫ୍ରମ୍ ଟ୍ୟାପ ମିଶନ ଯୋଜନାକୁ ରାଜ୍ୟର ୧୯ଟି ସହରାଞ୍ଚଳରେ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ୍‌ରେ ଲୋକାର୍ପିତ କରିଛନ୍ତି। ଏହି ପରିପ୍ରେକ୍ଷୀରେ ୱାଟ୍‌କୋ (ୱାଟର କର୍ପୋରେଶନ ଅଫ୍ ଓଡ଼ିଶା) ନିମାପଡ଼ା ଉପଖଣ୍ଡ ପକ୍ଷରୁ ଏନ୍‌ଏସିର ୭ନଂ., ୮ନଂ., ୯ନଂ. ଆଦି ୩ ୱାର୍ଡର ଉପଭୋକ୍ତାଙ୍କ ପାଇଁ ଡ୍ରିଙ୍କ ଫ୍ରମ୍ ଟ୍ୟାପ ଲୋକାର୍ପିତ ହୋଇଛି। ନିମାପଡ଼ା ଏନ୍‌ଏସି ଅଞ୍ଚଳର ୬ ହଜାର ଉପଭୋକ୍ତା ଏବେ ୨୪ ଘଣ୍ଟିଆ ବିଶୁଦ୍ଧ ପାନୀୟ ଜଳ ପାଇପାରିବେ। ଏନେଇ ଏନ୍‌ଏସି ସଭାକକ୍ଷରେ ଲୋକାର୍ପଣ ସମାରୋହ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ୱାଟ୍‌କୋ ପୁରୀ ଜିଲା ସାଧାରଣ ପରିଚାଳକ (ଜେନେରାଲ ମ୍ୟାନେଜର) ଭବାନୀ ଶଙ୍କର ମହାନ୍ତି, ନିମାପଡ଼ାର ମ୍ୟାନେଜର ଶଶିଭୂଷଣ ମହାନ୍ତି, ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ସାହୁ, ଉପାଧ୍ୟକ୍ଷ ସନ୍ତୋଷ ଦାଶ, କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ ଆଚାର୍ଯ୍ୟ, ପରିମଳ ଅଧିକାରୀ ବିଜୟ ଗ୍ରହାଚାର୍ଯ୍ୟ, ପୂର୍ବତନ ଅଧ୍ୟକ୍ଷ ସନାତନ ପ୍ରଧାନଙ୍କ ସମେତ ସମସ୍ତ କାଉନସିଲର, ଜଳସାଥୀ, ୱାଟ୍‌କୋ କର୍ମଚାରୀ ଓ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ଆଗାମୀ ଦିନରେ ଏନ୍‌ଏସିର ଅବଶିଷ୍ଟ ୮ଟି ୱାର୍ଡରେ ଏହି ଯୋଜନାରେ ୨୪ ଘଣ୍ଟିଆ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯିବ ।

# ସ୍କୁଟିରୁ ପଡ଼ିଗଲେ, ଚଢ଼ିଗଲା ବସ୍

**ବୃଦ୍ଧ ମୃତ**

ପୁରୀ ଅଫିସ,୨୧।୧୨

ପୁରୀ- ଭୁବନେଶ୍ୱର ଜାତୀୟ ରାଜପଥର ମାଳତିପାଟପୁର ପାଖ ଏକ ଢାବା ସମ୍ମୁଖରେ ବୁଧବାର ଜଣେ ବୃଦ୍ଧ ସ୍କୁଟିରୁ ପଡ଼ିଯିବାରୁ ପଛରେ ଆସୁଥିବା ଏକ ବସ୍ ଚଢ଼ିଯାଇଥିଲା। ଫଳରେ ତାଙ୍କର ମୃତ୍ୟୁ ଘଟିଛି। ସେ ହେଲେ ପୁରୀ ସର୍ବୋଦୟ ନଗରର ପ୍ରଭାକର ମିଶ୍ର। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ଚନ୍ଦନପୁର ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଅପରାହ୍ନରେ ପ୍ରଭାକର ସ୍କୁଟି ଯୋଗେ ଭୁବନେଶ୍ୱରରୁ ପୁରୀ ଆସୁଥିଲେ। ମାଳତିପାଟପୁରଠାରେ ରାସ୍ତା କାମ ହେଉଥିବାରୁ ପ୍ରଭାକର ଭାରସାମ୍ୟ ହରାଇ ଗାଡ଼ିରୁ ପଡ଼ିଯାଇଥିଲେ। ଏହି ସମୟରେ ପଛରୁ ଆସୁଥିବା ବସ୍ (ନଂ. ଓଆର୍ ୧୩ବି ୯୮୮୧) ତାଙ୍କ ଉପରେ ଚଢ଼ିଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ପୁରୀ ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପଟେ ରାସ୍ତା ମରାମତି ପାଇଁ ଖୋଳି ଦେଇଥିବାରୁ ଏହି ଦୁର୍ଘଟଣା ଘଟିଥିବା ଲୋକେ କହି ଉତ୍ୟକ୍ତ ହୋଇଯାଇଥିଲେ।

# ରାସ୍ତାରୁ ଛାତ୍ରଙ୍କୁ ଉଦ୍ଧାର କରି ପରିବାର ଜିମା ଦେଲେ


ଗ୍ରାମରୋଜଗାର ସେବକ (ଜିଆର୍‌ଏସ୍)ଙ୍କ ସହ ରାହୁଲ।

**ପଣିଷପଣିଆ ଦେଖାଇଲେ ୨ ଜିଆର୍‌ଏସ୍**

ଗୋପ,୨୧।୧୨(ଡି.ଏନ୍.ଏ.)

ନିମାପଡ଼ା ଭିଲିଗ୍ରାମ ହାଇସ୍କୁଲର ୧୦ମ ଶ୍ରେଣୀର ଜଣେ ଛାତ୍ର ବୁଧବାର ସକାଳୁ ସ୍କୁଲ ଯାଇ ଘରକୁ ଫେରି ନ ଥିଲେ। ତାଙ୍କୁ ସନ୍ଧ୍ୟା ୭ଟାରେ ଗୋପ- ଚାରିଛକ ରାସ୍ତାର ଜମରା ଛକ ନିକଟରୁ ଉଦ୍ଧାର କରି ପରିବାରଙ୍କୁ ପଠାଯାଇଥିବା ଜଣାପଡିଛି। ସୂଚନା ମୁତାବକ, ନିମାପଡ଼ା ଥାନା ଅନ୍ତର୍ଗତ ଭିଲିଦେଉଳି ଗ୍ରାମର ବିଚିତ୍ର ମଲ୍ଲିକଙ୍କ ପୁଅ ରାହୁଲ ମଲ୍ଲିକ ବୁଧବାର ସକାଳେ ସ୍କୁଲକୁ ଯାଉଥିଲେ। ରାହୁଲ ପାଠପଢ଼ା ଠିକ୍ ଭାବେ ନ କରିଥିବାରୁ ଶିକ୍ଷକ ତାଙ୍କୁ ତାଗିଦା କରିଥିଲେ। ଏ ସମ୍ପର୍କରେ ତାଙ୍କ ବାପାଙ୍କୁ ଜଣାଇବେ ବୋଲି କହିଥିଲେ। ଫଳରେ ସ୍କୁଲ ଛୁଟି ପରେ ସେ ମାଡ଼ ଭୟରେ ଘରକୁ ନ ଯାଇ କେଉଁଆଡ଼େ ପଳାଇ ଯାଇଥିଲେ। ଗୋପ-ଚାରିଛକ ରାସ୍ତାରେ ସନ୍ଧ୍ୟା ୭ଟାରେ ସେ ୟୁନିଫର୍ମ ପିନ୍ଧି ଓ ବ୍ୟାଗ ପକାଇ ଚାଲି ଚାଲି ଯାଉଥିଲେ। ସେହି ସମୟରେ ଗୋପ ବ୍ଲକର ଜିଆର୍‌ଏସ୍ ତ୍ରିଲୋଚନ ପାତ୍ର ଏବଂ ଏସ୍.କେ. ଇବାର୍ ତାଙ୍କୁ ଦେଖି ସନ୍ଦେହ କରି ଗାଡ଼ି ରଖିଥିଲେ। ସେମାନେ ଦୁହେଁ ରାହୁଲଙ୍କୁ ପଚାରି ତାଙ୍କ ବାଇକ୍‌ରେ ବସାଇ ଚାରିଛକ ବଜାରକୁ ନେଇଥିଲେ। ତାଙ୍କ ଘର ଲୋକଙ୍କୁ ଫୋନ କରି ସମସ୍ତ କଥା ଜଣାଇଥିଲେ। ପରେ ରାହୁଲଙ୍କୁ ପରିବାର ସଦସ୍ୟଙ୍କ ଜିମା ଦେଇଥିଲେ। ଦୁହିଁଙ୍କ ଏପରି କାର୍ଯ୍ୟକୁ ରାହୁଲଙ୍କ ପରିବାରଙ୍କ ସମେତ ସାଧାରଣରେ ପ୍ରଶଂସା କରାଯାଇଛି।

# ଜିଲାସ୍ତରୀୟ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀ ଉଦ୍‌ଘାଟିତ

ପୁରୀ ଅଫିସ, ୨୧।୧୨



ଜିଲାସ୍ତରୀୟ ବିଜ୍ଞାନ ମେଳା ଉଦ୍‌ଘାଟନୀ ଉତ୍ସବରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏବଂ ଅନ୍ୟ ଅତିଥିମାନେ।

ପୁରୀ ଜିଲାସ୍ତରୀୟ ବିଜ୍ଞାନ, ଗଣିତ ପରିବେଶ ମେଳା ଏବଂ ଇନ୍‌ସ୍ପାୟାର ମନକ ବିଜ୍ଞାନ ପ୍ରକଳ୍ପ ପ୍ରତିଯୋଗିତା ବୁଧବାର ସ୍ଥାନୀୟ ପୋଲିସ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଉଦ୍‌ଘାଟିତ ହୋଇଛି। ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ ବିଜ୍ଞାନ ମେଳାକୁ ଉଦ୍‌ଘାଟନ କରିଥିଲେ। ମନ୍ତ୍ରୀ ଦାଶ ଛାତ୍ରୀଛାତ୍ରଙ୍କ ସୃଜନଶୀଳ ପ୍ରତିଭାର ବିକାଶ ପାଇଁ ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ। ସେହିଭଳି ବିଦ୍ୟାଳର ରୂପାନ୍ତରୀକରଣରେ ଭିତ୍ତିଭୂମିର ବିକାଶ, ଉନ୍ନତ ବିଜ୍ଞାନାଗାର, ଇ- ପାଠାଗାର, ସ୍ମାର୍ଟ ଶ୍ରେଣୀଗୃହ ଏହି କ୍ଷେତ୍ରରେ ବିଶେଷ ସହାୟକ ହେବ ବୋଲି ସେ ମତ ପୋଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ଓ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗ ଦେଇ ପରିବେଶ, ଯୋଗାଯୋଗ, ଶିକ୍ଷା, ସ୍ୱାସ୍ଥ୍ୟ, ସୂଚନା ଓ ପ୍ରଯୁକ୍ତିବିଦ୍ୟା ଭଳି ବିଭିନ୍ନ ବିଷୟରେ ଥିବା ଆହ୍ୱାନକୁ ସମ୍ମୁଖୀନ ହେବାକୁ ପିଲାମାନେ ଏବେଠାରୁ ନିଜକୁ ପ୍ରସ୍ତୁତ କରିବାକୁ ପରାମର୍ଶ ଦେଇଥିଲେ। ସଭାରେ ଜିଲା ଶିକ୍ଷାଧିକାରୀ ଡ. ବିଶ୍ୱଜିତ ଘୋଷ ସଭାପତିତ୍ୱ କରିଥିଲେ। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ମମତା ମିଶ୍ର, ହିମାଂଶୁ ଭୂଷଣ ସମରଥ, ସଦର ମଣ୍ଡଳ ଶିକ୍ଷାଧିକାରୀ ନମିତା ପାଣିଗ୍ରାହୀ ପ୍ରମୁଖ ମଞ୍ଚାସୀନ ଥିଲେ। ପୋଲିସ ନୋଡାଲ ଉଚ୍ଚବିଦ୍ୟାଳର ପ୍ରଧାନ ଶିକ୍ଷକ ତଥା ବିଜ୍ଞାନ ପ୍ରଦର୍ଶନୀର ସାଙ୍ଗଠନିକ ସମ୍ପାଦକ ଶିବରାମ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ଅନୁସନ୍ଧାନର ସମ୍ପାଦକ ସୁରେନ୍ଦ୍ର କୁମାର ଦାଶ, ଶିକ୍ଷୟିତ୍ରୀ ଅଳକାନନ୍ଦା ଓ ଶିକ୍ଷକ ବିଦ୍ୟାଧର ମିଶ୍ର ଅତିଥି ପରିଚୟ ପ୍ରଦାନ ସହ ସଭା ସଂଯୋଜନା କରିଥିଲେ। ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ତାପସ ପ୍ରିୟଦର୍ଶନ ବାର୍ଷିକ ବିବରଣୀ ପାଠ କରିଥିଲେ। ଗୋପ ମଣ୍ଡଳ ଶିକ୍ଷାଧିକାରୀ ଶୁଶିଲ କୁମାର ବ୍ରହ୍ମା, ନିମାପଡ଼ା ମଣ୍ଡଳ ଶିକ୍ଷାଧିକାରୀ ଦ୍ୱିତୀକାନ୍ତ ପ୍ରଧାନ, ସତ୍ୟବାଦୀ ମଣ୍ଡଳ ଶିକ୍ଷାଧିକାରୀ ଭବମ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଜ୍ଞାନଭିତ୍ତିକ ପତ୍ରିକା 'ଅନ୍ୱେଷଣ' ଉନ୍ମୋଚିତ ହୋଇଥିଲା। ପ୍ରଦର୍ଶନୀରେ ପାଞ୍ଚଟି ଉପବିଷୟକୁ ନେଇ ଜିଲାର ସମସ୍ତ ବ୍ଲକରୁ ମନୋନୀତ ସମସ୍ତ ୫୫ଟି ବିଜ୍ଞାନ ପ୍ରକଳ୍ପ, ଇନସ୍ପାୟାର ମନକର ୧୬୯ଟି ବିଜ୍ଞାନ ପ୍ରକଳ୍ପ ସ୍ଥାନିତ ହୋଇଛି। ଶେଷରେ ପୁରୀ ସଦର ମଣ୍ଡଳ ଶିକ୍ଷାଧିକାରୀ ନମିତା ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଅଟୋ ଚୋରି ଘଟଣାରେ ୩ ଗିରଫ

ଭୁବନେଶ୍ୱର,୨୧।୧୨(ବ୍ୟୁରୋ): ଏକ ଅଟୋ ଚୋରି କରି କବାଡ଼ିଆକୁ ୧୦ହଜାର ଟଙ୍କାରେ ବିକ୍ରି କରିଦେବା ଅଭିଯୋଗରେ କ୍ୟାପିଟାଲ ଥାନା ପୋଲିସ ୩ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି । ସେମାନେ ହେଲେ ପୁରୀ ଜିଲା ପିପିଲି ଥାନା ଅଞ୍ଚଳର ଟୁଲୁ ଓରଫ ଶେଖ ତାଫିଜୁଲ ଅଲ୍ଲି(୩୨), ଜୁନିୟର ଖାନ(୩୧) ଓ ମୁମତାଜ ଖାନ(୩୯)। ସେମାନଙ୍କଠାରୁ ପୋଲିସ ଚୋରି ଅଟୋର ଅଂଶବିଶେଷକୁ ଜବତ କରିଛି। ସୂଚନାନୁସାରେ, ଗତ ୧୮ ତାରିଖରେ କଂଗ୍ରେସ ଭବନ ପାଖରେ ଅଭିଯୋଗକାରୀ ନିଜ ଅଟୋ ପାର୍କିଂ କରି ନିକଟସ୍ଥ ଦୋକାନକୁ ଫଳ କିଣିବା ପାଇଁ ଯାଇଥିଲେ। ଫେରିବା ପରେ ପାର୍କିଂ ହୋଇଥିବା ସ୍ଥାନରେ ଅଟୋ ନ ଥିବା ଦେଖିଥିଲେ। ବହୁ ଖୋଜାଖୋଜି କରି ନ ପାଇବାରୁ କ୍ୟାପିଟାଲ ଥାନାରେ ଅଭିଯୋଗ କରିଥିଲେ।

### ୧୫ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ, ଜଣେ ଗିରଫ

ଭୁବନେଶ୍ୱର,୨୧।୧୨(ବ୍ୟୁରୋ) - କ୍ୟାପିଟାଲ ଥାନା ଅନ୍ତର୍ଗତ ୟୁନିଟ-୧ ଅଞ୍ଚଳରେ ଅବକାରୀ ଫ୍ଲାଇଙ୍ଗ ସ୍କ୍ୱାଡ୍ ଚଢ଼ାଉ କରି ଜଣେ ନିଶା ବେପାରୀଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ ଉତ୍ତମ ନାୟକ। ପୋଲିସ ତାଙ୍କଠାରୁ ୧୫୩ ଗ୍ରାମର ବ୍ରାଉନସୁଗାର ଜବତ କରିଛି। ଜବତ ନିଶାଦ୍ରବ୍ୟର ମୂଲ୍ୟ ୧୫ ଲକ୍ଷ ୩୦ ହଜାର ଟଙ୍କା ହେବ। ଅଭିଯୁକ୍ତ ସ୍ଥାନୀୟ ଅଞ୍ଚଳରେ ଛୋଟ ତଥା ଉଠା କ୍ୟାବିନ ଦୋକାନୀଙ୍କୁ ବ୍ରାଉନସୁଗାର ବିକ୍ରି କରୁଥିବାବେଳେ ଅବକାରୀ କର୍ମଚାରୀମାନେ ତାଙ୍କୁ କାବୁ କରିଥିଲେ। ତେବେ ଚଢ଼ାଉବେଳେ ଆଉ କେତେଜଣ ଅଭିଯୁକ୍ତ ଫେରାର ହୋଇଥିବାରୁ ସେମାନଙ୍କୁ ଧରିବାକୁ ଉଦ୍ୟମ ଚଳାଇଛି ଅବକାରୀ ଟିମ୍ ।

# ମାଟିରେ ମିଶୁଛି ଦୋକାନ ବଜାର

## ବିଡିଏ ପକ୍ଷରୁ ଜବରଦଖଲ ଉଚ୍ଛେଦ ଜାରି

ଭୁବନେଶ୍ୱର,୨୧।୧୨(ବ୍ୟୁରୋ)

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) ପକ୍ଷରୁ କମିଶନରେଟ୍ ପୋଲିସ୍ ସହାୟତାରେ ସହରର ବିଭିନ୍ନ ସ୍ଥାନରୁ ଜବରଦଖଲ ଉଚ୍ଛେଦ କରାଯାଉଛି। ଗତ କିଛିଦିନ ଧରି ଲଗାତାର ଉଚ୍ଛେଦ ପ୍ରକ୍ରିୟା ଜାରି ରହିଥିବା ବେଳେ ବୁଧବାର ଶହୀଦନଗର ଥାନା ଅଧୀନସ୍ଥ ବିଭିନ୍ନ ଅଞ୍ଚଳରୁ ବେଆଇନ୍ ନିର୍ମାଣ ହଟାଯାଇଛି। ରସୁଲଗଡ଼ ଶିଳ୍ପାଞ୍ଚଳର ଇଡକୋ ଜମିରୁ ଅନଧିକୃତ ଦଖଲମୁକ୍ତ କରାଯାଇଛି। ପ୍ରାୟ ୧୨ଶହ ବର୍ଗଫୁଟ୍ ସରକାରୀ ଜମି ଜବରଦଖଲମୁକ୍ତ ହୋଇଛି। ଅନ୍ୟପଟେ ବାଣୀବିହାର ଇଲେକ୍ଟ୍ରିକାଲ ସେକ୍ସନ ଅଫିସ୍ ସମ୍ମୁଖରୁ ମଧ୍ୟ ସରକାରୀ ଜମିରେ ଗଢ଼ିଥିବା ଦୋକାନ ବଜାର ଉଚ୍ଛେଦ କରାଯାଇଛି। ବିଡିଏ ଏନ୍‌ଫୋର୍ସମେଣ୍ଟ ଅଫିସର ପ୍ରମୋଦ କୁମାର ପାତ୍ର, ଜନ ସମ୍ପର୍କ ଅଧିକାରୀ ଶୁଭ୍ରାଂଶୁ ଶେଖର ମହାନ୍ତି ଶହୀଦନଗର ଥାନା ଆଇଆଇସି ମନୋଜ କୁମାର ଶତପଥୀଙ୍କ ଉପସ୍ଥିତିରେ ବିଡିଏର ଏନଫୋର୍ସମେଣ୍ଟ ସ୍କ୍ୱାର୍ଡ ଜବରଦଖଲ ଉଚ୍ଛେଦ କରିଥିଲା। ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଗୋଟିଏ ପ୍ଲାଟୁନ୍ ରିଜର୍ଭ ପୋଲିସ୍ ସହ ଗୋଟିଏ ସେକ୍ସନ ମହିଳା ପୋଲିସ୍ ନିୟୋଜିତ କରାଯାଇଥିଲା। ପଟିଆ ଛକରୁ ଏଚ୍‌ପିସିଏଲ୍ ପେଟ୍ରୋଲ ଷ୍ଟେଶନ୍ ମଧ୍ୟରେ ୪୮ଟି ବେଆଇନ୍ ନିର୍ମାଣ ଭଙ୍ଗା ଯାଇଥିଲା। ସେହିପରି ୟୁନିଟ୍-୪ ଅଞ୍ଚଳରୁ ପ୍ରାୟ ୫୦ଟି ବେଆଇନ୍ ନିର୍ମାଣ ଭାଙ୍ଗି ଦିଆଯାଇଛି। ଏଜି ଛକ ନିକଟରୁ ଗୋଟିଏ ଛୋଟ ମନ୍ଦିର ସହ ରାଜମହଲ ଛକରୁ ୫ଟି ଅସ୍ଥାୟୀ ଦୋକାନ ଭଙ୍ଗାଯାଇଛି। ସେହିପରି ନୟାପଲ୍ଲୀ ଦୁର୍ଗା ମଣ୍ଡପରୁ ଜୟଦେବ ବିହାର ମଧ୍ୟରେ ଜବରଦଖଲ ଉଚ୍ଛେଦ କରାଯାଇଛି।



## ପ୍ରତି ୱାର୍ଡରେ ଗଣସଫେଇ

ଭୁବନେଶ୍ୱର,୨୧।୧୨(ବ୍ୟୁରୋ)

ହକି ବିଶ୍ୱକପ୍ ପୂର୍ବରୁ ସହରର ସୌନ୍ଦର୍ଯ୍ୟକରଣ ଓ ସ୍ୱଚ୍ଛତାକୁ ବିଏମ୍‌ସି ପକ୍ଷରୁ ବିଶେଷ ଗୁରୁତ୍ୱ ଦିଆଯାଉଛି। ଏହି କ୍ରମରେ ଆସନ୍ତା ୨୪ ତାରିଖରେ ମହାନଗର ନିଗମାଞ୍ଚଳର ପ୍ରତି ୱାର୍ଡରେ ଗଣସଫେଇ କାର୍ଯ୍ୟକ୍ରମ କରିବାକୁ ବିଏମ୍‌ସି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ଏକ ଏସ୍‌ଓପି ଜାରି ହୋଇଛି। ପ୍ରତ୍ୟେକ ୱାର୍ଡରେ ଏକକାଳୀନ ୬ଟା ୪୫ରୁ ସଫେଇ ଆରମ୍ଭ ହୋଇ ୯ଟା ବେଳେ ଶେଷ ହେବ। ୩ ଜୋନ୍‌ର ଜୋନାଲ ଡେପୁଟି କମିଶନରଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ କର୍ପୋରେଟରଙ୍କ ଉଦ୍ୟମରେ ପ୍ରତି ୱାର୍ଡରେ ଏହି ଗଣସଫେଇ କରାଯିବ। ପ୍ରତି ଅଞ୍ଚଳର ସଚେତନ ନାଗରିକ, ଆବାସିକ କଲ୍ୟାଣ ସଂଘ, ବ୍ୟବସାୟୀ ସଂଘ, ହୋଟେଲ ଆସୋସିଏଶନ, ବସ୍ତି ଉନ୍ନୟନ ସଂଘ ଓ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ଭାଗିଦାରୀ ନିଶ୍ଚିତ ରହିବ। ସଫେଇ ପୂର୍ବରୁ ଆବର୍ଜନା ଜମିଥିବା ଜାଗା ଚିହ୍ନଟ କରିବେ। ସଫେଇ ପାଇଁ ଆବଶ୍ୟକ ହେଉଥିବା ଝାଡୁ, ଜ୍ୟାକେଟ, ଗ୍ଲୋଭ୍ସ, ଠେଲାଗାଡି, ଅଳିଆ ବୁହା ଗାଡି ବ୍ୟବସ୍ଥା କରିବେ। ସଫେଇ ସ୍ଥଳରେ ବସିବା ପାଇଁ ବ୍ୟବସ୍ଥା ହେବ। ଏହା ସହିତ ଯେଉଁମାନେ ନିଜ ଅଞ୍ଚଳକୁ ୫ ମିଟର ପର୍ଯ୍ୟନ୍ତ ସଫା ରଖୁଛନ୍ତି ସେମାନଙ୍କୁ ଯଥା, ସାଧାରଣ ଲୋକ, ବ୍ୟବସାୟୀ, ଆବାସିକ କଲ୍ୟାଣ ସଂଘ ସଫା ଦିଦି ଓ ଭାଇମାନଙ୍କୁ ସମ୍ବର୍ଦ୍ଧିତ କରାଯିବାର ଯୋଜନା ରହିଛି। ଏହି କାର୍ଯ୍ୟକ୍ରମରେ ପ୍ରତି ୱାର୍ଡରେ ୧୦ ହଜାର ଟଙ୍କା ଖର୍ଚ୍ଚ କରାଯିବାକୁ ବ୍ୟୟ ବରାଦ କରାଯାଇଛି। ଅର୍ଥାତ ୬୭ ୱାର୍ଡରେ ୬ ଲକ୍ଷ ୭୦ ହଜାର ଖର୍ଚ୍ଚ ହେବ। ଏହି ଗଣସଫେଇରେ ଯୋଡ଼ି ହେବା ପାଇଁ ବିଏମ୍‌ସି ପକ୍ଷରୁ ଅନୁରୋଧ କରାଯାଇଛି।

# ୨୩ରେ ଉତ୍କଳ ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ଉତ୍ସବ



## ୧୬୩ଜଣଙ୍କୁ ପିଏଚ୍‌ଡି ଡିଗ୍ରୀ, ୯୯ଜଣଙ୍କୁ ସ୍ୱର୍ଣ୍ଣ ପଦକ ଦିଆଯିବ

ଭୁବନେଶ୍ୱର, ୨୧।୧୨(ବ୍ୟୁରୋ)

ଉତ୍କଳ ବିଶ୍ୱବିଦ୍ୟାଳୟର ୫୨ତମ ସମାବର୍ତ୍ତନ ଉତ୍ସବ ଆସନ୍ତା ୨୩ ତାରିଖରେ ଅନୁଷ୍ଠିତ ହେବ। ଏହି ଅବସରରେ ୨୦୨୧-୨୨ ପାଇଁ ମୋଟ ୧୬୩ଜଣଙ୍କୁ ପିଏଚ୍‌ଡି ଡିଗ୍ରୀ ଏବଂ ୯୯ଜଣଙ୍କୁ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯିବ। ସେହିପରି ଜଣେ ଲେଖାଏ ଛାତ୍ରୀଛାତ୍ରଙ୍କୁ ଡିଏସି ଏବଂ ଡିଲିଟ୍ ଡିଗ୍ରୀ ମିଳିବ। ଏହାସହିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ଅର୍ଥରାଶୀ ପ୍ରଦାନ କରାଯିବ। ଉତ୍କଳ ବିଶ୍ୱବିଦ୍ୟାଳୟର ଦୀକ୍ଷାନ୍ତ ଭବନରେ ଅନୁଷ୍ଠିତ ହେବାକୁ ଥିବା ସମାବର୍ତ୍ତନ ଉତ୍ସବରେ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ତଥା ଓଡ଼ିଶା ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ ଭି.ଗୋପାଲ ଗୌଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦୀକ୍ଷାନ୍ତ ଭାଷଣ ଦେବା ଭାଷର ଦେବେ। ଉଚ୍ଚ ଶିକ୍ଷା ବିଭାଗର ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀ ସମ୍ମାନିତ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଉତ୍କଳ ବିଶ୍ୱବିଦ୍ୟାଳୟ କୁଳାଧିପତି ତଥା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏଥିରେ ଅଧ୍ୟକ୍ଷତା କରିବେ। କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ, ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ଦୁର୍ଗାଶଙ୍କର ପଟ୍ଟନାୟକ, କୁଳସଚିବ ଡ. ଅଭୟ କୁମାର ନାୟକ ପ୍ରମୁଖ ଉପସ୍ଥିତ ରହିବେ। ଏହାସହିତ ବିଶ୍ୱବିଦ୍ୟାଳୟର ସିଣ୍ଡିକେଟ ଓ ଏକାଡେମିକ କାଉନସିଲ ସଦସ୍ୟ, ଡିନ, ପ୍ରଫେସର, କର୍ମଚାରୀ ଓ ଛାତ୍ରୀଛାତ୍ର ଏହି ସମାବର୍ତ୍ତନ ଉତ୍ସବରେ ଯୋଗଦେବେ।

# ଡକାୟତି ଯୋଜନାବେଳେ ୪ ଗିରଫ

## ବନ୍ଧୁକ, ଗୁଳି, ମୋବାଇଲ, ଲଙ୍କାଗୁଣ୍ଡ ଜବତ

ଭୁବନେଶ୍ୱର,୨୧।୧୨(ବ୍ୟୁରୋ)

ଶହୀଦନଗର ଥାନା ପୋଲିସ ବଡ ଧରଣର ଡକାୟତି ଯୋଜନାକୁ ପଣ୍ଡ କରିଛି। ସ୍ଥାନୀୟ ଥାନା ଅନ୍ତର୍ଗତ ବିବି-ନଗର ଛକ ଅଞ୍ଚଳର ଏକ ନିଛାଟିଆ ସ୍ଥାନରେ ମଙ୍ଗଳବାର ବିଳମ୍ବିତ ରାତିରେ ଡକାୟତି ଯୋଜନା କରୁଥିବା ବେଳେ ପୋଲିସ ଚଢ଼ାଉ କରି ୪ ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଛି। ସେମାନେ ହେଲେ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଗାଡକଣର ବାପି ଓରଫ ସୁବ୍ରତ ସାହୁ (୨୫), ଖଣ୍ଡଗିରିର ମୁନା ଓରଫ ସଂଗ୍ରାମ ଗୌଡ (୨୮) ଓ ଶହୀଦନଗରରେ ରହୁଥିବା ଗଞ୍ଜାମ ଜିଲାର ରାଜୁ ଓରଫ ରାଜେନ୍ଦ୍ର ପାଣିଗ୍ରାହୀ (୩୦) ଏବଂ ଭରତପୁର ଥାନା ଅଞ୍ଚଳରେ ରହୁଥିବା ନୟାଗଡର ଦୁରିଆ ଓରଫ ଅନନ୍ତ କୁମାର ମାଛୁଆ। ସେମାନଙ୍କ ନିକଟରୁ ଗୋଟିଏ ବନ୍ଧୁକ ସହ ୪ ଗୁଳି, ୪ ମୋବାଇଲ ଫୋନ୍ ଓ କିଛି ଲଙ୍କାଗୁଣ୍ଡ ପ୍ୟାକେଟ ଜବତ ହୋଇଛି । ଏନେଇ ପୋଲିସ ମାମଲା (ନଂ.୫୯୮/୨୨) ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏଥିସହ ଘଟଣାରେ ଅଧିକ ତଦନ୍ତ ଚଳାଇଛି ପୋଲିସ।

# ଆଜିଠୁ ଓଡ଼ିଶା ବାସ୍କେଟ୍‌ବଲ ଲିଗ୍



ପୁରୀ ଅଫିସ, ୨୧।୧୨:

ତାଳବଣିଆ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଗୁରୁବାରଠାରୁ ୨୬ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ବାସ୍କେଟବଲ ଲିଗ୍ ହେବାକୁ ଯାଉଛି। ଓଡ଼ିଶା ବାସ୍କେଟବଲ ଆସୋସିଏଶନ ପକ୍ଷରୁ ଆୟୋଜିତ ଏହି ଲିଗ୍‌ରେ ୬ଟି ପୁରୁଷ ଓ ୪ଟି ମହିଳା ବାସ୍କେଟବଲ ଦଳ ଭାଗନେବେ। ଏନେଇ ସ୍ଥାନୀୟ ସର୍କିଟ ହାଉସରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଉକ୍ତ କ୍ରୀଡ଼ା ପ୍ରତିଯୋଗିତା ୨୨ତାରିଖ ଅପରାହ୍ନ ୫ଟା ୩୦ରେ ଉଦ୍‌ଘାଟନ ଓ ୨୬ ତାରିଖ ସନ୍ଧ୍ୟାରେ ଟ୍ରଫି ପ୍ରଦାନ ସହ ଉଦ୍‌ଯାପନ ହେବ। ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ କହିଥିଲେ, ପ୍ରତିଯୋଗିତାରେ ୧୦ଟି ଦଳ ଭୁବନେଶ୍ୱର କ୍ୟାପିଟାଲ୍ସ, ୱାରିୟର ବାଲେଶ୍ୱର, ଗଞ୍ଜାମ ହୁପରସ୍, କଟକ ବାରବାଟୀ ଟାଇଗର, ଏମ୍ପରର୍ସ ରାଉରକେଲା, ପୁରୀ ବୁଲ୍‌ସ, ଉତ୍କଳ ଡ୍ରିବଲର୍ସ, କଳିଙ୍ଗ ଶୁଟର୍ସ, ଓଡ଼ିଶା ବ୍ଲକର୍ସ ଏବଂ ଉଡ୍ର ଟିମ୍ ଭାଗ ନେବେ। ସେହିପରି ୨୩ ତାରିଖରେ ଜିଲା ସ୍କୁଲରେ ମାଲଖମ୍ବ ପ୍ରତଯୋଗିତା ଆୟୋଜନ କରାଯାଉଛି। ଉକ୍ତ ଖବରଦାତା ସମ୍ମିଳନୀରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲା କ୍ରୀଡ଼ା ଆସୋସିଏଶନ ସମ୍ପାଦକ ରବି ଶଙ୍କର ପ୍ରତିହାରୀ, ଓଡ଼ିଶା ବାସ୍କେଟବଲ ଆସୋସିଏଶନ ଉପସଭାପତି ରାଜେନ୍ଦ୍ର ଖୁଣ୍ଟିଆ ଏବଂ ଯୁଗ୍ମସମ୍ପାଦକ ଅମିତ ଦାସମହାପାତ୍ରଙ୍କ ସମେତ ୧୦ଟି ଦଳର ଅଧିନାୟକ ଉପସ୍ଥିତ ଥିଲେ।

# ଝାଡ଼ଖଣ୍ଡର ୪ ଅଭିଯୁକ୍ତ ଗିରଫ

## ପଇଡ଼ରେ ନିଶା ଦେଇ ଯାତ୍ରୀଙ୍କୁ ଲୁଟ୍ ଘଟଣା

- ସୁନାଗହଣା, ୮ ମୋବାଇଲ, ୩୯,୩୫୦ ଟଙ୍କା ଜବତ
- ର୍ୟାକେଟ୍ ସମ୍ପୃକ୍ତି ସନ୍ଦେହ: ଚେର ଖୋଜୁଛି ପୋଲିସ

ପୁରୀ ଅଫିସ, ୨୧।୧୨

ରେଳଯାତ୍ରୀଙ୍କୁ ପଇଡ଼ରେ ନିଶା ଦେଇ ଲୁଟ୍ ଘଟଣାରେ ପୁରୀ ଆର୍‌ପିଏଫ୍ ଏବଂ ଜିଆର୍‌ପି ଝାଡ଼ଖଣ୍ଡର ୪ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଜମତାରା ଜିଲା କୁରୁଆ ମଣ୍ଡଳ ଅଧୀନ ତୋରା ଗ୍ରାମର ଧୁରଗୁଜ୍ ମଣ୍ଡଳ (୩୬), ଅଶୋକ ମଣ୍ଡଳ (୪୨), ସୁଶିଲ ମଣ୍ଡଳ (୨୭) ଏବଂ ଦେଓଘର ଜିଲା ଶାଗରଭଙ୍ଗାର ବିନୋଦ ପୋଦାର (୩୮)। ଏମାନଙ୍କଠାରୁ ୧୬ ଗ୍ରାମ୍‌ର ସୁନାଚେନ୍, ୨୪ ଗ୍ରାମ୍‌ର ଏକ ସୁନାଚେନ୍, ୧୯ ଗ୍ରାମ୍‌ର ୫ଟି ସୁନାମୁଦି, ୮ ଗ୍ରାମ୍‌ର ଗୋଟିଏ ସୁନା ଲକେଟ୍ ସମେତ ୮ଟି ମୋବାଇଲ ଫୋନ, ନଗଦ ୩୯,୩୫୦ ଟଙ୍କା ଏବଂ ଅନ୍ୟ କିଛି ସାମଗ୍ରୀ ରହିଛି। ଜବତ ସାମଗ୍ରୀର ମୂଲ୍ୟ ପ୍ରାୟ ୫ ଲକ୍ଷ ଟଙ୍କା ହେବ ବୋଲି ବୁଧବାର ରେଲୱେ ପୋଲିସ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ କଟକ ଡିଭିଜନ ଏସ୍‌ପି ସୁନିଲ କୁମାର ଆଚାର୍ଯ୍ୟ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ଗତ ମାସ ୩୦ ତାରିଖରେ କେ. ସୁବାସ ଆଚାରୀ ଏବଂ ଅନ୍ୟ ୩ଜଣ ଯାତ୍ରୀ ପୁରୀରୁ ବ୍ରହ୍ମପୁରକୁ ଟ୍ରେନ୍ ନଂ. ୧୮୪୧୭ ପୁରୀ-ଗୁଣୁପୁର ଏକ୍ସପ୍ରେସ୍‌ରେ ଯାଉଥିଲେ। ଯାତ୍ରାବେଳେ ସେମାନେ ଅଭିଯୁକ୍ତମାନଙ୍କ ସଂସ୍ପର୍ଶରେ ଆସିଥିଲେ। ପରେ ଅଭିଯୁକ୍ତ ଓ ସୁବାସଙ୍କ ପରିବାର ଲୋକଙ୍କ ମଧ୍ୟରେ କଥାବାର୍ତ୍ତା ହେବା ସହ ନିବିଡ଼ତା ବଢ଼ିଥିଲା। ଏହି ଅବସରରେ ଅଭିଯୁକ୍ତମାନେ ସୁବାସ ଓ ତାଙ୍କ ପରିବାର ଲୋକଙ୍କୁ ପଇଡ଼ ପାଣି ପିଇବା ପାଇଁ ଦେଇଥିଲେ। ଅଭିଯୁକ୍ତମାନେ ସେଥିରେ ନିଶାଦ୍ରବ୍ୟ ମିଶାଇଥିବାରୁ ସୁବାସ ଓ ତାଙ୍କ ପରିବାର ଲୋକେ ପିଇ ଅଚେତ ହୋଇଯାଇଥିଲେ। ସେମାନଙ୍କର ଚେତା ଫେରିବାବେଳକୁ ସେମାନେ ବ୍ରହ୍ମପୁରର ଏମ୍‌କେସିଜି ମେଡିକାଲରେ ଚିକିତ୍ସିତ ହେଉଛନ୍ତି ଓ ସେମାନଙ୍କର ଗହଣାଗାଣ୍ଠି ଲୁଟ୍ ହୋଇଥିବା ଜାଣିବାକୁ ପାଇଥିଲେ। ଏ ନେଇ ସୁବାସଙ୍କ ଅଭିଯୋଗ କ୍ରମେ ପୁରୀ ଜିଆର୍‌ପି ଏକ କେସ୍ (ନଂ. ୧୨୧/୨୨) କରି ତଦନ୍ତ କରିଥିଲା। ଗତ ୧୫ ତାରିଖରେ ପୂର୍ବଭଳି ଦୁଇଟି ଘଟଣା ଉକ୍ତ ଟ୍ରେନ୍‌ରେ ଘଟିଥିବା ସହ ଚୋରି ହୋଇଥିଲା। ଯେଉଁଥିରେ ଦୁଇଟି ଚେନ୍, ମୋବାଇଲ ଓ ଟଙ୍କା ପ୍ରଭୃତି ସାମିଲ ଥିଲା। ଏନେଇ ପୁରୀ ଜିଆର୍‌ପିରେ ଅଭିଯୋଗ ହୋଇଥିଲା। ରେଲୱେ ପୋଲିସ ଏ ନେଇ କେସ ନଂ. ୧୨୬, ୧୨୭ ଏବଂ ୧୨୮/୨୨ରେ ତିନୋଟି ମାମଲା ରୁଜୁ କରିଥିଲା। ତେବେ ପଇଡ଼ ଭିତରେ ନିଶାଦ୍ରବ୍ୟ ଦେଇ ଅତି ଚତୁରତାର ସହ ଯାତ୍ରୀଙ୍କୁ ଅଚେତ କରି ସେମାନଙ୍କଠାରୁ ମୂଲ୍ୟବାନ ସାମଗ୍ରୀ ଲୁଟ୍ କରିବା ଘଟଣା ରେଲୱେ ପୋଲିସ ପାଇଁ ମୁଣ୍ଡବ୍ୟଥା ସାଜିଥିଲା। ବାରମ୍ବାର ଏଭଳି ଘଟଣା ଯାତ୍ରୀଙ୍କ ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଥିବାବେଳେ ରେଲୱେ ପୋଲିସ ଏହି ଘଟଣାକୁ ଗୁରୁତ୍ୱର ସହ ନେଇଥିଲା। ବରିଷ୍ଠ ପୋଲିସ ଅଧିକାରୀମାନଙ୍କୁ ନେଇ ଏକ ଟିମ୍ ଗଠନ କରି ତଦନ୍ତ ଆରମ୍ଭ କରିଥିଲା। ଏହାପରେ ଘଟଣାରେ ସମ୍ପୃକ୍ତ ୪ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।

# କ୍ରିଷ୍ଣମୂର୍ତ୍ତି ୱାର୍ଲ୍ଡ ସ୍କୁଲ୍‌ରେ ବିଜ୍ଞାନ ମେଳା



କଟକ,୨୧।୧୨

କଟକ ଜରିପଡାସ୍ଥିତ କ୍ରିଷ୍ଣମୂର୍ତ୍ତି ୱାର୍ଲ୍ଡ ସ୍କୁଲ ପକ୍ଷରୁ ଆୟୋଜିତ ୨ ଦିନିଆ ବିଜ୍ଞାନମେଳା ନିକଟରେ ଉଦ୍‌ଯାପିତ ହୋଇଯାଇଛି। ମେଳାରେ ଶହେରୁ ଉର୍ଦ୍ଧ୍ୱ ପ୍ରକଳ୍ପ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦର୍ଶିତ କରାଯାଇଥିଲା। ୫୦୦ରୁ ଅଧିକ ଛାତ୍ରୀଛାତ୍ର ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟର ମହାନିର୍ଦ୍ଦେଶକ ଡ. ଜି.ଏସ୍ ପଟ୍ଟନାୟକ, ନିର୍ଦ୍ଦେଶକ ପ୍ରଭୁ ଚରଣ ମହାନ୍ତି, କର୍ପୋରେଟ୍ ମୁଖ୍ୟ ସମ୍ୟକ ମହାନ୍ତି, ବାରବାଟୀ ସେଣ୍ଟ ଜାଭିୟର ହାଇସ୍କୁଲ ଅଧ୍ୟକ୍ଷ ଡ଼. ପ୍ରିୟଦର୍ଶୀ ନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପିଲାଙ୍କ ମଧ୍ୟରେ ଗତ ଏକମାସ ଧରି ଚାଲିଥିବା କଠିନ୍ ପରିଶ୍ରମର ରୂପରେଖ ହେଉଛି ଏହି ବିଜ୍ଞାନ ମେଳା। ଛାତ୍ରୀଛାତ୍ରଙ୍କ ଉକ୍ତ ପ୍ରୟାସ ଯେ ତାଙ୍କର ବୈଜ୍ଞାନିକ ଚିନ୍ତାଧାରାକୁ ଆହୁରି ସୁଦୃଢ଼ କରିବ ବୋଲି ଅଧ୍ୟକ୍ଷ ତଥା ଅଭିଭାବକମାନେ ଆଶା ପୋଷଣା କରିଛନ୍ତି। ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ଚିଲିକାରେ ଡଲଫିନ ଗଣନା ଆରମ୍ଭ



ବ୍ରହ୍ମଗିରି,୨୧।୧୨(ଡି.ଏନ୍.ଏ)

ଚିଲିକାରେ ଡଲଫିନଙ୍କ ସ୍ଥିତି ଜାଣିବା ପାଇଁ ବୁଧବାରଠାରୁ ପ୍ରଶାସନ ପକ୍ଷରୁ ଏହାର ଗଣନ କାର୍ଯ୍ୟ ଆରମ୍ଭ ହୋଇଯାଇଛି। ବନ ବିଭାଗ ଓ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ)ଙ୍କ ମିଳିତ ସହଯୋଗରେ ଏହି ଗଣନା କାର୍ଯ୍ୟ ଚାଲିଛି। ଏହି ଗଣନା କାର୍ଯ୍ୟରେ ବନ ବିଭାଗ କର୍ମଚାରୀ, ସିଡିଏ କର୍ମଚାରୀ, ସ୍ୱେଚ୍ଛାସେବୀ ଓ ବିଶେଷଜ୍ଞମାନଙ୍କୁ ନେଇ ୧୮ ଟି ଦଳରେ ୧୬୦ଜଣ କର୍ମଚାରୀ ସାମିଲ ହୋଇ ଚିଲିକାର ବିଭିନ୍ନ ସ୍ଥାନକୁ ବିଭାଜିତ ହୋଇ ଗଣନା କାର୍ଯ୍ୟ କରିଛନ୍ତି। ଏହି ଗଣନା କାର୍ଯ୍ୟରେ ସାତପଡ଼ା ରେଞ୍ଜରୁ ୮ଟି ଦଳ ଓ ବାଲୁଗାଁ ରେଞ୍ଜରୁ ୧୦ଟି ଦଳ ସକାଳ ୬ଟାରୁ ବାହାରି ମଧ୍ୟାହ୍ନ ୧୨ଟା ମଧ୍ୟରେ ଶେଷ କରିଥିଲେ। ବାଇନାକୁଲାର, ଜିପିଏସ୍ ଓ ରେଞ୍ଜ ଫାଇଣ୍ଡର ମାଧ୍ୟମରେ ଡଲଫିନଙ୍କ ସ୍ଥିତି ଅନୁଧ୍ୟାନ କରିବା ସହିତ ଗଣନା କରାଯାଇଥିଲା। ସମସ୍ତ ଦଳର ରିପୋର୍ଟ ଆସିବା ପରେ ଚୂଡ଼ାନ୍ତ ରିପୋର୍ଟ ପ୍ରକାଶ ପାଇବା ବୋଲି ବନ ବିଭାଗ ତରଫରୁ ସୂଚନା ମିଳିଛି।

# ‘ଅନ୍ନଦାତାଙ୍କୁ ଅଣଦେଖା କରାଯାଉଛି’

## ତୁରନ୍ତ ବ୍ୟବସ୍ଥିତ ଭାବେ ଧାନମଣ୍ଡି ଖୋଲାଯାଉ: ଭାଜପା

ଖୋର୍ଦ୍ଧା ଅଫିସ,୨୧।୧୨

ଧାନକ୍ରୟ ବ୍ୟବସ୍ଥାରେ ସରକାରଙ୍କ ଭୁଲ ନିଷ୍ପତ୍ତି ଯୋଗୁ ଚାଷୀକୁଳ ଉପେକ୍ଷିତ ହେଉଛନ୍ତି। ସରକାର ଚାଷୀର ଉତ୍ପାଦିତ ଧାନ ଠିକ ଭାବେ କ୍ରୟ କରୁ ନ ଥିବାରୁ ଚାଷୀ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛନ୍ତି। ଧାନମଣ୍ଡି ପରିଚାଳନାରେ ଅବ୍ୟବସ୍ଥା, ବିଳମ୍ବରେ ମଣ୍ଡି ଖୋଲିବା, ଧାନକ୍ରୟରେ ଅନିୟମିତତା ଯୋଗୁ ଚାଷୀ ହନ୍ତସନ୍ତ ହେଉଛନ୍ତି। ଅନ୍ନଦାତାଙ୍କୁ ସରକାର ଅଣଦେଖା କରୁଛନ୍ତି ବୋଲି ଭାଜପା ଖୋର୍ଦ୍ଧା ଜିଲା ଶାଖା ଅଭିଯୋଗ ଆଣିଛି। ତୁରନ୍ତ ଧାନମଣ୍ଡି ଖୋଲିବା ସହ ବ୍ୟବସ୍ଥା କରିବାକୁ ଦାବି ନେଇ ଭାଜପା ପକ୍ଷରୁ ମଙ୍ଗଳବାର ଖୋର୍ଦ୍ଧା ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀଙ୍କୁ ଦାବିପତ୍ର ଦିଆଯାଇଛି।

ଉକ୍ତ ଦାବିପତ୍ରରେ ଦର୍ଶାଯାଇଛି ଯେ, ଉପକୂଳ ଓଡ଼ିଶାରେ ଶତକଡ଼ା ୮୦ଭାଗ ଚାଷୀ ଧାନ କାଟି ଅମଳ କରିଛନ୍ତି। ମଣ୍ଡି ଖୋଲିବାରେ ବିଳମ୍ବ କରାଯାଉଛି। ପଶ୍ଚିମ ଓଡ଼ିଶାରେ ଅବ୍ୟବସ୍ଥାରେ ମଣ୍ଡି ଚାଲିଛି। ମଣ୍ଡିଗୁଡ଼ିକ ତୁରନ୍ତ ଖୋଲିବା ସହ ଧାନକ୍ରୟ ବ୍ୟବସ୍ଥା ଶୃଙ୍ଖଳିତ କରାଯାଉ।



ବିଭିନ୍ନ ଦାବି ନେଇ ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଭାଜପାର ବିକ୍ଷୋଭ।

କୃଷକ ପଞ୍ଜୀକରଣରେ ଅନିୟମିତତା, ପାତରଅନ୍ତର ବନ୍ଦ ହେଉ। ଟୋକନ ସମସ୍ୟାର ସମାଧାନ କରାଯାଉ। ଚାଷୀଙ୍କ ମୁଣ୍ଡପିଛା ୬୦ କୁଇଣ୍ଟାଲ ଧାନବିକ୍ରି ନିଷ୍ପତ୍ତି ପ୍ରତ୍ୟାହାର କରାଯାଇ ଅବଧି ବୃଦ୍ଧି କରାଯାଉ। କେନ୍ଦ୍ର ସରକାର ୮ବର୍ଷ ମଧ୍ୟରେ ସର୍ବନିମ୍ନ ସହାୟକ ମୂଲ୍ୟରେ ୭ଶହ ଟଙ୍କା ବୃଦ୍ଧି କରିଛନ୍ତି। ଚାଷୀଙ୍କୁ ଏମ୍‌ଏସ୍‌ପି ଦରରେ ଉତ୍ପାଦିତ ଦାମ ମିଳିବା ପାଇଁ ସରକାର ବ୍ୟବସ୍ଥା କରନ୍ତୁ। ପ୍ରତି ବ୍ଲକ ଓ ଜିଲା ସ୍ତରରେ ଅଭିଯୋଗ ପ୍ରକୋଷ୍ଠ ଖୋଲାଯାଉ। ଅବହେଳା କରୁଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ। ଜଳସେଚିତ ଜମିରେ ୨୮ କୁଇଣ୍ଟାଲ ଓ ଅଣଜଳସେଚିତ ଜମିରେ ୨୨ କୁଇଣ୍ଟାଲ ପ୍ରତି ଏକର ହେବ ବୋଲି ଘୋଷଣା କରାଯାଉ। ବସ୍ତା ଓ ସୁତୁଲି ଟଙ୍କା ଚାଷୀଙ୍କୁ ଦିଆଯାଉ। ୨୦୧୬ରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା ଶହେ ଟଙ୍କା ବୋନସ ଦେବାକୁ ଦାବି କରାଯାଇଛି। ଖୋର୍ଦ୍ଧା ଜିଲା ସଭାପତି ରଶ୍ମି ମହାପାତ୍ରଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ ସମୟରେ ପୂର୍ବତନ ଜିଲା ସଭାପତି ନିକୁଞ୍ଜ ପଟ୍ଟନାୟକ, ପ୍ରତାପ ମହାପାତ୍ର, ରାଜୀବ ଷଡ଼ଙ୍ଗୀ, ପ୍ରଦୀପ୍ତ ପାଣି, ହରି ମହାରଣା, ଗଗନ ପାଇକରାୟ ଏବଂ ଗୁଣନିଧି ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଭାଜପା କୃଷକମୋର୍ଚ୍ଚା ଉପାଧ୍ୟକ୍ଷ ଶ୍ରୀରଞ୍ଜନ ମଙ୍ଗରାଜ କହିଥିଲେ ଯେ, ମଣ୍ଡିକୁ ଶୃଙ୍ଖଳିତ ଓ ବ୍ୟବସ୍ଥିତ କରାଯାଉ। କଟନୀ ଛଟନୀ ବନ୍ଦ ହେଉ। ମିଲରମାନଙ୍କ ମନମାନିରେ ମଣ୍ଡି ଚାଲୁଛି। ଏଭଳି ସ୍ଥିତ ବନ୍ଦ କରାଯାଉ। ଚାଷୀ ବହୁ କଷ୍ଟ ସହି ଫସଲ ଅମଳ କରିଛନ୍ତି। ବିକ୍ରି ସମୟରେ ସେମାନଙ୍କୁ ସହଯୋଗ କରାଯାଉ। ଚାଷୀ ଶୀତ କାକରରେ ଖୋଲା ଆକାଶ ତଳେ ମଣ୍ଡିରେ ଧାନ ପକାଇ ଜଗି ରହୁଛି। ଟୋକନ ମିଳୁନି, ମିଳିବାବେଳକୁ ଅବଧି ଚାଲିଯାଉଛି। ଫଳରେ ଚାଷୀ ହଇରାଣ ହେଉଛନ୍ତି। ସେମାନଙ୍କ ଧାନ ବିକ୍ରି ସମୟରେ ସମସ୍ତ ସୁବିଧା ଯୋଗାଇବା ଓ ସ୍ୱଚ୍ଛତା ପ୍ରତି ଗୁରୁତ୍ୱ ଦେବା ସହ ମଣ୍ଡିରେ ଦଲାଲରାଜ ବନ୍ଦ କରାଯାଉ। ମିଲରମାନଙ୍କ ମର୍ଜିରେ ନୁହେଁ ସରକାରଙ୍କ ଗାଇଡ୍ ଲାଇନ ଅନୁସାରେ ମଣ୍ଡି ଚାଲୁ ବୋଲି ସେ ଦାବି କରିଛନ୍ତି।

**ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତିଙ୍କୁ ସମ୍ବର୍ଦ୍ଧନା**

ବୋଲଗଡ,(ଡି.ଏନ୍.ଏ.): ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ ଅନ୍ତର୍ଗତ ବୋଲଗଡ଼ ଶାଖା ପକ୍ଷରୁ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃର ନବନିର୍ବାଚିତ ସଭାପତି ଅଭିଷେକ ସିଂ ସାମନ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ତତ୍‌ସହିତ ସମସ୍ତ ୨୨ଟି ସେବା ସମବାୟ ସମିତି ଲିଃର ନବ ନିର୍ବାଚିତ ସଭାପତିଙ୍କୁ ବ୍ୟାଙ୍କ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଉକ୍ତ ସଭାରେ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ମୁଖ୍ୟ ନିର୍ବାହୀ ଅଧିକାରୀ ବନଶ୍ରୀ ମଲ୍ଲିକ, ବୋଲଗଡ ବ୍ଲକ ଅଧକ୍ଷା ହୁଲାଶ ପ୍ରଧାନ ଓ ସମସ୍ତ ସମିତିର ସମ୍ପାଦକମାନେ ଉପସ୍ଥିତ ଥିଲେ। ସଭାରେ ବିଧାୟକ ରାଜେନ୍ଦ୍ର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ସରପଞ୍ଚ ପ୍ରଫୁଲ୍ଲ ପ୍ରଧାନ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ।

## ସଂକ୍ଷେପରେ

### ଜାନୁୟାରୀ ୨ରୁ ନୀଳାଚଳ ଭକ୍ତ ସମ୍ମିଳନୀ

ବୋଲଗଡ଼,୨୧।୧୨(ଡି.ଏନ୍.ଏ.): ବୋଲଗଡ଼ ବ୍ଲକର ସ୍ୱାଧୀନତା ସଂଗ୍ରାମୀଙ୍କ ଗ୍ରାମ ଚମ୍ପାଇଲୋର ମା’ ବଘେଇ ଦେବୀଙ୍କ ପୀଠରେ ୨୨ତମ ନୀଳାଚଳ ଭକ୍ତ ସମ୍ମିଳନୀ ପାଇଁ ପ୍ରସ୍ତୁତି ବୈଠକ ବୁଧବାର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଭାନୁପ୍ରଭା ପଲେଇଙ୍କ ସଭାପତିତ୍ୱରେ ମା’ ବଘେଇ ଠାକୁରାଣୀଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀଟି ପ୍ରତିବର୍ଷ ମହିଳାମାନଙ୍କ ଦ୍ୱାରା ପରିଚାଳିତ ହୋଇଥାଏ। ଏଥିରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ବିଶିଷ୍ଟ ପ୍ରବଚକମାନେ ଯୋଗଦେଇଥାନ୍ତି। ପ୍ରତିବର୍ଷ ପରି ଚଳିତ ବର୍ଷ ଜାନୁୟାରୀ ୨ରୁ ନୀଳାଚଳ ଭକ୍ତ ସମ୍ମିଳନୀ ଅନୁଷ୍ଠିତ ହେବ। ଏହା ୬ତାରିଖ ପର୍ଯ୍ୟନ୍ତ ହେବାକୁ ଥିବାବେଳେ ୫ଦିନ ଯାଏ ଦିବାରାତ୍ର ବିଭିନ୍ନ ଆଧାତ୍ମିକ ନୃତ୍ୟ ସଙ୍ଗୀତ ସହ ସନ୍ଧ୍ୟାରେ ସ୍ୱାମୀ ଭାଗବତା ନନ୍ଦ ପୁରୀଙ୍କ ପ୍ରତ୍ୟକ୍ଷ ଉପସ୍ଥିତିରେ ନିମନ୍ତ୍ରିତ ପ୍ରବଚକମାନଙ୍କ ଦ୍ୱାରା ପ୍ରବଚନ ହେବାର କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ଆସୁଥିବା ଶ୍ରଦ୍ଧାଳୁମାନଙ୍କ ପାଇଁ ରହିବାର ବ୍ୟବସ୍ଥା କରାଯାଇଛି। ଏହି ବୈଠକରେ କଣ୍ଠଶିଳ୍ପୀ ତଥା ପ୍ରବଚିକା ରମାମଣୀ ଚମ୍ପତିରାୟ, ସଞ୍ଜୁକ୍ତା ରଣସିଂହ, ଶିକ୍ଷୟିତ୍ରୀ ଶାନ୍ତିଲତା ଦଳେଇ, ବସନ୍ତ ସାମନ୍ତ, ବିନୋଦିନୀ ରଣସିଂହ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ହେମନ୍ତ ଉତ୍ତରାୟ ଧନ୍ୟବାଦ ଦେଇଥିଲେ।

### ସଡ଼କ ଦୁର୍ଘଟଣାରେ ଜଣେ ମୃତ

ଗୋପ,୨୧।୧୨(ଡି.ଏନ୍.ଏ.): ଗୋପ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ପୂର୍ବାହ୍ନ ୧୧ଟା ସମୟରେ ଏକ ବାଇକ୍ ଅନ୍ୟ ଏକ ବାଇକ୍‌କୁ ଧକ୍କା ଦେବାରୁ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୨ ଜଣ ଆହତ ହୋଇଛନ୍ତି। ମୃତକ ହେଲେ ଗୋପ ବସ୍ତିର ସେକ୍ ଅବଦୁଲ ମେହେତାବ୍(୩୨)। ଆହତ ୨ ଜଣ ହେଲେ ଭୁବନେଶ୍ୱର ତମାଣ୍ଡୋ ଅଞ୍ଚଳର ବିଦୁପ୍ରସାଦ ରାଉତ(୨୫) ଏବଂ ଜ୍ୟୋତିରଞ୍ଜନ ମହାରଣା(୨୫)। ଦୁର୍ଘଟଣା ସମ୍ପର୍କରେ ସ୍ଥାନୀୟ ଅଗ୍ନିଶମ ବିଭାଗକୁ ଜନସାଧାରଣ ଜଣାଇଥିଲେ ମଧ ଅଗ୍ନିଶମ ଗାଡ଼ି ବିଳମ୍ବରେ ପହଞ୍ଚିବାରୁ ଘଟଣାସ୍ଥଳରେ ଚାପା ଉତ୍ତେଜନା ଦେଖିବାକୁ ମିଳିଥିଲା। ସୂଚନା ମୁତାବକ, ସେକ୍ ଅବଦୁଲ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ତାଙ୍କ ବାଇକ୍ ବୁଲାଉଥିଲେ। ସେତେବେଳେ କୋଣାର୍କ ପଟୁ ଆସୁଥିବା ଅନ୍ୟ ଏକ ଗାଡ଼ିରେ ଜ୍ୟୋତିରଞ୍ଜନ ଓ ତାଙ୍କ ସାଙ୍ଗ ବିଦୁପ୍ରସାଦ ଆସୁଥିବାବେଳେ ବ୍ଲକ ସମ୍ମୁଖରେ ଦୁହିଁଙ୍କ ଗାଡ଼ି ଧକ୍କା ହୋଇଥିଲା। ସ୍ଥାନୀୟ ଲୋକେ ୩ ଜଣଙ୍କୁ ଉଦ୍ଧାର କରିବା ପାଇଁ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ମାତ୍ର ବିଳମ୍ବରେ ଅଗ୍ନିଶମ ଗାଡ଼ି ପହଞ୍ଚି ଥିବାରୁ ଘଟଣାସ୍ଥଳରେ ଉତ୍ତେଜନା ଦେଖିବାକୁ ମିଳିଥିଲା। ୩ ଜଣଙ୍କୁ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଇଥିଲା। ସେଠାରୁ ସେକ୍ ଅବଦୁଲ ଓ ଜ୍ୟୋତିରଞ୍ଜନଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିଲା। ସେକ୍ ଅବଦୁଲଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ସେଠାରୁ ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ରାତି ୧୦ଟା ସମୟରେ ଡାକ୍ତର ସେକ୍ ଅବଦୁଲଙ୍କୁ ମୃତ ଘୋଷଣା କରିଛନ୍ତି। ମାତ୍ର ସ୍ଥାନାନ୍ତର ପାଇଁ ୧୦୮ ଆମ୍ବୁଲାନ୍ସକୁ ଟେଲିଫୋନ୍ ମାଧମରେ ବୁକିଂ କରିଥିଲେ ମଧ ଆମ୍ବୁଲାନ୍ସ ମିଳି ନ ଥିଲା।

# ଝାଡ଼ଖଣ୍ଡର ୪ ଅଭିଯୁକ୍ତ ଗିରଫ

## ପଇଡ଼ରେ ନିଶା ଦେଇ ଯାତ୍ରୀଙ୍କୁ ଲୁଟ୍ ଘଟଣା

- ସୁନାଗହଣା, ୮ ମୋବାଇଲ, ୩୯,୩୫୦ ଟଙ୍କା ଜବତ
- ର୍‍ୟାକେଟ୍ ସମ୍ପୃକ୍ତି ସନ୍ଦେହ: ଚେର ଖୋଜୁଛି ପୋଲିସ

ପୁରୀ ଅଫିସ, ୨୧।୧୨



ଖବରଦାତା ସମ୍ମିଳନୀରେ ପୋଲିସ ସୂଚନା ଦେଉଛନ୍ତି।

ରେଳଯାତ୍ରୀଙ୍କୁ ପଇଡ଼ରେ ନିଶା ଦେଇ ଲୁଟ୍ ଘଟଣାରେ ପୁରୀ ଆର୍‌ପିଏଫ୍ ଏବଂ ଜିଆର୍‌ପି ଝାଡ଼ଖଣ୍ଡର ୪ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଜମତାରା ଜିଲା କୁରୁଆ ମଣ୍ଡଳ ଅଧୀନ ତୋରା ଗ୍ରାମର ଧୁରଗୁଜ୍ ମଣ୍ଡଳ (୩୬), ଅଶୋକ ମଣ୍ଡଳ (୪୨), ସୁଶିଳ ମଣ୍ଡଳ (୨୭) ଏବଂ ଦେଓଘର ଜିଲା ଶାଗରଭଙ୍ଗାର ବିନୋଦ ପୋଦାର (୩୮)। ଏମାନଙ୍କଠାରୁ ୧୬ ଗ୍ରାମ୍‌ର ସୁନାଚେନ୍, ୨୪ ଗ୍ରାମ୍‌ର ଏକ ସୁନାଚେନ୍, ୧୯ ଗ୍ରାମ୍‌ର ୫ଟି ସୁନାମୁଦି, ୮ ଗ୍ରାମ୍‌ର ଗୋଟିଏ ସୁନା ଲକେଟ୍ ସମେତ ୮ଟି ମୋବାଇଲ ଫୋନ, ନଗଦ ୩୯,୩୫୦ ଟଙ୍କା ଏବଂ ଅନ୍ୟ କିଛି ସାମଗ୍ରୀ ରହିଛି। ଜବତ ସାମଗ୍ରୀର ମୂଲ୍ୟ ପ୍ରାୟ ୫ ଲକ୍ଷ ଟଙ୍କା ହେବ ବୋଲି ବୁଧବାର ରେଲୱେ ପୋଲିସ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ କଟକ ଡିଭିଜନ ଏସ୍‌ପି ସୁନିଲ କୁମାର ଆଚାର୍ଯ୍ୟ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ଗତ ମାସ ୩୦ ତାରିଖରେ କେ. ସୁବାସ ଆଚାରୀ ଏବଂ ଅନ୍ୟ ୩ଜଣ ଯାତ୍ରୀ ପୁରୀରୁ ବ୍ରହ୍ମପୁରକୁ ଟ୍ରେନ୍ ନଂ. ୧୮୪୧୭ ପୁରୀ-ଗୁଣୁପୁର ଏକ୍ସପ୍ରେସ୍‌ରେ ଯାଉଥିଲେ। ଯାତ୍ରାବେଳେ ସେମାନେ ଅଭିଯୁକ୍ତମାନଙ୍କ ସଂସ୍ପର୍ଶରେ ଆସିଥିଲେ। ପରେ ଅଭିଯୁକ୍ତ ଓ ସୁବାସଙ୍କ ପରିବାର ଲୋକଙ୍କ ମଧ୍ୟରେ କଥାବାର୍ତ୍ତା ହେବା ସହ ନିବିଡ଼ତା ବଢ଼ିଥିଲା। ଏହି ଅବସରରେ ଅଭିଯୁକ୍ତମାନେ ସୁବାସ ଓ ତାଙ୍କ ପରିବାର ଲୋକଙ୍କୁ ପଇଡ଼ ପାଣି ପିଇବା ପାଇଁ ଦେଇଥିଲେ। ଅଭିଯୁକ୍ତମାନେ ସେଥିରେ ନିଶାଦ୍ରବ୍ୟ ମିଶାଇଥିବାରୁ ସୁବାସ ଓ ତାଙ୍କ ପରିବାର ଲୋକେ ପିଇ ଅଚେତ ହୋଇଯାଇଥିଲେ। ସେମାନଙ୍କର ଚେତା ଫେରିବାବେଳକୁ ସେମାନେ ବ୍ରହ୍ମପୁରର ଏମ୍‌କେସିଜି ମେଡିକାଲରେ ଚିକିତ୍ସିତ ହେଉଛନ୍ତି ଓ ସେମାନଙ୍କର ଗହଣାଗାଣ୍ଠି ଲୁଟ୍ ହୋଇଥିବା ଜାଣିବାକୁ ପାଇଥିଲେ। ସେହିପରି ୧୬ ଗ୍ରାମ୍‌ର ଗୋଟିଏ ମଙ୍ଗଳସୂତ୍ର, ୧୦ରୁ ୧୨ ଗ୍ରାମ ଓଜନର ୩ଟି ସୁନାମୁଦି, ୮ ଗ୍ରାମ୍‌ର ଏକ ସୁନାଚେନ୍, ୩ଟି ମୋବାଇଲ ଫୋନ୍, ନଗଦ ୬ ହଜାର ଟଙ୍କା ସହ ଏଟିଏମ୍‌ରୁ ୪୭,୯୦୦ ଟଙ୍କା ଲୁଟ୍ ହୋଇଥିବା ଜାଣିବାକୁ ପାଇଥିଲେ। ଏ ନେଇ ସୁବାସଙ୍କ ଅଭିଯୋଗ କ୍ରମେ ପୁରୀ ଜିଆର୍‌ପି ଏକ କେସ୍ (ନଂ. ୧୨୧/୨୨) କରି ତଦନ୍ତ କରିଥିଲା। ଗତ ୧୫ ତାରିଖରେ ପୂର୍ବଭଳି ଦୁଇଟି ଘଟଣା ଉକ୍ତ ଟ୍ରେନ୍‌ରେ ଘଟିଥିବା ସହ ଚୋରି ହୋଇଥିଲା। ଯେଉଁଥିରେ ଦୁଇଟି ଚେନ୍, ମୋବାଇଲ ଓ ଟଙ୍କା ପ୍ରଭୃତି ସାମିଲ ଥିଲା। ଏନେଇ ପୁରୀ ଜିଆର୍‌ପିରେ ଅଭିଯୋଗ ହୋଇଥିଲା। ରେଲୱେ ପୋଲିସ ଏ ନେଇ କେସ ନଂ. ୧୨୬, ୧୨୭ ଏବଂ ୧୨୮/୨୨ରେ ତିନୋଟି ମାମଲା ରୁଜୁ କରିଥିଲା। ତେବେ ପଇଡ଼ ଭିତରେ ନିଶାଦ୍ରବ୍ୟ ଦେଇ ଅତି ଚତୁରତାର ସହ ଯାତ୍ରୀଙ୍କୁ ଅଚେତ କରି ସେମାନଙ୍କଠାରୁ ମୂଲ୍ୟବାନ ସାମଗ୍ରୀ ଲୁଟ୍ କରିବା ଘଟଣା ରେଲୱେ ପୋଲିସ ପାଇଁ ମୁଣ୍ଡବ୍ୟଥା ସାଜିଥିଲା। ବାରମ୍ବାର ଏଭଳି ଘଟଣା ଯାତ୍ରୀଙ୍କ ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଥିବାବେଳେ ରେଲୱେ ପୋଲିସ ଏହି ଘଟଣାକୁ ଗୁରୁତ୍ୱର ସହ ନେଇଥିଲା। ବରିଷ୍ଠ ପୋଲିସ ଅଧିକାରୀମାନଙ୍କୁ ନେଇ ଏକ ଟିମ୍ ଗଠନ କରି ତଦନ୍ତ ଆରମ୍ଭ କରିଥିଲା। ଏହାପରେ ଘଟଣାରେ ସମ୍ପୃକ୍ତ ୪ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନେ ଦୀର୍ଘବର୍ଷ ହେବ ଏପରି ଘଟଣା ଘଟାଉଥିଲେ। ଘଟଣା ଘଟାଇବା ପରେ ଅଭିଯୁକ୍ତମାନେ ରାଜ୍ୟ ବାହାରକୁ ଯାଇ ଚୋରି ଜିନିଷ ବିକ୍ରି କରି କିଛି ଦିନ ରହି ପୁଣି ପୁରୀକୁ ଆସି ବିଭିନ୍ନ ଲଜ୍ ତଥା ଘରଭଡ଼ା ନେଇ ଏପରି କାର୍ଯ୍ୟ କରୁଥିଲେ। ଏଭଳି ଘଟଣାରେ ଏକ ର୍‍ୟାକେଟ ସମ୍ପୃକ୍ତ ଥିବା ପୋଲିସ ସନ୍ଦେହ କରି ଚେର ଖୋଜିବାରେ ଲାଗିପଡ଼ିଛି। ତଦନ୍ତ ଚାଲିଥିବାରୁ ଉକ୍ତ ଘଟଣାରେ ଆଉ କେଉଁମାନେ ସମ୍ପୃକ୍ତ, ତାହା ଆଗକୁ ଜଣାପଡ଼ିବ ବୋଲି ରେଲୱେ ପୋଲିସ ପକ୍ଷରୁ କୁହାଯାଇଛି।

## ଅଶ୍ଳୀଳ ଭିଡିଓ ପଠାଇ ଯୁବକ ଗିରଫ

ପୁରୀ ଅଫିସ,୨୧।୧୨

ଜଣେ ଯୁବତୀଙ୍କ ଅଶ୍ଳୀଳ ଭିଡିଓ ପଠାଇବା ଅଭିଯୋଗରେ ବଳିଆପଣ୍ଡା ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେ ହେଲେ ନୟାଗଡ଼ ଶରଣକୂଳ ଥାନା କଲ୍ୟାଣପୁର ଗ୍ରାମର ଜଗଦିଶ ଜେନା ଓରଫ ସିପୁନ(୨୧)। ଅଭିଯୁକ୍ତଙ୍କଠାରୁ ଏକ ମୋବାଇଲ ଫୋନ୍ ଜବତ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୧୭୯/୨୨) ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ, ଏହି ଥାନା ଅଞ୍ଚଳର ଜଣେ ୧୯ବର୍ଷୀୟା ଯୁବତୀ ଅଭିଯୁକ୍ତ ସିପୁନଙ୍କ ସହ ଗତ ୨ବର୍ଷ ହେବ ପ୍ରେମ ସମ୍ପର୍କରେ ଥିଲେ। ଏହି ସମୟରେ ଯୁବତୀଙ୍କ କିଛି ଅଶ୍ଳୀଳ ଭିଡିଓକୁ ଅଭିଯୁକ୍ତ ରଖିଥିଲେ। ପରେ କୌଣସି କାରଣକୁ ନେଇ ଦୁହିଁଙ୍କର ବାହାଘର ହୋଇପାରି ନ ଥିଲା। ତେଣୁ ଯୁବତୀ ଅନ୍ୟତ୍ର ବିବାହ କରିଥିଲେ। ଏକଥା ସିପୁନ ସହି ନ ପାରି ତାଙ୍କୁ ବ୍ଲାକମେଲ୍ କରି ଟଙ୍କା ଦାବି କରିଥିଲା। ଯୁବତୀ ରାଜି ନହେବାରୁ ସେ ଇନ୍‌ଷ୍ଟାଗ୍ରାମରେ ଯୁବତୀଙ୍କୁ ତାଙ୍କ ଭିଡିଓ ପଠାଇଥିଲା। ଯୁବତୀ ଏହା ଦେଖି ବାପଘରକୁ ଜଣାଇବାରୁ ତାଙ୍କ ବାପା ବଳିଆପଣ୍ଡା ଥାନାରେ ମଙ୍ଗଳବାର ଲିଖିତ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ତଦନ୍ତ କରି ନୟାଗଡ଼ ଶରଣକୂଳରୁ ସିପୁନଙ୍କୁ ଗିରଫ କରିଥିଲେ।




କୋଣାର୍କ କିନ୍ନର ସଂଘ ପକ୍ଷରୁ ବୁଧବାର ଅସହାୟମାନଙ୍କୁ ଶୀତବସ୍ତ୍ର ଓ ଜରୁରୀ ସାମଗ୍ରୀ ବଣ୍ଟନ କରାଯାଉଛି।

## ଦିନିକିଆ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସାଇ ଇଲେଭେନ୍ ବିଜୟ

ଖୋର୍ଦ୍ଧା ଅଫିସ,୨୧।୧୨



ଖୋର୍ଦ୍ଧା ପ୍ରାଣନାଥ ମହାବିଦ୍ୟାଳୟ ଖେଳପଡ଼ିଆରେ ରେଡ୍ ଚିଲି ପକ୍ଷରୁ ଦିନିକିଆ କ୍ରିକେଟ ଟୁର୍ଣ୍ଣାମେଣ୍ଟ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ତେବେ ଟୁର୍ଣ୍ଣାମେଣ୍ଟରେ ଖୋର୍ଦ୍ଧାର ସାଇ ଇଲେଭେନ ବିଜୟ ହୋଇଥିବା ବେଳେ ବେଣାପଞ୍ଜୁରୀର ଦଳ ରନର୍ସଅପ ହୋଇଛନ୍ତି। ଏଥିରେ ମୁଖ୍ୟ ଅତିଥି ଭାବେ ଲୋକନାଥ ମହାରଥୀ ଏବଂ ଅନ୍ୟ ଅତିଥି ଭାବେ ରଣଜିତ ମହାପାତ୍ର ଯୋଗଦେଇ ବିଜୟୀ ଦଳ ସାଇ ଇଲେଭେନ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିବା ବେଳେ ରନର୍ସ ଅପ ଦଳକୁ ମଧ ସମ୍ମାନିତ କରାଯାଇଛି। ଉକ୍ତ ମ୍ୟାଚଗୁଡ଼ିକୁ ନୁର ମହମ୍ମଦ, ଜାକିର ଖାନ ଓ ରେଡ୍ ଚିଲ୍ଲିର ସଭାପତି ହାଲିମ ଖାଁ ପରିଚାଳନା କରିଥିଲେ।

# ସୀମିତ ଶବ୍ଦ ଡିଜେ ଅନୁମତି ପାଇଁ ନିବେଦନ

ବାଲୁଗାଁ,୨୧।୧୨(ଡି.ଏନ୍.ଏ.)

ବାଲୁଗାଁ ଉପ-ଖଣ୍ଡ ଆରକ୍ଷୀ ଅଧିକାରୀଙ୍କ କାର୍ଯ୍ୟାଳୟ ଅଧୀନ ବାଲୁଗାଁ, ବାଣପୁର, ନାଚଣୀ, ଟାଙ୍ଗି ଓ ନିରାକାରପୁର ଥାନା ଅଞ୍ଚଳରେ ଗତ କିଛି ଦିନ ହେଲା ଶୋଭାଯାତ୍ରାରେ ଡିଜେ ସାଉଣ୍ଡ ବ୍ୟବହାରକୁ ପ୍ରଶାସନ ପକ୍ଷରୁ ନିଷିଦ୍ଧ କରାଯାଇଛି। ଏହାଦ୍ୱାରା ଡିଜେ ମାଲିକମାନେ କ୍ଷତି ସହୁଛନ୍ତି। ଏହି ପରିପ୍ରେକ୍ଷୀରେ ଗଣମାଧମ ପ୍ରତିନିଧିଙ୍କ ଜରିଆରେ ପ୍ରଶାସନକୁ ନିବେଦନ ପାଇଁ ମା’ଭଗବତୀ ବ୍ୟାଣ୍ଡ ଓ ସାଉଣ୍ଡ ସଂଘ ପକ୍ଷରୁ ବାଲୁଗାଁ ଉତ୍ତରାୟଣୀ ମନ୍ଦିରରେ ଏକ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏଥିରେ ସଂଘର ସଭାପତି କବିରାଜ ସାହୁ, ଭୀମସେନ ପ୍ରଧାନ ଓ ସରୋଜକାନ୍ତ ସାସମଲ ପ୍ରମୁଖ ସଭ୍ୟବୃନ୍ଦ ଯୋଗଦେଇ ଡିଜେ ବ୍ୟବହାର ବନ୍ଦ ଯୋଗୁ ରଣଭାର ସହ ପରିବାର ପ୍ରତିପୋଷଣ କଷ୍ଟକର ହୋଇପଡ଼ିଛି। ପ୍ରଶାସନର ନିୟମ ଅନୁଯାୟୀ ସଂଘ ପକ୍ଷରୁ ସମସ୍ତ ନୀତିନିୟମ ପାଳନ କରାଯିବା ସହ ପ୍ରଶାସନକୁ ଏଦିଗରେ ସମ୍ପୂର୍ଣ୍ଣ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତେଣୁ ଗାଇଡ୍‌ଲାଇନ ମଧ୍ୟରେ ଡିଜେ ବଜାଇବୁ ବୋଲି ପ୍ରଶାସନ ନିକଟରେ ନିବେଦନ କରିଛନ୍ତି। ସୂଚନାଯୋଗ୍ୟ, ଡିଜେ ଶବ୍ଦ ଉଚ୍ଚା ରହିବା ସହ ପ୍ରଦୂଷଣରେ ଅସହ୍ୟ ହେଉଥିବାରୁ ଅଞ୍ଚଳର ବହୁ ବରିଷ୍ଠ ନାଗରିକ ଏହାକୁ ବିରୋଧ କରି ସମ୍ପୂର୍ଣ୍ଣ ରୂପେ ବନ୍ଦ ନିମନ୍ତେ ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ। ଏହାର ଗୁରୁତ୍ୱକୁ ଉପଲବଧି କରି ଜିଲା ପ୍ରଶାସନର ଗାଇଡ୍‌ଲାଇନ ମୁତାବକ ବାଲୁଗାଁ ଏସ୍‌ଡିପିଓ ମାନସ ରଞ୍ଜନ ବାରିକ ଗତ କିଛିଦିନ ପୂର୍ବେ ଡିଜେ ବ୍ୟବହାରକୁ କଡ଼ାକଡ଼ି ଭାବେ ବାରଣ କରିବା ସହ ଖିଲାପକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ତେବେ ନିୟମ ଅନୁଯାୟୀ ବାଦ୍ୟ ଯନ୍ତ୍ରରେ ୬୫ଡେସିବେଲ୍ ଯୁକ୍ତ ସୀମତ ଶବ୍ଦ ବ୍ୟବହାର ହେଲେ ଏହା କ୍ଷତିକାରକ ହୋଇ ନ ଥାଏ। ତେଣୁ ପ୍ରତ୍ୟେକ ମାଲିକ ଏହି ୬୫ ଡେସିବେଲ ଆମ୍ପ୍ଲିଫାୟାର ଡିଜେରେ ସଂଯୋଗ କରି ବ୍ୟବହାର ନିମନ୍ତେ ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ଇତି ମଧ୍ୟରେ ବହୁ ବିବାହ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିବା ବେଳେ ପ୍ରଶାସନର କଟକଣା ଯୋଗୁ ଡିଜେ ମାଲିକ ଏଥିରୁ ବଞ୍ଚିତ ହୋଇ କ୍ଷତି ସହିଛନ୍ତି। ଏ ନେଇ ବାଲୁଗାଁ ଏସ୍‌ଡିପିଓ ମାନସ ରଞ୍ଜନ ବାରିକ କହିଛନ୍ତି, ଡିଜେରେ ୬୫ ଡେସିବେଲର ସୀମିତ ଶବ୍ଦ ବ୍ୟବହାର ହେଲେ ପ୍ରଶାସନର ଏଦିଗରେ କୌଣସି ଆପତ୍ତି ରହିବ ନାହିଁ ବୋଲି କହିଥିଲେ।

## ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକୋତ୍ସବ

ଟାଙ୍ଗୀ(ଖୋର୍ଦ୍ଧା), ୨୧।୧୨ (ଡି.ଏନ୍.ଏ.)

କାଲୁପଡା ଘାଟ ମାତୃବିହାରସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୩୨ତମ ବାର୍ଷିକ ଉତ୍ସବ ବୁଧବାର ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ମାତୃ ସେବା ଟ୍ରଷ୍ଟର ମୁଖ୍ୟ ଡା. ସୁଧାଙ୍ଗିନୀ ହରିଚନ୍ଦନ, ନବ ଜୀବନ ସଂସଦର ସମ୍ପାଦକ ପ୍ରସାଦ ତ୍ରିପାଠୀ, ସ୍ୱାଗତିକା ଜଗଦେବ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶ୍ରୀମା, ଅରବିନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ସହ ଦେଶ ସେବା କରିବାକୁ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ଏହାପରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଶାରୀରିକ କ୍ରୀଡ଼ା ନୈପୁଣ୍ୟ ପ୍ରଦର୍ଶନ ହୋଇଥିଲା। ଶେଷରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷା କେନ୍ଦ୍ରର ଅଧକ୍ଷ ସଞ୍ଜୟ କୁମାର ମହାପାତ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଚିଲିକାରେ ଡଲଫିନ ଗଣନା ଆରମ୍ଭ



ବ୍ରହ୍ମଗିରି,୨୧।୧୨(ଡି.ଏନ୍.ଏ)

ଚିଲିକାରେ ଡଲଫିନଙ୍କ ସ୍ଥିତି ଜାଣିବା ପାଇଁ ବୁଧବାରଠାରୁ ପ୍ରଶାସନ ପକ୍ଷରୁ ଏହାର ଗଣନ କାର୍ଯ୍ୟ ଆରମ୍ଭ ହୋଇଯାଇଛି। ବନ ବିଭାଗ ଓ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ)ଙ୍କ ମିଳିତ ସହଯୋଗରେ ଏହି ଗଣନା କାର୍ଯ୍ୟ ଚାଲିଛି। ଏହି ଗଣନା କାର୍ଯ୍ୟରେ ବନ ବିଭାଗ କର୍ମଚାରୀ, ସିଡିଏ କର୍ମଚାରୀ, ସ୍ୱେଚ୍ଛାସେବୀ ଓ ବିଶେଷଜ୍ଞମାନଙ୍କୁ ନେଇ ୧୮ ଟି ଦଳରେ ୧୬୦ଜଣ କର୍ମଚାରୀ ସାମିଲ ହୋଇ ଚିଲିକାର ବିଭିନ୍ନ ସ୍ଥାନକୁ ବିଭାଜିତ ହୋଇ ଗଣନା କାର୍ଯ୍ୟ କରିଛନ୍ତି। ଏହି ଗଣନା କାର୍ଯ୍ୟରେ ସାତପଡ଼ା ରେଞ୍ଜରୁ ୮ଟି ଦଳ ଓ ବାଲୁଗାଁ ରେଞ୍ଜରୁ ୧୦ଟି ଦଳ ସକାଳ ୬ଟାରୁ ବାହାରି ମଧାହ୍ନ ୧୨ଟା ମଧ୍ୟରେ ଶେଷ କରିଥିଲେ। ବାଇନାକୁଲାର, ଜିପିଏସ୍ ଓ ରେଞ୍ଜ ଫାଇଣ୍ଡର ମାଧମରେ ଡଲଫିନଙ୍କ ସ୍ଥିତି ଅନୁଧାନ କରିବା ସହିତ ଗଣନା କରାଯାଇଥିଲା। ସମସ୍ତ ଦଳର ରିପୋର୍ଟ ଆସିବା ପରେ ଚୂଡ଼ାନ୍ତ ରିପୋର୍ଟ ପ୍ରକାଶ ପାଇବା ବୋଲି ବନ ବିଭାଗ ତରଫରୁ ସୂଚନା ମିଳିଛି।

# ଫୁଟ୍‌ବଲ: ସିଲିଗୁଡ଼ି ସଶସ୍ତ୍ର ବଳ ବିଜୟୀ

ଟାଙ୍ଗୀ(ଖୋର୍ଦ୍ଧା),୨୧।୧୨(ଡି.ଏନ୍.ଏ.)

କୁହୁଡି ମହାବୀର ଆଥଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ସର୍ବଭାରତୀୟ ମହାବୀର କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ବୁଧବାର ମ୍ୟାଚ୍ ସଶସ୍ତ୍ର ସୀମା ବଳ ସିଲିଗୁଡି ସହିତ ମା’ କାମାକ୍ଷା ଫୁଟବଲ କ୍ଲବ ବିହାର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚ୍‌ଟି ଖୁବ ସଂଘର୍ଷ ପୂର୍ଣ୍ଣ ହୋଇଥିବା ବେଳେ ସିଲୁଗୁଡି ସଶସ୍ତ୍ର ବଳ ୧-୦ ଗୋଲରେ ବିଜୟୀ ହୋଇ ପୂରା ପଏଣ୍ଟ ଲାଭ କରିଛି। ଅତିଥି ଭାବେ ଟାଙ୍ଗୀ ବ୍ଲକ ପୂର୍ବତନ ଅଧକ୍ଷ ଲକ୍ଷ୍ମଣ ଶ୍ରୀଚନ୍ଦନ, କଲେଜ ଅଧକ୍ଷ ବାଳକୃଷ୍ଣ ମିଶ୍ର, ଫିରୋଜ ଖାଁ ପ୍ରମୁଖ ଯୋଗ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଦିଲୀପ କୁମାର ରାଉତ, ବିଜୟ ମଙ୍ଗରାଜ, ଶଶିକାନ୍ତ ଦାସିଆ, ସୁବ୍ରତ ପୁରୋହିତ ମ୍ୟାଚ ପରିଚାଳନା କରିଥିଲେ। ମ୍ୟାଚ କମିଶନର ଥିଲେ ଅର୍ପିତ ବେହେରା। ଗୁରୁବାର ୟୁନାଇଟେଡ୍ ସ୍ପୋର୍ଟସ କ୍ଲବ କୋଲକାତା ସହିତ ଚେନ୍ନାଇ ପୋଲିସର ମ୍ୟାଚ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ମନୋଜ କୁମାର ମାନସିଂହ ସୂଚନା ଦେଇଛନ୍ତି।



ସର୍ବଭାରତୀୟ ମହାବୀର କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ବୁଧବାର ମ୍ୟାଚ୍‌ରେ ଯୋଗଦେଇଥିବା ଅତିଥିଙ୍କ ସହ ଖେଳାଳି।

# ବସ୍‌ଯାତ୍ରୀଙ୍କୁ ମିଳୁ ମୌଳିକ ସୁବିଧା

ପୁରୀ ଅଫିସ,୨୧।୧୨



ଜିଲାପାଳ ସମର୍ଥ ବର୍ମାଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ପୁରୀର ବସ୍‌ଷ୍ଟାଣ୍ଡକୁ ବିଶ୍ୱସ୍ତରୀୟ କରିବା ଓ ବସ୍ ଯାତ୍ରୀମାନଙ୍କୁ ଷ୍ଟାଣ୍ଡ ପରିସରରେ ସମସ୍ତ ଆବଶ୍ୟକ ମୌଳିକ ସୁବିଧା ଯୋଗାଇଦେବା ପାଇଁ ବସ୍ ଯାତ୍ରୀ ଆସୋସିଏଶନ ପକ୍ଷରୁ ଦାବି କରାଯାଇଛି। ଏ ନେଇ ଆସୋସିଏଶନ ବରିଷ୍ଠ ସଦସ୍ୟ ସୂର୍ଯ୍ୟ ନାରାୟଣ ରଥଙ୍କ ନେତୃତ୍ୱରେର କର୍ମକର୍ତ୍ତାମାନେ ଜିଲାପାଳଙ୍କୁ ବୁଧବାର ସାକ୍ଷାତ କରି ପ୍ରସ୍ତାବିତ ପ୍ରସ୍ତାବ ଉପରେ ଆଲୋଚନା କରିଛନ୍ତି। ଏଥିସହ ଏକ ୨୧ ଦାବି ସମ୍ବଳିତ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି। ପୁରୀ ବସଷ୍ଟାଣ୍ଡକୁ ସୁନ୍ଦର କରିବା ପାଇଁ ସହରର ଅନେକ ସଚେତନ ଯୁବକ ଆଗେଇ ଆସି ପ୍ରତ୍ୟେକ ଶନିବାର ବସ୍‌ଷ୍ଟାଣ୍ଡକୁ ପରିଷ୍କାର କରୁଛନ୍ତି ଏବଂ ସମସ୍ତଙ୍କୁ ସଚେତନ କରୁଛନ୍ତି। ବସ୍ ଯାତ୍ରୀମାନଙ୍କର ସୁବିଧା ଓ ସୁରକ୍ଷାକୁ ଦୃଷ୍ଟିରେ ରଖି ଜିଲାପାଳଙ୍କୁ ନିମ୍ନ ପ୍ରସ୍ତାବଗୁଡ଼ିକ ପ୍ରଦାନ କରିଛନ୍ତି।

ବସ୍‌ଷ୍ଟାଣ୍ଡର ଉଭୟ ଫାଟକରେ ସୁଦୃଶ୍ୟ ଆକର୍ଷଣୀୟ ନାମଫଳକ ଲଗାଯିବା। ୨୪ଘଣ୍ଟିଆ ପିଇବା ପାଣି, ସିକ୍ୟୁରିଟି ବ୍ୟବସ୍ଥା ଓ ପରିମଳ ବ୍ୟବସ୍ଥା ସହିତ ସୁରକ୍ଷା ଦୃଷ୍ଟିରୁ ଷ୍ଟାଣ୍ଡ ପରିସରରେ ସିସିଟିଭି ଲଗାଇବା, ପୁରୁଷ ଓ ମହିଳାଙ୍କ ନିମିତ୍ତ ପରିଶ୍ରାଗାର ନିର୍ମାଣ କରାଯିବା। ବସ୍ ହକରମାନଙ୍କୁ ପଞ୍ଜିକୃତ କରିବା ସହିତ ସେମାନଙ୍କୁ ପରିଚୟପତ୍ର ପ୍ରଦାନ କରିବା। ବସ୍‌ଷ୍ଟାଣ୍ଡ ପରିସରକୁ ସବୁଜିମା ଭରା କରିବା ସହିତ ଷ୍ଟାଣ୍ଡକୁ ଉତ୍କଳୀୟ ଐତିହ୍ୟ ସଂସ୍କୃତି ଓ ପରମ୍ପରାକୁ ନେଇ ରଙ୍ଗବେରଙ୍ଗ କଳାକୃତିରେ ସଜାଇବା, ଯାତ୍ରୀମାନଙ୍କ ପାଇଁ ଏଟିଏମ୍ ସ୍ଥାପନ କରିବା ସହିତ ଉକ୍ତ ଅଞ୍ଚଳକୁ ନିଶାମୁକ୍ତ ଅଞ୍ଚଳ ଘୋଷଣା କରିବା ପ୍ରମୁଖ ଦାବି କରାଯାଇଛି। ଏତଦ୍‌ବ୍ୟତୀତ ଗନ୍ତବ୍ୟସ୍ଥଳ ଅନୁଯାୟୀ ଷ୍ଟାଣ୍ଡ ମଧ୍ୟରେ ବସ୍‌ଗୁଡିକୁ ନିର୍ଦ୍ଦିଷ୍ଟ ସ୍ଥାନରେ ରଖାଯିବା, ରେଲୱେ ଭଳି ବସ୍‌ର ନାମ, ନମ୍ବର, ସମୟ ଓ ଗନ୍ତବ୍ୟସ୍ଥଳର ଟିକେଟର ମୂଲ୍ୟ ସମ୍ବଳିତ ସ୍ୱତନ୍ତ୍ର ଫଳକ ଷ୍ଟାଣ୍ଡ ପରିସରରେ ରଖାଯିବା, ହାତଲେଖା ଟିକେଟ ପରିବର୍ତ୍ତେ ମୂଲ୍ୟ ସହିତ ପ୍ରିପେଡ ଟିକେଟ ଯାତ୍ରୀଙ୍କୁ ଯୋଗାଇଦେବା, ଡାକବାଜି ଯନ୍ତ୍ରଦ୍ୱାରା ବସର ଗନ୍ତବ୍ୟସ୍ଥଳ, ନମ୍ବର ଓ ସମୟ ଯାତ୍ରୀମାନଙ୍କ ନିମନ୍ତେ ଘୋଷଣା କରିବ, ରାତ୍ରକାଳୀନ ପ୍ରତୀକ୍ଷା ପାଇଁ ଯାତ୍ରୀଙ୍କୁ ସୁରକ୍ଷାପୂର୍ଣ୍ଣ ପ୍ରତୀକ୍ଷା କକ୍ଷ ଯୋଗାଇବା ଓ ଫାଷ୍ଟଏଡ୍ ସେଣ୍ଟର କରିବା ଇତ୍ୟାଦି ଗୁରୁତ୍ୱପୂର୍ଣ୍ଣ ୨୧ଟି ଦାବିଗୁଡିକ ବସ ଷ୍ଟାଣ୍ଡର ଗାରିମା ବୃଦ୍ଧି ଓ ଯାତ୍ରୀମାନଙ୍କର କଲ୍ୟାଣ ନିମନ୍ତେ ଜିଲାପାଳଙ୍କୁ ଅନୁରୋଧ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ସୂର୍ଯ୍ୟ ନାରାୟଣ ରଥ, ତ୍ରିଲୋଚନ ଦାସ, ପୂର୍ଣ୍ଣଚନ୍ଦ୍ର ଓଝା, ହରିଶ୍ଚନ୍ଦ୍ର ନାୟକ, ସିଦ୍ଧାର୍ଥ ଶଙ୍କର ମିଶ୍ର, ବୁଟୁ ସାହୁ ଓ ବିଜୟ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ବାଇକ୍ ଡିକି ଭାଙ୍ଗି ଦୁର୍ବୃତ୍ତ ନେଇଗଲେ ୪ ଲକ୍ଷ ଟଙ୍କା

ନିଶ୍ଚିନ୍ତକୋଇଲି,(ସ୍ୱ.ପ୍ର): ନିଶ୍ଚିନ୍ତକୋଇଲି ଥାନା ବେଲେଶ୍ୱରୀ ସଙ୍ଗୀତ କଳା ନିକେତନ ନିକଟରେ ଜଣେ ଯୁବକଙ୍କ ବାଇକ୍ ଡିକି ଭାଙ୍ଗି ଦୁର୍ବୃତ୍ତମାନେ ୪ ଲକ୍ଷ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ନିଶ୍ଚିନ୍ତକୋଇଲି ବ୍ଲକ ଉତ୍ତରକୂଳ ପଞ୍ଚାୟତ ଚମ୍ପା ଗ୍ରାମର ମହେଶ କୁମାର ସାହୁ ବୁଧବାର ସାଲେପୁର ଷ୍ଟେଟ ବ୍ୟାଙ୍କରୁ ୪ ଲକ୍ଷ ଟଙ୍କା ଉଠାଇ ଥିଲେ। ସାହୁ ଏହି ଟଙ୍କାକୁ ନିଜର ବାଇକ୍ ଡିକିରେ ରଖି ନିଶ୍ଚିନ୍ତକୋଇଲି ବଜାରକୁ ଆସିଥିଲେ। ବାଇକ୍‌ଟିକୁ ରାସ୍ତା ପାର୍ଶ୍ୱରେ ରଖି ଜଣେ ବ୍ୟକ୍ତିଙ୍କ ସହ କଥା ହେଉଥିଲେ। ଏହି ସମୟରେ ୨ ଜଣ ଯୁବକ ବାଇକ୍ ଡିକି ଖୋଲି ଟଙ୍କା ନେଇ ଚମ୍ପଟ ମାରିଥିବା ସାହୁ ପ୍ରକାଶ କରିଛନ୍ତି। ଏ ନେଇ ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ।

## ଆଜି କ'ଣ କେଉଁଠି

କଟକ

- ଆଦିବାସୀ କଳା ପ୍ରଦର୍ଶନୀ ଉଦ୍‌ଘାଟନ, ଟାଉନ ହଲ୍, ପୂର୍ବାହ୍ନ ୧୦ଟା।
- ସେକେଣ୍ଡାରୀ ବୋର୍ଡ ହାଇସ୍କୁଲର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ, ବିଦ୍ୟାଳୟ ପରିସର, ବଜ୍ରକବାଟି ରୋଡ, ପୂର୍ବାହ୍ନ ୧୧ଟା।
- ସମଗ୍ର ଶିକ୍ଷା ଜିଲାସ୍ତରୀୟ ସମୀକ୍ଷା ବୈଠକ, ଜିଲାପାଳଙ୍କ କାର୍ଯ୍ୟାଳୟର ନୂତନ ସମ୍ମିଳନୀ କକ୍ଷ, ଅପରାହ୍ନ ୨ଟା ୩୦।
- ପଲ୍ଲୀକବି ନନ୍ଦକିଶୋର ବଳଙ୍କ ୧୪୮ତମ ଜୟନ୍ତୀ ଉତ୍ସବ, ଶତାବ୍ଦୀ ଭବନ, ସନ୍ଧ୍ୟା ୬ଟା।

# ତହସିଲ ପକ୍ଷରୁ ଜବରଦଖଲ ଉଚ୍ଛେଦ

**ନିଶ୍ଚିନ୍ତକୋଇଲି,୨୧।୧୨(ସ୍ୱ.ପ୍ର.)**

କଟକ ଜିଲା ନିଶ୍ଚିନ୍ତକୋଇଲି ତହସିଲ ପକ୍ଷରୁ ୨ ଦିନ ହେବ ଜବରଦଖଲ ଉଚ୍ଛେଦ ଅଭିଯାନ ଆରମ୍ଭ ହୋଇଛି। ମଙ୍ଗଳବାର ଗୋପୀନାଥପୁରରେ ଜବରଦଖଲ ହଟା ଯାଇଥିବା ବେଳେ ବୁଧବାର କଟିକଟା ବଜାରରେ ଥିବା ୧୮ଟି ଦୋକାନ ଘର ଉପରେ ତହସିଲ ପ୍ରଶାସନ ପକ୍ଷରୁ ଜେସିବି ଲଗାଇ ଉଚ୍ଛେଦ କରାଯାଉଛି।

ସୂଚନାଯୋଗ୍ୟ, କଟିକଟା-ଜୟପୁର ପୂର୍ତ୍ତ ବିଭାଗ ରାସ୍ତାପାର୍ଶ୍ୱରେ ଥିବା ସରକାରୀ ଜମିରୁ ତହସିଲ ପ୍ରଶାସନ ପକ୍ଷରୁ ଜବରଦଖଲ ବୁଧବାର ଉଚ୍ଛେଦ କରାଯାଇଛି। କଟିକଟା-ଜୟପୁର ପୂର୍ତ୍ତ ବିଭାଗ ରାସ୍ତାପାର୍ଶ୍ୱରେ ଥିବା ପଞ୍ଚାୟତ ପଶ୍ଚିମଖଣ୍ଡଭୋଳ ମୌଜାର ପ୍ଲଟ ନଂ. ୪୭୮/୧୪୭୧ ଓ ୫୫ ଏବଂ ଖାତା ନଂ. ୪୪୭ ଓ ୪୪୫ ସରକାରୀ ଜମିକୁ ଜବରଦଖଲ କରାଯାଇଥିବା ଅଭିଯୋଗ ହାଇକୋର୍ଟରେ ମାମଲା ହୋଇଥିଲା। ହାଇକୋର୍ଟ ଏହି ଜବରଦଖଲ ଉଚ୍ଛେଦ ନିମନ୍ତେ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଉଚ୍ଛେଦ ଡିସେମ୍ବର ୨୧ରେ ହେବା ଲାଗି ନିଷ୍ପତ୍ତି ହୋଇଥିଲା। ଏଥିନିମନ୍ତେ ଆବଶ୍ୟକୀୟ ପୋଲିସ ଫୋର୍ସ ଯୋଗାଇ ଦେବା ନିମନ୍ତେ କଟକ ଉପଜିଲାପାଳ ତାଙ୍କ ଚିଠି କ୍ରମେ କଟକ ଗ୍ରାମାଞ୍ଚଳ ଆରକ୍ଷୀ ଅଧୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶାନୁଯାୟୀ, ସୋମବାର ନିଶ୍ଚିନ୍ତକୋଇଲି ତହସିଲଦାର



ଦୋକାନ ଘରକୁ ଜେସିବି ଲଗାଇ ଭଙ୍ଗା ଯାଉଛି।

### ଭଙ୍ଗାଗଲା ୧୮ ଦୋକାନ

ଦିଲୀପ କୁମାର ନାୟକ, ସାଲେପୁର ଏସ୍‌ଡିପିଓ ବିମଳ କୁମାର ବାରିକ, ନିଶ୍ଚିନ୍ତକୋଇଲି ଥାନା ଆଇଆଇସି ଚିନ୍ମୟୀ ସାହୁ ପ୍ରମୁଖ ପୋଲିସ ଫୋର୍ସ ସହ ଘଟଣାସ୍ଥଳରେ ପହଞ୍ଚି ଥିଲେ। ଜେସିବି ସାହାଯ୍ୟରେ ଜବରଦଖଲରେ ଥିବା ଦୋକାନ ଗୃହଗୁଡ଼ିକୁ ଭାଙ୍ଗିଥିଲେ। ସେହିପରି ଭାବେ କଳମିଶ୍ରୀ ପଞ୍ଚାୟତ ଗୋପୀନାଥପୁର ବଜାର ନିକଟରୁ ବେଆଇନ ଜବରଦଖଲ ଉଚ୍ଛେଦ ହୋଇଥିଲା। ଫଳରେ ଦୀର୍ଘଦିନ ଧରି ବ୍ୟବସାୟ କରି ପରିବାର ପ୍ରତିପୋଷଣ କରି ଆସୁଥିବା ବ୍ୟବସାୟୀମାନେ କ୍ଷତିଗ୍ରସ୍ତ ହୋଇଥିଲେ। ଅପରପକ୍ଷରେ ପ୍ରଶାସନ ପକ୍ଷରୁ କେତେଜଣ ନିର୍ଦ୍ଦିଷ୍ଟ ବ୍ୟବସାୟୀଙ୍କ ପ୍ରତି ଅହେତୁକ ଅନୁକମ୍ପା ପ୍ରଦର୍ଶନ କରିଥିବା ଅଭିଯୋଗ ହୋଇଛି।

# କଟକ ଜିଲାର ପ୍ରଥମ ଧାନମଣ୍ଡି ଉଦ୍‌ଘାଟିତ



ମଣ୍ଡି ଉଦ୍‌ଘାଟନ ଉତ୍ସବରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଅନ୍ୟମାନେ।

**ଆଠଗଡ,୨୧।୧୨(ସ୍ୱ.ପ୍ର.)**

ଚଳିତ ଖରିଫ ଋତୁରେ ଚାଷୀମାନଙ୍କଠାରୁ ଧାନ ଖରିଦ କରିବାକୁ ନରସିଂହପୁର ନିୟନ୍ତ୍ରିତ ବଜାର କମିଟି ଆନୁକୂଲ୍ୟରେ ଆଠଗଡ଼ ଲକ୍ଷ୍ମୀନାରାୟଣପୁର ସେବା ସମବାୟ ସମିତିଠାରେ କଟକ ଜିଲାର ପ୍ରଥମ ଧାନ ମଣ୍ଡିର ଶୁଭାରମ୍ଭ ହୋଇଛି। ଏହାକୁ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ନଡ଼ିଆ ଭାଙ୍ଗି ଆରମ୍ଭ କରିଥିଲେ। ଚାଷୀମାନଙ୍କଠାରୁ ଧାନ କିଣିବା ପାଇଁ ନବୀନ ପଟ୍ଟନାୟକ ସରକାରଙ୍କ ଦ୍ୱାରା ନିଆଯାଇଥିବା ସମସ୍ତ ପଦକ୍ଷେପର ସୁବିଧା ନେବା ପାଇଁ ଚାଷୀମାନଙ୍କୁ ଆହ୍ୱାନ ଦେଇଥିଲେ। ଏହାଛଡା ଚାଷୀମାନଙ୍କ ବ୍ୟାଙ୍କ ଖାତାକୁ ୨୪ ଘଣ୍ଟା ମଧ୍ୟ ସହାୟକ ରାଶି ପ୍ରଦାନ ପାଇଁ ରାଜ୍ୟ ସରକାର ତତ୍ପର ବୋଲି କହିଥିଲେ। ଚଳିତବର୍ଷ ଏହି ସମିତିରେ ଧାନ ବିକ୍ରି ପାଇଁ ମୋଟରେ ୧୯୨ଜଣ ଚାଷୀ ସେମାନଙ୍କର ନାମ ପଞ୍ଜୀକୃତ କରିଥିବା ବେଳେ ପ୍ରଥମ ଦିନରେ ୫ ଜଣ ଚାଷୀଙ୍କଠାରୁ ୧୦୦ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଧାନ କ୍ରୟ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଆଠଗଡ ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁ, ସହକାରୀ ସାଧାରଣ ଯୋଗାଣ ଅଧିକାରୀ ଜଗମୋହନ ଦାସ, ସହକାରୀ ନିବନ୍ଧକ ସମବାୟ ସମିତି ସମୂହ ଅଶୋକ କୁମାର ପାଣି, ନରସିଂହପୁର ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ରାମ ନାରାୟଣ ମଲ୍ଲିକ, କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ସ୍ୱାଇଁ, ସମିତି ସଭାପତି ଅରୂପାନନ୍ଦ ସାହୁ, ଜିଲା ପରିଷଦ ସଭ୍ୟ ବଳଭଦ୍ର ବାଘ ପ୍ରମୁଖ ଯୋଗ ଦେଇଥିଲେ। ସମିତି ସମ୍ପାଦକ ଶୈଳେନ୍ଦ୍ର ନାରାୟଣ ସ୍ୱାଇଁ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ସ୍ଥାନୀୟ ସମିତି ସଭ୍ୟ ରଣଜିତ କୁମାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ଦୁର୍ଘଟଣାରେ ଗୁରୁତର ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ

**ନିଶ୍ଚିନ୍ତକୋଇଲି,୨୧।୧୨(ସ୍ୱ.ପ୍ର.):** ମଙ୍ଗଳବାର ସନ୍ଧ୍ୟାରେ ନିଶ୍ଚିନ୍ତକୋଇଲି ଥାନା କଟକ-ଚାନ୍ଦବାଲି ରାସ୍ତାର ମଧୁବନ ନିକଟରେ ଅଜଣା ଗାଡି ଧକ୍କାରେ ଗୁରୁତର ଭାବେ ଆହତ ହୋଇଥିବା ବାଇକ୍ ଆରେହୀଙ୍କର ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ମୃତ୍ୟୁ ହୋଇଛି। ମଙ୍ଗଳବାର ସନ୍ଧ୍ୟାରେ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଥାନା ସିଦ୍ଧବାଲି ଅମୃତମଣୋହି ଗାଁର ଶାନ୍ତନୁ ଦାସଙ୍କ ପୁତ୍ର ଜୟନ୍ତ ଓ ରଞ୍ଜିତ କୁମାର ଦାସଙ୍କ ପୁତ୍ର ରଜତ ବାଇକ୍ ନଂ. ଓଡି ୨୯ ଏ ୮୩୫ ଯୋଗେ ନିଜ ଘରକୁ ଫେରୁଥିଲେ। ଏହି ସମୟରେ କେନ୍ଦ୍ରାପଡ଼ାରୁ କଟକ ଅଭିମୁଖେ ଦ୍ରୁତଗତିରେ ଯାଉଥିବା ଏକ ଅଜଣା ଗାଡି ବାଇକ୍‌ଟିକୁ ଧକ୍କା ଦେଇ ପଳାଇଥିଲା। ଏହି ଧକ୍କାରେ ଗୁରୁତର ଆହତ ଯୁବକଦ୍ୱୟଙ୍କୁ ନିଶ୍ଚିନ୍ତକୋଇଲି ଅଗ୍ନିଶମ ସେବା ସଂସ୍ଥାର କର୍ମଚାରୀମାନେ ଉଦ୍ଧାର କରି ଚିକିତ୍ସା ନିମନ୍ତେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା।

# ପିଲାଙ୍କ ଭବିଷ୍ୟତ ଗଢ଼ିବାରେ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ





ଅତିଥିମାନେ ଛାତ୍ରୀଙ୍କ ଦ୍ୱାରା ଲିଖିତ ପୁସ୍ତକ ତସ୍ମୈଶ୍ରୀ ଗୁରବେ ନମଃକୁ ଉନ୍ମୋଚନ କରୁଛନ୍ତି।

**କଟକ ଅଫିସ,୨୧।୧୨**

### ସେଣ୍ଟ ଜାଭିୟର୍ସ ହାଇସ୍କୁଲର ବାର୍ଷିକ ଉତ୍ସବ

ସେଣ୍ଟ ଜାଭିୟର୍ସ ହାଇସ୍କୁଲ ବାରବାଟୀର ବାର୍ଷିକ ଉତ୍ସବ 'ଯୁଗାନ୍ତର' ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. ଦିବ୍ୟକିଶୋର ପ୍ରଧାନଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସିଏମ୍‌ସି ମେୟର ସୁବାସ ସିଂ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଠନ ଦିଗରେ ଶିକ୍ଷକ, ସ୍କୁଲ ପରିଚାଳନା କମିଟି ଓ ଅଭିଭାବକ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଜାଭିୟର୍ସ ଗ୍ରୁପ୍‌ର ଅଧ୍ୟକ୍ଷ ଡ. ଜି.ଏସ୍. ପଟ୍ଟନାୟକ ଓ ନିର୍ଦ୍ଦେଶକ ଡ. ପି.ସି. ମହାନ୍ତି ଯୋଗଦେଇ ସ୍କୁଲ ଓ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଠନ ଉପରେ କହିଥିଲେ। ଏହି ଅବସରରେ ୭ମ ଶ୍ରେଣୀ ଛାତ୍ରୀ ଜୋହାନା ମହାପାତ୍ରଙ୍କ ଦ୍ୱାରା ଲିଖିତ ପୁସ୍ତକ 'ତସ୍ମୈଶ୍ରୀ ଗୁରବେ ନମଃ' ଉନ୍ମୋଚିତ ହୋଇଥିଲା। ସମ୍ୟକ ମହାନ୍ତି, ସତ୍ୟମ ସାରିଫ, ପ୍ରେମରାଜ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ଶୁଭଲକ୍ଷ୍ମୀ ପଲେଇ ଓ ସୋନମ ପୃଷ୍ଟି ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଛାତ୍ରୀ ଅନ୍ୱେଷା ପରିଜା ଧନ୍ୟବାଦ ଦେଇଥିଲେ।

## ଆର. ପି. ଆବାସିକ ଡିଗ୍ରୀ କଲେଜର ବାର୍ଷିକ ଉତ୍ସବ

**ତିଗିରିଆ, ୨୧।୧୨(ଡି.ଏନ.ଏ.)**

ବଡମ୍ବା ବ୍ଲକ ବିଧାରପୁରସ୍ଥିତ ଆର. ପି. ଆବାସିକ ବିଜ୍ଞାନ ମହାବିଦ୍ୟାଳୟର ୭ମ ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଜ୍ଞା ପାରମିତା ମିଶ୍ର ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ନରସିଂହପୁର ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ କୁଳମଣି ବାରିକ, ସମ୍ମାନୀତ ଅତିଥି ଭାବେ ଜେକେ.ବିକେ. କଲେଜର ପ୍ରଫେସର ନୂତନ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଚଳିତ ବର୍ଷ ବାର୍ଷିକ କ୍ରୀଡା ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ମହାବିଦ୍ୟାଳୟର ଶ୍ରେଷ୍ଠ ଶିକ୍ଷାର୍ଥୀ ଭାବେ ଯୁକ୍ତ ୩ ଶେଷବର୍ଷର ଛାତ୍ରୀ ଲିପ୍ସା ପାଇକରାୟଙ୍କୁ ସ୍ୱତନ୍ତ୍ର ଟ୍ରଫି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷା ତୃପ୍ତିଶ୍ରୀ ଦାଶ, ସଂଯୋଜକ ପଦ୍ମନାଭ ଶତପଥୀ ଉପସ୍ଥିତ ଥିଲେ।

# ୫-ଟିରେ ସାମିଲ ୧୦ ହାଇସ୍କୁଲ କାମ ପାଇଁ ଶିଳାନ୍ୟାସ

**ବାଙ୍କୀ,୨୧।୧୨(ସ୍ୱ.ପ୍ର.)**

ବାଙ୍କୀ ଉପଖଣ୍ଡ ଡମପଡ଼ା ବ୍ଲକରେ ବୁଧବାର ୫-ଟି ଯୋଜନାରେ ସାମିଲ ୧୦ ହାଇସ୍କୁଲ ଉନ୍ନୟନ କାମ ପାଇଁ ଶିଳାନ୍ୟାସ କରାଯାଇଛି। ସେଗୁଡ଼ିକ ହେଲା ଦୁଲଣାପୁର ହାଇସ୍କୁଲ, ଶିମିଳିପୁର-ହରିରାଜପୁର ଆଞ୍ଚଳିକ ବିଦ୍ୟାପୀଠ, ଢଁସର କୃଷ୍ଣକ ହାଇସ୍କୁଲ, ପାଟପୁର ସିଂହନାଥଦେବ ବିଦ୍ୟାପୀଠ, ତୁଳସୀପୁର ହାଇସ୍କୁଲ, କୁଶୁପଙ୍ଗି ହାଇସ୍କୁଲ, ଡମପଡ଼ା ପ୍ରୀତମ କୁମାରୀ ବିଦ୍ୟାପୀଠ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଓ କୁସୁନ୍ଦା ଉଚ୍ଚବିଦ୍ୟାଳୟ। ଶିଳନ୍ୟାସ କାର୍ଯ୍ୟକ୍ରମ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା। ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଜିଲା ପରିଷଦ ସଭ୍ୟ ମିନତି ମହାପାତ୍ର, ଆଶିଷ କୁମାର ସାହୁ, ଡମପଡ଼ା ବ୍ଲକ ଅଧ୍ୟକ୍ଷ ପ୍ରଣବ କିଶୋର ପଟେଲ୍, ଉପାଧ୍ୟକ୍ଷ ଗୀତାଞ୍ଜଳି ବେଉରା ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଡମପଡ଼ା ବିଡିଓ ଶ୍ୟାମଳ କୁମାର ରାୟ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସହକାରୀ ଯନ୍ତ୍ରୀ ସ୍ମୃତିମୟୀ ଜେନା ଓ ନିଶାମଣୀ ପ୍ରଧାନ ସହଯୋଗ କରିଥିଲେ।

## ସୌମ୍ୟରଞ୍ଜନ ରାଜ୍ୟ ଯୁବ କଂଗ୍ରେସ ମିଡିଆ ସେଲ କାର୍ଯ୍ୟକର୍ତ୍ତା ନିଯୁକ୍ତ

**ବାଙ୍କୀ,୨୧।୧୨(ସ୍ୱ.ପ୍ର.):** ରାଷ୍ଟ୍ରୀୟ ଯୁବକଂଗ୍ରେସ ପକ୍ଷରୁ ଓଡ଼ିଶା ପ୍ରଦେଶ ଯୁବକଂଗ୍ରେସର ମିଡିଆ ସେଲ୍ ପାଇଁ ବୁଧବାର ୩ ଜଣିଆ କମିଟି ଘୋଷଣା କରାଯାଇଛି। କମିଟିରେ ବାଙ୍କୀ ଡମପଡ଼ା ବ୍ଲକର ସୌମ୍ୟରଞ୍ଜନ ବେଉରା ସ୍ଥାନ ପାଇଛନ୍ତି। ସୌମ୍ୟରଞ୍ଜନ ବେଉରା ଯୁବ କଂଗ୍ରେସ ପକ୍ଷରୁ ଏଭଳି ଗୁରୁତ୍ୱପୂର୍ଣ୍ଣ ପଦବୀରେ ସ୍ଥାନ ପାଇବା ପରେ ବେଉରା ରାଜ୍ୟ ସଭାପତି ଡ.ସ୍ମୃତିରଞ୍ଜନ ଲେଙ୍କାଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ଭାଜପା କୃଷକ ମୋର୍ଚ୍ଚାର ଉପଜିଲାପାଳଙ୍କୁ ସ୍ମାରକପତ୍ର

**ଆଠଗଡ,୨୧।୧୨(ସ୍ୱ.ପ୍ର.):** ଚଳିତ ବର୍ଷ ଖରିଫ ଋତୁରେ ଚାଷୀଙ୍କଠାରୁ ଧାନ ଖରିଦ କରିବାକୁ ମଣ୍ଡି ଖୋଲିବାରେ ଅହେତୁକ ବିଳମ୍ବ, ଧାନ ମଣ୍ଡିରେ ଅବ୍ୟବସ୍ଥା ଆଦି ୧୦ ଦାବି ନେଇ ଆଠଗଡ଼ ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ଉପଜିଲାପାଳ ଦୀପ୍ତି ରେଖା ବେହେରାଙ୍କୁ ବୁଧବାର ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏହି ସମୟରେ କଟକ ଜିଲା ଭଜପା କୃଷକ ମୋର୍ଚ୍ଚା ଉପସଭାପତି ଜଗତାନନ୍ଦ ତ୍ରିପାଠୀଙ୍କ ନେତୃତ୍ୱରେ ବ୍ରଜେନ୍ଦ୍ର ରାଏ, ବିଚିତ୍ରାନନ୍ଦ ଜେନା, ରମାକାନ୍ତ ସେନାପତି ପ୍ରମୁଖ ସାମିଲ ହୋଇଥିଲେ।

## ଏସ୍‌ପି, ଆର୍‌ଟିଓଙ୍କୁ ଦାବିପତ୍ର

**ଖୁଣ୍ଟୁଣୀ,୨୧।୧୨(ଡି.ଏନ୍.ଏ.):** ବିଭିନ୍ନ ଦାବି ନେଇ ଶ୍ରୀରାମ ବରିଷ୍ଠ ନାଗରିକ ସଂଘ ନଦୀକୂଳ ପକ୍ଷରୁ ଗ୍ରାମାଞ୍ଚଳ ଏସ୍‌ପି ବି. ଯୋଗୋଲ କିଶୋରଙ୍କୁ ମଙ୍ଗଳବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ବ୍ରହ୍ମପୁର, ଅନନ୍ତପୁର, ଘଣ୍ଟିଖାଲ, ମହାକାଳବସ୍ତ ଏବଂ ଗୁରୁଡିଝାଟିଆ ଥାନା ମଞ୍ଚେଶ୍ୱର ପଞ୍ଚାୟତର ପ୍ରାୟ ୭୦ ଜଣ ବରିଷ୍ଠ ନାଗରିକଙ୍କର ପରିଚୟ ପତ୍ର ଏହି ଦୁଇ ଥାନାରେ ପଡି ରହିଛି। ତୁରନ୍ତ ସେମାନଙ୍କୁ ପରିଚୟ ପତ୍ର ପ୍ରଦାନ ପାଇଁ ଏସ୍‌ପିଙ୍କୁ ନିବେଦନ କରାଯାଇଥିଲା। ସଂଘ ସମ୍ପାଦକ କିରଣ ବିହାରୀ ଖଟୁଆଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଉକ୍ତ ଦାବିପତ୍ର ପ୍ରଦାନ କରିଥିଲେ। ଏସ୍‌ପି ଉକ୍ତ ଦାବିପତ୍ର ଗ୍ରହଣ କରିବା ସହ ଆସନ୍ତା ଜାନୁୟାରୀ ୨୩ ତାରିଖ ବାର୍ଷିକ ଉତ୍ସବ ପୂର୍ବରୁ ବରିଷ୍ଠ ନାଗରିକଙ୍କୁ ପରିଚୟ ପତ୍ର ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେହିପରି କର୍ମକର୍ତ୍ତାମାନେ କଟକ ଆରଟିଓଙ୍କୁ ଭେଟି ଧବଳେଶ୍ୱର-ଆଠଗଡ ରାସ୍ତାରେ ଯାନବାହାନ ଚଳାଚଳର ବେଗ କମାଇବା ବ୍ୟବସ୍ଥା କରିବାକୁ କହିଥିଲେ। ଏହା ଉପରେ ପଦକ୍ଷେପ ନିଆଯିବ ବୋଲି ଆର୍‌ଟିଓ କହିଥିଲେ। ପରେ ସଂଘ ପ୍ରତିନିଧିମାନେ ଜିଲାପାଳଙ୍କ ଅନୁପସ୍ଥିତିରେ ତାଙ୍କ ସହକାରୀଙ୍କୁ ସଂସ୍କୃତି ବିଭାଗ ପକ୍ଷରୁ ବାର୍ଷିକ ଉତ୍ସବ ପାଇଁ ଦାବିପତ୍ର ଦେଇଥିଲେ। ଏହି ପ୍ରତିନିଧି ଦଳରେ ସଭାପତି ଭାଗୀରଥି ସାହୁ, ଚନ୍ଦ୍ରଶେଖର ପରିଡା, ମିହିର ଶତପଥୀ, ରତ୍ନାକର ସାମନ୍ତ ଓ ବେଣୁଧର ମହାନ୍ତି ପ୍ରମୁଖ ସାମିଲ ଥିଲେ।

# ପୁରାତନ, ବର୍ତ୍ତମାନ ଶିକ୍ଷା ପ୍ରଣାଳୀ ଉପରେ ତର୍ଜମା



ତାଲିମ ଶିବିରରେ ପ୍ରଶିକ୍ଷକଙ୍କ ଗହଣରେ ପ୍ରଶିକ୍ଷାର୍ଥୀମାନେ।

**ମାଣିଆବନ୍ଧ, ୨୧।୧୨(ଡି.ଏନ.ଏ.)**

### ୫ ଦିନିଆ ସାମର୍ଥ୍ୟ ବୃଦ୍ଧି ତାଲିମ ଶିବିର

ବଡମ୍ବା ଶିକ୍ଷା ମଣ୍ଡଳ ଅନ୍ତର୍ଗତ ରଗଡ଼ିପଡା ନୋଡାଲ ଉଚ୍ଚ ବିଦ୍ୟାଳୟରେ ୫ଟି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ, ଶିକ୍ଷକ ଓ ସହକାରୀ ଶିକ୍ଷକମାନଙ୍କ ପାଇଁ ଉଦ୍ଦିଷ୍ଟ ୫ ଦିନିଆ ସାମର୍ଥ୍ୟ ବୃଦ୍ଧି ତାଲିମ ଶିବିର ବୁଧବାର ଶେଷ ହୋଇଛି। ସମ୍ବଳ ଶିକ୍ଷକ ଅଶୋକ କୁମାର ଧଳ, ପଙ୍କଜିନୀ ଭୋଇ, ସୁଶାନ୍ତ କୁମାର ରାଉଳ ଓ ଜନ୍ମେଜୟ ରାଉତଙ୍କ ମାର୍ଗଦର୍ଶନରେ ମୁଖ୍ୟ ଅତିଥି ଭାବେ ବଡମ୍ବା ଗୋଷ୍ଠୀ ଶିକ୍ଷା ଅଧିକାରୀ ଲକ୍ଷ୍ମଣ କୁମାର ଲେଙ୍କା ଯୋଗଦେଇ ଶିକ୍ଷକମାନଙ୍କ ସହ ଆଲୋଚନା କରିଥିଲେ। ୩ୟ ପର୍ଯ୍ୟାୟରେ ଅନ୍ତର୍ଭୁକ୍ତ ଶିକ୍ଷୟିତ୍ରୀଶିକ୍ଷକମାନେ ସ୍ମାର୍ଟ ବୋର୍ଡ଼ ମାଧ୍ୟମରେ କିପରି ପାଠଦାନ କରିପାରିବେ ଏହା ଉପରେ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରାଯାଇଥିଲା। ପିଲାମାନଙ୍କୁ ବିଷୟ ଭିତ୍ତିକ ପାଠ ଉପରେ ସମ୍ପୂର୍ଣ୍ଣ ଜ୍ଞାନ ଆହରଣ ସହ ପୁରାତନ ଓ ବର୍ତ୍ତମାନର ଶିକ୍ଷା ପ୍ରଣାଳୀ ଉପରେ ତର୍ଜମା କରାଯାଇ ସେ ବିଷୟରେ ଆଲୋଚନା ହୋଇଥିଲା। ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ସହକାରୀ ଶିକ୍ଷା ଅଧିକାରୀ ପ୍ରକାଶ ଚନ୍ଦ୍ର ମତ୍ତଗଜସିଂହ ଶିବିରରେ ପ୍ରଶିକ୍ଷାର୍ଥୀମାନଙ୍କୁ ବିଜ୍ଞାନ ସହିତ ମଣିଷ ଓ ସମାଜ କିପରି ଅଙ୍ଗାଙ୍ଗୀ ଭାବେ ଜଡିତ ଉଦାହରଣ ମାଧ୍ୟମରେ ଦର୍ଶାଇଥିଲେ। ପ୍ରଶିକ୍ଷାର୍ଥୀମାନଙ୍କ ମଧ୍ୟରେ ପ୍ରଧାନ ଶିକ୍ଷକ ଶ୍ରୀନିବାସ ପ୍ରଧାନ, ଅରୁଣ କୁମାର ବଳ, ରମେଶ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ।

## ଶୈଳବାଳା କଲେଜରେ ବାର୍ଷିକ କ୍ରୀଡ଼ା ଉତ୍ସବ

**କଟକ ଅଫିସ, ୨୧।୧୨**

ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ୭୧ତମ ବାର୍ଷିକ କ୍ରୀଡା ଉତ୍ସବ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଅଧ୍ୟକ୍ଷା ପ୍ରଫେସର ଡ. ଗାୟତ୍ରୀ ବିଶ୍ୱାଳ ଏହାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସିଏମ୍‌ସି ମେୟର ସୁବାସ ସିଂ, ସମ୍ମାନିତ ଅତିଥି ଭାବେ ଏସିୟାନ ପାରାଗେମ୍ସର ଚେସ୍ ଚାମ୍ପିୟନ ପ୍ରାର୍ଚ୍ଚୁର୍ଯ୍ୟ କୁମାର ପ୍ରଧାନ ଯୋଗଦେଇ ବିଜେତାମାନଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ଯୁକ୍ତ ୩ ଛାତ୍ରୀ ପ୍ରିୟଙ୍କା ବା ଓ ଯୁକ୍ତ ୨ ଛାତ୍ରୀ ପ୍ରିୟଦର୍ଶିନୀ ବେହେରାଙ୍କୁ ଚାମ୍ପିୟନ ଭାବେ ସିଲ୍ଡ ପ୍ରଦାନ କରାଯାଇଥିଲା। ଡ. ସୁରେନ୍ଦ୍ର ପ୍ରସାଦ ଜେନା ଅତିଥି ପରିଚୟ, କ୍ରୀଡ଼ା ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ବଳ ଉତ୍ସବ ପରିଚାଳନା, ଡ. ନରେନ୍ଦ୍ର ନାଥ ନାୟକ, ଡ. ଯୋଗମାୟା ପଣ୍ଡା, ସୂର୍ଯ୍ୟକାନ୍ତ ବରାଳ, ପୁଷ୍ପାଞ୍ଜଳି ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଡ. ସୁରେଶ କୁମାର ନାୟକ ଧନ୍ୟବାଦ ଦେଇଥିଲେ।।

# କ୍ରିଷ୍ଣମୂର୍ତ୍ତି ୱାର୍ଲ୍ଡ ସ୍କୁଲ୍‌ରେ ବିଜ୍ଞାନ ମେଳା



**କଟକ,୨୧।୧୨**

କଟକ ଜରିପଡା ସ୍ଥିତ କ୍ରିଷ୍ଣମୂର୍ତ୍ତି ୱାର୍ଲ୍ଡ ସ୍କୁଲ ପକ୍ଷରୁ ଆୟୋଜିତ ୨ ଦିନିଆ ବିଜ୍ଞାନମେଳା ନିକଟରେ ଉଦ୍‌ଯାପିତ ହୋଇଯାଇଛି। ବିଶେଷ କରି ଉକ୍ତ ମେଳାରେ ଶହେରୁ ଊର୍ଦ୍ଧ୍ୱ ଆକର୍ଷଣୀୟ ପ୍ରକଳ୍ପ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପ୍ରଦର୍ଶନୀ କରାଯାଇଥିଲା। ଏପରିକି ୫୦୦ରୁ ଅଧିକ ଛାତ୍ରୀଛାତ୍ର ଉତ୍କର୍ଷତାର ସହ ପ୍ରତିଯୋଗୀତାରେ ଅଂଶଗ୍ରହଣ କରିଥିଲେ। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟର ମହାନିର୍ଦ୍ଦେଶକ ଡ଼. ଜି.ଏସ୍ ପଟ୍ଟନାୟକ, ନିର୍ଦ୍ଦେଶକ ପ୍ରଭୁ ଚରଣ ମହାନ୍ତି, କର୍ପୋରେଟ୍ ମୁଖ୍ୟ ସମ୍ୟକ ମହାନ୍ତି, ବାରବାଟି ସେଣ୍ଟ ଜାଭିୟର ହାଇସ୍କୁଲର ଅଧ୍ୟକ୍ଷ ଡ଼. ପ୍ରିୟଦର୍ଶୀ ନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

ଉଲ୍ଲେଖଯୋଗ୍ୟ ଯେ ପିଲାମାନଙ୍କ ମଧ୍ୟରେ ଗତ ଏକମାସ ଧରି ଚାଲିଥିବା କଠିନ୍ ପରିଶ୍ରମର ରୂପରେଖକୁ ଅତିଥି ଓ ଅଭିଭାବକ ଭୂରୀ ଭୂରୀ ପ୍ରଶଂସା କରିଥିଲେ। ସେହିଭଳି ଛାତ୍ରୀଛାତ୍ରମାନଙ୍କର ଉକ୍ତ ପ୍ରୟାସ ଯେ ତାଙ୍କର ବୈଜ୍ଞାନିକ ଚିନ୍ତାଧାରାକୁ ଆହୁରି ସୁଦୃଢ କରିବ ବୋଲି ଅଧ୍ୟକ୍ଷ ତଥା ଅଭିଭାବକମାନେ ଆଶା ପୋଷଣା କରିଛନ୍ତି। ସେହିପରି ଅଭିଭାବକମାନଙ୍କର ସହଯୋଗ ଓ ଶିକ୍ଷକ ଓ ଶିକ୍ଷୟତ୍ରୀ ମାନଙ୍କ କଠିନ୍ ପରିଶ୍ରମ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲା। ପରିଶେଷରେ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ମଣ୍ଡଳସ୍ତରୀୟ କବାଡ଼ି ପ୍ରତିଯୋଗିତା

**ବାଙ୍କୀ,୨୧।୧୨(ସ୍ୱ.ପ୍ର.)**

ବାଙ୍କୀ ଉପଖଣ୍ଡ ଡମପଡ଼ା ମଣ୍ଡଳସ୍ତରୀୟ କବାଡ଼ି ପ୍ରତିଯୋଗିତା କଚେରୀ ପଡ଼ିଆଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ବ୍ଲକର ୧୭ଟି ପଞ୍ଚାୟତର ଖେଳାଳି ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲା ପରିଷଦସଭ୍ୟ ଆଶିଷ ସାହୁ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ବାଙ୍କୀ ଏନ୍‌ଏସି ଉପାଧ୍ୟକ୍ଷ ସନ୍ତୋଷ ରଣା, ସମିତିସଭ୍ୟ ଭାଗୀରଥି ପାଣି ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ବାଙ୍କୀ ବ୍ଲକ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ତ୍ରିନାଥ ଜେନା, ଆକୁଳାନନ୍ଦ ସାହୁ, ରଶ୍ମିରାଣୀ ଦାଶ, ମଣ୍ଡଳ ସମ୍ପ୍ରସାରଣ ଅଧିକାରୀ ଭାବିକ ସିଂହଦେଓ, କାର୍ଯ୍ୟକ୍ରମ ଅଧିକାରୀ ଅକ୍ଷୟ ଭଞ୍ଜ ଏବଂ ପଞ୍ଚାୟତ ନିର୍ବାହୀ ଅଧିକାରୀ ଏଥିରେ ସହଯୋଗ କରିଥିଲେ।



ଅତିଥିମାନେ କବାଡି ପ୍ରତିଯୋଗିତାକୁ ଉଦ୍‌ଘାଟନ କରୁଛନ୍ତି।

# ଭାଷା, ଅଳଙ୍କାର ଇଂରାଜୀ ସାହିତ୍ୟକୁ ସମୃଦ୍ଧ କରିଥାଏ

**ବାଙ୍କୀ,୨୧।୧୨(ସ୍ୱ.ପ୍ର.)**

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଇଂରାଜୀ ବିଭାଗ ପକ୍ଷରୁ ଏକ ଆଲୋଚନା ଚକ୍ର ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଡ. ପ୍ରଦୀପ ଦେବତା ସଭାପତିତ୍ୱ କରିଥିଲେ। ଭାଷା, ଅଳଙ୍କାର ଇଂରାଜୀ ସାହିତ୍ୟକୁ ସମୃଦ୍ଧ ହୋଇଥାଏ ବୋଲି ଡ. ଦେବତା କହିଥିଲେ। ଏହି ଅବସରରେ ବିଭାଗରେ ନୂତନ ଭାବେ ଯୋଗଦେଇଥିବା ଯୁକ୍ତ ୩ ପ୍ରଥମ ବର୍ଷ ଓ ସ୍ନାତୋକତ୍ତର ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ମୁଖ୍ୟ ଅତିଥି ଭାବେ ଯୁକ୍ତ ୨ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ରାଜକିଶୋର ପାଲ୍, ମୁଖ୍ୟବକ୍ତା ଭାବେ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ ମହାପାତ୍ର, ସମ୍ମାନୀତ ଅତିଥି





ଆଲୋଚନା ଚକ୍ରରେ ଉପସ୍ଥିତ ଅତିଥି ଓ ଛାତ୍ରୀଛାତ୍ରମାନେ।

ଭାବେ ଅଧ୍ୟାପକ ଚିନ୍ମୟ ଚିରସୁନ୍ଦର ଦାସ, ଡ. ବିଶ୍ୱରଞ୍ଜନ ସାହୁ, ଅଧ୍ୟାପକ ପ୍ରଦୀପ ରାଉତ ଓ ଅଧ୍ୟାପିକା ସୁଲଗ୍ନା ପଣ୍ଡା ପ୍ରମୁଖ ଉପସ୍ଥିତ ରହି ପାଠପଢି କଲେଜର ସୁନାମ ରଖିବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ପାଠଚକ୍ର ସମ୍ପାଦିକା ଗାୟତ୍ରୀ ନାୟକ ଧନ୍ୟବାଦ ଦେଇଥିଲେ। ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।




୨୧।୧୨।୨୦୨୨

| | |
|---|---|
| ୨,୮୯,୨୯୨ ଟଙ୍କା | |
| ସୁନା | ୧୫୦ ମିଲିଗ୍ରାମ |
| ରୁପା | ୧୬୪ ଗ୍ରାମ |

# ଝାଡ଼ଖଣ୍ଡର ୪ ଅଭିଯୁକ୍ତ ଗିରଫ

## ପଇଡ଼ରେ ନିଶା ଦେଇ ଯାତ୍ରୀଙ୍କୁ ଲୁଟ୍ ଘଟଣା

- ସୁନାଗହଣା, ୮ ମୋବାଇଲ, ୩୯,୩୫୦ ଟଙ୍କା ଜବତ
- ର୍ୟାକେଟ୍ ସମ୍ପୃକ୍ତି ସନ୍ଦେହ: ଚେର ଖୋଜୁଛି ପୋଲିସ

ପୁରୀ ଅଫିସ, ୨୧।୧୨

ରେଳଯାତ୍ରୀଙ୍କୁ ପଇଡ଼ରେ ନିଶା ଦେଇ ଲୁଟ୍ ଘଟଣାରେ ପୁରୀ ଆର୍‌ପିଏଫ୍ ଏବଂ ଜିଆର୍‌ପି ଝାଡ଼ଖଣ୍ଡର ୪ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଜମତାରା ଜିଲା କୁରୁଆ ମଣ୍ଡଳ ଅଧୀନ ତୋରା ଗ୍ରାମର ଧୁରଗୁଜ୍ ମଣ୍ଡଳ, ଅଶୋକ ମଣ୍ଡଳ, ସୁଶିଲ ମଣ୍ଡଳ ଏବଂ ଦେଓଘର ଜିଲା ଶାଗରଭଙ୍ଗାର ବିନୋଦ ପୋଦାର। ଏମାନଙ୍କଠାରୁ ୧୬ ଗ୍ରାମ୍‌ର ସୁନାଚେନ୍, ୨୪ ଗ୍ରାମ୍‌ର ଏକ ସୁନାଚେନ୍, ୧୯ ଗ୍ରାମ୍‌ର ୫ଟି ସୁନାମୁଦି, ୮ ଗ୍ରାମ୍‌ର ଗୋଟିଏ ସୁନା ଲକେଟ୍ ସମେତ ୮ଟି ମୋବାଇଲ ଫୋନ, ନଗଦ ୩୯,୩୫୦ ଟଙ୍କା ଏବଂ ଅନ୍ୟ କିଛି ସାମଗ୍ରୀ ରହିଛି। ଜବତ ସାମଗ୍ରୀର ମୂଲ୍ୟ ପ୍ରାୟ ୫ ଲକ୍ଷ ଟଙ୍କା ହେବ ବୋଲି ବୁଧବାର ରେଲୱେ ପୋଲିସ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ କଟକ ଡିଭିଜନ ଏସ୍‌ପି ସୁନିଲ କୁମାର ଆଚାର୍ଯ୍ୟ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ଗତ ମାସ ୩୦ ତାରିଖରେ କେ. ସୁବାସ ଆଚାରୀ ଏବଂ ଅନ୍ୟ ୩ଜଣ ଯାତ୍ରୀ ପୁରୀରୁ ବ୍ରହ୍ମପୁରକୁ ଟ୍ରେନ୍ ନଂ. ୧୮୪୧୭ ପୁରୀ-ଗୁଣୁପୁର ଏକ୍ସପ୍ରେସ୍‌ରେ ଯାଉଥିଲେ। ଯାତ୍ରାବେଳେ ସେମାନେ ଅଭିଯୁକ୍ତମାନଙ୍କ ସଂସ୍ପର୍ଶରେ ଆସିଥିଲେ। ପରେ ଅଭିଯୁକ୍ତ ଓ ସୁବାସଙ୍କ ପରିବାର ଲୋକଙ୍କ ମଧ୍ୟରେ କଥାବାର୍ତ୍ତା ହେବା ସହ ନିବିଡ଼ତା ବଢ଼ିଥିଲା। ଏହି ଅବସରରେ ଅଭିଯୁକ୍ତମାନେ ସୁବାସ ଓ ତାଙ୍କ ପରିବାର ଲୋକଙ୍କୁ ପଇଡ଼ ପାଣି ପିଇବା ପାଇଁ ଦେଇଥିଲେ। ଅଭିଯୁକ୍ତମାନେ ସେଥିରେ ନିଶାଦ୍ରବ୍ୟ ମିଶାଇଥିବାରୁ ସୁବାସ ଓ ତାଙ୍କ ପରିବାର ଲୋକେ ପିଇ ଅଚେତ ହୋଇଯାଇଥିଲେ। ସେମାନଙ୍କର ଚେତା ଫେରିବାବେଳକୁ ସେମାନେ ବ୍ରହ୍ମପୁରର ଏମ୍‌କେସିଜି ମେଡିକାଲରେ ଚିକିତ୍ସିତ ହେଉଛନ୍ତି ଓ ସେମାନଙ୍କର ଗହଣାଗାଣ୍ଠି ଲୁଟ୍ ହୋଇଥିବା ଜାଣିବାକୁ ପାଇଥିଲେ। ସେହିପରି ୧୬ ଗ୍ରାମ୍‌ର ଗୋଟିଏ ମଙ୍ଗଳସୂତ୍ର, ୧୦ରୁ ୧୨ ଗ୍ରାମ ଓଜନର ୩ଟି ସୁନାମୁଦି, ୮ ଗ୍ରାମ୍‌ର ଏକ ସୁନାଚେନ୍, ୩ଟି ମୋବାଇଲ ଫୋନ୍, ନଗଦ ୬ ହଜାର ଟଙ୍କା ସହ ଏଟିଏମ୍‌ରୁ ୪୭,୯୦୦ ଟଙ୍କା ଲୁଟ୍ ହୋଇଥିବା ଜାଣିବାକୁ ପାଇଥିଲେ। ଏ ନେଇ ସୁବାସଙ୍କ ଅଭିଯୋଗ କ୍ରମେ ପୁରୀ ଜିଆର୍‌ପି ଏକ କେସ୍ (ନଂ. ୧୨୧/୨୨) କରି ତଦନ୍ତ କରିଥିଲା। ଗତ ୧୫ ତାରିଖରେ ପୂର୍ବଭଳି ଦୁଇଟି ଘଟଣା ଉକ୍ତ ଟ୍ରେନ୍‌ରେ ଘଟିଥିବା ସହ ଚୋରି ହୋଇଥିଲା। ଯେଉଁଥିରେ ଦୁଇଟି ଚେନ୍, ମୋବାଇଲ ଓ ଟଙ୍କା ପ୍ରଭୃତି ସାମିଲ ଥିଲା। ଏନେଇ ପୁରୀ ଜିଆର୍‌ପିରେ ଅଭିଯୋଗ ହୋଇଥିଲା। ରେଲୱେ ପୋଲିସ ଏ ନେଇ କେସ ନଂ. ୧୨୬, ୧୨୭ ଏବଂ ୧୨୮/୨୨ରେ ତିନୋଟି ମାମଲା ରୁଜୁ କରିଥିଲା। ତେବେ ପଇଡ଼ ଭିତରେ ନିଶାଦ୍ରବ୍ୟ ଦେଇ ଅତି ଚତୁରତାର ସହ ଯାତ୍ରୀଙ୍କୁ ଅଚେତ କରି ସେମାନଙ୍କଠାରୁ ମୂଲ୍ୟବାନ ସାମଗ୍ରୀ ଲୁଟ୍ କରିବା ଘଟଣା ରେଲୱେ ପୋଲିସ ପାଇଁ ମୁଣ୍ଡବ୍ୟଥା ସାଜିଥିଲା। ବାରମ୍ବାର ଏଭଳି ଘଟଣା ଯାତ୍ରୀଙ୍କ ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଥିବାବେଳେ ରେଲୱେ ପୋଲିସ ଏହି ଘଟଣାକୁ ଗୁରୁତ୍ୱର ସହ ନେଇଥିଲା। ବରିଷ୍ଠ ପୋଲିସ ଅଧିକାରୀମାନଙ୍କୁ ନେଇ ଏକ ଟିମ୍ ଗଠନ କରି ତଦନ୍ତ ଆରମ୍ଭ କରିଥିଲା। ଏହାପରେ ଘଟଣାରେ ସମ୍ପୃକ୍ତ ୪ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନେ ଦୀର୍ଘବର୍ଷ ହେବ ଏପରି ଘଟଣା ଘଟାଉଥିଲେ। ଘଟଣା ଘଟାଇବା ପରେ ଅଭିଯୁକ୍ତମାନେ ରାଜ୍ୟ ବାହାରକୁ ଯାଇ ଚୋରି ଜିନିଷ ବିକ୍ରି କରି କିଛିଦିନ ରହି ପୁଣି ପୁରୀକୁ ଆସି ବିଭିନ୍ନ ଲଜ୍ ତଥା ଘରଭଡ଼ା ନେଇ ଏପରି କାର୍ଯ୍ୟ କରୁଥିଲେ। ଏଭଳି ଘଟଣାରେ ଏକ ର୍ୟାକେଟ ସମ୍ପୃକ୍ତ ଥିବା ପୋଲିସ ସନ୍ଦେହ କରି ଚେର ଖୋଜିବାରେ ଲାଗିପଡ଼ିଛି। ତଦନ୍ତ ଚାଲିଥିବାରୁ ଉକ୍ତ ଘଟଣାରେ ଆଉ କେଉଁମାନେ ସମ୍ପୃକ୍ତ, ତାହା ଆଗକୁ ଜଣାପଡ଼ିବ ବୋଲି ରେଲୱେ ପୋଲିସ ପକ୍ଷରୁ କୁହାଯାଇଛି।



ଖବରଦାତା ସମ୍ମିଳନୀରେ ପୋଲିସ ସୂଚନା ଦେଉଛନ୍ତି।

## ଅଶ୍ଳୀଳ ଭିଡିଓ ପଠାଇ ଯୁବକ ଗିରଫ

ପୁରୀ ଅଫିସ, ୨୧।୧୨

ଜଣେ ଯୁବତୀଙ୍କ ଅଶ୍ଳୀଳ ଭିଡିଓ ପଠାଇବା ଅଭିଯୋଗରେ ବଳିଆପଣ୍ଡା ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେ ହେଲେ ନୟାଗଡ଼ ଶରଣକୁଳ ଥାନା କଲ୍ୟାଣପୁର ଗ୍ରାମର ଜଗଦୀଶ ଜେନା ଓରଫ ସିପୁନ(୨୧)। ଅଭିଯୁକ୍ତଙ୍କଠାରୁ ଏକ ମୋବାଇଲ ଫୋନ୍ ଜବତ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୧୭୯/୨୨) ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ, ଏହି ଥାନା ଅଞ୍ଚଳର ଜଣେ ୧୯ ବର୍ଷୀୟା ଯୁବତୀ ଅଭିଯୁକ୍ତ ସିପୁନଙ୍କ ସହ ଗତ ୨ବର୍ଷ ହେବ ପ୍ରେମ ସମ୍ପର୍କରେ ଥିଲେ। ଏହିସମୟରେ ଯୁବତୀଙ୍କ କିଛି ଅଶ୍ଳୀଳ ଭିଡିଓକୁ ଅଭିଯୁକ୍ତ ରଖିଥିଲେ। ପରେ କୌଣସି କାରଣକୁ ନେଇ ଦୁହିଁଙ୍କର ବାହାଘର ହୋଇପାରି ନ ଥିଲା। ତେଣୁ ଯୁବତୀ ଅନ୍ୟତ୍ର ବିବାହ କରିଥିଲେ। ଏକଥା ସିପୁନ ସହି ନ ପାରି ତାଙ୍କୁ ବ୍ଲାକମେଲ୍ କରି ଟଙ୍କା ଦାବି କରିଥିଲେ। ଯୁବତୀ ରାଜି ନହେବାରୁ ସେ ଇନ୍‌ଷ୍ଟାଗ୍ରାମରେ ଯୁବତୀଙ୍କୁ ତାଙ୍କ ଭିଡିଓ ପଠାଇଥିଲେ। ଯୁବତୀ ଏହା ଦେଖି ବାପଘରକୁ ଜଣାଇବାରୁ ତାଙ୍କ ବାପା ବଳିଆପଣ୍ଡା ଥାନାରେ ମଙ୍ଗଳବାର ଲିଖିତ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ତଦନ୍ତ କରି ନୟାଗଡ଼ ଶରଣକୁଳରୁ ସିପୁନଙ୍କୁ ଗିରଫ କରିଥିଲା।

## ସଂକ୍ଷେପରେ

### ସ୍ମାରକପତ୍ର ଦେଲେ ରାଜସ୍ୱ କ୍ଷେତ୍ର କର୍ମଚାରୀ

ସାକ୍ଷୀଗୋପାଳ,୨୧।୧୨(ଡି.ଏନ୍.ଏ./ସ୍ୱ.ପ୍ର.): ଓଡ଼ିଶା ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ ଆହ୍ୱାନକ୍ରମେ ସତ୍ୟବାଦୀ ତହସିଲ କାର୍ଯ୍ୟାଳୟର କ୍ଷେତ୍ର କର୍ମଚାରୀମାନେ ଏକ ସ୍ମାରକପତ୍ର ତହସିଲଦାର ଜୟନ୍ତ କୁମାର ଜୟସିଂଙ୍କୁ ବୁଧବାର ପ୍ରଦାନ କରିଛନ୍ତି। ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ଏହି ସ୍ମାରକପତ୍ର ପ୍ରଦାନ କରାଯାଇଛି। ରାଜସ୍ୱ ସହାୟକଙ୍କ ପାଇଁ ଉଦ୍ଦିଷ୍ଟ ଆକାଉଣ୍ଟସ ପରୀକ୍ଷା ରାଜସ୍ୱ ନିରୀକ୍ଷକ ଏବଂ ରାଜସ୍ୱ ପରିଦର୍ଶକମାନେ ନ ଦେବା ବିଷୟକୁ ରାଜସ୍ୱ କ୍ଷେତ୍ର କର୍ମଚାରୀ ସଂଘ ପକ୍ଷରୁ ଦୃଢ ବିରୋଧ କରାଯାଇଛି। ଏହି ଆଦେଶ ପ୍ରତ୍ୟାହାର କରିବା, ରାଜସ୍ୱ ନିରୀକ୍ଷକଙ୍କ ନିମନ୍ତେ ୫୫ଦିନ ପ୍ରଶିକ୍ଷଣ ଏବଂ ୫ଟି ବିଷୟରେ ପରୀକ୍ଷା ଦେବାର ପ୍ରାବଧାନ ରହିଥିବା ବେଳେ ଦୀର୍ଘ ୨୩ ବର୍ଷ ବ୍ୟବଧାନରେ, ସଚିବ, ବୋର୍ଡ ଅଫ୍ ରେଭିନ୍ୟୁଙ୍କ ଅନାବଶ୍ୟକ ଆଦେଶ ଫଳରେ ରାଜ୍ୟର ୫ହଜାରରୁ ଊର୍ଦ୍ଧ୍ୱ ରାଜସ୍ୱ କ୍ଷେତ୍ର ଅଧିକାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଦାବିପତ୍ର ପ୍ରଦାନ ସମୟରେ ଅତିରିକ୍ତ ତହସିଲଦାର ସନ୍ତୋଷ ପାଣିଗ୍ରାହୀଙ୍କ ସହ ରାଜସ୍ୱ ନିରୀକ୍ଷକ ରଜତ ନାୟକ, ଶ୍ୟାମସୁନ୍ଦର ପୂର୍ତ୍ତି, ହେମନ୍ତ ପ୍ରଧାନ, ପ୍ରଶାନ୍ତ ମାଝୀ, ହୃଷୀକେଶ ନାୟକ, ରଶ୍ମିତା ପ୍ରଧାନ, ମମତା ନାୟକ, ପୂର୍ଣ୍ଣମାସୀ ପରିଡା, ସରସ୍ୱତୀ ପାତ୍ର, ସୁଜାତା ବେହେରା ଓ ରାଜସ୍ୱ ପରିଦର୍ଶକ ମୋନାଲିସା ବରାଳ ଏବଂ ଦେବସ୍ମିତା ପାଣ୍ଡେ ପ୍ରମୁଖ ଉପସ୍ଥିତ ଥିଲେ।

### ଅସହାୟଙ୍କୁ କୋଣାର୍କ କିନ୍ନର ସଂଘର ସହାୟତା

କୋଣାର୍କ,୨୧।୧୨(ଡି.ଏନ୍.ଏ.): କୋଣାର୍କସ୍ଥିତ ରାଜାରାମ ମଠ ପରିସରରେ କୋଣାର୍କ କିନ୍ନର ସଂଘ ପକ୍ଷରୁ ବୃଦ୍ଧାବୃଦ୍ଧ ଓ ଅସହାୟଙ୍କୁ ବୁଧବାର ଶୀତବସ୍ତ୍ର ବଣ୍ଟନ କରାଯାଇଛି। ଶୀତ ପ୍ରକୋପରୁ ରକ୍ଷାପାଇବା ନିମନ୍ତେ କୋଣାର୍କ ଏନ୍‌ଏସି ଅଧୀନ ୯ନଂ., ୫ନଂ., ୧୦ନଂ., ୪ନଂ., ୬ନଂ. ଓ ୭ନଂ. ୱାର୍ଡର ୭୦ଜଣ ବୃଦ୍ଧାବୃଦ୍ଧ, ଭିନ୍ନକ୍ଷମ ଓ ଅସହାୟଙ୍କୁ ସଂଘ ସଭାପତି ଦୀପ୍‌ସା କିନ୍ନର ଓ ସହଯୋଗୀମାନେ ଶୀତବସ୍ତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ କୋଣାର୍କ କିନ୍ନର ସଂଘର ସୁକାନ୍ତି କିନ୍ନର, କାଜଲ କିନ୍ନର, ଶିବାନୀ କିନ୍ନର, ମୋନି କିନ୍ନର, ପିଙ୍କି କିନ୍ନର, ଟିନୁ କିନ୍ନର, ଶ୍ରଦ୍ଧା କିନ୍ନର, ସନ୍ଧ୍ୟା କିନ୍ନର, ଶାନ୍ତି କିନ୍ନର ଓ ପାୟଲ କିନ୍ନର ପ୍ରମୁଖ ପରିଚାଳନା କରିଥିଲେ।




କୋଣାର୍କସ୍ଥିତ ରାଜାରାମ ମଠ ପରିସରରେ ବୁଧବାର କୋଣାର୍କ କିନ୍ନର ସଂଘ ପକ୍ଷରୁ ବୃଦ୍ଧାବୃଦ୍ଧ ଓ ଅସହାୟଙ୍କୁ ଶୀତବସ୍ତ୍ର ପ୍ରଦାନ କରାଯାଉଛି।

## ସ୍ୱେଚ୍ଛାସେବୀଙ୍କୁ ସମ୍ବର୍ଦ୍ଧନା

ପୁରୀ ଅଫିସ, ୨୧।୧୨

ଗତ କାର୍ତ୍ତିକ ମାସରେ ହବିଷିଆଳି ବ୍ରତ ପାଇଁ ଆସିଥିବା ମା'ମାନଙ୍କୁ ସ୍ୱେଚ୍ଛାସେବୀମାନେ ସେବା ଯୋଗାଇଦେଇଥିଲେ। ବୁଧବାର ଟାଉନ ହଲରେ ପୁରୀ ପ୍ରଶାସନର ରେଡକ୍ରସ ବିଭାଗ ପକ୍ଷରୁ ସମ୍ପୃକ୍ତ ସ୍ୱେଚ୍ଛାସେବୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏଥିରେ ଜିଲାପାଳ ସମର୍ଥ ବର୍ମା ଅଧ୍ୟକ୍ଷତା କରି କହିଥିଲେ, ସେବା ଏକ ଈଶ୍ୱରୀୟ ଅନୁଭବ। ହବିଷିଆଳିଙ୍କୁ ସେବା ଯୋଗାଇ ଦେଇଥିବା ସ୍ୱେଚ୍ଛାସେବୀମାନଙ୍କୁ ଜିଲାପାଳ ଧନ୍ୟବାଦ ଜଣାଇଛନ୍ତି। ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ଯୋଗଦେଇ ବିଭିନ୍ନ କଲ୍ୟାଣ ମଣ୍ଡପରେ ସ୍ୱେଚ୍ଛାସେବୀମାନେ ଯେଭଳି ସେବା ଯୋଗାଇଦେଇଥିଲେ ତାହାର ପଟାନ୍ତର ନାହିଁ ବୋଲି କହିଥିଲେ। ସେହିପରି ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ, ଜିଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର, ଉପଜିଲାପାଳ ଭବତାରଣ ସାହୁ, ପୌରନିର୍ବାହୀ ଅଧିକାରୀ ସରୋଜ ସ୍ୱାଇଁ, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଅଜିତ ମହାପାତ୍ର, ଡେପୁଟି କଲେକ୍ଟର ଜିତେନ୍ଦ୍ର ପାତ୍ର, ରାକେଶ ପଣ୍ଡା, ଜିଲା ସମାଜ କଲ୍ୟାଣ ଅଧିକାରୀ ଚିନ୍ମୟୀ ରଥ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ ସେଠୀ, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ, ଜିଲା ପର୍ଯ୍ୟଟନ ଅଧିକାରୀ ସରୋଜ ପ୍ରଧାନ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ରେଡକ୍ରସ, ସେଣ୍ଟଜନ୍ସ ଆମ୍ବୁଲାନ୍ସ, ସ୍ୱୟଂ ସହାୟକ ଗୋଷ୍ଠୀର କର୍ମକର୍ତ୍ତା ଓ ସଦସ୍ୟ, କ୍ରୀଡ଼ା ଛାତ୍ରାବାସର ଅନ୍ତେବାସୀ, ଦି ବେଲ୍ ଅନୁଷ୍ଠାନର ସ୍ୱେଚ୍ଛାସେବୀଙ୍କୁ ସେବା ପାଇଁ ସାର୍ଟିଫିକେଟ, କମ୍ବଳ ଇତ୍ୟାଦି ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ଶିଶୁକନ୍ୟାକୁ ଚେଙ୍କ ଦେଲେ ମା'

କୋଣାର୍କ,୨୧।୧୨(ଡି.ଏନ୍.ଏ.)

ରାଗରେ ମା' ଚେଙ୍କ ଦେବାରୁ ୭ ବର୍ଷର ଝିଅ ଯନ୍ତ୍ରଣା ସହୁଛି। ଏପରି ଘଟଣା କୋଣାର୍କ ଏନ୍‌ଏଏସି ୯ନଂ. ୱାର୍ଡର ରାଜୀବ କଲୋନୀରେ ଦେଖିବାକୁ ମିଳିଛି। କଲୋନୀରେ ଜଣଙ୍କ ଘରେ ମିତା ସାହୁ ଭଡ଼ାରେ ରୁହନ୍ତି। ତାଙ୍କ କୁନିପୁଅକୁ ୭ ବର୍ଷର ଝିଅ ଧରିବାକୁ ଜିଦ୍ ଧରିଥିଲା। ଏହି କାରଣରୁ ମା' ରାଗିଯାଇ ଲୁହାଖଡ଼ିକା ନିଆଁରେ ତତାଇ ଝିଅର ବିଭିନ୍ନ ଅଙ୍ଗରେ ଲଗାଇ ଦେଇଥିଲେ। ଝିଅଟି ଚିତ୍କାର କରିବାରୁ ପଡ଼ୋଶୀ ସେଠାରେ ରୁଣ୍ଡ ହୋଇଗଲେ। ଝିଅଟି ଯନ୍ତ୍ରଣାରେ ଛଟପଟ ହେଉଥିବା ଦେଖି ପୋଲିସ ଓ ଗଣମାଧ୍ୟମକୁ ଖବରଦେଇ କୋଣାର୍କ ମେଡିକାଲକୁ ନେଇଥିଲେ। ଏନେଇ ମିତାଙ୍କୁ ପଚାରିବାରେ, ସେ ରାଗିଯାଇ ଏପରି ଭୁଲ କରିଥିବା କହିଥିଲେ। ବିଭିନ୍ନ ସମୟରେ ମିତା ତାଙ୍କ ଝିଅକୁ ଏପରି ନିର୍ଯାତନା ଦେଉଥିବା ପଡ଼ୋଶୀ ଅଭିଯୋଗ କରିଛନ୍ତି।

## ୨୬ରେ ପୁରୀ ଆସିବ ହକି ବିଶ୍ୱକପ୍ ଟ୍ରଫି

### ସ୍ୱାଗତ ପାଇଁ ପ୍ରସ୍ତୁତି

ପୁରୀ ଅଫିସ, ୨୧।୧୨

ଓଡ଼ିଶାରେ ୨୦୨୩ ପୁରୁଷ ହକି ବିଶ୍ୱକପ୍ ହେବ। ଏହା ଏକ ଗୌରବର କଥା। ଏହାକୁ ସ୍ମରଣୀୟ କରିବା ପାଇଁ ସମସ୍ତ ଉଦ୍ୟମ କରାଯାଉଛି ବୋଲି ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ କହିଛନ୍ତି। ସୂଚନାଯୋଗ୍ୟ, ୨୦୨୩ ଜାନୁୟାରୀରେ ଭୁବନେଶ୍ୱର ଓ ରାଉରକେଲାରେ ହକି ବିଶ୍ୱକପ୍ ଆୟୋଜନ ହେବାକୁ ଯାଉଛି। ଏବେ ହକି ବିଶ୍ୱକପ୍ ଟ୍ରଫି ଦେଶର ବିଭିନ୍ନ ରାଜ୍ୟ ଭ୍ରମଣ କରୁଛି। ଏହି ପରିପ୍ରେକ୍ଷୀରେ ଟ୍ରଫି ପୁରୀ ଜିଲାରେ ପରିଭ୍ରମଣର କାର୍ଯ୍ୟକ୍ରମ ରହିଛି। ଏହି ଟ୍ରଫିକୁ ପୁରୀରେ ପ୍ରଶାସନ ଓ ଜନସାଧାରଣଙ୍କ ପକ୍ଷରୁ ଭବ୍ୟ ସ୍ୱାଗତ କରାଯିବ ବୋଲି ବୁଧବାର ସର୍କିଟ ହାଉସରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଜିଲାପାଳ ସାହୁ ସୂଚନା ଦେଇଛନ୍ତି। ସେ କହିଛନ୍ତି, ବିଶ୍ୱକପ୍ ହକି ଜାନୁୟାରୀ ୧୩ରୁ ୨୯ ପର୍ଯ୍ୟନ୍ତ ଭୁବନେଶ୍ୱର ଓ ରାଉରକେଲାରେ ଅନୁଷ୍ଠିତ ହେବ। ୧୬ଟି ଦେଶର ପ୍ରତିଯୋଗୀ ଏହି ବିଶ୍ୱକପରେ ଅଂଶଗ୍ରହଣ କରିବେ। ହକିକୁ ଅଧିକ ଲୋକାଭିମୁଖୀ ତଥା ପ୍ରଚାର ପ୍ରସାର କରିବା ଲକ୍ଷ୍ୟରେ ବିଶ୍ୱକପ୍‌ର ପ୍ରକୃତ ଟ୍ରଫି ସମଗ୍ର ରାଜ୍ୟ ପରିକ୍ରମା କରିବ। ପୁରୀ ଜିଲାରେ ଚଳିତ ମାସ ୨୬ ତାରିଖ ସନ୍ଧ୍ୟାରେ ଟ୍ରଫି ପହଞ୍ଚିବ। ୨୭ତାରିଖ ସକାଳେ ଭିକ୍ଟୋରିଆ ହୋଟେଲ ସମ୍ମୁଖ ବେଳାଭୂମିରେ ମନୋଜ୍ଞ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଟ୍ରଫିକୁ ସ୍ୱାଗତ ଓ ଭବ୍ୟ ସମ୍ବର୍ଦ୍ଧନା ଦିଆଯିବ। ପରେ ଟ୍ରଫିକୁ ବ୍ଲୁ ଫ୍ଲାଗ ବିଚ୍‌କୁ ନିଆଯିବ ଓ ସେଠାରେ ଫଟୋ ଶୁଟ୍ କରାଯିବ। ପରେ ସିଂହଦ୍ୱାରରେ ମହାପ୍ରଭୁଙ୍କ ଆଶୀର୍ବାଦ ପରେ ଟ୍ରଫି ପ୍ରଦର୍ଶନ କରାଯିବ। ଅପରାହ୍ନରେ ଶ୍ରୀଜଗନ୍ନାଥ ଷ୍ଟାଡିୟମରେ ଫଟୋଶୁଟ ପରେ ବିଶ୍ୱକପ୍ ଟ୍ରଫି କୋଣାର୍କ ଇକୋ ରିଟ୍ରିଟ୍ ଓ ସୂର୍ଯ୍ୟମନ୍ଦିରରେ ସ୍ୱାଗତ, ପ୍ରଦର୍ଶନ ଓ ଫଟୋଶୁଟ୍ ପରେ ଜିଲାରୁ ବିଦାୟ ନେବ ବୋଲି ସାହୁ କହିଛନ୍ତି। ଉକ୍ତ ବୈଠକରେ ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲା କ୍ରୀଡ଼ା ଆସୋସିଏଶନର ସାଧାରଣ ସମ୍ପାଦକ ରବି ଶଙ୍କର ପ୍ରତିହାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ସଡ଼କ ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

- ବିଳମ୍ବରେ ଅଗ୍ନିଶମ ବିଭାଗ ପହଞ୍ଚିବାରୁ ଉତ୍ତେଜନା
- ବୁକିଂ ପରେ ବି ମିଳିଲାନି ୧୦୮ ଆମ୍ବୁଲାନ୍ସ

ଗୋପ,୨୧।୧୨(ଡି.ଏନ୍.ଏ.)

ଗୋପ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ପୂର୍ବାହ୍ନ ୧୧ଟା ସମୟରେ ଏକ ବାଇକ୍ ଅନ୍ୟ ଏକ ବାଇକ୍‌କୁ ଧକ୍କା ଦେବାରୁ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୨ ଜଣ ଆହତ ହୋଇଛନ୍ତି। ମୃତକ ହେଲେ ଗୋପ ବସ୍ତିର ସେକ୍ ଅବଦୁଲ ମେହେତାବ୍(୩୨)। ଆହତ ୨ ଜଣ ହେଲେ ଭୁବନେଶ୍ୱର ତମାଣ୍ଡୋ ଅଞ୍ଚଳର ବିଦ୍ୟୁତପ୍ରସାଦ ରାଉତ(୨୫) ଏବଂ ଜ୍ୟୋତିରଞ୍ଜନ ମହାରଣା(୨୫)। ଦୁର୍ଘଟଣା ସମ୍ପର୍କରେ ସ୍ଥାନୀୟ ଅଗ୍ନିଶମ ବିଭାଗକୁ ଜନସାଧାରଣ ଜଣାଇଥିଲେ ମଧ୍ୟ ଅଗ୍ନିଶମ ଗାଡ଼ି ବିଳମ୍ବରେ ପହଞ୍ଚିବାରୁ ଘଟଣାସ୍ଥଳରେ ଚାପା ଉତ୍ତେଜନା ଦେଖିବାକୁ ମିଳିଥିଲା। ସୂଚନା ମୁତାବକ, ସେକ୍ ଅବଦୁଲ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ତାଙ୍କ ବାଇକ୍ ବୁଲାଉଥିଲେ। ସେତେବେଳେ କୋଣାର୍କ ପଟୁ ଆସୁଥିବା ଅନ୍ୟ ଏକ ଗାଡ଼ିରେ ଜ୍ୟୋତିରଞ୍ଜନ ଓ ତାଙ୍କ ସାଙ୍ଗ ବିଦ୍ୟୁତପ୍ରସାଦ ଆସୁଥିବାବେଳେ ବ୍ଲକ ସମ୍ମୁଖରେ ଦୁହିଁଙ୍କ ଗାଡ଼ି ଧକ୍କା ହୋଇଥିଲା। ସ୍ଥାନୀୟ ଲୋକେ ୩ ଜଣଙ୍କୁ ଉଦ୍ଧାର କରିବା ପାଇଁ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ମାତ୍ର ବିଳମ୍ବରେ ଅଗ୍ନିଶମ ଗାଡ଼ି ପହଞ୍ଚି ଥିବାରୁ ଘଟଣାସ୍ଥଳରେ ଉତ୍ତେଜନା ଦେଖିବାକୁ ମିଳିଥିଲା। ୩ ଜଣଙ୍କୁ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଇଥିଲା। ସେଠାରୁ ସେକ୍ ଅବଦୁଲ ଓ ଜ୍ୟୋତିରଞ୍ଜନଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିଲା। ସେକ୍ ଅବଦୁଲଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ସେଠାରୁ ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ରାତି ୧୦ଟା ସମୟରେ ଡାକ୍ତର ସେକ୍ ଅବଦୁଲଙ୍କୁ ମୃତ ଘୋଷଣା କରିଛନ୍ତି। ମାତ୍ର ସ୍ଥାନାନ୍ତର ପାଇଁ ୧୦୮ ଆମ୍ବୁଲାନ୍ସକୁ ଟେଲିଫୋନ୍ ମାଧ୍ୟମରେ ବୁକିଂ କରିଥିଲେ ମଧ୍ୟ ଆମ୍ବୁଲାନ୍ସ ମିଳି ନ ଥିଲା।

# ଆଜିଠୁ ଓଡ଼ିଶା ବାସ୍କେଟ୍‌ବଲ ଲିଗ୍

## ଭାଗନେବେ ୬ ପୁରୁଷ ଓ ୪ ମହିଳା ଦଳ

ପୁରୀ ଅଫିସ, ୨୧।୧୨

ତାଳବଣିଆ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଗୁରୁବାରଠାରୁ ୨୬ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ବାସ୍କେଟବଲ ଲିଗ୍ ହେବାକୁ ଯାଉଛି। ଓଡ଼ିଶା ବାସ୍କେଟବଲ ଆସୋସିଏଶନ ପକ୍ଷରୁ ଆୟୋଜିତ ଏହି ଲିଗ୍‌ରେ ୬ଟି ପୁରୁଷ ଓ ୪ଟି ମହିଳା ବାସ୍କେଟବଲ ଦଳ ଭାଗନେବେ। ଏନେଇ ସ୍ଥାନୀୟ ସର୍କିଟ ହାଉସରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଉକ୍ତ କ୍ରୀଡ଼ା ପ୍ରତିଯୋଗିତା ୨୨ତାରିଖ ଅପରାହ୍ନ ୫ଟା ୩୦ରେ ଉଦ୍‌ଘାଟନ ଓ ୨୬ ତାରିଖ ସନ୍ଧ୍ୟାରେ ଟ୍ରଫି ପ୍ରଦାନ ସହ ଉଦ୍‌ଯାପନ ହେବ। ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ କହିଥିଲେ, ପ୍ରତିଯୋଗିତାରେ ୧୦ଟି ଦଳ ଭୁବନେଶ୍ୱର କ୍ୟାପିଟାଲ୍ସ, ୱାରିୟର ବାଲେଶ୍ୱର, ଗଞ୍ଜାମ ହୁପରସ୍, କଟକ ବାରବାଟୀ ଟାଇଗର, ଏମ୍ପରର୍ସ ରାଉରକେଲା, ପୁରୀ ବୁଲ୍‌ସ, ଉତ୍କଳ ଡ୍ରିବଲର୍ସ, କଳିଙ୍ଗ ଶୁଟର୍ସ, ଓଡ଼ିଶା ବ୍ଲକର୍ସ ଏବଂ ଉଡ୍ର ଟିମ୍ ଭାଗ ନେବେ। ସେହିପରି ୨୩ ତାରିଖରେ ଜିଲା ସ୍କୁଲରେ ମାଲଖମ୍ବ ପ୍ରତଯୋଗିତା ଆୟୋଜନ କରାଯାଉଛି। ଉକ୍ତ ଖବରଦାତା ସମ୍ମିଳନୀରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲା କ୍ରୀଡ଼ା ଆସୋସିଏଶନ ସମ୍ପାଦକ ରବି ଶଙ୍କର ପ୍ରତିହାରୀ, ଓଡ଼ିଶା ବାସ୍କେଟବଲ ଆସୋସିଏଶନ ଉପସଭାପତି ରାଜେନ୍ଦ୍ର ଖୁଣ୍ଟିଆ ଏବଂ ଯୁଗ୍ମସମ୍ପାଦକ ଅମିତ ଦାସମହାପାତ୍ରଙ୍କ ସମେତ ୧୦ଟି ଦଳର ଅଧିନାୟକ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ ସାହୁ ବାସ୍କେଟ୍‌ବଲ୍ ଲିଗ୍ ସମ୍ପର୍କରେ ସୂଚନା ଦେଉଛନ୍ତି।

# ବସ୍‌ଯାତ୍ରୀଙ୍କୁ ମିଳୁ ମୌଳିକ ସୁବିଧା

ପୁରୀ ଅଫିସ,୨୧।୧୨

ପୁରୀ ବସ୍‌ଷ୍ଟାଣ୍ଡକୁ ବିଶ୍ୱସ୍ତରୀୟ କରିବା ଓ ବସ୍ ଯାତ୍ରୀମାନଙ୍କୁ ଷ୍ଟାଣ୍ଡ ପରିସରରେ ସମସ୍ତ ଆବଶ୍ୟକ ମୌଳିକ ସୁବିଧା ଯୋଗାଇଦେବା ପାଇଁ ବସ୍ ଯାତ୍ରୀ ଆସୋସିଏଶନ ପକ୍ଷରୁ ଦାବି କରାଯାଇଛି। ଏ ନେଇ ଆସୋସିଏଶନର ବରିଷ୍ଠ ସଦସ୍ୟ ସୂର୍ଯ୍ୟ ନାରାୟଣ ରଥଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ଜିଲାପାଳଙ୍କୁ ବୁଧବାର ସାକ୍ଷାତ କରି ପ୍ରସ୍ତାବିତ ପ୍ରସ୍ତାବ ଉପରେ ଆଲୋଚନା କରିଛନ୍ତି। ଏଥିସହ ଏକ ୨୧ ଦାବି ସମ୍ବଳିତ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି। ପୁରୀ ବସଷ୍ଟାଣ୍ଡକୁ ସୁନ୍ଦର କରିବା ପାଇଁ ସହରର ଅନେକ ସଚେତନ ଯୁବକ ଆଗେଇ ଆସି ପ୍ରତ୍ୟେକ ଶନିବାର ବସ୍‌ଷ୍ଟାଣ୍ଡକୁ ପରିଷ୍କାର କରୁଛନ୍ତି ଏବଂ ସମସ୍ତଙ୍କୁ ସଚେତନ କରୁଛନ୍ତି। ବସ୍ ଯାତ୍ରୀମାନଙ୍କର ସୁବିଧା ଓ ସୁରକ୍ଷାକୁ ଦୃଷ୍ଟିରେ ରଖି ଜିଲାପାଳଙ୍କୁ ନିମ୍ନ ପ୍ରସ୍ତାବଗୁଡ଼ିକ ପ୍ରଦାନ କରିଛନ୍ତି।

ବସ୍‌ଷ୍ଟାଣ୍ଡର ଉଭୟ ଫାଟକରେ ସୁଦୃଶ୍ୟ ଆକର୍ଷଣୀୟ ନାମଫଳକ ଲଗାଯିବା। ୨୪ଘଣ୍ଟିଆ ପିଇବା ପାଣି, ସିକ୍ୟୁରିଟି ବ୍ୟବସ୍ଥା ଓ ପରିମଳ ବ୍ୟବସ୍ଥା ସହିତ ସୁରକ୍ଷା ଦୃଷ୍ଟିରୁ ଷ୍ଟାଣ୍ଡ ପରିସରରେ ସିସିଟିଭି ଲଗାଇବା, ପୁରୁଷ ଓ ମହିଳାଙ୍କ ନିମିତ୍ତ ପରିସ୍ରାଗାର ନିର୍ମାଣ କରାଯିବା। ବସ୍ ହକରମାନଙ୍କୁ ପଞ୍ଜିକୃତ କରିବା ସହିତ ସେମାନଙ୍କୁ ପରିଚୟପତ୍ର ପ୍ରଦାନ କରିବା। ବସ୍‌ଷ୍ଟାଣ୍ଡ ପରିସରକୁ ସବୁଜିମା ଭରା କରିବା ସହିତ ଷ୍ଟାଣ୍ଡକୁ ଉତ୍କଳୀୟ ଐତିହ୍ୟ ସଂସ୍କୃତି ଓ ପରମ୍ପରାକୁ ନେଇ ରଙ୍ଗବେରଙ୍ଗ କଳାକୃତିରେ ସଜାଇବା, ଯାତ୍ରୀମାନଙ୍କ ପାଇଁ ଏଟିଏମ୍ ସ୍ଥାପନ କରିବା ସହିତ ଉକ୍ତ ଅଞ୍ଚଳକୁ ନିଶାମୁକ୍ତ ଅଞ୍ଚଳ ଘୋଷଣା କରିବା ପ୍ରମୁଖ ଦାବି କରାଯାଇଛି। ଏତଦ୍‌ବ୍ୟତୀତ ଗନ୍ତବ୍ୟସ୍ଥଳ ଅନୁଯାୟୀ ଷ୍ଟାଣ୍ଡ ମଧ୍ୟରେ ବସ୍‌ଗୁଡିକୁ ନିର୍ଦ୍ଦିଷ୍ଟ ସ୍ଥାନରେ ରଖାଯିବା, ରେଲୱେ ଭଳି ବସ୍‌ର ନାମ, ନମ୍ବର, ସମୟ ଓ ଗନ୍ତବ୍ୟସ୍ଥଳର ଟିକେଟର ମୂଲ୍ୟ ସମ୍ପର୍କିତ ସ୍ୱତନ୍ତ୍ର ଫଳକ ଷ୍ଟାଣ୍ଡ ପରିସରରେ ରଖାଯିବା, ହାତଲେଖା ଟିକେଟ ପରିବର୍ତ୍ତେ ମୂଲ୍ୟ ସହିତ ପ୍ରିପେଡ ଟିକେଟ ଯାତ୍ରୀଙ୍କୁ ଯୋଗାଇଦେବା, ଡାକବାଜି ଯନ୍ତ୍ରଦ୍ୱାରା ବସର ଗନ୍ତବ୍ୟସ୍ଥଳ, ନମ୍ବର ଓ ସମୟ ଯାତ୍ରୀମାନଙ୍କ ନିମନ୍ତେ ଘୋଷଣା କରିବା, ରାତ୍ରକାଳୀନ ପ୍ରତୀକ୍ଷା ପାଇଁ ଯାତ୍ରୀଙ୍କୁ ସୁରକ୍ଷାପୂର୍ଣ୍ଣ ପ୍ରତୀକ୍ଷା କକ୍ଷ ଯୋଗାଇବା ଓ ଫାଷ୍ଟଏଡ୍ ସେଣ୍ଟର କରିବା ଇତ୍ୟାଦି ଗୁରୁତ୍ୱପୂର୍ଣ୍ଣ ୨୧ଟି ଦାବି ବସ୍‌ଷ୍ଟାଣ୍ଡର ଗରିମା ବୃଦ୍ଧି ଓ ଯାତ୍ରୀମାନଙ୍କର କଲ୍ୟାଣ ନିମନ୍ତେ ଜିଲାପାଳଙ୍କୁ ଅନୁରୋଧ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ସୂର୍ଯ୍ୟ ନାରାୟଣ ରଥ, ତ୍ରିଲୋଚନ ଦାସ, ପୂର୍ଣ୍ଣଚନ୍ଦ୍ର ଓଝା, ହରିଶ୍ଚନ୍ଦ୍ର ନାୟକ, ସିଦ୍ଧାର୍ଥ ଶଙ୍କର ମିଶ୍ର, ବୁଟୁ ସାହୁ ଓ ବିଜୟ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



ବସ୍‌ଯାତ୍ରୀ ଆସୋସିଏଶନ ପକ୍ଷରୁ ଜିଲାପାଳ ସମର୍ଥ ବର୍ମାଙ୍କୁ ଦାବିପତ୍ର ଦିଆଯାଉଛି।

**କଶ୍ମୀରରେ ଅପହରଣ, ପୁଣେରୁ ଉଦ୍ଧାର**

କଶ୍ମୀରରୁ ଅପହୃତ ଜଣେ ନାବାଳିକାଙ୍କୁ ବୁଧବାର ପୁଣେରୁ ଉଦ୍ଧାର କରାଯାଇଛି। ନଭେମ୍ବର ୧୬ରୁ ତାଙ୍କୁ ଅପହରଣ କରାଯାଇଥିଲା। ଛତିଶଗଡ଼ ବାସିନ୍ଦା ଅଭିଯୁକ୍ତ ମହେନ୍ଦ୍ର ନିଶାଦଙ୍କୁ ପୋଲିସ ଗିରଫ କରିଛି। ନାବାଳିକାଙ୍କୁ ତାଙ୍କ ମାବାପାଙ୍କୁ ହସ୍ତାନ୍ତର କରାଯାଇଥିବାବେଳେ ପୋଲିସ ଘଟଣାର ତଦନ୍ତ ଚଳାଇଛି।



ଚାଇନାରେ କୋଭିଡ୍-୧୯ ସଂକ୍ରମଣ ବଢ଼ିବାରେ ଲାଗିଥିବାବେଳେ ଦେଶବ୍ୟାପୀ ଔଷଧ ସଙ୍କଟ ସୃଷ୍ଟି ହେଲାଣି। ଫ୍ଲୁ ଭଳି ଲକ୍ଷଣ ଦେଖାଦେଲେ ମଧ୍ୟ ଲୋକେ ଜ୍ୱର ଔଷଧ ଓ ପେନ୍‌କିଲର କିଣିବାକୁ ଭିଡ଼ ଜମାଉଛନ୍ତି। ହସ୍ପିଟାଲଗୁଡ଼ିକରେ ସ୍ଥାନାଭାବ ହେତୁ ବେଜିଂର ଏକ ସ୍ପୋର୍ଟ୍ସ କମ୍ପ୍ଲେକ୍ସକୁ କ୍ଲିନିକରେ ପରିବର୍ତ୍ତିତ କରାଯାଇଛି।




ଭାରତ-ଚାଇନା ସୀମା ବିବାଦ ଏବଂ ଜାତୀୟ ସୁରକ୍ଷା ଉପରେ ବିତର୍କ ଦାବିକରି କଂଗ୍ରେସ ପାର୍ଲାମେଣ୍ଟରେ ହୋହଲ୍ଲା ଜାରି ରଖିଛି। ସଂସଦ ପରିସରରେ ଥିବା ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ସାମ୍ନାରେ ବୁଧବାର କଂଗ୍ରେସ ଏମ୍‌ପି ସୋନିଆ ଗାନ୍ଧୀଙ୍କ ସହ ପି. ଚିଦାମ୍ବରମ୍ ଓ ଅନ୍ୟ ସଦସ୍ୟମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି।

# ମୁକୁଳିବେ ବିକିନି କିଲର୍

## ଚାର୍ଲ୍ସ ଶୋଭରାଜଙ୍କୁ ଜେଲରୁ ମୁକ୍ତ କରିବାକୁ ନେପାଳ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ



କାଠମାଣ୍ଡୁ, ୨୧।୧୨

'ଦି ସର୍ପେଣ୍ଟ' ନାମରେ କୁଖ୍ୟାତ ଫ୍ରାନ୍ସର ସିରିଏଲ୍ କିଲର ଚାର୍ଲ୍ସ ଶୋଭରାଜ ଏବେ ପୁଣି ଚର୍ଚ୍ଚାରେ। ଏଥର କୌଣସି ଅପରାଧ ପାଇଁ ନୁହେଁ, ବରଂ ନେପାଳ ଜେଲରୁ ଦୀର୍ଘ ୧୯ ବର୍ଷ ପରେ ମୁକ୍ତିକୁ ନେଇ ଚାର୍ଲ୍ସ ଚର୍ଚ୍ଚିତ ହୋଇଛନ୍ତି। ନେପାଳର ସୁପ୍ରିମକୋର୍ଟ ଚାର୍ଲ୍ସଙ୍କୁ ମୁକ୍ତ କରିବା ପାଇଁ ବୁଧବାର ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ମୁକ୍ତ ହେବାର ୧୫ ଦିନ ମଧ୍ୟରେ ତାଙ୍କୁ ପ୍ରତ୍ୟର୍ପଣ କରିବାକୁ ସର୍ବୋଚ୍ଚ ଅଦାଲତଙ୍କ ନିର୍ଦ୍ଦେଶ ରହିଛି।

ଚୋରିରୁ ନେଇ ସଶସ୍ତ୍ର ଡକାୟତି ଭଳି ଅପରାଧ ଯୋଗୁ ଶୋଭରାଜ ଅନେକ ଥର ଗିରଫ ହୋଇ ଜେଲ ଯାଇଛନ୍ତି। କିନ୍ତୁ ସେ ସବୁବେଳେ ମୁକୁଳିଯାଆନ୍ତି କିମ୍ବା ଖସିଯିବାରେ ସମର୍ଥ ହୁଅନ୍ତି। ଯେମିତି କି ଥରେ ସେ ଅସୁସ୍ଥ ଥିବା ବାହାନା କରି ହସ୍ପିଟାଲର ଜଣେ ଗାର୍ଡଙ୍କୁ ଡ୍ରଗ୍ସ ଦେଇଥିଲେ ଏବଂ ଫେରାର ହୋଇଯାଇଥିଲେ। କିନ୍ତୁ ୧୯୭୬ରେ ଶୋଭରାଜଙ୍କ ଅପରାଧ ତାଙ୍କ ସହ ଧରାପଡ଼ିବା ଆରମ୍ଭ ହୋଇଥିଲା। ନୂଆଦିଲ୍ଲୀର ଏକ ହୋଟେଲ ଲବିରେ ୩୦ ଇଞ୍ଜିନିୟରିଂ ଛାତ୍ରୀଛାତ୍ରଙ୍କୁ ବିଷ ଦେବା ଅଭିଯୋଗରେ ଚାର୍ଲ୍ସ ଶୋଭରାଜଙ୍କ ସହ ତାଙ୍କର ଦୁଇ ସହଯୋଗୀ ଲେକ୍ଲର୍କ, ସ୍ମିଥ୍ ଓ ଏଥର୍ ଧରାପଡ଼ିଥିଲେ। ପୋଲିସ ଜେରାବେଳେ ଏହା ମଧ୍ୟ ସାମ୍ନାକୁ ଆସିଥିଲା ଯେ ଫ୍ରାନ୍ସର ଟୁରିଷ୍ଟ ଜିନ୍‌ଲୁକ୍ ସୋଲୋମୋନ ଶୋଭରାଜଙ୍କ ବିଷରେ ପ୍ରାଣ ହରାଇଥିଲେ। ଶୋଭରାଜଙ୍କୁ ତିହାର ଜେଲରେ ୧୧ରୁ ୧୨ ବର୍ଷ ପାଇଁ ଜେଲ ଦଣ୍ଡାଦେଶ ହୋଇଥିଲା। ସେ ବ୍ଲାକ୍‌ମେଲ, ଲାଞ୍ଚ ଆଦିର ସହାୟତା ନେଇ ଜେଲ ଭିତରେ ଅନେକ ସୁବିଧା ହାସଲ କରିଥିଲେ। ଟିଭି, ଭଲ ଖାଦ୍ୟ, ଟାଇପ୍ ରାଇଟର ଏବଂ ଏପରି କି ଡ୍ରଗ୍ସ ମଧ୍ୟ ପାଇପାରିଥିଲେ। ଚାର୍ଲ୍ସ ଦୁଇଜଣ ଆମେରିକୀୟ ପର୍ଯ୍ୟଟକଙ୍କୁ ହତ୍ୟା ଅଭିଯୋଗରେ ୨୦୦୩ରୁ ନେପାଳର ଜେଲରେ ବନ୍ଦୀ ଅଛନ୍ତି। ବୟସ ଓ ସ୍ୱାସ୍ଥ୍ୟଗତ କାରଣରୁ ତାଙ୍କୁ ମୁକ୍ତ କରିବା ପାଇଁ ନେପାଳ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜେଲରୁ ତାଙ୍କୁ ଅପ୍ରବାସନ ଅଫିସକୁ ପଠାଇଦିଆଯିବ। ଯଥାଶୀଘ୍ର ସମ୍ଭବ ତାଙ୍କ ପ୍ରତ୍ୟର୍ପଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ଚାର୍ଲ୍ସଙ୍କ ଓକିଲ ଲୋକ ଭକ୍ତ ରାଣା ସୂଚନା ଦେଇଛନ୍ତି।

୭୮ ବର୍ଷୀୟ ଚାର୍ଲ୍ସ ଶୋଭରାଜଙ୍କ ବାପା ଜଣେ ଭାରତୀୟ ଓ ମା' ଭିଏତ୍‌ନାମ ନାଗରିକ ଥିଲେ। ବିକିନି କିଲର୍ ନାମରେ ପରିଚିତ ଏହି ଚାଲାକ ଚତୁର ଅପରାଧୀ ୧୯୭୫ରେ ଫେକ୍ ପାସ୍‌ପୋର୍ଟ ବ୍ୟବହାର କରି ନେପାଳକୁ ପ୍ରବେଶ କରିଥିଲେ। ସେଠାରେ ସେ ଦୁଇଜଣଙ୍କୁ ହତ୍ୟା କରିଥିଲେ। ହତ୍ୟାର ଶିକାର ହୋଇଥିଲେ ଆମେରିକୀୟ କୋନିଏ ବୋରୋଞ୍ଜିକ୍(୨୯) ଏବଂ ତାଙ୍କ କାନାଡୀୟ ଗର୍ଲଫ୍ରେଣ୍ଡ୍ ଲରେଣ୍ଟ କେରି(୨୬)। ୨୦୦୩ ସେପ୍ଟେମ୍ବର ୧ରେ ଚାର୍ଲ୍ସଙ୍କୁ ନେପାଳର ଏକ କ୍ୟାସିନୋ ବାହାରେ ଦେଖିବାକୁ ମିଳିଥିଲା। ଏକ ଖବରକାଗଜରେ ଚାର୍ଲ୍ସଙ୍କ ଫଟୋ ପ୍ରକାଶ ପାଇବା ପରେ ପୋଲିସ ତାଙ୍କୁ ଗିରଫ କରି ଜେଲକୁ ପଠାଇଦେଇଥିଲା। କାଣ୍ଡମାଣ୍ଡୁ ଜେଲରେ ଚାର୍ଲ୍ସ ୨୧ ବର୍ଷ ଦଣ୍ଡାଦେଶ ଭୋଗିସାରିଲେଣି।

### ଫିଲ୍ମ ପରଦାରେ ଶୋଭରାଜ

ଚାର୍ଲ୍ସ ଶୋଭରାଜ ଯୌବନ ସମୟରେ ଭିଆଇଥିବା କାରନାମାକୁ ନେଇ ଗତବର୍ଷ ନେଟ୍‌ଫ୍ଲିକ୍ସରେ 'ଦି ସର୍ପେଣ୍ଟ' ଆସିଥିଲା। ଏଥିରେ ଫ୍ରାନ୍ସ ବଂଶୋଦ୍ଭବ ଆଲଜେରିଆ ଅଭିନେତା ତହର ରହିମ୍ ଶୋଭରାଜଙ୍କ ଭୂମିକା ନିଭାଇଥିଲେ। ୮ ଏପିସୋଡ୍ ବିଶିଷ୍ଟ ଏହି ସିରିଜରେ ଶୋଭରାଜଙ୍କୁ ଜଣେ ନିର୍ଦ୍ଦୟ ହତ୍ୟାକାରୀ ରୂପେ ଦର୍ଶାଯାଇଛି। ୧୯୭୦ ଦଶକରେ ପ୍ୟାରିସର ସବୁଠୁ ଘୃଣ୍ୟ ଅପରାଧକୁ ପରଦାକୁ ଏଥିରେ ପ୍ରଦର୍ଶିତ କରାଯାଇଥିଲା। ପାର୍ଟନର ମେରି ଆଣ୍ଡ୍ରି ଲେକ୍ଲର୍କଙ୍କ ସହ ମିଶି ସେ ଅନେକ ଲୋକଙ୍କୁ ଡ୍ରଗ୍ସ ଦେଇ ଲୁଟିଛନ୍ତି। କେତେକ ମାମଲାରେ ସେ ଆହୁରି ଆଗକୁ ବଢ଼ି ହତ୍ୟା ମଧ୍ୟ କରିଛନ୍ତି। ତାଙ୍କର ଏଭଳି ଅପରାଧ କାରଣରୁ ଶୋଭରାଜଙ୍କୁ ତିନୋଟି ନିକ୍‌ନେମ ମିଳିଛି: ଦି ବିକିନି କିଲର, ଦି ସ୍ପ୍ଲିଟିଂ କିଲର ଓ ଦି ସର୍ପେଣ୍ଟ। ଏହା ପୂର୍ବରୁ ୨୦୧୫ରେ ଶୋଭରାଜଙ୍କ ଜୀବନୀ ଆଧାରିତ 'ମୈ ଔର ଚାର୍ଲ୍ସ' ଶୀର୍ଷକ ସିନେମା ଆସିଥିଲା। ଏଥିରେ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ ରଣଦୀପ ହୁଡା।



ନେଟ୍‌ଫ୍ଲିକ୍ସରେ ପ୍ରସାରିତ 'ଦି ସର୍ପେଣ୍ଟ'ରେ ଚାର୍ଲ୍ସ ଶୋଭରାଜଙ୍କ ଭୂମିକାରେ ଅଭିନେତା ତହର ରହିମ୍। ତାଙ୍କ ସହ ଗର୍ଲଫ୍ରେଣ୍ଡ୍ ମେରି ଆଣ୍ଡ୍ରି ଲେକ୍ଲର୍କ ଭୂମିକାରେ ନଜର ଆସିଥିବା ଅଭିନେତ୍ରୀ ଜେନା କୋଲ୍‌ମ୍ୟାନ୍।

## ସଂକ୍ଷେପରେ

### କଶ୍ମୀରରେ -୬.୨ ଡିଗ୍ରୀକୁ ଖସିଲା ପାରଦ

**ଶ୍ରୀନଗର, ୨୧।୧୨:** କଶ୍ମୀରର ଚିଲ୍ଲାଇ କାଲନରେ ବୁଧବାର ସର୍ବନିମ୍ନ ତାପମାତ୍ରା -୬.୨ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ କରାଯାଇଛି। ଶ୍ରୀନଗର ସମେତ ଦକ୍ଷିଣ କଶ୍ମୀରର ପର୍ଯ୍ୟଟନସ୍ଥଳ ପହଲଗାମରେ ମଧ୍ୟ ସମାନ ତାପମାତ୍ରା ରେକର୍ଡ କରାଯାଇଥିବା ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସ୍ଥାନୀୟ ଲୋକେ ଶୀତଦାଉରୁ ରକ୍ଷା ପାଇବା ଲାଗି ଅଗ୍ନିକୁଣ୍ଡ ବ୍ୟବହାର କରୁଛନ୍ତି। ଅନ୍ୟପକ୍ଷେ ନିୟମିତ ବିଦ୍ୟୁତ୍ କାଟ୍ ଯୋଗୁ ଅଞ୍ଚଳବାସୀଙ୍କୁ ବହୁ ଅସୁବିଧା ଦେଇ ଗତି କରିବାକୁ ପଡୁଛି।

### ଅଙ୍କିତା ହତ୍ୟା ମାମଲା

### ସିବିଆଇ ତଦନ୍ତ ଆବେଦନ ଖାରଜ



**ଡେରାଡୁନ୍, ୨୧।୧୨:** ଉତ୍ତରାଖଣ୍ଡର ବହୁଚର୍ଚ୍ଚିତ ରିସେପ୍ସନାଲିଷ୍ଟ ଅଙ୍କିତା ଭଣ୍ଡାରି ହତ୍ୟା ମାମଲାର ସିବିଆଇ ତଦନ୍ତ ନେଇ ହାଇକୋର୍ଟରେ କରାଯାଇଥିବା ଆବେଦନକୁ ଖଣ୍ଡପୀଠ ଖାରଜ କରିଛନ୍ତି। ବରିଷ୍ଠ ବିଚାରପତି ସଞ୍ଜୟ କୁମାର ସିଂଙ୍କ ଏକକ ଖଣ୍ଡପୀଠ ବୁଧବାର ଏହାର ଶୁଣାଣି କରିଥିଲେ। ହତ୍ୟା ମାମଲାର ତଦନ୍ତ ଏସ୍‌ଆଇଟି (ସ୍ୱତନ୍ତ୍ର ଯାଞ୍ଚ ଏଜେନ୍ସି) ଠିକ୍ ଭାବେ କରୁଥିବା ବିଚାରପତି କହିଥିଲେ। ଗତ ନଭେମ୍ବର ୪ରେ ଅଙ୍କିତାଙ୍କ ମା' ସୋନା ଦେବୀ ଏବଂ ବାପା ବିରେନ୍ଦର ସିଂ ସିବିଆଇ ଯାଞ୍ଚ ନେଇ ଆବେଦନ କରିଥିଲେ। ଭାଜପା ନେତା ବିନୋଦ ଆର୍ଯ୍ୟଙ୍କ ପୁଅ ପୁଲକିତଙ୍କ ରିସୋର୍ଟରେ ଅଙ୍କିତା (୧୯) ରିସେପ୍ସନାଲିଷ୍ଟ ଭାବେ କାର୍ଯ୍ୟ କରୁଥିଲେ। ଅନ୍ୟପକ୍ଷେ ହତ୍ୟାକାଣ୍ଡରେ ସମ୍ପୃକ୍ତ ୩ ଅଭିଯୁକ୍ତଙ୍କ ବିରୋଧରେ ପୋଲିସ ଚାର୍ଜଶିଟ୍ ଦାଖଲ କରିଛି। ସେପ୍ଟେମ୍ବର ୨୪ରେ ଚିଲା କେନାଲରୁ ଅଙ୍କିତାଙ୍କ ମୃତଦେହ ପୋଲିସ ଜବତ କରିଥିଲା।

### ସ୍କୁଲ ବସ୍ ଦୁର୍ଘଟଣା: ୭ ମୃତ



**ଗୁଆହାଟି, ୨୧।୧୨:** ମଣିପୁର ନୋନି ଜିଲା ଖୋଉପମ୍‌ରେ ବୁଧବାର ସ୍କୁଲ ବସ୍ ଦୁର୍ଘଟଣାରେ ୭ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରୁ ୬ ଜଣ ଶିକ୍ଷାର୍ଥୀ ଓ ଜଣେ ଶିକ୍ଷକ ଥିବା ଜଣାପଡ଼ିଛି। ବସ୍‌ଟି ଏକ ପାହାଡ଼ିଆ ଇଲାକା ଦେଇ ଯାଉଥିବାବେଳେ ନିୟନ୍ତ୍ରଣ ହରାଇବା ଦ୍ୱାରା ଏହି ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି। ଥାମ୍ବାଲନୁର ସ୍କୁଲ ବସ୍ ପିଲାଙ୍କୁ ନେଇ ଷ୍ଟଡିଟୁରରୁ ଫେରୁଥିବାବେଳେ ଏହି ଦୁର୍ଘଟଣା ଘଟିଥିବା ପୋଲିସ କହିଛି। ଘଟଣାସ୍ଥଳରେ ୫ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଦୁର୍ଘଟଣାରେ ୨୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି।

## ଇମ୍ରାନ୍‌ଙ୍କ ଆପତ୍ତିଜନକ ଅଡିଓ ଭାଇରାଲ୍



ଇସ୍‌ଲାମାବାଦ୍, ୨୧।୧୨

ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ 'ସେକ୍ସ କଲ୍' ରେକର୍ଡ ସୋସିଆଲ ମିଡିଆରେ ଭାଇରାଲ୍ ହୋଇଛି। ଇମ୍ରାନ୍ ଦୁଇଜଣ ମହିଳାଙ୍କ ସହ ଫୋନ୍‌ରେ ଆପତ୍ତିଜନକ ବାର୍ତ୍ତାଳାପ କରୁଥିବାର ଭାଇରାଲ ହୋଇଥିବା ଅଡିଓରେ ଶୁଣିବାକୁ ମିଳିଛି। ତେବେ ଏହି ଅଡିଓ ମିଛ ବୋଲି ଇମ୍ରାନ୍‌ଙ୍କ ଦଳ ପାକିସ୍ତାନ ତେହରିକ-ଇ-ଇନ୍‌ସାଫ୍ କହିଛି। ଏହି ଅଡିଓ କ୍ଲିପ୍‌କୁ ପାକିସ୍ତାନ ଖବରଦାତା ସୟେଦ ଅଲି ହେଦର ନିଜ ୟୁଟ୍ୟୁବ୍ ଚ୍ୟାନେଲରେ ପ୍ରଥମେ ଅପ୍‌ଲୋଡ୍ କରିଥିବାବେଳେ ବର୍ତ୍ତମାନ ଏହା ସ୍ଥାନୀୟ ଗଣମାଧ୍ୟମ ଚ୍ୟାନେଲଗୁଡ଼ିକରେ ଉପଲବ୍ଧ ଅଛି। ଭାଇରାଲ ହୋଇଥିବା ଦୁଇଟିଯାକ ଅଡିଓ ଭିତରୁ ଗୋଟିଏ ୨୦୦୮-୦୯ରେ ହୋଇଥିବା କୁହାଯାଉଛି। ତେବେ ଏହାର ଫରେନ୍ସିକ୍ ଯାଞ୍ଚ କରାଯାଉ ବୋଲି ସୟେଦ କହିଛନ୍ତି। ଇମ୍ରାନ୍‌ଙ୍କୁ ପାକିସ୍ତାନ ପ୍ରଧାନମନ୍ତ୍ରୀ ପଦରୁ ହଟାଯିବା ପରେ ଏକାଧିକ ସଙ୍ଗିନ ଅଭିଯୋଗ ତାଙ୍କ ବିରୋଧରେ ଆସିବାରେ ଲାଗିଛି। ଅଡିଓ କ୍ଲିପ୍ ଭାଇରାଲ ନେଇ ଇମ୍ରାନ୍‌ଙ୍କ କୌଣସି ପ୍ରତିକ୍ରିୟା ମିଳିନାହିଁ। ଗତ ନଭେମ୍ବରରେ ଇମ୍ରାନ୍ ଖାନ୍ ଦେଶବ୍ୟାପୀ ସରକାର ବିରୋଧୀ ଆନ୍ଦୋଳନ ଚଳାଇଥିବାବେଳେ ତାଙ୍କ ଉପରକୁ ଗୁଳିମାଡ କରାଯାଇଥିଲା।

## ଝିଅଙ୍କୁ ଉଚ୍ଚଶିକ୍ଷା ନିଷିଦ୍ଧ: ସୋସିଆଲ ମିଡିଆରେ ପ୍ରତିବାଦ



**କାବୁଲ୍, ୨୧।୧୨:** ଆଫଗାନିସ୍ତାନରେ ଝିଅମାନଙ୍କ ପାଇଁ ତାଲିବାନ ସରକାର ଉଚ୍ଚଶିକ୍ଷାକୁ ନିଷିଦ୍ଧ ଘୋଷଣା କରିବା ପରେ ଛାତ୍ରୀମାନେ ସୋସିଆଲ ମିଡିଆରେ ପ୍ରତିବାଦ ଆରମ୍ଭ କରିଛନ୍ତି। ଏ ନେଇ ଟୁଇଟର ଓ ଫେସ୍‌ବୁକ୍‌ରେ ହାଶ୍‌ଟାଗ୍ ଲେଟ୍‌ହର୍‌ଲର୍ନ ଟ୍ରେଣ୍ଡ୍ ଆରମ୍ଭ ହୋଇଛି। ଏକଛତ୍ରବାଦୀ ତାଲିବାନୀଙ୍କ ବିରୋଧରେ ବିକ୍ଷୋଭ କରିବା ସୋସିଆଲ ମିଡିଆ ଏକମାତ୍ର ମାଧ୍ୟମ ବୋଲି ଛାତ୍ରୀ କହିଛନ୍ତି। ବୁଧବାର ଶତାଧିକ ଛାତ୍ରୀ ଆଫଗାନ ୟୁନିଭର୍ସିଟି ଫାଟକ ଆଗରେ ଛିଡ଼ା ହୋଇଥିବା ଦେଖିବାକୁ ମିଳିଥିଲା। ସେମାନଙ୍କୁ ସୁରକ୍ଷା ଗାର୍ଡ ପରିସର ଭିତରକୁ ଛାଡ଼ି ନ ଥିଲେ। ମଙ୍ଗଳବାର ତାଲିବାନୀ ସରକାର ଝିଅମାନଙ୍କ ଉଚ୍ଚଶିକ୍ଷାକୁ ନିଷିଦ୍ଧ ଘୋଷଣା କରିବା ପରେ ୟୁନିଭର୍ସିଟି କର୍ତ୍ତୃପକ୍ଷ ଏହାକୁ କଡ଼ାକଡ଼ି ଭାବେ ପାଳନ କରିଥିବା ଦେଖିବାକୁ ମିଳିଛି। ହିଜାବ ପରିଧାନ କରିଥିବା ଛାତ୍ରୀ ୟୁନିଭର୍ସିଟି ଗେଟ୍ ସମ୍ମୁଖରେ ବହୁ ଘଣ୍ଟା ଧରି ଛିଡ଼ା ହୋଇଥିବାବେଳେ ତାଙ୍କୁ ନିରାଶ ହୋଇ ଫେରିବାକୁ ପଡ଼ିଥିଲା। ତେବେ କଠୋରପନ୍ଥୀ ତାଲିବାନୀ ଶାସକଙ୍କ ଏହି ନିଷ୍ପତ୍ତି ଝିଅମାନଙ୍କ ଜୀବନ ବରବାଦ କରିଦେବ ବୋଲି ଛାତ୍ରୀମାନେ କହିଛନ୍ତି।

## ରେକ୍ଟମରୁ ବାହାରିଲା ପ୍ରଥମ ବିଶ୍ୱଯୁଦ୍ଧ ବେଳର ବୋମା



### ଅସ୍ତ୍ରୋପଚାର ଲାଗି ହସ୍ପିଟାଲ କରାଗଲା ଖାଲି

ପ୍ୟାରିସ୍ ୨୧।୧୨

ଫ୍ରାନ୍ସର ଟୋଉଲନରେ ଥିବା ସେଣ୍ଟେ ମୁସେ ହସ୍ପିଟାଲରେ ଜଣେ ୮୮ବର୍ଷୀୟ ବୃଦ୍ଧଙ୍କ ରେକ୍ଟମ (ମଳଦ୍ୱାର)ରୁ ପ୍ରଥମ ବିଶ୍ୱଯୁଦ୍ଧ ବେଳର ବୋମା ସଫଳତାର ସହ ବାହାର କରାଯାଇଛି। ତେବେ ଏହି ଅସ୍ତ୍ରୋପଚାର ଲାଗି ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ହସ୍ପିଟାଲର କିଛି ଭାଗକୁ ଖାଲି କରିବାକୁ ପଡ଼ିଥିଲା। ମୋବା ଡିସ୍‌ପୋଜାଲ୍ ଟିମ୍ ଉପସ୍ଥିତିରେ ଗତ ଶନିବାର ରାତି ପ୍ରାୟ ସାଢ଼େ ୧୧ଟାବେଳେ ଏହି ଅସ୍ତ୍ରୋପଚାର କରାଯାଇଥିଲା। ଡାକ୍ତରୀ ଦଳର ସହଯୋଗ ଓ ବହୁ ସତର୍କତା ଅବଲମ୍ବନ ପରେ ବୃଦ୍ଧାଙ୍କ ମଳଦ୍ୱାରରୁ ବୋମାଟିକୁ ବାହାର କରାଯାଇଥିଲା, ଯାହାର ଲମ୍ବ ୨୦ ସେଣ୍ଟିମିଟର ହୋଇଥିବାବେଳେ ଚଉଡ଼ା ୫ ସେଣ୍ଟିମିଟର । ବୃଦ୍ଧାଙ୍କ ସ୍ୱାସ୍ଥ୍ୟାବସ୍ଥା ଏବେ ଠିକ୍ ଥିବା ଡାକ୍ତର କହିଛନ୍ତି।

## ଗର୍ଲଫ୍ରେଣ୍ଡଙ୍କୁ ସରପ୍ରାଇଜ୍ ପାର୍ଟି ଦେଲେ ବେଜୋସ୍



ୱାଶିଂଟନ୍, ୨୧।୧୨

ଇ-କମର୍ସ କମ୍ପାନୀ ଆମାଜନ ମାଲିକ ଜେଫ୍ ବେଜୋସ୍ ଗର୍ଲଫ୍ରେଣ୍ଡ୍ ଲଉରେନ୍ ସାନ୍‌ଚେଜ୍‌ଙ୍କ ଜନ୍ମଦିନରେ ସରପ୍ରାଇଜ୍ ପାର୍ଟି ଦେଇଛନ୍ତି। ଏହାର ଫଟୋ ଲଉରେନ୍ ନିଜ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି। ପାର୍ଟିରେ ଆମେରିକୀୟ ବ୍ୟବସାୟୀ କିମ୍ କାରଡାଶିଆନ୍‌ଙ୍କ ସମେତ ୫୩ ବର୍ଷୀୟା ଲଉରେନ୍‌ଙ୍କ ବହୁ ଘନିଷ୍ଠ ବନ୍ଧୁ ସାମିଲ ହୋଇଥିଲେ।

## ସରପଞ୍ଚ ହେବା ପାଇଁ ଡାକ୍ତରୀ ପାଠ ଛାଡ଼ିଲେ

ପୁଣେ, ୨୧।୧୨

ଜର୍ଜିଆରେ ଡାକ୍ତରୀ ପାଠ ପଢୁଥିବା ଯଶୋଧରା ଶିନ୍ଦେ (୨୧) ଗାଁରେ ସରପଞ୍ଚ ନିର୍ବାଚନ ଲଢ଼ିବା ପାଇଁ ଅଧାରୁ ପାଠପଢ଼ା ଛାଡ଼ି ଚାଲିଆସିଛନ୍ତି। ମହାରାଷ୍ଟ୍ର ସାଙ୍ଗଲି ଜିଲା ମିରାଜ ତହସିଲ ଅନ୍ତର୍ଗତ ଭାଡ୍ଡି ଗ୍ରାମରେ ଯଶୋଧରାଙ୍କ ଘର। ଚଳିତ ମାସ ୧୮ ତାରିଖରେ ଏଠାରେ ସରପଞ୍ଚ ନିର୍ବାଚନ ହୋଇଥିଲା। ଗ୍ରାମବାସୀ ଜଣେ ଏମିତି ପ୍ରାର୍ଥୀଙ୍କୁ ଇଲେକ୍ସନରେ ଛିଡ଼ା କରିବାକୁ ଚାହୁଁଥିଲେଯେ, ଏହି ଦାୟିତ୍ୱକୁ ଭଲଭାବେ ତୁଲାଇ ପାରୁଥିବ। ଗାଁ ଲୋକେ ଏହି ଗୁରୁତ୍ୱପୂର୍ଣ୍ଣ ପଦ ଲାଗି ଯଶୋଧରାଙ୍କୁ ବାଛିଲେ। ନିଷ୍ପତ୍ତି ପରେ ତାଙ୍କ ଘରଲୋକ ଯଶୋଧରାଙ୍କୁ ସବୁକଥା ଜଣାଇଥିଲେ। ସରପଞ୍ଚ ନିର୍ବାଚନ ଲଢ଼ିବା ଲାଗି ରାଜି ହୋଇ ସେ ଅଧାରୁ ପଢ଼ା ଛାଡ଼ି ଜର୍ଜିଆରୁ ମହାରାଷ୍ଟ୍ର ଚାଲିଆସିଥିଲେ।

ଫଳାଫଳ ଯଶୋଧରାଙ୍କ ସପକ୍ଷରେ ଯିବାପରେ ଭିଲ୍ଲାର ବିକାଶ ଦିଗରେ ସେ କାମ କରିବେ ବୋଲି କହିଛନ୍ତି। ମହିଳା ସଶକ୍ତୀକରଣ, ଶିଶୁ ବିକାଶ ଓ ପିଲାମାନଙ୍କୁ ମଡର୍ନ ଶିକ୍ଷା ପଦ୍ଧତି ଯୋଗାଇ ଦେବା ଦିଗରେ ସେ କାର୍ଯ୍ୟ କରିବେ ବୋଲ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ଗାଁର ୭୦ରୁ ୮୦% ଲୋକ କୃଷି ଉପରେ ନିର୍ଭର କରୁଥିବାବେଳେ ଏହାର ବିକାଶ ଦିଗରେ କାର୍ଯ୍ୟ କରିବେ। ମେଡିକାଲ ପାଠ୍ୟକ୍ରମ ଅଧାରୁ ଛାଡ଼ି ଆସିଥିବା ଯଶୋଧରା ଅନ୍‌ଲାଇନ୍‌ରେ କ୍ଲାସ କରୁଛନ୍ତି। ପଢ଼ା ଶେଷ ହେବା ଲାଗି ଆଉ ଦେଢ଼ବର୍ଷ ବାକି ରହିଛି। ଏ ନେଇ ତାଙ୍କ ବନ୍ଧୁମାନେ ସହଯୋଗ କରୁଛନ୍ତି।



ଯଶୋଧରା ଶିନ୍ଦେ

## 'ଜଣେ ବୋକା ମିଳିଗଲେ ଇସ୍ତଫା ଦେବି'

ୱାଶିଂଟନ୍, ୨୧।୧୨

ଜଣେ ବୋକା ମିଳିଲା ପରେ ସିଇଓ ପଦରୁ ଇସ୍ତଫା ଦେବେ ବୋଲି ମାଇକ୍ରୋବ୍ଲଗିଂ ଆପ୍ ଟୁଇଟର ମାଲିକ ଏଲନ ମସ୍କ କହିଛନ୍ତି। ମସ୍କଙ୍କ ଏପରି ପ୍ରତିକ୍ରିୟା ଆସିବାର କାରଣ ହେଉଛି, ଗତ ରବିବାର ସେ ଟୁଇଟରର ସିଇଓ ପଦରୁ ଓହରିଯିବା ଉଚିତ୍ ବୋଲି କି? ପ୍ରଶ୍ନ କରି ଏକ ଅନ୍‌ଲାଇନ୍ ପୋଲ୍ ଭୋଟିଂ କରିଥିଲେ। ପୋଲ୍‌ର ରେଜଲ୍ଟ ଅନୁସାରେ ମସ୍କ ନିଜ ଆଗାମୀ ନିଷ୍ପତ୍ତି ନେବେ ବୋଲି ଏକ ପୋଷ୍ଟ ଜରିଆରେ କହିଥିଲେ। ଏହାର ଗୋଟିଏ ଦିନ ପରେ ପୋଲ୍ ରେଜଲ୍ଟ ପ୍ରକାଶ ପାଇଥିଲା, ଯେଉଁଥିରେ ମସ୍କ ସିଇଓ ପଦରୁ ଓହରିଯିବା ଦରକାର ବୋଲି ୫୭.୫% ୟୁଜର୍ସ ମତ ଦେଇଥିବାବେଳେ ମାତ୍ର ୪୨% ଟୁଇଟର ୟୁଜର୍ସ ଏହାକୁ ବିରୋଧ କରିଥିଲେ। ୟୁଜର୍ସଙ୍କ ବହୁମତ ଅନୁସାରେ ମସ୍କ ସିଇଓ ପଦରୁ ଓହରିଯିବା କଥା। କିନ୍ତୁ ପୋଲ ରେଜଲ୍ଟ ପ୍ରକାଶ ପାଇବାପରେ ସେ ତୁରନ୍ତ କୌଣସି ପ୍ରତିକ୍ରିୟା ଦେଇ ନ ଥିବାବେଳେ ଏହାର ଦୁଇଦିନ ପରେ ସେ ଏ କଥା କହିଛନ୍ତି। ପାଖାପାଖି ୧୭ ନିୟୁତ ୟୁଜର୍ସ ଏହି ପୋଲ୍‌ରେ ଅଂଶଗ୍ରହଣ କରିଥିଲେ।

ଏହାପୂର୍ବରୁ ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟୁଇଟର ଆକାଉଣ୍ଟରୁ ବ୍ୟାନ୍ ହଟାଇବା ଲାଗି ମସ୍କ ୟୁଜର୍ସଙ୍କ ମତ ଲୋଡ଼ିଥିଲେ, ଯାହାପାଇଁ ସେ ଏହି ପ୍ରକାରେ ଏକ ପୋଲ ବ୍ୟବସ୍ଥା କରିଥିଲେ। ଏବେ ନିଜ କ୍ଷେତ୍ରରେ ଉକ୍ତ ପନ୍ଥା ଆପଣାଇଛନ୍ତି। ଟୁଇଟରର ମାଲିକାନା ଏଲନ ମସ୍କଙ୍କ ହାତକୁ ଯିବାପରେ ରୀତିମତ ସେ ଚର୍ଚ୍ଚାରେ ରହିଆସୁଛନ୍ତି। ପ୍ରଥମେ କାର୍ଯ୍ୟାଳୟରୁ ଶତାଧିକ କର୍ମଚାରୀଙ୍କୁ ଛଟେଇ କରି ସେ ବିବାଦ ଭିତରକୁ ଠେଲି ହୋଇଯାଇଥିଲେ। ଆଉ ଏବେ କମ୍ପାନୀ ନିୟମରେ ଗୋଟିଏ ପରେ ଗୋଟିଏ ପରିବର୍ତ୍ତନ କରି ଚର୍ଚ୍ଚା



### ପୋଲ୍ ରେଜଲ୍ଟର ୨ ଦିନ ପରେ ପ୍ରତିକ୍ରିୟା ରଖିଲେ ମସ୍କ

ପରିସରରେ ରହିଛନ୍ତି। ୟୁଜର୍ସଙ୍କ ଉପରେ ଟୁଇଟର ପକ୍ଷରୁ କଟକଣା ଲଗାଯିବା ଯୋଗୁ ବହୁ ଲୋକ ଏବେ ମାଷ୍ଟୋଡୋମ୍ ଭଳି ଅନ୍ୟ ନେଟ୍‌ୱର୍କ ସାଇଟ୍ ଆଡକୁ ମୁହାଁଇଛନ୍ତି। ନିକଟରେ ୟୁରୋପର କେତେଜଣ ପ୍ରତିଷ୍ଠିତ ଖବରଦାତା ମସ୍କଙ୍କ ବିରୋଧରେ ମିଥ୍ୟା ଖବର ପ୍ରସାର କରୁଥିବା ଅଭିଯୋଗ ଆଣି ସେମାନଙ୍କ ଆକାଉଣ୍ଟକୁ ଟୁଇଟରରୁ ହଟାଇ ଦିଆଯାଇଥିଲା। ଟେସ୍‌ଲା ବୈଦ୍ୟୁତିକ କାର୍ ମାଲିକଙ୍କ ଏହି ନିଷ୍ପତ୍ତିକୁ ୟୁରୋପୀୟ ସଂଘ (ଇୟୁ) ନିନ୍ଦା କରିବା ସହ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ଲାଗି ଚେତାବନୀ ଦେଇଥିଲେ। ଏହାପରେ ମସ୍କ ପୁଣିଥରେ ସମ୍ପୃକ୍ତ ଖବରଦାତାଙ୍କ ଆକାଉଣ୍ଟଗୁଡ଼ିକୁ ଆକ୍ଟିଭ୍ କରିଥିଲେ।

**ସ୍ୱାସ୍ଥ୍ୟ ବୀମା କ୍ରୟରେ ବ୍ୟାପକ ବୃଦ୍ଧି**

ନୂଆଦିଲ୍ଲୀ: କୋଭିଡ୍ ମହାମାରୀ ପରେ ସ୍ୱାସ୍ଥ୍ୟ ବୀମା ସମ୍ପର୍କିତ ସଚେତନତା ଏବଂ ଏହାର କ୍ରୟ ବ୍ୟାପକ ଭାବେ ବୃଦ୍ଧି ପାଇଛି। ଏପରିକି ଚିକିତ୍ସା ଖର୍ଚ୍ଚ ବଢୁଥିବାରୁ ବ୍ୟକ୍ତି ଏବଂ ସେମାନଙ୍କ ପରିବାରଙ୍କ ପାଇଁ ବ୍ୟାପକ ଏବଂ ପର୍ଯ୍ୟାପ୍ତ ସ୍ୱାସ୍ଥ୍ୟବୀମା ଆବଶ୍ୟକ କରୁଛନ୍ତି। ଯଦି ବୀମାଧାରୀଙ୍କର ଏକ ବିଦ୍ୟମାନ ପଲିସି ଅଛି ଏବଂ ସେ ତା'ର କ୍ୟାପ୍ ବିସ୍ତାର କରିବାକୁ ଚାହୁଁଛନ୍ତି। ତେବେ ଏକ ଟପ୍-ଅପ୍ ସ୍ୱାସ୍ଥ୍ୟ ବୀମା ଯୋଜନା ଚୟନକରି ଏଭଳି ସ୍ଥିତିକୁ ଏଡାଇ ଦିଆଯାଇପାରେ ବୋଲି ଏସ୍‌ବିଆଇ ଜେନେରାଲ ଇନ୍ସ୍ୟୁରାନ୍ସର ହେଲ୍‌ଥ ବିଜ୍‌ନେସ୍‌ର ମୁଖ୍ୟ ଶ୍ରୀରାଜ ଦେଶପାଣ୍ଡେ କହିଛନ୍ତି।

# କ୍ରିପ୍ଟୋରୁ ଆସିବ ପରବର୍ତ୍ତୀ ଆର୍ଥିକ ସଙ୍କଟ

**ନୂଆଦିଲ୍ଲୀ,୨୧।୧୨**


ଶକ୍ତିକାନ୍ତ ଦାସ

ଜାତୀୟ ଓ ଅନ୍ତର୍ଜାତୀୟ ବଜାରରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିବା ଅଣସାମ୍ବାଧାନିକ ଡିଜିଟାଲ ମୁଦ୍ରା 'କ୍ରିପ୍ଟୋକରେନ୍ସି'ର ଅବସ୍ଥା ଓ ବ୍ୟବସ୍ଥା ଆଗାମୀ ଦିନରେ ବଡ଼ ବିପଦ ଆଣିପାରେ ବୋଲି ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ)ର ଗଭର୍ନର ଶକ୍ତିକାନ୍ତ ଦାସ ମତପ୍ରକାଶ କରିଛନ୍ତି। ଏପରିକି ବୁଧବାର ଏକ ଜାତୀୟ ଗଣମାଧ୍ୟମର ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ସେ କହିଛନ୍ତି, ପରବର୍ତ୍ତୀ ଆର୍ଥିକ ସଙ୍କଟ ଘରୋଇ କ୍ରିପ୍ଟୋକରେନ୍ସିରୁ ଆସିବ। ବିଶେଷକରି ଚାଇନାରେ ବର୍ତ୍ତମାନ କୋଭିଡ୍ ସଂକ୍ରମଣ ବ୍ୟାପକ ଭାବେ ବୃଦ୍ଧି ପାଉଥିବା ବେଳେ ଅନ୍ତଃରାଷ୍ଟ୍ରୀୟ ସମସ୍ୟା ସାଙ୍ଗକୁ ବିଭିନ୍ନ ଜାତୀୟ ସମସ୍ୟାର ଦେଶ ସମ୍ମୁଖୀନ ହେଉଛି। ଏଭଳି ପରିସ୍ଥିତିରେ ଯଦି ଦେଶର ଆର୍ଥିକ ସଙ୍କଟ ସୃଷ୍ଟି ହୁଏ ତେବେ ଉଭୟ ସରକାର ଓ ସାଧାରଣ ଜନତାଙ୍କ ପାଇଁ ଏକ ବଡ଼ ସଙ୍କଟମୟ ପରିସ୍ଥିତ ସୃଷ୍ଟି କରିବ ବୋଲି ଚର୍ଚ୍ଚା ଲାଗିରହିଛି। ହେଲେ ଏହାରି ମଧ୍ୟରେ ଦାସ ସମଗ୍ର ବିଶ୍ୱକୁ ଚେତାବନୀ ଦେଇ କହିଛନ୍ତି, ଆଗାମୀ ଆର୍ଥିକ ସଙ୍କଟ ଘରୋଇ କ୍ରିପ୍ଟୋକରେନ୍ସି କାରଣରୁ ହେବ ବୋଲି ଯଥେଷ୍ଟ ସମ୍ଭାବନା ରହିଛି। ସେହିଭଳି ଶକ୍ତିକାନ୍ତ ଦାସ ଦାବି କରିଛନ୍ତି , ଏଭଳି ଏକ ଘରୋଇ କ୍ରିପ୍ଟୋକରେନ୍ସିର କୌଣସି ମୂଲ୍ୟ ନାହିଁ, ଏହା ସୂକ୍ଷ୍ମ ଅର୍ଥନୀତି ଏବଂ ଆର୍ଥିକ ସ୍ଥିରତା ପାଇଁ ଘୋର ବିପଦ ସୃଷ୍ଟି କରିବ। ଏପରିକି କୌଣସି ଅନ୍ୟ ସମ୍ପତ୍ତି କିମ୍ବା ଅନ୍ୟ ଉତ୍ପାଦ ଅପେକ୍ଷା କ୍ରିପ୍ଟୋକରେନ୍ସି ଆମ ପାଇଁ ବଡ଼ ଚିନ୍ତାର କାରଣ ବୋଲି ସେ ମତବ୍ୟକ୍ତ କରିଛନ୍ତି। ସେହିପରି କ୍ରିପ୍ଟୋକରେନ୍ସି ଉପରେ କୌଣସି ପ୍ରକାର ନିୟନ୍ତ୍ରଣ ନାହିଁ। ଫଳରେ ଏହାକୁ ନିଷିଦ୍ଧ କରିବା ଜରୁରୀ ହୋଇପଡ଼ିଛି। କାରଣ ଯଦି ଏହାକୁ ଆଗାମୀ ଦିନରେ ଆଗକୁ ବଢ଼ିବାକୁ ଦିଆଯିବ ତେବେ ଆସନ୍ତା ଦିନରେ ଆର୍ଥିକ ସଙ୍କଟ ସୃଷ୍ଟି ସହ ଅନେକ ପ୍ରକାର ସମସ୍ୟା ସୃଷ୍ଟି କରାଇବ। ଅପରପକ୍ଷରେ ଆର୍‌ବିଆଇ ଗଭର୍ନର ୟୁପିଆଇ ଏବଂ ସେଣ୍ଟ୍ରାଲ ବ୍ୟାଙ୍କ ଡିଜିଟାଲ ମୁଦ୍ରା (ସିବିଡିସି)ର ପାର୍ଥକ୍ୟ ବିଷୟରେ ବିସ୍ତୃତ ଆଲୋକପାତ କରିଥିଲେ। ଏପରିକି ୟୁପିଆଇ ହେଉଛି ଏକ ପେମେଣ୍ଟ ସିଷ୍ଟମ ଏବଂ ସିବିଡିସି ହେଉଛି ମୁଦ୍ରା ବିନିୟମ, ୟୁପିଆଇରେ ବ୍ୟାଙ୍କର ମଧ୍ୟସ୍ଥତା ରହିଛି କିନ୍ତୁ ସିବିଡିସି କରେନ୍ସି ନୋଟ୍ ଭଳି କାର୍ଯ୍ୟ କରିଥାଏ। ସିବିଡିସି ଅନେକ ଗୁଣରେ ଶସ୍ତା ଏବଂ ଯେତେବେଳେ କି ନୋଟ୍ ପାଇଁ ଅଧିକ ଖର୍ଚ୍ଚ କରିବାକୁ ପଡ଼ିଥାଏ। ଏହା ବ୍ୟତୀତ ସିବିଡିସି ୨ ଦେଶ ମଧ୍ୟରେ ଇନ୍‌ଷ୍ଟାଣ୍ଟ ଫଣ୍ଡ୍ ଟ୍ରାନ୍ସଫରକୁ ଅନୁମତି ଦେଇଥାଏ ବୋଲି ଦାସ ମତପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଆର୍‌ବିଆଇ ଦ୍ୱାରା ମୁଦ୍ରାନୀତି ନିଷ୍ପତ୍ତି କେବଳ ଆମେରିକା ଫେଡର ନିଷ୍ପତ୍ତି ଉପରେ ନିର୍ଭର କରେ ନାହିଁ। ଏପରିକି ଘରୋଇ ଅଭିବୃଦ୍ଧି-ମୁଦ୍ରାସ୍ଫୀତି ଗତିଶୀଳତା ଦ୍ୱାରା ପରିଚାଳିତ ହୋଇଥାଏ।

# ଖସିଲା ଶେୟାର ବଜାର କାରବାର

**ନୂଆଦିଲ୍ଲୀ,୨୧।୧୨**

କ୍ରମାଗତ ୨ଦିନ ଲାଗି ଷ୍ଟକ୍ ବଜାର କାରବାରରେ ପ୍ରାୟ ୧% ହ୍ରାସ ଘଟିଛି। ଏପରିକି ଚଳିତ ସପ୍ତାହର ୩ୟ କାର୍ଯ୍ୟଦିବସ (ଷ୍ଟକ୍ ବଜାର)ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ବୁଧବାର ଶେୟାର ବଜାର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୬୩୫(୬୩୫.୦୫) ପଏଣ୍ଟ ଖସି ୬୧,୦୬୭ (୬୧,୦୬୭.୨୪) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୧୮୬ (୧୮୬.୨୦) ପଏଣ୍ଟ ହ୍ରାସ ଘଟି ୧୮,୧୯୯ (୧୮,୧୯୯.୧୦) ଅଙ୍କରେ ବଜାର ବନ୍ଦ ହୋଇଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ ସମସ୍ୟା ଓ ନିଷ୍ପତ୍ତି କାରଣରୁ ଭାରତୀୟ ଶେୟାର ବଜାରର କାରବାର ପ୍ରଭାବିତ ହେଉଥିବା ବଜାର ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି।

# ପିଜିଆଇ ଇଣ୍ଡିଆ ପକ୍ଷରୁ ନୂତନ ଉତ୍ପାଦ ଉନ୍ମୋଚିତ

**ନୂଆଦିଲ୍ଲୀ,୨୧।୧୨**



ଅନ୍ତଃରାଷ୍ଟ୍ରୀୟ ଅଳଙ୍କାର ବ୍ରାଣ୍ଡ ପ୍ଲାଟିନମ ଗୁଲଇଡି ଇଣ୍ଟରନ୍ୟାଶନାଲ ବା ପିଜିଆଇ ଇଣ୍ଡିଆ ପକ୍ଷରୁ ନୂତନ ଉତ୍ପାଦ ଉନ୍ମୋଚନ କରାଯାଇଛି। ବିଶେଷକରି ପ୍ଲାଟିନମ୍ ଡେଜ୍ ଅଫ୍ ଲଭ୍ ଭାବେ ସୂକ୍ଷ୍ମ ରୂପେ ନିର୍ମିତ ପ୍ଲାଟିନମ୍ ଲଭ୍ ବ୍ୟାଣ୍ଡଗୁଡିକର ଏକ କ୍ୟୁରେଟେଡ୍ ସିଲେକ୍ସନ ପ୍ରଦାନ କରାଯାଉଛି। ଏପରିକି ପ୍ଲାଟିନମ୍ ଲଭ୍ ବ୍ୟାଣ୍ଡଗୁଡିକର କିଛି ଆକର୍ଷଣୀୟ ଡିଜାଇନ୍ ଯଥା ହେକ୍ସାଗନ-ସେପ୍‌ର ମୋଟିଫ୍ ସହ ନିର୍ମିତ ଲଭ୍ ବ୍ୟାଣ୍ଡ, ସୁନ୍ଦର ଇଣ୍ଟେଣ୍ଟ୍ ସହ ଡିଜାଇନ୍ ହୋଇଥିବା ଲଭ୍ ବ୍ୟାଣ୍ଡ ଏବଂ ରିପିଟିଂ ଗୁଭ୍ ଲଭ୍ ବ୍ୟାଣ୍ଡ ଆଦି ସାମିଲ ରହିଛି। ସେହିଭଳି ପ୍ଲାଟିନମ୍ ଲଭ୍ ବ୍ୟାଣ୍ଡଗୁଡିକର ଉପରୋକ୍ତ କ୍ୟୁରେଟେଡ୍ କଲେକ୍ସନ ଭାରତରେ ଅଗ୍ରଣୀ ଜୁଏଲେରି ରିଟେଲ୍ ଷ୍ଟୋରଗୁଡିକରେ ଉପଲବ୍ଧ ରହିଛି। ସେହିପରି ୯୫% ଶୁଦ୍ଧ ପ୍ଲାଟିନମ୍‌ରେ ନିର୍ମିତ ପ୍ଲାଟିନମ୍ ଲଭ୍ ବ୍ୟାଣ୍ଡଗୁଡିକ ବିରଳ ପ୍ରେମ ପାଇଁ ଆଦର୍ଶ ପ୍ରତୀକ । ପ୍ଲାଟିନମ୍ ସମୟର ପରୀକ୍ଷାରେ ନିଜର ଆକାର ଓ ଚମକକୁ ହରାଇ ନ ଥାଏ। ଅପରପକ୍ଷରେ ସୁନା ତୁଳନାରେ ୩୦ ଗୁଣ ବିରଳ ଏବଂ ପ୍ରକୃତିରେ ଅତ୍ୟଧିକ ମଜଭୁତ ପ୍ଲାଟିନମ୍ ଏହାର ଅନ୍ତର୍ନିହିତ ସାନ୍ଦ୍ରତା ଓ ଶକ୍ତି ସହିତ ଜେମ୍‌ଷ୍ଟୋନ୍ ଉପରେ ଏକ ଅତ୍ୟଧିକ ସୁରକ୍ଷିତ ହୋଲ୍ଡ ପ୍ରଦାନ କରିଥାଏ, ଯାହା ଦମ୍ପତିଙ୍କ ମଧ୍ୟରେ ଥିବା ସୁରକ୍ଷିତ ସହଭାଗିତା ପରି ହୋଇଥାଏ।

# ଆକ୍ସିସ୍ ଗ୍ରୁପ୍‌ର 'ଅବସରକାଳୀନ ବ୍ୟବସାୟ'

**ନୂଆଦିଲ୍ଲୀ,୨୧।୧୨**

ଜାତୀୟ ପେନ୍‌ସନ ସ୍କିମ୍ (ଏନ୍‌ପିଏସ୍) ଅଧୀନରେ ପାଣ୍ଠି ପରିଚାଳନା କରିବା ଲାଗି ପେନ୍‌ସନ ପାଣ୍ଠି ନିୟାମକ ଓ ବିକାଶ କର୍ତ୍ତୃପକ୍ଷ (ପିଏଫ୍‌ଆର୍‌ଡିଏ)ଙ୍କ ପକ୍ଷରୁ ପେନ୍‌ସନ ଫଣ୍ଡ୍ ମ୍ୟାନେଜର ଭାବେ ଆକ୍ସିସ୍ ପେନ୍‌ସନ ଫଣ୍ଡ୍ ମ୍ୟାନେଜମେଣ୍ଟ ଲିମିଟେଡ୍ (ଆକ୍ସିସ୍ ପିଏଫ୍‌ଏମ୍)କୁ ନିଯୁକ୍ତ କରାଯାଇଛି। ଏହା ହେଉଛି ଆକ୍ସିସ୍ ଆସେଟ୍ ମ୍ୟାନେଜମେଣ୍ଟ କମ୍ପାନୀର ଏକ ସହାୟକ ଏବଂ ଆକ୍ସିସ୍ ବ୍ୟାଙ୍କ୍ ଲିମିଟେଡ୍‌ର ସହଯୋଗୀ ସଂସ୍ଥା। ଆକ୍ସିସ୍ ପିଏଫ୍‌ଏମ୍ ପକ୍ଷରୁ ୨୦୨୨ ସେପ୍ଟେମ୍ବର ୨୦ରେ ବ୍ୟବସାୟ ଶୁଭାରମ୍ଭ କରିବା ଲାଗି ପିଏଫ୍‌ଆର୍‌ଡିଏରୁ ସାର୍ଟିଫିକେଟ୍ ଗ୍ରହଣ କରାଯାଇଥିଲା ଏବଂ ୨୦୨୨ ଅକ୍ଟୋବର ୨୧ ପରଠାରୁ କମ୍ପାନୀ ଏହାର କାରବାର ଆରମ୍ଭ କରିଛି। ଏହାର ଶୁଭାରମ୍ଭ ସହ ଆକ୍ସିସ୍ ଗ୍ରୁପ୍ ନାଗରିକମାନଙ୍କୁ ଏକ ସମ୍ପୂର୍ଣ୍ଣ ଅବସରକାଳୀନ ସମାଧାନ ପ୍ରଦାନ କରିବ। ସମସ୍ତ ନାଗରିକ, କର୍ପୋରେଟ୍ କ୍ଷେତ୍ର ଏବଂ ସରକାରୀ କ୍ଷେତ୍ର ଲାଗି ଏହା ପେନ୍‌ସନ ପାଣ୍ଠିର ପରିଚାଳନା କରିବ। ଏନ୍‌ପିଏସ୍ ଜରିଆରେ ଅବସରକାଳୀନ ପାଣ୍ଠି ଗଠନ କରିବା ଲାଗି ପ୍ରତି ବ୍ୟକ୍ତିଙ୍କୁ ସହଯୋଗ ପ୍ରଦାନ କରିବାକୁ କମ୍ପାନୀ ଲକ୍ଷ୍ୟ ରଖିଛି। ନିବେଶକମାନଙ୍କ ଲାଗି ବିପଦ ପରିଚାଳନା ହୋଇପାରୁଥିବା ଏବଂ ଦୀର୍ଘମିଆଦୀ ଭିତ୍ତିରେ ସର୍ବାଧିକ ରିଟର୍ନ ଆଣିବା ଉପରେ କମ୍ପାନୀ ଗୁରୁତ୍ୱ ପ୍ରଦାନ କରିବ। ଏ ସମ୍ପର୍କରେ ଆକ୍ସିସ୍ ବ୍ୟାଙ୍କର ଏମ୍‌ଡି ଓ ସିଇଓ ଅମିତାଭ ଚୌଧୁରୀ କହିଛନ୍ତି, ଆକ୍ସିସ୍ ପେନ୍‌ସନ ଫଣ୍ଡ୍‌ର ଶୁଭାରମ୍ଭ ସହ ଆମେ ଅବସରକାଳୀନ ସମାଧାନ କ୍ଷେତ୍ରରେ ଆମ ଉପସ୍ଥିତିକୁ ଆହୁରି ସୁଦୃଢ଼ କରିପାରିଛୁ। ସେହିଭଳି ଆକ୍ସିସ୍ ପେନ୍‌ସନ ଫଣ୍ଡ୍‌ର ଏମ୍‌ଡି ଓ ସିଇଓ ସୁମିତ ଶୁକ୍ଳା କହିଛନ୍ତି, ଆମ ଲକ୍ଷ୍ୟ ଅନ୍ତର୍ଦୃଷ୍ଟି,ସଶକ୍ତ କର୍ମଚାରୀ ଏବଂ ପ୍ରଯୁକ୍ତିର ବ୍ୟବହାର ଜରିଆରେ ଗ୍ରାହକଙ୍କୁ ସେବା ପ୍ରଦାନ କରିବା ଏବଂ ସବୁଠୁ ପସନ୍ଦର ଅବସରକାଳୀନ ସମାଧାନ ପ୍ରଦାନକାରୀ ହେବା।

# ଉତ୍କଳ କନିକା ଗ୍ୟାଲେରିଆ ମଲ୍‌ର ବାର୍ଷିକ ଉତ୍ସବ



**ନୂଆଦିଲ୍ଲୀ,୨୧।୧୨**

ଉତ୍କଳ କନିକା ଗ୍ୟାଲେରିଆ ମଲ୍‌ର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏପରିକି ବୁଧବାର ମଲର ୩ୟ ବାର୍ଷିକ ଆଡମ୍ବର ସହକାରେ ପାଳନ କରାଯାଇଥିଲା। ଏହି ଅବସରରେ ଭୁବନେଶ୍ୱର ମେୟର୍ ସୁଲୋଚନା ଦାସ, ଓଡ଼ିଶୀ ନୃତ୍ୟଗୁରୁ ଶାଶ୍ୱତ ଯୋଶୀ, ଟ୍ରାଫିକ୍ ଡ଼ିସିପି ଠାକୁର ପ୍ରସାଦ ପାତ୍ର, ସମାଜସେବୀ ଲିଙ୍କନ ସୁବୁଦ୍ଧି, ସୋ ଆଇ ଏମର ପ୍ରତିଷ୍ଠାତା ପିନାକୀ ମହାନ୍ତି ଓ ଚିଦାତ୍ମିକା ଖଟୁଆ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଗତ ୩ ବର୍ଷ ମଧ୍ୟରେ ଭୁବନେଶ୍ୱରର ଏହି ମଲ୍ ଏକ ଅଗ୍ରଣୀ ମଲ ଭାବେ ପରିଚିତ ହୋଇପାରିଛି। ମଲ୍ ପକ୍ଷରୁ ବିଭିନ୍ନ ପ୍ରକାର ସିଏସ୍‌ଆର୍ ଆକ୍ଟିଭିଟି କାର୍ଯ୍ୟକ୍ରମ କରାଯାଇଛି। ସାଇକ୍ଲୋଥନ, ମିନି ମାରାଥନ୍, ବାଇକ୍ ରାଇଡ଼ିଂ, ମିଷ୍ଟର ଆଣ୍ଡ ମିସ ଉତ୍କଳ, ରଜ ଉତ୍ସବ, ଦଶହରା ଏବଂ ଖ୍ରୀଷ୍ଟମାସ କାର୍ଯ୍ୟକ୍ରମ ମାଧ୍ୟମରେ ହଜାର ହଜାର ଲୋକ ଯୋଡ଼ି ହୋଇଛନ୍ତି। ମଲ୍‌ର ବାର୍ଷିକ ଉତ୍ସବ ଉପଲକ୍ଷେ ଗରିବ ଲୋକଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଥିଲା। ସବୁଠୁ ବଡ଼ କଥା ହେଲା ଏଠାରେ ୭୦ରୁ ଅଧିକ ଜାତୀୟ ଏବଂ ଆର୍ନ୍ତଜାତୀୟ ବ୍ରାଣ୍ଡ୍‌ର ଷ୍ଟୋର ସହ ଭଳିକି ଭଳି ଖାଦ୍ୟର ଆଉଟ୍‌ଲେଟ୍ ଉପଲବ୍ଧ। ଏପରିକି ପ୍ରତିଦିନ ହଜାର ହଜାର ଲୋକ ଏଠାକୁ ବୁଲିବାକୁ ଆସି ନୂଆ ଅନୁଭୂତି ସାଉଁଟିଛନ୍ତି। ଆଗାମୀ ଦିନରେ ଏଠାରେ (ମଲ୍) ରେ ପିଭିଆର୍ ଖୋଲାଯିବାର ଯୋଜନା ରହିଛି। ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ଉତ୍କଳ ବିଲ୍‌ଡ଼ର୍ ପ୍ରତିଷ୍ଠାତା ସୁବାଷ ଭୁରା, ପ୍ରକାଶ ଭୁରା, ପରିଚାଳନା ନିର୍ଦ୍ଦେଶକ ଶରଦ ବୈଦ, ନିର୍ଦ୍ଦେଶକ ରାକେଶ ଭୁରା ଏବଂ ଅମିତ୍ ବୈଦ ମଲ୍‌ର ନିର୍ଦ୍ଦେଶିକା ପୂର୍ଣ୍ଣିମା ବୈଦଙ୍କ ସହ ଅନ୍ୟ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ଏଆଇପିଏନ୍‌ବିଓଏ ପକ୍ଷରୁ ମିଳିତ ତ୍ରୈବାର୍ଷିକ ସମ୍ମିଳନୀ

**ଭୁବନେଶ୍ୱର,୨୧।୧୨**

ଅଲ ଇଣ୍ଡିଆ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଅଫିସର୍ସ ଆସୋସିଏଶନ (ଏଆଇପିଏନ୍‌ବିଓଏ)ର ଓଡ଼ିଶା ଶାଖା ପକ୍ଷରୁ ଆୟୋଜିତ ତ୍ରୈବାର୍ଷିକ ସମ୍ମିଳନୀ ନିକଟରେ ଶେଷ ହୋଇଯାଇଛି। ବିଶେଷକରି ଭୁବନେଶ୍ୱର ଓ ବ୍ରହ୍ମପୁର ଶାଖାର ମିଳିତ ତ୍ରୈବାର୍ଷିକ ସମ୍ମିଳନୀ ବ୍ରହ୍ମପୁରର ସର୍କଲ ସଭାପତି ଆର୍. ପୁରୁଷୋତ୍ତମ ଏବଂ ଭୁବନେଶ୍ୱରର ସର୍କଲ ସଭାପତି ରବିନାରାୟଣ ମାହାଲିକଙ୍କ ମିଳିତ ଅଧ୍ୟକ୍ଷତାରେ ଆୟୋଜିତ ହୋଇଯାଇଛି। ଏପରିକି ସଂଘର ରିସେପ୍ସନ କମିଟିର ଅଧ୍ୟକ୍ଷ ଅରବିନ୍ଦ ଶତପଥୀ ସ୍ୱାଗତ ଅଭିଭାଷଣ ସହ ଅତିଥି ପରିଚୟ କରାଇଥିଲେ।

ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ଏ. ଉଦୟ ଭାସ୍କର ରେଡ୍ଡୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବ୍ୟାଙ୍କର ସାମଗ୍ରିକ ବିକାଶର ଏକ ଅଂଶ ହେବା ପାଇଁ ସଂଘର ସଦସ୍ୟମାନଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ଏଆଇପିଏନ୍‌ବିଓଏର ମହାପ୍ରବନ୍ଧକ ଦିଲୀପ ସାହା ବିବରଣୀ ପ୍ରଦାନ ସହ 'ବ୍ୟାଙ୍କ ବଚାଓ-ଦେଶ ବଚାଓ' ଆନ୍ଦୋଳନରେ ସାମିଲ ହେବାକୁ କହିଥିଲେ। ଅପରପକ୍ଷରେ ବ୍ରହ୍ମପୁର ସର୍କଲ ସେକ୍ରେଟାରି ପି. ସନ୍ତୋଷ ପାତ୍ର ଏବଂ ଭୁବନେଶ୍ୱର ସର୍କଲ ସେକ୍ରେଟାରି ବୈଲୋଚନ ସାହୁ ସଂଘର ବିକାଶ ଓ ସଫଳତା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ସେହିପରି ଏଆଇପିଏନ୍‌ବିଓଏର ସଭାପତି କେ. ଶ୍ରୀକୁମାର, ସଂଘର କାର୍ଯ୍ୟକାରୀ ସଭାପତି କୌଶିକ ଘୋଷ, ଭୁବନେଶ୍ୱର ସର୍କଲ ମୁଖ୍ୟ ଆଲୋକ ରଞ୍ଜନ ସେନାପତି ଉପସ୍ଥିତ ସଦସ୍ୟ ଓ ଅତିଥିଙ୍କୁ ସଂଘର କାର୍ଯ୍ୟକଳାପ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ପରିଶେଷରେ ଅବସର ଗ୍ରହଣ କରିଥିବା ସଦସ୍ୟମାନଙ୍କୁ ସଂଘ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ସର୍କଲ ୟୁନିଟ୍‌ର କାର୍ଯ୍ୟରତ ସଭାପତି ବିଶ୍ୱଭୂଷଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଡିପ୍ଲୋମା ଛାତ୍ର ଅଧ୍ୟାୟର ଉଦ୍‌ଘାଟନ

**ଭୁବନେଶ୍ୱର,୨୧।୧୨**

ଚଳିତ ଶିକ୍ଷାବର୍ଷ ପାଇଁ ସ୍ୱିଣ୍ଟୋନିକ ଟେକ୍ନୋଲୋଜି ଆଣ୍ଡ ଆଡଭାନ୍ସ ରିସର୍ଚ୍ଚ (ଡିପ୍ଲୋମା) ଛାତ୍ର ଅଧ୍ୟାୟର ଉଦ୍‌ଘାଟନ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ୬୫ଜଣ ଛାତ୍ରୀଛାତ୍ର ଭାରତୀୟ ସମାଜ ଏବଂ ବୈଷୟିକ ଶିକ୍ଷାର ସଦସ୍ୟ ଭାବେ ପଞ୍ଜିକୃତ ହୋଇଛନ୍ତି।ଅଧ୍ୟକ୍ଷ ଡ଼. ପୁରୋଜିତ ମିଶ୍ର ସଭା ପରିଚାଳନା କରିଥିଲେ। ଏହି ଅବସରରେ ଭାରତୀୟ ସମାଜ ଓ ବୈଷୟିକ ଶିକ୍ଷା ପରିଷଦ ଓଡିଶାର ଅଧ୍ୟକ୍ଷ ପ୍ରଫେସର ଡ଼. ପ୍ରଭାତ କୁମାର ପାଢୀ, ଇଂ ସଞ୍ଜୀବ କୁମାର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସେହିଭଳି ସ୍ୱିଣ୍ଟୋନିକ ଟେକ୍ନୋଲୋଜି ଏବଂ ଆଡଭାନ୍ସ ରିସର୍ଚ୍ଚର ସଚିବ ତଥା ମୁଖ୍ୟବକ୍ତା ମୃତ୍ୟୁଞ୍ଜୟ ବିଶ୍ୱାଳ, ସହକାରୀ ମହାପ୍ରବନ୍ଧକ, ଓଡ଼ିଶା ପାୱାର ଟ୍ରାନ୍ସମିଶନ୍ କର୍ପୋରେସନ୍ ଲିମିଟେଡ଼। ଉକ୍ତ କାର୍ଯ୍ୟକ୍ରମରେ ଯନ୍ତ୍ରୀ ବିକାଶ ଦାଶ, ନିର୍ଦ୍ଦେଶକ ସ୍ୱିଣ୍ଟୋନିକ ଟେକ୍ନୋଲୋଜି ଏବଂ ଆଡଭାନ୍ସ ରିସର୍ଚ୍ଚ, ଅତିଥି ଭାବେ ଯୋଗ ଦେଇଥିଲେ। ରଞ୍ଜନ କୁମାର ବେହେରା ପ୍ରଶାସନିକ ଅଧିକାରୀ ଏବଂ ସହକାରୀ ପ୍ରଫେସର ବିରଞ୍ଚିସାହୁ, ଡିନ୍‌ଅଫ୍‌ଷ୍ଟୁଡେଣ୍ଟେଡ ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଡଃ ପ୍ରଭାତ କୁମାର ପାଢୀ ଏବଂ ଅଧ୍ୟକ୍ଷ ଡଃ ପୁରୋଜିତ ମିଶ୍ର ଛାତ୍ର ଅଧ୍ୟାୟକୁ ଉଦ୍‌ଘାଟନ କରିଥିଲେ। ଭାରତୀୟ ସମାଜ ଓ ବୈଷୟିକ ଶିକ୍ଷା କର୍ମଚାରୀ ସଂଯୋଜକ ପ୍ରିୟଦର୍ଶୀ ମୃତ୍ୟୁଞ୍ଜୟ ପାଢୀ ଉକ୍ତ ଅଧ୍ୟାୟର ସଦସ୍ୟମାନଙ୍କ ନାମ ଘୋଷଣା କରିଥିଲେ। ଏହି ଅବସରରେ ଡଃ ପ୍ରଭାତ କୁମାର ପାଢୀ ଭାରତୀୟ ସମାଜ ଓ ବୈଷୟିକ ଶିକ୍ଷାନୁଷ୍ଠାନ ସହ ଯୋଡି ହେବା ଉପରେ ଗୁରୁତ୍ୱାରୋପ କରିଥିଲେ। ଇଂ ସଞ୍ଜୀବ ସାହୁ ତାଙ୍କ ଅଭିଭାଷଣରେ ଭାରତୀୟ ସମାଜ ଏବଂ ବୈଷୟିକ ଶିକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଅଧ୍ୟାପକ ପ୍ରଶାନ୍ତ କୁମାର ନାୟକ ବିଭାଗୀୟ ମୁଖ୍ୟ ଇଲେକ୍ଟ୍ରୋନିକ୍ସ ଓ ଟେଲିକମ୍ୟୁନିକେସନ୍ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଏବଂ ଛାତ୍ରୀଛାତ୍ରଙ୍କ ସହ ପ୍ରେରଣାଦାୟୀ ବାର୍ତ୍ତାଳାପ ପ୍ରଦାନ କରିଥିଲେ। ସହକାରୀ ପ୍ରଫେସର ସୀତେଶ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଯୁବବର୍ଗଙ୍କୁ ଗୁଣାତ୍ମକ ତାଲିମ



**ଭୁବନେଶ୍ୱର୨୧।୧୨**

ଡାଲମିଆ ସିମେଣ୍ଟ ଭାରତ ଲିମିଟେଡ୍ (ଡିସିବିଏଲ୍)ର ସହଯୋଗୀ ସଂସ୍ଥା ଡାଲମିଆ ଭାରତ ଫାଉଣ୍ଡେଶନ (ଡିବିଏଫ୍) ଦ୍ୱାରା ଦୀକ୍ଷା ଶିକ୍ଷାନବିସଙ୍କ ପାଇଁ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ନିକଟରେ ଅନୁଷ୍ଠିତ ହୋଇଯାଇଛି। ବିଶେଷକରି ଡିବିଏଫ୍ ଓ ନ୍ୟାଶନାଲ ବ୍ୟାଙ୍କ ଫର୍ ଏଗ୍ରିକଲଚର ଆଣ୍ଡ ରୁରାଲ ଡେଭଲପମେଣ୍ଟ (ନାବାର୍ଡ)ର ମିଳିତ ସହଯୋଗରେ ଦୀକ୍ଷା ଶିକ୍ଷାନବିସଙ୍କ ପାଇଁ ଏକ ବିଦାୟୀ ଉତ୍ସବର ଆୟୋଜନ କରାଯାଇଥିଲା। ଏପରିକି ସଫଳତାର ସହ ତାଲିମ ଶେଷ କରିଥିବା ପ୍ରାୟ ୧୯୦ ଜଣ ଶିକ୍ଷାନବିସ(ଛାତ୍ର)ଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏ ସମ୍ପର୍କରେ ଡିସିବିଏଲ୍‌ର କାର୍ଯ୍ୟନିର୍ବାହୀ ନର୍ଦ୍ଦେଶକ ତଥା ରାଜଗାଙ୍ଗପୁର ୟୁନିଟ୍ ହେଡ୍ ଚେତନ ଶ୍ରୀବାସ୍ତବ କହିଛନ୍ତି, ଯୁବବର୍ଗ ସଶକ୍ତ ହେବା ଏବଂ ଭବିଷ୍ୟତରେ ଆଗକୁ ବଢ଼ିବାକୁ ଉଦ୍ୟମ କରୁଥିବା ଦେଖି ଅତ୍ୟନ୍ତ ଆନନ୍ଦିତ ଲାଗୁଛି। ଅବହେଳିତ ଯୁବବର୍ଗଙ୍କୁ ଗୁଣାତ୍ମକ ତାଲିମ ଯୋଗାଇଦେବାର ପ୍ରତିବଦ୍ଧତା ନେଇ ଆମେ ଭାରତକୁ କୁଶଳୀ ରାଷ୍ଟ୍ରରେ ପରିଣତ କରିବା ଦିଗରେ ଅବଦାନ ରଖିବା ଏବଂ ଏକ ଆତ୍ମନିର୍ଭର ଭାରତ ଗଠନ କରିବାକୁ ଚାହୁଁଛୁ। ଆମେ ଦୃଢ଼ବିଶ୍ୱାସୀ ଯେ ଆମର ପ୍ରୟାସ ଏହି ଅଞ୍ଚଳ ଏବଂ ତାହା ସହିତ ସମଗ୍ର ଭାରତରେ ଜୀବିକା ଉପାର୍ଜନକୁ ଦୀର୍ଘସ୍ଥାୟୀ କରିବ।

# ବିଏସ୍‌ଏନ୍‌ଏଲ୍‌କୁ ଟପି ଜିଓ ୧ ନମ୍ବର

**ନୂଆଦିଲ୍ଲୀ,୨୧।୧୨**

ଦେଶର ପ୍ରମୁଖ ଟେଲିକମ୍ କମ୍ପାନୀ ରିଲାଏନ୍ସ ଜିଓ ଚଳିତ ବର୍ଷ ଅକ୍ଟୋବରରେ ବିଏସ୍‌ଏନ୍‌ଏଲ୍‌କୁ ଅତିକ୍ରମକରି ଓଡ଼ିଶାର ଓ୍ୱାରଲାଇନ୍ ସେବା କ୍ଷେତ୍ରରେ ଏକ ନମ୍ବର ହୋଇପାରିଛି। ଅପରପକ୍ଷରେ ଭାରତୀୟ ଟେଲିକମ୍ ନିୟାମକ କର୍ତ୍ତୃପକ୍ଷ (ଟ୍ରାଇ) ପକ୍ଷରୁ ନିକଟରେ ପ୍ରକାଶ ପାଇଥିବା ସଦ୍ୟତମ ଟେଲିକମ୍ ଉପଭୋକ୍ତା ତଥ୍ୟ ଅନୁଯାୟୀ ଚଳିତ ବର୍ଷ ଅକ୍ଟୋବର ୩୧ ସୁଦ୍ଧା ଓଡ଼ିଶାରେ ସର୍ବାଧିକ ୧.୭୭ ଲକ୍ଷ ଓ୍ୱାରଲାଇନ ଗ୍ରାହକ ହାସଲ ସହ ଜିଓ ୧ ନମ୍ବର ସ୍ଥାନରେ ରହିଛି। ଏପରିକି ୨୦୨୨ ଅକ୍ଟୋବର ୩୧ ସୁଦ୍ଧା ଜିଓର ଓ୍ୱାରଲାଇନ୍ସ ଗ୍ରାହକ ସଂଖ୍ୟା ସର୍ବାଧିକ ୧.୭୭ ଲକ୍ଷ ରହିଥିବା ବେଳେ ଦ୍ୱିତୀୟ ସ୍ଥାନରେ ଥିବା ବିଏସ୍‌ଏନ୍‌ଏଲ୍‌ର ଓ୍ୱାରଲାଇନ୍ ଗ୍ରାହକ ସଂଖ୍ୟା ୧.୭୨ ଲକ୍ଷ ରହିଛି। ବିଶେଷକରି ଟ୍ରାଇ ତଥ୍ୟରୁ ଜଣାପଡ଼ିଛି ଯେ ଜିଓ ଫାଇବର ଅଧୀନରେ ଓ୍ୱାରଲାଇନ୍ ସେବା ପ୍ରଦାନ କରୁଥିବା ରିଲାଏନ୍ସ ଜିଓ ଏକମାତ୍ର କମ୍ପାନୀ ଭାବେ ୨୦୨୨ ଅକ୍ଟୋବରରେ ନୂଆ ଓ୍ୱାରଲାଇନ୍ସ ଗ୍ରାହକ ଯୋଡ଼ିବାରେ ସଫଳ ହୋଇଥିବା ବେଳେ ଅନ୍ୟ ସମସ୍ତ ସେବା ପ୍ରଦାନକାରୀ ରାଜ୍ୟରେ ଓ୍ୱାରଲାଇନ୍ ଗ୍ରାହକ ହରାଇଛନ୍ତି। ସେହିଭଳି ଜାତୀୟସ୍ତରରେ ମଧ୍ୟ ୨୦୨୨ ଅକ୍ଟୋବରରେ ଉଭୟ ଓ୍ୱାରଲେସ୍ ଏବଂ ଓ୍ୱାରଲାଇନ୍ କ୍ଷେତ୍ରରେ ଜିଓ ସର୍ବାଧିକ ସଂଖ୍ୟକ ଗ୍ରାହକ ଯୋଡ଼ି ଉଭୟ କ୍ଷେତ୍ରରେ ନିଜର ୧ ନମ୍ବର ସ୍ଥିତିକୁ ଆହୁରି ସୁଦୃଢ଼ କରିଛି। ଓଡ଼ିଶାର ସବୁଠୁ ପସନ୍ଦଯୋଗ୍ୟ ମୋବାଇଲ ସେବା ପ୍ରଦାନକାରୀ ଜିଓ ପାଖରେ ଉଭୟ ଗ୍ରାହକ ଓ ରାଜସ୍ୱ କ୍ଷେତ୍ରରେ ସର୍ବାଧିକ ବଜାର ଅଂଶ ରହିଛି। ୨୦୨୨ ଅକ୍ଟୋବର ସୁଦ୍ଧା ୧.୩୮ କୋଟି ଗ୍ରାହକଙ୍କୁ ନେଇ ଜିଓ ରାଜ୍ୟର ଅଗ୍ରଣୀ ମୋବାଇଲ ସେବା ପ୍ରଦାନକାରୀ ହୋଇରହିଥିବା ବେଳେ ଏୟାରଟେଲ୍‌ର ୧.୧୩ କୋଟି ଗ୍ରାହକ, ବିଏସ୍‌ଏନ୍‌ଏଲ ୬୩.୨୦ ଲକ୍ଷ ଗ୍ରାହକ ଏବଂ ଭିଅର ୧୬.୪୫ ଲକ୍ଷ ଗ୍ରାହକ ରହିଛନ୍ତି। ଏପରିକି ଓଡ଼ିଶାରେ ୩୭ ପ୍ରମୁଖ ସହର ଓ ନଗରଠାରେ ବର୍ତ୍ତମାନ ଜିଓ ଫାଇବର ସେବା ଉପଲବ୍ଧ ହେଉଛି ଏବଂ ରାଜ୍ୟର ଅନ୍ୟ ସହରକୁ ଉକ୍ତ ସେବା ଦ୍ରୁତ ଗତିରେ ସମ୍ପ୍ରସାରଣ କରାଯାଉଛି।

# ଆଥର୍ ଏନର୍ଜିର ୨ନୂଆ ରିଟେଲ ଆଉଟ୍‌ଲେଟ୍

**ନୂଆଦିଲ୍ଲୀ,୨୧।୧୨**




ଦେଶର ପ୍ରମୁଖ ତଥା ପ୍ରଥମ ଇଣ୍ଟେଲିଜେଣ୍ଟ ଇଲେକ୍ଟ୍ରିକ୍ ସ୍କୁଟର ମାନୁଫ୍ୟାକ୍ଚରର ଆଥର୍ ଏନର୍ଜି ପକ୍ଷରୁ ୨ନୂଆ ରିଟେଲ ଆଉଟ୍‌ଲେଟ୍‌ର ଶୁଭାରମ୍ଭ କରାଯାଇଛି। ଏପରିକି ବୁଧବାର ଭୁବନେଶ୍ୱରର ପଟିଆସ୍ଥିତ ମାଗ୍ନେଟିକ୍ ସ୍କୋୟାର୍ ଏବଂ କଟକରେ ଏହାର ପ୍ରଥମ ଏକ୍ସପେରିଏନ୍ସ ସେଣ୍ଟରର ଉଦ୍‌ଘାଟନ କରାଯାଇଛି। ବିଶେଷ କରି ଉକ୍ତ ୨ ଆଉଟ୍‌ଲେଟ୍ ଜ୍ୟୋତି ମୋଟର୍ସ ଆନୁକୂଲ୍ୟରେ ଖୋଲାଯାଇଛି ,ଯାହା ନୂଆ ଓ ଉନ୍ନତ ଜେନ୍-୩ ପାଇଁ ବଢୁଥିବା ଚାହିଦାକୁ ପୂରଣ କରିବା ଓ ଇଭି ଗ୍ରହଣୀୟତାକୁ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱ ଦେବ। ନୂଆକରି ଉନ୍ମୋଚିତ ହୋଇଥିବା ଜେନ୍ ୩ର ଫ୍ଲାଗ୍‌ଶିପ୍ ଆଥର୍ ୪୫୦ଏକ୍ସ ଓ ୪୫୦ ପ୍ଲସ୍‌କୁ ଟେଷ୍ଟ ରାଇଡ୍ ଓ କ୍ରୟ ପାଇଁ ଆଥର୍ ସ୍ପେଶ୍‌ରେ ଉପଲବ୍ଧ କରାଯିବ।

ଏ ସମ୍ପର୍କରେ ସ୍କୁଟର ବିଜ୍‌ନେସ ଆଥର ଏନର୍ଜିର ଉପାଧ୍ୟକ୍ଷ ଶ୍ରୀନିଳୟ ଚନ୍ଦ୍ରା କହିଛନ୍ତି, 'ଗତ କିଛି ମାସ ହେବ ଆମେ ଦ୍ରୁତବେଗରେ ବିସ୍ତାର କରୁଛୁ। ପ୍ରାୟ ପ୍ରତି ମାସରେ ଆମେ ୮ରୁ ୧୦ଟି ନୂଆ ଏକ୍ସପେରିଏନ୍ସ ସେଣ୍ଟରର ଶୁଭାରମ୍ଭ କରୁଛି। ଆଥର୍ ପାଇଁ ଓଡ଼ିଶା ଭଳି ଏକ ରାଜ୍ୟ ଖୁବ୍ ଆଶାବାଦୀ ଦେଖାଯାଉଛି, ଯେଉଁଠାରେ ୮୦% ଯାନ ଦୁଇଚକିଆ। ଆଥର୍ ୪୫୦ଏକ୍ସ ଜେନ୍ ୩ର ଶୁଭାରମ୍ଭ ସହ ଆମେ ଏକାଧିକ ପ୍ରି-ଅର୍ଡର୍ ଓ ଟେଷ୍ଟ ରାଇଡ୍ ଅନୁରୋଧ ସହିତ ଆମର ସ୍କୁଟର ପାଇଁ ଉପଭୋକ୍ତା ଚାହିଦାରେ ଏକ ବୃଦ୍ଧି ଦେଖିବାକୁ ପାଉଛୁ। ଆମେ ଓଡ଼ିଶାରେ ନୂଆ ଏକ୍ସପେରିଏନ୍ସ ସେଣ୍ଟରଗୁଡିକ ସହିତ ଆମର ସମ୍ପ୍ରସାରଣ ଯୋଜନାକୁ ସମର୍ଥନ କରିବା ପାଇଁ ଜ୍ୟୋତି ମୋଟର୍ସ ସହ ସହଭାଗିତା କରି ଆନନ୍ଦିତ। ସେହିଭଳି ଜ୍ୟୋତି ମୋଟର୍ସ(ଏନର୍ଜି) ପ୍ରାଇଭେଟ ଲିମିଟେଡ୍‌ର ନିର୍ଦ୍ଦେଶକ ଦିବ୍ୟଜ୍ୟୋତି ପଟ୍ଟନାୟକ କହିଛନ୍ତି, ଆମେ ଓଡ଼ିଶାକୁ ହ୍ୱିଲରେ ରଖିବାକୁ ପ୍ରୟାସ କରୁଥିବାରୁ ଆମେ ଗର୍ବର ସହିତ ଆମ ଡେଣା ବିସ୍ତାର କରି ଆଥର ଏନର୍ଜି ସହିତ ଯୋଡ଼ି ହୋଇଛୁ।

# ଭାରତ ଗୌରବ ଟ୍ରେନ୍ ମାଧ୍ୟମରେ ରେଳ ଟୁର୍

**ନୂଆଦିଲ୍ଲୀ,୨୧।୧୨**

ଭାରତୀୟ ରେଳପଥ କ୍ୟାଟରିଂ ଆଣ୍ଡ ଟୁରିଜମ୍ କର୍ପୋରେଶନ (ଆଇଆର୍‌ସିଟିସି) ଲିମିଟେଡ୍ ପକ୍ଷରୁ ଏକ ୮ ଦିନିଆ ରେଳ ଟୁର୍ ଓ ଅନ୍ୟାନ୍ୟ ସେବା ଓ ସୁବିଧା ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ରେଳ ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟ କରୁଥିବା ଆଇଆର୍‌ସିଟିସି ଲିମିଟେଡ୍ ଘରୋଇ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ପାଇଁ ଭାରତ ସରକାରଙ୍କ 'ଦେଖୋ ଆପ୍‌ନା ଦେଶ' ପଦକ୍ଷେପ ଅନୁଯାୟୀ ଏକ ସ୍ୱତନ୍ତ୍ର ଟ୍ରେନ୍ ଯାତ୍ରା (ଶ୍ରୀଜଗନ୍ନାଥ ଯାତ୍ରା) ଭାରତ ଗୌରବ ପର୍ଯ୍ୟଟନ ଟ୍ରେନ୍ ଚଳାଇବାକୁ ଯାଉଛି। ଏପରିକି ଭାରତ ଗୌରବ ଟୁରିଷ୍ଟ ଟ୍ରେନ୍ ଉତ୍ତରପ୍ରଦେଶ, ବିହାର, ଝାଡ଼ଖଣ୍ଡ ଏବଂ ଓଡ଼ିଶା ଭଳି ରାଜ୍ୟର କେତେକ ପ୍ରମୁଖ ତୀର୍ଥକ୍ଷେତ୍ର ଏବଂ ଐତିହ୍ୟ ସ୍ଥଳକୁ ଅନ୍ତର୍ଭୁକ୍ତ କରିବ ବୋଲି ଜଣାପଡ଼ିଛି। ସେହିଭଳି ଅତ୍ୟାଧୁନିକ ଏସି ରେକ୍ ସହ ଉକ୍ତ ଟୁରିଷ୍ଟ ଟ୍ରେନ୍ ୨୦୨୩ ଜାନୁୟାରୀ ୨୫ରେ ଦିଲ୍ଲୀ ସଫଦରଜଙ୍ଗ ରେଳ ଷ୍ଟେଶନରୁ ଯାତ୍ରା ଆରମ୍ଭକରି ୨୦୨୩ ଫେବୃୟାରୀ ୧ରେ ଉକ୍ତ ଯାତ୍ରା ଶେଷ କରିବ। ଏହି ସମୟ ମଧ୍ୟରେ ତୀର୍ଥଯାତ୍ରୀମାନେ ପୁରୀର ଜଗନ୍ନାଥ ମନ୍ଦିର ବ୍ୟତୀତ ବାରାଣସୀ, ବୈଦ୍ୟନାଥ ଏବଂ ଗୟା ପରିଦର୍ଶନର କାର୍ଯ୍ୟକ୍ରମ ରହିଛି। ସେହିପରି ଉକ୍ତ ଟ୍ରେନ୍‌ରେ ପର୍ଯ୍ୟଟକମାନେ ଗାଜିଆବାଦ, ଆଲିଗଡ଼ ତୁଣ୍ଡଲା, ଇଟାଓ୍ୱା, କାନପୁର ଏବଂ ଲକ୍ଷ୍ନୌ ଷ୍ଟେଶନରେ ବୋର୍ଡିଂ (ଚଢ଼ିବା-ଓହ୍ଲାଇବା)ର ବିକଳ୍ପ ମଧ୍ୟ ପାଇବେ। ଏପରିକି ୭ ରାତ୍ରି ୮ ଦିନର ଟୁରିଷ୍ଟ ଟ୍ରେନ୍ ଯାତ୍ରା ପ୍ରାଚୀନ ପବିତ୍ର ସହର ବାରାଣସୀରୁ ଆରମ୍ଭ କରି ଗୟାରେ ଶେଷ କରି ଫେବୃୟାରୀ ୧ରେ ଦିଲ୍ଲୀକୁ ଫେରିବ।


ଅଶ୍ୱିନୀ ବୈଷ୍ଣବ

ଅପରପକ୍ଷରେ ଏହି ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ ପର୍ଯ୍ୟଟନ ଟ୍ରେନ୍‌ରେ ୧୧ଟି ତୃତୀୟ ଏସି କୋଚ୍, ଗୋଟିଏ ପ୍ୟାଣ୍ଟ୍ରି କାର୍ ଏବଂ ଦୁଇଟି ଏସ୍‌ଏଲ୍‌ଆର୍ ଉପଲବ୍ଧ। ଉଲ୍ଲେଖଯୋଗ୍ୟ, ଭାରତ ଗୌରବ ଟ୍ରେନ୍ ଯୋଜନା ଅଧୀନରେ ରେଳ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ପାଇଁ ଭାରତୀୟ ରେଳ ପ୍ରାୟ ୩୩% ରିହାତି ପ୍ରଦାନ କରୁଛି। ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ୧୭,୫୦୦ ଟଙ୍କାରୁ ପ୍ୟାକେଜ ଆରମ୍ଭ ହେଉଛି ।ଲୋକମାନେ ବହୁଳ ଭାବେ ଉକ୍ତ ପ୍ୟାକେଜର ଲାଭ ଉଠାଇବାପାଇଁ ଆଇଆର୍‌ସିଟିସି ପେଟିଏମ୍ ଏବଂ ରେଜରପେ ପେମେଣ୍ଟ ଗେଟ୍‌ୱେ ସହ ନିବନ୍ଧନ ହୋଇଛି। ) ପେମେଣ୍ଟ କରିବାକୁ ଉପଭୋକ୍ତା ୩, ୬, ୯, ୧୨, ୧୮ କିମ୍ବା ୨୪ ମାସର ଇଏମ୍‌ଆଇ ବିକଳ୍ପ ପାଇବେ। ) ଏହି ଇଏମ୍‌ଆଇ ଡେବିଟ୍-କ୍ରେଡିଟ୍ କାର୍ଡ ମାଧ୍ୟମରେ ପ୍ରଦାନ କରାଯାଇପାରିବ।) ଅଧିକ ବିବରଣୀ ପାଇଁ ଆଇଆର୍‌ସିଟିସି ୱେବ୍‌ସାଇଟ୍ www.irctctourism.com ପରିଦର୍ଶନ କରିପାରିବେ କିମ୍ବା ଆଇଆର୍‌ସିଟିସି ମୋବାଇଲ ନମ୍ବର ୮୨୮୭୯୩୦୭୪୯ ଏବଂ ୮୨୮୭୯୩୦୭୧୨ ସହ ଯୋଗାଯୋଗ ମଧ୍ୟ କରିପାରିବେ ବୋଲି ରେଳ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।



ଚାଇନାର ଟିକାକରଣ ସେତେ ଭଲ ନୁହେଁ। ଏହି ଦେଶ ଉନ୍ନତ ଭାକ୍ସିନ୍ ନେବାକୁ ଅଥବା ନିଜ ଟିକାରେ ଉନ୍ନତି ଆଣିବାକୁ ଚାହିଁ ନ ଥାଏ। ଭାରତୀୟମାନେ କେନ୍ଦ୍ର ସରକାରଙ୍କ ଗାଇଡ୍‌ଲାଇନ୍ ପାଳନ କରି ଚଳନ୍ତୁ। ଆତଙ୍କିତ ହେବାର କୌଣସି କାରଣ ନାହିଁ।

-ଅଦାର ପୁନାୱାଲା, ସିଇଓ ସିରମ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ

# ବାଇଡେନ୍‌ଙ୍କୁ ଭେଟିଲେ ଜେଲେନ୍‌ସ୍କି

**ୱାଶିଂଟନ୍/ମସ୍କୋ, ୨୧।୧୨**

ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣକୁ ବୁଧବାର ୩୦୧ ଦିନ ବିତିଥିବାବେଳେ ଦୁଇ ଦେଶ ମଧ୍ୟରେ ଯୁଦ୍ଧର ପରିସମାପ୍ତି ଆଶା ମଉଳିବାରେ ଲାଗିଛି। ଇତିମଧ୍ୟରେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଆମେରିକା ଗସ୍ତ କରି ସମସ୍ତଙ୍କୁ ବିସ୍ମିତ କରିଦେଇଛନ୍ତି। ସେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କୁ ହ୍ୱାଇଟ୍ ହାଉସ୍‌ରେ ସାକ୍ଷାତ୍ କରିଛନ୍ତି। ଏହି ଅବସରରେ ସେ ଆମେରିକାବାସୀ,

**ଆଜି ଆମେରିକା କଂଗ୍ରେସକୁ ଦେବେ ଉଦ୍‌ବୋଧନ**

**ୟୁକ୍ରେନ୍‌କୁ ୧.୮୫ ବିଲିୟନ୍ ଡଲାର ସାମରିକ ସହାୟତା**

ରାଷ୍ଟ୍ରପତି ବାଇଡେନ୍ ଏବଂ ଆମେରିକା କଂଗ୍ରେସକୁ ବିପଦବେଳେ ସାହାଯ୍ୟ କରିଥିବାରୁ ଧନ୍ୟବାଦ ଜଣାଇଛନ୍ତି। ଜେଲେନ୍‌ସ୍କି ନିଜ ଦେଶ ସପକ୍ଷରେ ସାମରିକ ସହାୟତା ବୃଦ୍ଧି ସମେତ ରୁଷୀୟ ଆକ୍ରମଣକାରୀମାନଙ୍କୁ କଡ଼ା ସନ୍ଦେଶ



ହ୍ୱାଇଟ୍ ହାଉସ୍‌ରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଓ ଫାଷ୍ଟ ଲେଡି ଜିଲ୍ ବାଇଡେନ୍‌ଙ୍କ ସହ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି।

ଦେବା ସକାଶେ ଗୁରୁବାର ଆମେରିକା କଂଗ୍ରେସକୁ ସମ୍ବୋଧନ କରିବେ।

ଫେବୃୟାରୀ ୨୪ରେ ରୁଷିଆର ୟୁକ୍ରେନ୍ ଆକ୍ରମଣ ପରେ ଜେଲେନ୍‌ସ୍କିଙ୍କ ଏହା ହେଉଛି ପ୍ରଥମ ଆମେରିକା ଗସ୍ତ। ସେ ୱାଶିଂଟନ୍‌ରେ ପହଞ୍ଚିବା ପରେ ତାଙ୍କୁ ରେଡ୍ କାର୍ପେଟ୍‌ରେ ସ୍ୱାଗତ କରାଯାଇଥିଲା। ଆମେରିକା ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ କହିଛନ୍ତି, ଦୁଇ ନେତାଙ୍କ ମଧ୍ୟରେ ସାକ୍ଷାତ୍ ଆଲୋଚନା, ୟୁକ୍ରେନ୍‌ର ପ୍ରତିରକ୍ଷା ସାମର୍ଥ୍ୟକୁ ସୁଦୃଢ଼ କରିବ। ୟୁକ୍ରେନ୍‌କୁ ଆମେରିକା ୧.୮୫ ବିଲିୟନ୍ ଡଲାର (୧.୫ ବିଲିୟନ୍ ପାଉଣ୍ଡ) ମୂଲ୍ୟର ସାମରିକ ସହାୟତା ଯୋଗାଇଦେବ। ଅନ୍ୟପକ୍ଷରେ ପେଣ୍ଟାଗନ୍ ପକ୍ଷରୁ ୟୁକ୍ରେନ୍‌କୁ ଦିଆଯାଉଥିବା ଏହି ସହାୟତାକୁ ନେଇ କ୍ରେମ୍‌ଲିନ୍ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ଏଥିଯୋଗୁ ୧୦ ମାସ ଧରି ଚାଲିଥିବା ଯୁଦ୍ଧ ଆହୁରି ଭୟାବହ ରୂପ ନେବ ବୋଲି ରୁଷିଆ ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି। କେବଳ ଏତିକି ନୁହେଁ, ରୁଷିଆ ମଧ୍ୟ ଅତିରିକ୍ତ ୫ ଲକ୍ଷ ଲୋକଙ୍କୁ ନିଜ ସେନାରେ ସାମିଲ ପାଇଁ ଉଦ୍ୟମ ଆରମ୍ଭ କରିଛି।

# ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ଦିଅ

**ନୂଆଦିଲ୍ଲୀ, ୨୧।୧୨**

**ରାଜ୍ୟ ସଭାରେ ଦାବି ଦୋହରାଇଲା ବିଜେଡି**

ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ପ୍ରଦାନ ଲାଗି ବୁଧବାର ପାର୍ଲାମେଣ୍ଟରେ ଦାବି ଦୋହରାଇଛି ବିଜେଡି। ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ରାଜ୍ୟକୁ ବହୁ କ୍ଷତି ସହିବାକୁ ପଡ଼ିଛି ବୋଲି ରାଜ୍ୟ ସଭାରେ ଦାବି ଉପସ୍ଥାପନ ବେଳେ ବିଜେଡି ପକ୍ଷରୁ ଯୁକ୍ତି ଉପସ୍ଥାପନ କରାଯାଇଛି।

ଉଚ୍ଚ ସଦନରେ ବିଜେଡି ସଦସ୍ୟ ଡ. ସସ୍ମିତ ପାତ୍ର କହିଛନ୍ତି, ଓଡ଼ିଶା ପ୍ରତିବର୍ଷ ବାତ୍ୟା, ବନ୍ୟା ଓ ମରୁଡ଼ି ଭଳି ବିପର୍ଯ୍ୟୟକୁ ସାମ୍ନା କରୁଛି। ଏଥିଯୋଗୁ ରାଜ୍ୟର ୮୦%ରୁ ଊର୍ଦ୍ଧ୍ୱ ଭୌଗୋଳିକ ଅଞ୍ଚଳ ଓ ପ୍ରାୟ ୯୦% ଲୋକ ପ୍ରଭାବିତ ହେଉଛନ୍ତି। କେନ୍ଦ୍ର ସରକାର ସ୍ପେଶାଲ କାଟାଗୋରି ଷ୍ଟାଟସ୍



ସସ୍ମିତ ପାତ୍ର

ପାଇଁ ଉଦ୍ଦିଷ୍ଟ ଗାଇଡ୍‌ଲାଇନ୍ସକୁ ଦୃଷ୍ଟିରେ ରଖି ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ପ୍ରଦାନ କରନ୍ତୁ। କେନ୍ଦ୍ର ପ୍ରାୟୋଜିତ ଯୋଜନାଗୁଡ଼ିକରେ ଅଂଶରେ ପରିବର୍ତ୍ତନ ଅଣାଯାଇ ଏହାକୁ ୯୦:୧୦ରୁ ୬୦:୪୦ କରାଯାଇଛି। ଏହି ପରିବର୍ତ୍ତନ ଯୋଗୁ ଓଡ଼ିଶା ଉପରେ ଆର୍ଥିକ ବୋଝ ବଢ଼ିଛି। ଏଭଳି ସ୍ଥିତିରେ ରାଜ୍ୟକୁ ସହଯୋଗର ହାତ ବଢ଼ାଇବା ପରିବର୍ତ୍ତେ କେନ୍ଦ୍ର ସ୍ୱତନ୍ତ୍ର ରାଜ୍ୟ ପାହ୍ୟାର ଗାଇଡ୍‌ଲାଇନ୍ସ ଆଳ ଦେଖାଉଛି, ଯହିଁରେ ଏହି ମାନ୍ୟତା ମିଳିପାରିବ ନାହିଁ। ଉକ୍ତ ଗାଇଡ୍‌ଲାଇନ୍‌ରେ ସଂଶୋଧନ ଅଣାଯାଇପାରିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦାବିକୁ ଗ୍ରହଣ କରି ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ଦିଆଯାଉ ବୋଲି ସସ୍ମିତ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛନ୍ତି।

# ଦେଉବା ସଂସଦୀୟ ଦଳ ନେତା

**କାଠମାଣ୍ଡୁ, ୨୧।୧୨:** ନେପାଳ ପ୍ରଧାନମନ୍ତ୍ରୀ ଶେର୍ ବାହାଦୁର ଦେଉବା ଶାସକ ନେପାଳୀ କଂଗ୍ରେସ ପାର୍ଟିର ସଂସଦୀୟ ଦଳ ନେତା ନିର୍ବାଚିତ ହୋଇଛନ୍ତି। ନେପାଳୀ କଂଗ୍ରେସ ଅଧ୍ୟକ୍ଷ ୭୬ ବର୍ଷୀୟ ଦେଉବା ଦଳରେ ତାଙ୍କ ଚ୍ୟାଲେଞ୍ଜର ତଥା ସାଧାରଣ ସମ୍ପାଦକ ଗଗନ କୁମାର ଥପାଙ୍କୁ ୩୯ ଭୋଟ ବ୍ୟବଧାନରେ ପରାସ୍ତ କରିଛନ୍ତି। ଦେଉବାଙ୍କ ସପକ୍ଷରେ ୬୪ ଭୋଟ ପଡ଼ିଥିବାବେଳେ ଥପାଙ୍କୁ ୩୯ ଏମ୍‌ପିଙ୍କ ସମର୍ଥନ ମିଳିଛି। ନଭେମ୍ବର ୨୦ରେ ଅନୁଷ୍ଠିତ ସାଧାରଣ ନିର୍ବାଚନରେ ନେପାଳୀ କଂଗ୍ରେସ ଏକକ ସଂଖ୍ୟାଗରିଷ୍ଠ ଦଳ ଭାବେ ଉଭା ହୋଇଥିଲା। ଆଗକୁ ଦେଉବା ଷଷ୍ଠ ଥର ପାଇଁ ପ୍ରଧାନମନ୍ତ୍ରୀ ଆସନ ଅଳଙ୍କୃତ କରିବା ଦିଗରେ ଅଗ୍ରସର ହୋଇଛନ୍ତି। ୮୧ ବର୍ଷୀୟ ଏମ୍‌ପି ପଶୁପତି ଶମ୍‌ଶେର ଜେବି ରାଣା ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍‌ସର ବରିଷ୍ଠତମ ସଦସ୍ୟ ଭାବେ ଶପଥ ନେଇଛନ୍ତି।





ଆମେରିକାର କାଲିଫର୍ନିଆରେ ୬.୪ ତୀବ୍ରତା ବିଶିଷ୍ଟ ଭୂକମ୍ପ ହୋଇଛି। ଏଥିରେ ଅନ୍ୟୂନ ୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଲକ୍ଷାଧିକ ଲୋକ ପ୍ରଭାବିତ ହୋଇଛନ୍ତି। ବହୁ ଘର ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି।

# ଚାଇନାରେ ସଂକ୍ରମଣ ଅତ୍ୟନ୍ତ ଉଦ୍‌ବେଗଜନକ: ଡବ୍ଲ୍ୟୁଏଚ୍‌ଓ

**ଜେନେଭା, ୨୧।୧୨**

ଚାଇନାରେ ବଢ଼ିଚାଲିଥିବା କୋଭିଡ୍ ସଂକ୍ରମଣ ଅତ୍ୟନ୍ତ ଉଦ୍‌ବେଗଜନକ ବୋଲି ବୁଧବାର ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) କହିଛି। ଭୂତାଣୁ ସଂକ୍ରମଣ ବୃଦ୍ଧିକୁ ଦେଖି ଦେଶର କମ୍ୟୁନିଷ୍ଟ ସରକାର ପୂର୍ବରୁ 'ଜିରୋ-କୋଭିଡ୍'ନୀତି ଆପଣାଇଥିଲେ। କିନ୍ତୁ ଏହା ବିରୋଧରେ ବେଜିଂ, ସାଂଘାଇ ସମେତ ଦେଶର ବିଭିନ୍ନ ଭାଗରେ ବିକ୍ଷୋଭ କରାଯିବା ସହ ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍‌ଙ୍କ ଇସ୍ତଫା ଦାବି ଜୋର୍ ଧରିଥିଲା। ଫଳରେ ସରକାର କଟକଣା କୋହଳ କରିବା ସହ ଟିକାକରଣକୁ ଗୁରୁତ୍ୱ ଦେଉଛନ୍ତି। ଡବ୍ଲ୍ୟୁଏଚ୍‌ଓ ମହାନିର୍ଦ୍ଦେଶକ ଟେଡ୍ରୋସ୍ ଅଧନୋମ୍ ଗେବ୍ରେୟେସସ୍ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ଚାଇନାରେ କୋଭିଡ୍-୧୯ର ଭୟାବହତା ସମ୍ପର୍କରେ ଆହୁରି ଅଧିକ ତଥ୍ୟ ଆବଶ୍ୟକ। କେତେ ବିପଜ୍ଜନକ ସ୍ଥିତି ସୃଷ୍ଟି ହୋଇଛି, ତାହା ସମୀକ୍ଷା କରିବା ପାଇଁ ହସ୍ପିଟାଲ ଓ ଇନ୍‌ଟେନ୍‌ସିଭ୍ କେୟାର୍ ୟୁନିଟଗୁଡ଼ିକରେ କେତେ ରୋଗୀ ଭର୍ତ୍ତି ହେଉଛନ୍ତି ସେ ସମ୍ପର୍କିତ ଡେଟା ଜରୁରୀ।

# ପ୍ରଧାନମନ୍ତ୍ରୀଙ୍କୁ 'ଜାତିର ଜନକ' କହିଲେ ଫଡ଼ନବିସଙ୍କ ସ୍ତ୍ରୀ

**ନାଗପୁର, ୨୧।୧୨**

ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସଙ୍କ ସ୍ତ୍ରୀ ଅମୃତା ଫଡ଼ନବିସ ସାଧାରଣରେ ମନ୍ତବ୍ୟ ଦେଇ ଅନେକ ସମୟରେ ଚର୍ଚ୍ଚାରେ ରହିଥାନ୍ତି। ନିକଟରେ ସେ ନାଗପୁରରେ ଲେଖକ ସଂଘ ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସାକ୍ଷାତ୍‌କାର ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ 'ଜାତିର ଜନକ' ଆଖ୍ୟା ଦେଇଥିଲେ। ମହାତ୍ମା ଗାନ୍ଧୀଙ୍କୁ 'ରାଷ୍ଟ୍ରପିତା' ସମ୍ମାନ ଦିଆଯାଉଥିବାବେଳେ ମୋଦିଙ୍କୁ ଏହି ଆଖ୍ୟା ଦେଲେ ଗାନ୍ଧିଜୀଙ୍କୁ କ'ଣ କୁହାଯିବ ବୋଲି ପ୍ରଶ୍ନ କରାଯାଇଥିଲା। ଅମୃତା କହିଥିଲେ, ଗାନ୍ଧିଜୀ ହେଉଛନ୍ତି ଜାତିର ଜନକ ଏବଂ ମୋଦିଜୀ ହେଲେ ନ୍ୟୁ ଇଣ୍ଡିଆର ଜନକ। ଭାରତର ଦୁଇଜଣ ରାଷ୍ଟ୍ରପିତା ଅଛନ୍ତି। ଜଣେ ଏହି ଯୁଗର ଓ ଅନ୍ୟଜଣେ ସେହି ଯୁଗର। ପ୍ରକାଶ ଯେ, ପ୍ରଧାନମନ୍ତ୍ରୀଙ୍କୁ ଅମୃତା ଏଭଳି ମହିମାମଣ୍ଡିତ କରିବା ଘଟଣା ପ୍ରଥମ ନୁହେଁ। ପୂର୍ବରୁ ୨୦୧୯ରେ ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନବେଳେ ସେ ଟୁଇଟ୍ କରିଥିଲେ,



ଅମୃତା ଫଡ଼ନବିସ

ରାଷ୍ଟ୍ରପିତା ନରେନ୍ଦ୍ର ମୋଦିଜୀ ଆମକୁ ସମାଜର ଉନ୍ନତି ସକାଶେ ନିରନ୍ତର କାର୍ଯ୍ୟ ପାଇଁ ପ୍ରେରିତ କରିଆସିଛନ୍ତି। ଜନ୍ମଦିନରେ ତାଙ୍କୁ ଶୁଭେଚ୍ଛା।

## ଫୁରସତ୍



**ମଲାଇକା ଅରୋରା**

# ମା'ଙ୍କୁ ଉପହାସ କଲେ ପୁଅ

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ମଲାଇକା ଅରୋରାଙ୍କ କପଡ଼ାକୁ ନେଇ ପୁଅ ଅର୍‌ହାନ ଖାନ୍ ମଜା ଉଡ଼ାଇଥିବା ନଜରକୁ ଆସିଛନ୍ତି। ତାଙ୍କ ଶୋ' 'ମୁଭିଂ ଇନ୍ ଉଇଥ୍ ମଲାଇକା'ରେ ସେ ତାଙ୍କ ବ୍ୟକ୍ତିଗତ ଜୀବନର ଅନେକ କଥା ସମସ୍ତଙ୍କ ସହ ଶେୟାର କରିଥାନ୍ତି। ଶୋ'ର ଏକ ଏପିସୋଡ୍‌ରେ ଅର୍‌ହାନଙ୍କୁ ଦେଖିବାକୁ ମିଳିଥିଲା। ଦୁହିଁଙ୍କ କଥାବାର୍ତ୍ତାକୁ ସମସ୍ତ ଦର୍ଶକ ପସନ୍ଦ କରିଥିଲେ। ପରେ ଅର୍‌ହାନ ମଲାଇକାଙ୍କ ମଜା ଉଡାଇଥିଲେ। ଶୋ'ରେ ମଲାଇକା ଏକ ଗ୍ଲାମରସ ଟପ୍ ସହ ପ୍ୟାଣ୍ଟ ପିନ୍ଧିଥିବା ନଜରକୁ ଆସିଥିଲେ। ଏଥିରେ ମଲାଇକାଙ୍କୁ ଅର୍‌ହାନ୍ ତାଙ୍କର ଏପରି ଫ୍ୟାଶନକୁ ଟେବୁଲ ନାପକିନ୍ ସହ ତୁଳନା କରିଥିଲେ। ଏଥିସହ ସେ ଜେଲ୍‌ର ଏକ କଏଦୀ ଭଳି ଦେଖାଯାଉଥିବା କହିଥିଲେ। ଏଥିରେ ମଲାଇକା କେବଳ ହସି ଦେଇଥିଲେ।

# କାର୍‌ରେ ହେଲିକପ୍ଟର ମଜା

**ଲକ୍ଷ୍ନୌ**

ଜଣେ ବ୍ୟକ୍ତି ତାଙ୍କ କାର୍‌କୁ ଏମିତି ଏକ ରୂପ ଦେଇଛନ୍ତି, ଯାହା ସମ୍ପୂର୍ଣ୍ଣ ହେଲିକପ୍ଟର ଭଳି ଦେଖାଯାଉଛି। ଏହା ଉଡ଼ିପାରିବନି ସତ, ହେଲେ ଏଥିରେ ହେଲିକପ୍ଟରର ମଜା ଉଠାଇହେବ। ଉତ୍ତରପ୍ରଦେଶ ଆଜମଗଡ଼ର ଜଣେ କାର୍ପେଣ୍ଟର ସଲ୍‌ମାନ ତାଙ୍କ ନାନୋ କାର୍‌କୁ ହେଲିକପ୍ଟର ଭଳି ଲୁକ୍ ଦେଇଛନ୍ତି। ସେହି କାର୍‌ଟି ଅନ୍ୟ ସମସ୍ତ ଗାଡ଼ି ଭଳି ରାସ୍ତାରେ ଚାଲିପାରିବ। କିନ୍ତୁ ସେଥିରେ ବସିବା ଲୋକ ହେଲିକପ୍ଟରର ମଜା ଉଠାଇପାରିବେ। କାର୍‌କୁ ହେଲିକପ୍ଟରରେ ପରିଣତ କରିବା ପାଇଁ ସଲ୍‌ମାନଙ୍କୁ ୩ ଲକ୍ଷ ଟଙ୍କା ବ୍ୟୟ କରିବାକୁ ପଡ଼ିଥିଲା। ଏଥିପାଇଁ ତାଙ୍କୁ ୪ ମାସ ସମୟ ମଧ୍ୟ ଲାଗିଥିଲା। ତାଙ୍କର ଏହି ହେଲିକପ୍ଟର କାର୍‌କୁ ଦେଖିବା ପାଇଁ ବହୁ ସଂଖ୍ୟକ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ତାଙ୍କର ଏହି ଉଦ୍ଭାବନ ନେଇ ସଲ୍‌ମାନ କହିଛନ୍ତି, ଲୋକେ ଏହି ହେଲିକପ୍ଟର ଯୁକ୍ତ କାର୍ ମାଧ୍ୟମରେ ବସି ହେଲିକପ୍ଟର ଅଭିଜ୍ଞତା



ଅନୁଭବ କରିପାରିବେ। ଏଥିସହ ସେ ଆହୁରି ଅନେକ ଉଦ୍ଭାବନ କରିପାରିବେ ବୋଲି କହିଛନ୍ତି। ଯଦି ସରକାର ଏବଂ କମ୍ପାନୀ ତାଙ୍କୁ ଏଥିରେ କିଛି ସାହାଯ୍ୟ କରନ୍ତି, ତେବେ ସେ ଏମିତି ଏକ ହେଲିକପ୍ଟର କରିବେ, ଯାହାକି ପାଣି ଏବଂ ବାୟୁରେ ଚାଲିପାରିବ।

# ଗଣିତଜ୍ଞ ରାମାନୁଜନ

୨୦୧୨ରେ ଭାରତୀୟ ଗଣିତଜ୍ଞ ଶ୍ରୀନିବାସ ରାମାନୁଜନଙ୍କ ୧୨୫ତମ ଜନ୍ମବାର୍ଷିକୀ ପାଳନ ଅବସରରେ ଏକ ଡାକ ଟିକେଟ ଉନ୍ମୋଚନ କରାଯାଇଥିଲା। ଏହା ସହ ଭାରତ ସରକାର ୨୨ ଡିସେମ୍ବରକୁ ଜାତୀୟ ଗଣିତ ଦିବସ ଭାବେ ପାଳନ କରିବାକୁ ଘୋଷଣା କରିଥିଲେ। ରାମାନୁଜନଙ୍କ ୧୨୫ତମ ଜନ୍ମବାର୍ଷିକୀ ପାଳନ ପାଇଁ ୨୬ ଡିସେମ୍ବର ୨୦୧୧ରେ ମାଡ୍ରାସ ବିଶ୍ୱବିଦ୍ୟାଳୟରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ଏହା ଘୋଷଣା କରିଥିଲେ। ଏହି ଅବସରରେ ମନମୋହନ ସିଂ ମଧ୍ୟ ଘୋଷଣା କରିଥିଲେ ଯେ ୨୦୧୨କୁ ଜାତୀୟ ଗଣିତ ବର୍ଷ ଭାବରେ ପାଳନ କରାଯିବ। ସେହିଦିନଠାରୁ ଭାରତର ଜାତୀୟ ଗଣିତ ଦିବସ ପ୍ରତିବର୍ଷ ୨୨ ଡିସେମ୍ବରରେ ଦେଶର ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଆୟୋଜିତ ହୋଇଥାଏ। ରାମାନୁଜନ ୧୮୮୭ ଡିସେମ୍ବର ୨୨ରେ ତାମିଲନାଡୁର ଇରୋଡ୍‌ରେ ଜନ୍ମଗ୍ରହଣ କରିଥିଲେ। ୧୯୨୦ ଏପ୍ରିଲ ୨୬ରେ କୁମ୍ଭକୋନମରେ ତାଙ୍କର ପରଲୋକ ଘଟିଥିଲା।



# ପେଟରୁ ବାହାରିଲା ୫୨ଟି ଚୁମ୍ବକ ବଲ୍

**ନୂଆଦିଲ୍ଲୀ**

ଏକ ୫ ବର୍ଷୀୟ ପିଲାର ପେଟରୁ ୫୨ଟି ଚୁମ୍ବକ ବଲ୍ ବାହାରିଥିବା ଜଣାପଡିଛି। ଏପରି ଘଟଣା ଦେଖିବାକୁ ମିଳିଛି ବ୍ରିଟେନ୍‌ର ୱାଲେସ୍ ସହରରେ। ଗତ ଅଗଷ୍ଟରେ ୫ ବର୍ଷୀୟ ବାଳକ ଜୁଡ୍ ଫୋଲେଙ୍କ ପେଟ କାଟିବାରୁ ପରିବାର ସଦସ୍ୟ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେତେବେଳେ ଡାକ୍ତର ତାଙ୍କୁ ଦେଖି କିଛି ହୋଇ ନ ଥିବା କହି ଫେରାଇ ଦେଇ ଥିଲେ। ଏହାର କିଛି ଦିନ ପରେ ତାଙ୍କ ପେଟରେ ଅଧିକ କଷ୍ଟ ଅନୁଭୂତ ହୋଇଥିଲା। ସେଥିପାଇଁ ମା' ତାଙ୍କୁ ଅନ୍ୟ ଏକ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପ୍ରଥମେ ଡାକ୍ତରଙ୍କୁ କିଛି ଜଣାପଡି ନ ଥିଲା। ପରେ ଏକ୍ସରେ କରିବାରୁ ଫୋଲେଙ୍କ ପେଟରେ ଗୋଲାକୃତିର କିଛି ଜିନିଷ ଦେଖିବାକୁ ମିଳିଥିଲା। ପରେ ଏହା ଚୁମ୍ବକ ବଲ୍ ବୋଲି ଜଣାପଡିଥିଲା। ଏହାପରେ ଫୋଲେଙ୍କୁ ସେଠାକାର ଏକ ଚିଲ୍‌ଡ୍ରେନ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଗଲା। ସେଠାରେ ଅପରେଶନ ମାଧ୍ୟମରେ ତାଙ୍କ ପେଟରୁ ୫୨ଟି ଚୁମ୍ବକ ବଲ୍ ବାହାର କରାଯାଇଥିଲା। ସୂଚନା ଯେ, ପିଲାଟି ଖେଳିବା ସମୟରେ ସେହି ୫୨ଟି ଚୁମ୍ବକ ବଲ୍‌କୁ ଗିଳି ଦେଇଥିଲେ।



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଆଶୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




ଭୁବନେଶ୍ୱର ଓ ରାଉରକେଲାରେ ହକି ବିଶ୍ୱକପ ୨୦୨୩ ଜାନୁୟାରୀ ୧୩ରୁ ୨୯ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିପାଇଁ ରାଜ୍ୟ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ବୁଧବାର ନୂଆଦିଲ୍ଲୀରେ କେନ୍ଦ୍ର କ୍ରୀଡ଼ା ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁରଙ୍କୁ ଭେଟି ନିମନ୍ତ୍ରଣ କରୁଛନ୍ତି।

# ସେମିରେ ଏକେ କ୍ଲବ୍

**ଭୁବନେଶ୍ୱର, ୨୧।୧୨ (ସ୍ପୋର୍ଟ୍ସ ବ୍ୟୁରୋ):** ଶିବଶକ୍ତି କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ତମାଣ୍ଡୋ କପ୍ ଫୁଟବଲ୍ ସେମିଫାଇନାଲରେ ପ୍ରବେଶ କରିଛି ଏକେ କ୍ଲବ୍। ବୁଧବାର ଅନୁଷ୍ଠିତ ଅନ୍ତିମ କ୍ୱାର୍ଟର ଫାଇନାଲରେ ଏକେ କ୍ଲବ ଅନୁଗୁଳ ଟାଇବ୍ରେକରରେ ୩-୨ ଗୋଲରେ ଆର.ଏନ୍ କ୍ଲବ ଫୁଲବାଣୀକୁ ପରାସ୍ତ କରିଛି। ନିର୍ଦ୍ଧାରିତ ସମୟରେ ମ୍ୟାଚଟି ୧-୧ରେ ଅମୀମାଂସିତ ରହିବା ପରେ ଟାଇବ୍ରେକରର ସହାୟତା ନିଆଯାଇଥିଲା। ଏକେ କ୍ଲବ୍ ପକ୍ଷରୁ ମ୍ୟାଚର ଷଷ୍ଠ ମିନିଟରେ ମିଥୁନ ସାହ ସ୍କୋର କରିଥିବା ବେଳେ ୮୫ ତମ ମିନିଟରେ ଆର.ଏନ୍ କ୍ଲବର ମିଟୁ ପ୍ରଧାନ ଗୋଲ ପରିଶୋଧ କରିଥିଲେ। ଟାଇବ୍ରେକରରେ ଅନୁଗୁଳ ପକ୍ଷରୁ ପପୁ ବେହେରା, ଅଜିତ ଲାକ୍ରା ଓ ବିଜୟ ନାୟକ ସ୍କୋର କରିଥିବା ବେଳେ ଫୁଲବାଣୀ ଦଳର ଅଜିତ ଭୋଇ ଓ ରଞ୍ଜିତ ଜେନା ଗୋଲ ଦେଇଥିଲେ। ଅନୁଗୁଳ ଦଳର ସୁନୀଲ ବାଗଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା। ଜିଲ୍ଲା ପରିଷଦ ସଭ୍ୟ ସୁବାସ ସୁନ୍ଦରାୟ, ମହେନ୍ଦ୍ର କୁମାର ବଳ, ଭଗବାନ ବେହେରା ଅତିଥି ଭାବରେ ଯୋଗ ଦେଇଥିଲେ।

# ମରକ୍କୋ ଦଳକୁ ଭବ୍ୟ ସ୍ୱାଗତ

**ରାବାଟ,୨୧।୧୨(ପି.ଟି)**

କାତାର ଫିଫା ବିଶ୍ୱକପ୍-୨୦୨୨ରେ ୪ର୍ଥ ସ୍ଥାନ ହାସଲ ସହ ଇତିହାସ ସୃଷ୍ଟି କରି ଫେରିଥିବା ମରକ୍କୋ ଦଳକୁ ମିଳିଛି ଭବ୍ୟ ସ୍ୱାଗତ। ବିଶ୍ୱକପ୍‌ର ହିରୋମାନେ ରାଜଧାନୀ ରାବାଟରେ ବିମାନରୁ ଅବତରଣ କରିବା ପରେ ଫ୍ୟାନମାନଙ୍କ ମଧ୍ୟରେ ଦେଖିବାକୁ ମିଳିଥିଲା ଅଫୁରନ୍ତ ଉଦ୍ଦୀପନା। ବିଭିନ୍ନ ସଡକ ଓ ଗଳିରେ ଜାତୀୟ ପତାକା ଓ ପାରମ୍ପରିକ ବାଦ୍ୟ ସହିତ ଫ୍ୟାନମାନେ ଜାତୀୟ ଦଳର ଖେଳାଳିଙ୍କୁ ସ୍ୱାଗତ କରିଥିଲେ। ଏକ ଖୋଲାଛାତର ବସ୍‌ରେ ଖେଳାଳିମାନେ କଡା ସୁରକ୍ଷା ମଧ୍ୟରେ ରାବାଟ ସହର ପରିକ୍ରମା କରିଥିଲେ। ସମସ୍ତ ଖେଳାଳି ଓ କୋଚ୍ ୱାଲିଦ୍ ରେଗରାଗୁଇ ଫ୍ୟାନ୍‌ମାନଙ୍କୁ ହାତ ହଲାଇବା ସହିତ ଫ୍ଲାଇଂ କିସ୍ ଦେଇଥିଲେ। ୪ ଲେନ୍ ବିଶିଷ୍ଟ ରାସ୍ତାକୁ ଖାଲି କରାଯାଇ ବସ୍ ଅତ୍ୟନ୍ତ ଧିମା ଗତିରେ ଯାତ୍ରା କରିଥିଲା। ରାସ୍ତାର ଉଭୟ ପାର୍ଶ୍ୱରେ ଜନସମୁଦ୍ର ରହିଥିବା ବେଳେ ଖେଳାଳିଙ୍କ ବସ୍ ରାଜା ମହମ୍ମଦ-୬ଙ୍କୁ ଭେଟିବାକୁ ରାଜପ୍ରାସାଦରେ ପହଞ୍ଚିଥିଲେ। ରାଜପ୍ରାସାଦରେ ପହଞ୍ଚିବା ପରେ ରାଜାଙ୍କ ସହିତ ଏହି ଐତିହାସିକ ସଫଳତାକୁ ସେଲିବ୍ରେଟ୍ କରିଥିଲେ ଖେଳାଳି। ପ୍ରଥମ ଆଫ୍ରିକୀୟ ତଥା ଆରବ ଦେଶ ଭାବରେ ମରକ୍କୋ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ହାସଲ କରିଥିଲା। ପୂର୍ବରୁ ଦେଶ ଉପରେ



ସୁରକ୍ଷା ବଳୟ ମଧ୍ୟରେ ମରକ୍କୋ ଫୁଟବଲ ଦଳକୁ ରାବାଟ ସହର ପରିକ୍ରମା କରାଯାଉଛି।

କରିଥିବା ୟୁରୋପୀୟ ଉପନିବେଶବାଦ ଶକ୍ତି ବେଲଜିୟମ, ସ୍ପେନ ଓ ପର୍ତ୍ତୁଗାଲକୁ ଦଳ ପରାସ୍ତ କରିଥିଲା। ଏହି ସଫଳତା ପରେ ମରକ୍କୋ ଜାତୀୟ ଦଳକୁ ଦେଶରେ ହିରୋର ସମ୍ମାନ ପ୍ରଦାନ କରାଯାଇଥିଲା। ମରକ୍କୋର ଏହି ସଫଳତା ସର୍ବଦା ଇତିହାସରେ ସ୍ୱର୍ଣ୍ଣିମ ଅକ୍ଷରରେ ଲିପିବଦ୍ଧ ହୋଇ ରହିବ। ମରକ୍କୋବାସୀ ଫୁଟବଲକୁ ଭଲ ପାଉଥିବା ବେଳେ ଏହି ସଫଳତା ଆମକୁ ମନ୍ତ୍ରମୁଗ୍ଧ କରିଛି ବୋଲି ରେଦା ଘାଜି ନାମକ ଜଣେ ଫ୍ୟାନ୍ ପ୍ରକାଶ କରିଛନ୍ତି। ଦଳ ବର୍ତ୍ତମାନ ଏହାର ସ୍ତର ଏତେ ଉଚ୍ଚ ରଖିଛି ଯେ ଆମକୁ ଆଫ୍ରିକାନ୍ କପ୍ ଅଫ୍ ନେସନ୍ସ ନିହାତି ବିଜୟୀ ହେବାକୁ ପଡିବ ବୋଲି କହିଛନ୍ତି ଆଉ ଜଣେ ଫ୍ୟାନ। ମରକ୍କୋ ଦଳ ଏହି ବିଜୟ ପରେ ପାଲେଷ୍ଟାଇନ୍ ପତାକା ଧରି ସେଲିବ୍ରେସନ କରିବା ସହିତ ଏକ ବାର୍ତ୍ତା ଦେବାକୁ ପ୍ରୟାସ କରିଥିଲା ବୋଲି ରାବାଟ ବାସିନ୍ଦା ଓମାର ଜୋର୍ଗେନ୍ ପ୍ରକାଶ କରିଛନ୍ତି। ଆଫ୍ରିକୀୟ ରାଷ୍ଟ୍ର ଭାବରେ ଆମେ ଅନେକ ରେକର୍ଡ ଭାଙ୍ଗିଛୁ। ତେବେ ଆମକୁ ଆହୁରି ଅନେକ ପଥ ଅତିକ୍ରମ କରିବାକୁ ଅଛି। ଉଲ୍ଲେଖଯୋଗ୍ୟ ଯେ ୨୦୧୦ରେ ଘାନା ଏକମାତ୍ର ଆଫ୍ରିକୀୟ ରାଷ୍ଟ୍ର ଭାବରେ କ୍ୱାର୍ଟର ଯାଏ ପହଞ୍ଚିଥିଲା। ବିଶ୍ୱର ଏହି ସର୍ବବୃହତ୍ ଫୁଟବଲ ଟୁର୍ନାମେଣ୍ଟରେ ଆମର ପ୍ରଦର୍ଶନ ଆମ ପାଇଁ ଏକ ନୂତନ ସମ୍ଭାବନା ସୃଷ୍ଟି କରିଛି। ଆଗାମୀ ଦିନରେ ବିଶ୍ୱ ଫୁଟବଲ ବକ୍ଷରେ ଆମକୁ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିବାକୁ ହେବ ବୋଲି ଜଣେ ଫ୍ୟାନ୍ ପ୍ରକାଶ କରିଛନ୍ତି।

# ସର୍ବଭାରତୀୟ ବେସାମରିକ କ୍ରିକେଟ ପାଇଁ ଖେଳାଳି ଚୟନ

**ଭୁବନେଶ୍ୱର, ୨୧।୧୨ (ସ୍ପୋର୍ଟ୍ସ ବ୍ୟୁରୋ)**

ମୋହଲିଠାରେ ସର୍ବଭାରତୀୟ ବେସାମରିକ କ୍ରିକେଟ ପ୍ରତିଯୋଗିତା ଆସନ୍ତା ଫେବୃୟାରୀ ୨ରୁ ୯ ପର୍ଯ୍ୟନ୍ତ ହେବ। ଏଥିପାଇଁ ଖେଳାଳି ଚୟନ ପ୍ରକ୍ରିୟା ଡିସେମ୍ବର ୨୪ ସକାଳ ୭ଟାରେ ସ୍ଥାନୀୟ ହାଇଟେକ କଲେଜ/ହସ୍ପିଟାଲ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଚୟନ ପ୍ରକ୍ରିୟାରେ କେବଳ ନିୟମିତ ସରକାରୀ ଚାକିରିରେ ଥିବା ଖେଳାଳିମାନେ ଭାଗ ନେଇପାରିବେ। ସେମାନଙ୍କୁ ସେବା ପୁସ୍ତିକାର ପ୍ରଥମ ପୃଷ୍ଠା ବିଭାଗ/ଅଫିସ ପରିଚୟପତ୍ର ସହ ପାସ୍‌ପୋର୍ଟ ସାଇଜ୍ ଫଟୋ ଏବଂ 'ନୋ ଅବ୍‌ଜେକ୍ସନ ସାର୍ଟିଫିକେଟ' ନେଇ କରି ଆସିବେ। ନିର୍ଦ୍ଧାରିତ ସମୟରେ ନାମ ପଞ୍ଜୀକରଣ କରିବାକୁ ହେବ। ଅଧିକ ବିବରଣୀ ପାଇଁ ସେମାନେ ଓଡ଼ିଶା ସଚିବାଳୟ କ୍ରିକେଟ ଆସୋସିଏଶନ କାର୍ଯ୍ୟକାରୀ ସଭାପତି ଶଶାଙ୍କ ଶେଖର ମହାପାତ୍ର, ସାଧାରଣ ସମ୍ପାଦକ ସଞ୍ଜୀବ କୁମାର ମିଶ୍ର କିମ୍ବା କ୍ରୀଡ଼ା ନିର୍ଦ୍ଦେଶକ ଅବିନାଶ ଖଣ୍ଡୁଆଳଙ୍କ ସହ ଯୋଗାଯୋଗ କରିପାରିବେ।

# ଡବ୍ଲ୍ୟୁଟିସି ଯୋଗ୍ୟତା ଲକ୍ଷ୍ୟରେ ଭାରତ

**ମୀରପୁର,୨୧।୧୨(ପି.ଟି)**

ଗୁରୁବାର ବାଂଲାଦେଶ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ଆଉ ଏକ ଦୃଢ ପ୍ରଦର୍ଶନ ଦେବା ଲକ୍ଷ୍ୟରେ ରହିବ ଭାରତ। ଭାରତୀୟ ଦଳର ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍(ଡବ୍ଲ୍ୟୁଟିସି) ଯୋଗ୍ୟତା ହାସଲର ସମ୍ଭାବନା ବଜାୟ ରଖିବାକୁ ହେଲେ ବିଜୟ ନିହାତି ଆବଶ୍ୟକ ଥିବା ବେଳେ ଭାରତ ଏହାର ସମସ୍ତ ଶକ୍ତିର

> **ଆଜିଠୁ ଦ୍ୱିତୀୟ ଟେଷ୍ଟ**
> **ମ୍ୟାଚ୍ ସ୍ଥାନ: ମୀରପୁର,**
> **ସମୟ : ସକାଳ-୯.୦୦**
> **ପ୍ରସାରଣ: ସୋନୀ ସ୍ପୋର୍ଟ୍ସ**

ଉପଯୋଗ କରିବ। ବାଂଲାଦେଶ ସିରିଜ ପରେ ଘରୋଇ ମାଟିରେ ଅଷ୍ଟ୍ରେଲିଆ ବିପକ୍ଷରେ ୪ ମ୍ୟାଚର ଟେଷ୍ଟ ସିରିଜ ଖେଳିବ ଭାରତ। ଉକ୍ତ ସିରିଜ ପୂର୍ବରୁ କ୍ଲିନ୍ ସୁଇପ୍ ଭାରତୀୟ ଦଳର ମନୋବଳ ବୃଦ୍ଧିରେ ସହାୟକ ହେବ। ବର୍ତ୍ତମାନ ଭାରତ ୫୫.୭୭ ପଏଣ୍ଟ ସହିତ ଦ୍ୱିତୀୟ ସ୍ଥାନରେ ରହିଛି। ତେଣୁ ଭାରତ ସିରିଜ୍ କ୍ଲିନ୍ ସୁଇପ କରିବା ସହିତ ଡବ୍ଲ୍ୟୁଟିସି ଫାଇନାଲ ସମ୍ଭାବନାକୁ ଆହୁରି ଦୃଢ କରିବାକୁ ପ୍ରୟାସ କରିବ। ରୋହିତ ଶର୍ମା ଦ୍ୱିତୀୟ ଟେଷ୍ଟରୁ ବାଦ ପଡିଥିବା ବେଳେ ଭାରତୀୟ ଏକାଦଶରେ ପରିବର୍ତ୍ତନର ସମ୍ଭାବନା କମ୍। ଚଟ୍ଟୋଗ୍ରାମ ଟେଷ୍ଟରେ ପ୍ରଥମ ଶତକ ହାସଲ କରିଥିବା ଶୁବମନ ଗିଲଙ୍କଠାରୁ ଦଳ ଆଉ ଏକ ଭଲ ଇନିଂସ ଆଶା କରିବ। ଅଷ୍ଟ୍ରେଲିଆ ସିରିଜ୍ ପୂର୍ବରୁ ରାହୁଲଙ୍କ ବ୍ୟାଟରୁ ମଧ୍ୟ ଏକ ଭଲ ଇନିଂସ ଆଶା କରିବ ମ୍ୟାନେଜମେଣ୍ଟ। ତେବେ ଷ୍ଟାଣ୍ଡଇନ୍ ଅଧିନାୟକ ଲୋକେଶ ରାହୁଲଙ୍କ କଟିରେ ଅଭ୍ୟାସ ସମୟରେ ସାମାନ୍ୟ ଆଘାତ ଲାଗିଥିବା ବେଳେ ତାଙ୍କୁ ନେଇ ଆଶଙ୍କା ଜାରି ରହିଛି। ଯଦି ରାହୁଲ ଅନୁପସ୍ଥିତ ରୁହନ୍ତି ତେବେ ପୂଜାରା ଭାରତୀୟ ଦଳ ପକ୍ଷରୁ ଇନିଂସ ଓପନ କରିପାରନ୍ତି। ଏହା ସହିତ ଦଳରେ ଥିବା ଅଭିମନ୍ୟୁ ଇଶ୍ୱରନଙ୍କୁ ମଧ୍ୟ ମ୍ୟାନେଜମେଣ୍ଟ ପକ୍ଷରୁ ଏକ ସୁଯୋଗ ମିଳିବାର ସମ୍ଭାବନା ରହିଛି। ଚେତେଶ୍ୱର ପୂଜାରା ପ୍ରଥମ ଟେଷ୍ଟର ଉଭୟ ଇନିଂସରେ ଭଲ ବ୍ୟାଟିଂ କରିଥିଲେ। ବିରାଟ କୋହଲି ଟି୨୦ ଓ ଦିନିକିଆରେ ଚଳିତ ବର୍ଷ ଶତକ ହାସଲ କରି ସାରିଥିବା ବେଳେ ଟେଷ୍ଟରେ ମଧ୍ୟ ସେ ଏକ ଶତକ ହାସଲ ନେଇ ମ୍ୟାନେଜମେଣ୍ଟ ଆଶା କରିବ।



ବିକ୍ରାନ୍ତ ମଲିକ

# ନୀରଜଙ୍କ ବିଶ୍ୱବିଦ୍ୟାଳୟ ରେକର୍ଡ ଭାଙ୍ଗିଲେ ବିକ୍ରାନ୍ତ

**ଭୁବନେଶ୍ୱର, ୨୧।୧୨ (କ୍ରୀଡ଼ା ପ୍ରତିନିଧି)**

କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଚାଲିଥିବା ଉତ୍ତର ପୂର୍ବାଞ୍ଚଳ ଜୋନ୍ ଆନ୍ତଃ ବିଶ୍ୱବିଦ୍ୟାଳୟ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ଆୟୋଜକ ଦଳର ପ୍ରଭାବୀ ପ୍ରଦର୍ଶନ ଜାରି ରହିଛି। ବୁଧବାର ଦ୍ୱିତୀୟ ଦିବସରେ କିଟ୍ ପ୍ରତିଯୋଗୀଙ୍କୁ ୩ ସ୍ୱର୍ଣ୍ଣ ଏବଂ ୨ଟି ରୌପ୍ୟ ପଦକ ମିଳିଛି। ବିକ୍ରାନ୍ତ ମଲିକ ୮୧.୮୨ ମିଟର ଜାଭେଲିନ ଥ୍ରୋ କରି ମିଟ୍ ରେକର୍ଡ ସହ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏଥିସହ ସେ ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜେତା ନୀରଜ ଚୋପ୍ରାଙ୍କ ବିଶ୍ୱବିଦ୍ୟାଳୟ ରେକର୍ଡକୁ ଭାଙ୍ଗିଛନ୍ତି। ନୀରଜ ୨୦୧୫ରେ ପଞ୍ଜାବ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିନିଧିତ୍ୱ କରି ୮୧.୦୪ ମିଟର ଜାଭେଲିନ ଥ୍ରୋ କରି ରେକର୍ଡର ଅଧିକାରୀ ଥିଲେ। ମହିଳା ୨୦ କିଲୋମିଟର ଚାଲିରେ ପ୍ରିୟଙ୍କା

> **ଉତ୍ତର ପୂର୍ବାଞ୍ଚଳ ଜୋନ୍ ଆନ୍ତଃ ବିଶ୍ୱବିଦ୍ୟାଳୟ ଆଥଲେଟିକ୍ସ**

ଏବଂ ୧୦୦ ମିଟର ହର୍ଡଲ୍ସରେ ପ୍ରଜ୍ଞା ପ୍ରଶାନ୍ତି ସାହୁ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ଅଲିମ୍ପିଆନ ଦୂତୀ ଚାନ୍ଦ ମହିଳା ୧୦୦ ମିଟର ରେସ୍ ଏବଂ ଲାଲୁ ପ୍ରସାଦ ଭୋଇ ପୁରୁଷ ୧୦୦ ମିଟର ରେସ୍‌ରେ ରୌପ୍ୟ ପଦକ ହାସଲ କରିଛନ୍ତି। ପଦକ ବିଜେତାଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି। କିସ୍ ବିଶ୍ୱବିଦ୍ୟାଳୟର ଭାଇସ ଚାନ୍ସେଲର ଦୀପକ କୁମାର ବେହେରା ଓ ଦୂତୀ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ପ୍ରତିଯୋଗିତାରେ ୨୫୦ରୁ ଊର୍ଦ୍ଧ୍ୱ ବିଶ୍ୱବିଦ୍ୟାଳୟରୁ ୨୫୦୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ୍ (ଏଆଇୟୁ) ଅନୁମୋଦନକ୍ରମେ ଏହି ପ୍ରତିଯୋଗିତା କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେଉଛି।


## Classified Everyday
0674-2580101, 2549949

## CLASSIFIED DISPLAY

ALL EDITION - B/W (Everyday)
for Booking Contact: 0674-2580385, 8637280816, 7894447167, 9338226625

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |




REAL ESTATE
SALE

New Cancer Hospital ନାଇଜର ଜଟଣୀରେ ବର୍ଗଫୁଟ ୩୦୦-୫୦୦ ଜାଗା ବିକ୍ରି ହେଉଛି। 9437621753. D-73669

ଭୁବନେଶ୍ୱର ନଖରା ଘରବାରି SC plot sqft.-150/-, general-350/-. 9439660381. D-74165

**Yellowzone gharabari plot for sale, 2000sqft. (13Nos) at Mouza-Sankarpur, Ghatikia, Khandagiri in front of Tata Ariana, Vipul Garden backside, Bhubaneswar. Govt. road connected Internal Road- 30ft. & road side Plantation. Immediately possession then registration. Water & Electricity available. NH-5 to 1KM. sqft.-2000/-. Ph- 8114744495, 8328943165.** D-2273

ଭୁବନେଶ୍ୱର ବାଲିଅନ୍ତା ବେଣ୍ଟପୁରରେ 60ft. ପିଚୁ ରୋଡ୍‌କୁ ଲାଗି ଘରବାରି ପ୍ଲଟ୍ ବିକ୍ରିହେବ। 8093465134, 9668194157. D-74167

ମାତ୍ର ଟ. **11,40,000/-ରେ** ଫୁଲନଖରା ଓ ମହୀଧରପଡ଼ା ପାଖରେ ଘରବାରି ବାଉଣ୍ଡରୀ ସହିତ ପ୍ଲଟ୍ ମିଳୁଅଛି। "ସୁବର୍ଣ୍ଣ ସୁଯୋଗ ନିଜର ସ୍ୱପ୍ନର ଘର"। **9348152874.** D-74169

ଭୁବନେଶ୍ୱର ଜଟଣୀଗେଟ୍ **NH-5** ପାଖରେ ଘରବାରି ପ୍ଲଟ୍ **30'** ରାସ୍ତାଥାଇ **sqft.-400/-, 630/-. 9437607388, 8926073614.** D-74166




Newly open SPA positively health benefits expert therapist, Jagamara. 7849011931. D-73668

Newly open full body massage ladies and gents. 8327740003, 8093860513. D-74616

Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-74612

**Relax, Refresh your Body, Mind at Saikrupa Spa with best therapies. 8984068077.** D-2230

AFFIDAVIT

By virtue of an affidavit sworn before the Notary Public, Bhubaneswar, I, Minushree Manjula Sahoo hereby solemnly state that my actual name is stated above but in Aadhaar and PAN card has been wrongly mentioned as Heena Farooque. That's hereby declaring Minushree Manjula Sahoo and Heena Farooque is one and same person and hence will be known as Minushree Manjula Sahoo for all officially and non officially purposes.
Deponent
D-2311

By virtue of an affidavit before Notary Public, Bhubaneswar, I Chittaranjan Mohanty hereby state that, my name is wrongly mentioned as Chitta Ranjan Mohanty in some documents. Chittaranjan Mohanty & Chitta Ranjan Mohanty is one and same person. D-2312

ଜନ୍ମଦିନ ଶୁଭେଚ୍ଛା



ଆଶୁ (ସିଦ୍ଧାର୍ଥ)
Unit-IX, Road-3, Bhubaneswar
ଆଜି ତା୨୨।୧୨।୨୨ରିଖ ତୋର ଜନ୍ମଦିନରେ ମାଆ ମଙ୍ଗଳାଙ୍କ ଚରଣ ତଳେ ଆମର ଏତିକି ଗୁହାରି, ମାଆ ତୋତେ ତା'ର ପଣତକାନି ତଳେ ଘଣ୍ଟ ଘୋଡ଼େଇ ରଖନ୍ତୁ, ନୀରୋଗ ରଖନ୍ତୁ, ବିଦ୍ୟା, ବୁଦ୍ଧି ଦିଅନ୍ତୁ। ଭଲ ମଣିଷଟିଏ କରନ୍ତୁ। ତୋର ଚଳାପଥରେ ସର୍ବଦା ସାହା ଭରସା ହୁଅନ୍ତୁ।
ଆଶୀର୍ବାଦ ସହ ତୋର- ହେ ଅଜା (ଧନ୍ତୁ), ଆଈ (ଅର୍ଚ୍ଚନା), ମାଆ (ରୀତା), ବାପା, ବାବା ମାମା, ମାଉସୀ (କୁନି), ଗୁଡ୍‌ଲୁ ଦିଦି, ସାନଭଉଣୀ (ସାନୁ)।
ଧ-୨୨୯୯

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**ପାଠକଙ୍କ ପାଇଁ ସୂଚନା-** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମୁଦ୍ରା ଫାଇନାନ୍ସ**
PM ମୁଦ୍ରା ଯୋଜନା
ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି।
ମହିଳାଙ୍କ ପାଇଁ ବିଶେଷ ରିହାତି।
ଅନ୍‌ଲାଇନ୍ ସୁବିଧା।
ମୁଦ୍ରା ଫାଇନାନ୍ସ
Mob. 8985384630

**ମୋବାଇଲ ଟାୱାର**
ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ କମ୍ପାନୀ ଦ୍ୱାରା ନିଜ ଖାଲି ଜମି, ଛାତ, ପ୍ଲଟ୍‌ରେ 4G/5G ମୋବାଇଲ ଟାୱାର ଲଗାନ୍ତୁ।
* ଅଗ୍ରିମ 70 ଲକ୍ଷ
* ଭଡ଼ା- 50,000/-
* 01 ଚାକିରି
24 ଘଣ୍ଟାରେ ସର୍ଭେ କରାନ୍ତୁ।
ରେଜିଷ୍ଟ୍ରେଶନ୍ ଫିସ୍- 2850/-
ଏଜେଣ୍ଟ ଆମନ୍ତ୍ରିତ
Helpline:- 08901421291

**LOAN**
ବିଜୟ ଫାଇନାନ୍ସ ସମସ୍ତ ପ୍ରକାର LOAN 10 ଦିନ ମଧ୍ୟରେ ଯୋଗାଇ ଦେଉଛି। ବ୍ୟବସାୟ, ପର୍ସନାଲ, କୃଷି, ଶିକ୍ଷା, କୁକୁଡା ପାଳନ, ଗାଈ ପାଳନ ଓ ମାଛ ଚାଷ ଇତ୍ୟାଦି ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ।
M:8895873378
:7656825209

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକ ଶ୍ରଦ୍ଧାଞ୍ଜଳି



⁄ବିଷ୍ଣୁପ୍ରିୟା ସାହୁ
ପାଣ୍ଡିଆଝୋଳି, କୁକୁଡ଼ାଖଣ୍ଡି
ଆବିର୍ଭାବ- ୨୩।୦୮।୧୯୫୬
ତିରୋଧାନ- ୦୧।୦୧।୨୦୨୨
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶ୍ରଦ୍ଧାଞ୍ଜଳି ସହ- ମମତା, ମନୋଜ, ମହେନ୍ଦ୍ର, ମଳୟ ଓ ପରିବାରବର୍ଗ।
ଧ-୨୩୦୮

ଏକାଦଶାହ ଉପଲକ୍ଷେ



⁄ନରେନ୍ଦ୍ର ନାଥ ସାହୁ
ଆବିର୍ଭାବ: ୧୩।୦୨।୧୯୬୫
ତିରୋଧାନ: ୧୨।୧୨।୨୦୨୨
ଠିକଣା- ତ୍ରିଶୂଳିଆ, ବାରଙ୍ଗ, କଟକ
ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା, ତ୍ୟାଗ, ଦକ୍ଷତା ଏବଂ ଆଶୀର୍ବାଦ ଆମ୍ଭମାନଙ୍କର ସ୍ମୃତିରେ ଚିର ଲିପିବଦ୍ଧ ହୋଇରହିଥାଉ। ତୁମର ଅନୁପସ୍ଥିତି ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ : ସ୍ତ୍ରୀ- ନମିତା ସାହୁ, ପୁଅ- ବୁଲୁ (ପିକୁନ୍), ଝିଅ- ମେଘନା, ପୁତୁରା- ନିଲୁ, ସିଲୁ, ଡିଲୁ, ଟୁଲୁ, ଝିଅବ୍ୱାଇଁ, ନାତିନାତୁଣୀ, ବୋହୂ, ଭଣଜାଭାଣିଜୀ ଏବଂ ବନ୍ଧୁ ଓ ସାହୁ ପରିବାରବର୍ଗ।
ଧ-୨୩୦୭

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



⁄ସତ୍ୟଭାମା ଦାଶ
ଭୁବନେଶ୍ୱର
ଆବିର୍ଭାବ: ୦୨।୧୦।୧୯୩୯
ତିରୋଧାନ: ୧୨।୧୨।୨୦୨୨
ଆପଣଙ୍କ ନିଷ୍ଠା, ସରଳ ଆଦର୍ଶ, ସେବା, ଧର୍ମ ପରାୟଣତା ଓ ପରୋପକାରିତା ଆମ୍ଭମାନଙ୍କ ନିମନ୍ତେ ସର୍ବାପେକ୍ଷା ମୂଲ୍ୟବାନ୍ ସ୍ମୃତି, ଏହା ହିଁ ଆମ ଜୀବନର ଚଳାପଥ ହେଉ। ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶ୍ରଦ୍ଧାଞ୍ଜଳି ସହ ଶୋକସନ୍ତପ୍ତ, ବନ୍ଧୁ ଓ ପରିବାରବର୍ଗ।
ଧ-୨୩୧୦

# ଧୋ ରେ ବାଇଆ ଧୋ



'ଧୋ ରେ ବାଇଆ ଧୋ' ଫିଲ୍ମରେ ହରି

ରିଲିଜ ଅପେକ୍ଷାରେ ଥିବା ଓଡ଼ିଆ ସିନେମା 'ଧୋ ରେ ବାଇଆ ଧୋ'ରେ ହରିହର ମହାପାତ୍ର ଓରଫ ହରି ଭାଇଙ୍କୁ ପୁଣି ଥରେ ଏକ ଭିନ୍ନ ଭୂମିକାରେ ଦର୍ଶକ ଦେଖିବାକୁ ପାଇବେ। ଖାସ୍ କଥା ହେଲା ଏହି ଫିଲ୍ମଟି ହେଉଛି ତାଙ୍କ ଅଭିନୀତ ୧୦୦ତମ ଚଳଚ୍ଚିତ୍ର। ଏହା ପୂର୍ବରୁ ତାପସ ସରଘରିଆଙ୍କ ନିର୍ଦ୍ଦେଶିତ ହିଟ୍ ଓଡ଼ିଆ ସିନେମା 'ରୁମ୍‌କୁ ଝୁମାନା'ରେ ନିଜକୁ ଅଲ୍‌ରାଉଣ୍ଡର ଭାବରେ ସାବ୍ୟସ୍ତ କରିଥିଲେ ସେ। ଏ ସମ୍ପର୍କରେ ହରି କହନ୍ତି, 'ଏହି ଫିଲ୍ମର କାହାଣୀ ନିଜେ ଲେଖିଛି। ଯେତେବେଳେ ଏ ବିଷୟରେ ପ୍ରଯୋଜକ ସୀତାରାମ ଅଗ୍ରୱାଲଙ୍କ ସହ ଆଲୋଚନା କଲି ସେ ଏହାକୁ ନେଇ ସିନେମା କରିବାକୁ ସଙ୍କେତ ଦେଇଥିଲେ। ଏହାର କାହାଣୀରେ କ'ଣ ଭିନ୍ନତା ରହିଛି ତାହା ଫିଲ୍ମଟି ଦେଖିଲେ ଦର୍ଶକ ଜାଣିପାରିବେ।' 'ଧୋ ରେ ବାଇଆ ଧୋ'ର ନିର୍ଦ୍ଦେଶନା ଦେଇଛନ୍ତି ହିମାଂଶୁ ପରିଜା (ଚଣ୍ଡୀ)। ହରି ଏହାର କାହାଣୀ, ଚିତ୍ରନାଟ୍ୟ ଏବଂ ସଂଳାପ ରଚନା କରିବା ସହ ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି। ତାଙ୍କ ସହ ନାୟିକା ଭାବରେ ଦିବ୍ୟା ଦେଖାଦେବେ। ବବି ମିଶ୍ର, ପିଙ୍କି ପ୍ରଧାନ, ସାତ୍ୟକି ମିଶ୍ର, ହାଡୁ ଏବଂ ଲୀନା ମଧ୍ୟ ଏହି ଚିତ୍ରରେ ଅଭିନୟ କରୁଛନ୍ତି।

### ଅପେରା ହାଲ୍‌ଚାଲ୍

## ସାବଧାନ, ମାଇକେଲ ଆସୁଛି



ଗୋବିନ୍ଦ

ଥରେ ମନେପକାନ୍ତୁ ନା ଅପେରା ସ୍ୱର୍ଣ୍ଣମନ୍ଦିରର ଚଳିତ ବର୍ଷର ଚର୍ଚ୍ଚିତ ନାଟକ 'ଘୋଡ଼ା ହାତୀ ଗଣ୍ଡାକୁ ଗଣ୍ଡା, ଏକା ଲଢ଼ିବ ରାଣୀ ପଣ୍ଡା' ନାଟକକୁ। ଏହି ନାଟକରେ ମାଇକେଲ ଚରିତ୍ର ତାଙ୍କୁ ଦେଇଛି ବେଶ୍ ମାଇଲେଜ। ଜଣେ ଦୁର୍ନୀତିଗ୍ରସ୍ତ ପୋଲିସ ଅଫିସର ଭୂମିକାରେ ଏଥିରେ ଅବତୀର୍ଣ୍ଣ ହୋଇଛନ୍ତି ସେ। ହଁ, ସେ ହେଉଛନ୍ତି ଖଳନାୟକ ଭୂମିକା ପାଇଁ ଆଲୋଚନାର କେନ୍ଦ୍ରବିନ୍ଦୁ ସାଜିଥିବା ଗୋବିନ୍ଦ ଚନ୍ଦ୍ର ଦାସ ଓରଫ ଗୋବିନ୍ଦ। ପିଲାଟି ଦିନରୁ ଡ୍ରାମା ଏବଂ ଏକକ ଅଭିନୟରେ ନେଗେଟିଭ ଭୂମିକାରେ ନିଜ ଦକ୍ଷତା ଦେଖାଇଥିଲେ ସେ। ତା'ପରେ ସେ ଚିତ୍ରେଶ୍ୱର ଗଣନାଟ୍ୟରୁ ପାଦ ଦିଅନ୍ତି ଜଲିଉଡ୍‌ରେ। ପରବର୍ତ୍ତୀ ସମୟରେ ବାଘାଯତୀନ ଲୋକନାଟ୍ୟ ପରିବେଷିତ 'ପାକିସ୍ତାନୀ ଝିଅ ଭାରତ କେ ଲିୟେ ଶହୀଦ', 'କାହାଣୀ କାନ୍ଦୁଛି ଆଖି ଲୁଚେଇ', 'କି ରଙ୍ଗେ ନାଚୁଛି କନକ ଗୋରୀ' ଏବଂ 'ମୃତ୍ୟୁଦଣ୍ଡ'ରେ ତାଙ୍କର ଖଳନାୟକୀ ସାଉଁଟିଛି ବେଶ୍ ପ୍ରଶଂସା। ସ୍ୱର୍ଣ୍ଣମନ୍ଦିରର ଚଳିତବର୍ଷର ଅନ୍ୟତମ ନାଟକ 'ତୁ ହସୁଥିବୁ ମୁଁ କାନ୍ଦୁଥିବି' ନାଟକରେ ସେ ମଧ୍ୟ ଖଳନାୟକ ଭାବରେ ଅବତୀର୍ଣ୍ଣ ହୋଇଛନ୍ତି। ''ଦର୍ଶକ ମୋ' ପାଇଁ ସବୁକିଛି। ସେମାନଙ୍କ ଭଲ ପାଇବା ମୋତେ ଆଜି ଏଠାରେ ପହଞ୍ଚାଇଛି ବୋଲି କହନ୍ତି ଗୋବିନ୍ଦ।''

## କଫି ଶପ୍

ଏକ କଫି ଶପ୍‌ରେ ଯୁବତୀ-ଯୁବକଙ୍କର ଦେଖା। ଆଉ ସେହି ପ୍ରଥମ ଦେଖାରୁ ହିଁ ଆରମ୍ଭ ହୁଏ ପ୍ରେମ। ଆଉ ତା'ପରେ ଏହି ଲଭ୍ ଷ୍ଟୋରି କିପରି ଆଗଉଛି ତାହାକୁ ଆଧାର କରି କାହାଣୀ ଗତି କରିଛି। ହଁ, ଏଭଳି ଏକ ଭିନ୍ନ ଧରଣର ପ୍ରେମ କାହାଣୀକୁ ଆଧାର କରି ନିର୍ମିତ ହେଉଛି ନୂଆ ଓଡ଼ିଆ ସିନେମା 'କଫି ଶପ୍'। ଆଶିଷ କୁମାର ସିହ୍ନାଙ୍କ ପ୍ରଯୋଜିତ ଏହି ଫିଲ୍ମର ନିର୍ଦ୍ଦେଶନା ଦେଉଛନ୍ତି ସୁଧାଂଶୁ ସାହୁ। ଡା. ନିର୍ମଳ ନାୟକଙ୍କ ଗୀତଗୁଡ଼ିକୁ ସ୍ୱରରେ ସଜାଇଛନ୍ତି ଅଭିଜିତ ମଜୁମଦାର। ଚିତ୍ରର କାହାଣୀ, ଚିତ୍ରନାଟ୍ୟ ଏବଂ ସଂଳାପ ରଚନା କରିଛନ୍ତି ପ୍ରିୟବ୍ରତ ପଣ୍ଡା। ବିଭିନ୍ନ ଭୂମିକାରେ ଅଭିନୟ କରୁଛନ୍ତି ଅଭିଷେକ ଗିରି, ପ୍ରକୃତି ମିଶ୍ର, ଚୌଧୁରୀ ଜୟପ୍ରକାଶ ଦାସ, ଧରିତ୍ରୀ ଖଣ୍ଟୁଆଳ ଏବଂ ରାଜେଶ ପ୍ରମୁଖ କଳାକାର। ଏହା ପୂର୍ବରୁ ଆଶିଷ ପ୍ରଯୋଜନା କରିଥିବା 'ଆଇନା କେବେ ମିଛ କହେନା' ରିଲିଜ ଅପେକ୍ଷାରେ ରହିଛି।



ଅଭିଷେକ-ପ୍ରକୃତି

# ଦିନ ଆରମ୍ଭ ହୁଏ ଚା'ରୁ

ଶ୍ରଦ୍ଧା କପୁରଙ୍କର ଦିନଚର୍ଯ୍ୟା କିପରି ଆରମ୍ଭ ହୁଏ ଜାଣନ୍ତି? ନିତ୍ୟକର୍ମ ଶେଷ କରିବା ପରେ ତାଙ୍କର ଲୋଡ଼ା ହୁଏ ଗୋଟିଏ ଜିନିଷ। ଆଉ ସେଥିରୁ ଆରମ୍ଭ ହୁଏ ତାଙ୍କର ଡେଲି ରୁଟିନ୍। ସକାଳୁ ସେ ଉଠିବା ପରେ ପ୍ରଥମେ ଚା ପିଅନ୍ତି। ତା'ପରେ ଅନ୍ୟ କାମ କରିବାକୁ ବାହାରନ୍ତି। ଏ ନେଇ ଶ୍ରଦ୍ଧା କହନ୍ତି, 'ସକାଳୁ ବିଛଣା ଛାଡ଼ିବା ପରେ ମୋର ଯେମିତି ହେଲେ ଟିକେ ଚା ଦରକାର। ନ ହେଲେ ମନଟା କେମିତି କେମିତି ଲାଗିଥାଏ। ସକାଳୁ ଯଦି ମୁଁ କୌଣସି କାରଣରୁ ଚା ପିଇନି, ତେବେ ଦିନତମାମ ମୋତେ ଏମିତି ଲାଗେ ଯେ ଯେମିତି ମୁଁ କ'ଣ ଗୋଟିଏ ହଜେଇ ଦେଇଛି।' ଶୁଟିଂ ନ ଥିଲେ ଶ୍ରଦ୍ଧା ପ୍ରାୟ ଘରେ ହିଁ ରହିବାକୁ ପସନ୍ଦ କରନ୍ତି। ଆଉ ଏହି ଲିଜର ଟାଇମ୍‌ରେ ସେ ଗାର୍ଡେନିଂରେ ମନୋନିବେଶ କରନ୍ତି। ଘର ସାମନାରେ ଥିବା ବଗିଚାରେ କେତେ ପ୍ରକାର ନୂଆ ନୂଆ ଗଛ ଲଗାଯାଇପାରିବ ସେ ନେଇ ସେ ବେଶ୍ ସଚେତନ ଥାଆନ୍ତି। କେବଳ ସେତିକି ନୁହେଁ, ସେଗୁଡ଼ିକର ଯତ୍ନ ନେବାକୁ ମାଳୀଟିଏ ଥିଲେ ମଧ୍ୟ ନିଜେ ସେହି କାମକୁ ତଦାରଖ କରିଥାଆନ୍ତି। ଶ୍ରଦ୍ଧାଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା 'ତିନ୍ ପତି'ରୁ। ତା'ପରେ 'ଏବିସିଡି ୨', 'ବାଗୀ', 'ଓକେ ଜାନୁ', 'ହାଫ୍ ଗର୍ଲଫ୍ରେଣ୍ଡ', 'ଛିଛୋରେ' ଏବଂ 'ବାଗୀ-୩' ଆଦି ଫିଲ୍ମରେ ଅଭିନୟ କରିସାରିଛନ୍ତି।



ଶ୍ରଦ୍ଧା

## ଅତୀତରୁ

❖ ଅଜିତ ଦାସ-ମହାଶ୍ୱେତା ରାୟଙ୍କୁ ନେଇ ନିର୍ମିତ ହୋଇଥିଲା 'ବାଟ ଅବାଟ'। ଏହି ସିନେମାର ନିର୍ଦ୍ଦେଶକ ଥିଲେ ବୃନ୍ଦାବନ ଜେନା। ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଥିଲେ ଭୁବନ-ହରି।

❖ ଓଡ଼ିଆ ସିନେମା 'ଅକ୍ଷୟ ତୃତୀୟା'ର ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ ଶରତ ପୂଜାରୀ, ଅନିତା ଦାସ, ଦୀପା ସାହୁ, ପ୍ରସନ୍ନ ମିଶ୍ର ପ୍ରମୁଖ କଳାକାର। ସୁଶୀଲ ମୁଖାର୍ଜୀ ଏହାର ନିର୍ଦ୍ଦେଶନା ଦେଇଥିବା ବେଳେ ଗୀତଗୁଡ଼ିକୁ ସ୍ୱରରେ ସଜାଇଥିଲେ ରାଖାଲ ମହାନ୍ତି।

❖ ଓଡ଼ିଆ ଚଳଚ୍ଚିତ୍ର 'ବତାସୀ ଝଡ଼'ର ନାୟକ ଭୂମିକାରେ ଦେଖାଦେଇଥିଲେ ଅକ୍ଷୟ ମହାନ୍ତି (କାଶ୍ୟପ)। ଆରତି ଦାସ ପ୍ରଯୋଜିତ ଏହି ଚିତ୍ରର ନିର୍ଦ୍ଦେଶକ ଥିଲେ ରମେଶ ମହାନ୍ତି। ଏଥିରେ କାଶୀ ରଥ, ଜୟାଙ୍କୁ ମଧ୍ୟ ଦେଖିବାକୁ ମିଳିଥିଲା।

❖ ଓଡ଼ିଆ ସିନେମା 'କାଚଘର'ର ପ୍ରଯୋଜନା କରିଥିଲେ କାମିନୀ ତ୍ରିପାଠୀ ଏବଂ ଏହାର ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଥିଲେ ବ୍ୟୋମକେଶ ତ୍ରିପାଠୀ। କାମିନୀ ପିକ୍ଚର୍ସ, ରାଉରକେଲା ବ୍ୟାନରରେ ପ୍ରସ୍ତୁତ ଏହି ଚିତ୍ରର ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ କାହ୍ନୁ ଦାସ। ସୁରେଶ, ଜ୍ୟୋସ୍ନା, ବିନୋଦ, ବିନି ଆଦି କଳାକାର ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ।

# ଲଭ୍ ଇନ୍ ଲଣ୍ଡନ

ପୁଣି ଥରେ ସିନେପ୍ରେମୀ ଦେଖିବାକୁ ପାଇବେ ଏକ ଭିନ୍ନ ଧରଣର ପ୍ରେମ କାହାଣୀଭିତ୍ତିକ ଓଡ଼ିଆ ସିନେମା। ଏହାର ଟାଇଟଲ ରହିଛି 'ଲଭ୍ ଇନ୍ ଲଣ୍ଡନ'। ଖାସ୍ କଥା ହେଲା ଏହି ଫିଲ୍ମରୁ ପୁଣି ଥରେ ବଡ଼ ପରଦାକୁ କମ୍ ବ୍ୟାକ୍ କରୁଛନ୍ତି ଓଲିଉଡ୍‌ର ଅନ୍ୟତମ ଲୋକପ୍ରିୟ ଅଭିନେତା ଅନୁଭବ ମହାନ୍ତି। ଏହି ଫିଲ୍ମର ଫାଷ୍ଟ ଲୁକ୍ ରିଲିଜ ହୋଇ ବେଶ୍ ଦର୍ଶକାଦୃତ ହୋଇଛି। ଜେ.ବି. ଫିଲ୍ମସ ଆଣ୍ଡ ଟିଭି ଏବଂ ଆମରା ଷ୍ଟୁଡିଓ ବ୍ୟାନରରେ ଏହାର ପ୍ରଯୋଜନା କରଛନ୍ତି ନବୀନ ଭଣ୍ଡାରୀ ଏବଂ ଜେ. ବର୍ଖା। ଫିଲ୍ମଟିର କାହାଣୀ ରଚନା ସହ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ତାପସ ସରଘରିଆ। ଉକ୍ତ ଚଳଚ୍ଚିତ୍ରରେ ଅନୁଭବଙ୍କ ସହ ସ୍କ୍ରିନ୍ ଶେୟାର କରୁଛନ୍ତି ନବାଗତା ସୁନ୍ଦରୀ ତଥା ସୁପର ମଡେଲ ସ୍ୱପ୍ନା ପ୍ରିୟଦର୍ଶିନୀ ଏବଂ ସୌମ୍ୟା ସଚଦେବା। ଫାଷ୍ଟଲୁକ୍ ପୋଷ୍ଟରରେ ଅନୁଭବ ଏବଂ ସ୍ୱପ୍ନା ପ୍ରିୟଦର୍ଶିନୀଙ୍କ ଏକ ଲିପ୍ ଲକ୍ ଦୃଶ୍ୟ ସ୍ଥାନିତ ହୋଇଛି। ଚିତ୍ରନାଟ୍ୟ ଲେଖିଛନ୍ତି ସୁରେଶ ପଟ୍ଟନାୟକ ଏବଂ ସଂଳାପ ରଚନା କରିଛନ୍ତି ଅନ୍ତର୍ଯ୍ୟାମୀ ସରଘରିଆ। ଡିଓପି ସୁବ୍ରତ କୁମାର ଖଟୋଇ ସିନେମାଟୋଗ୍ରାଫି ଦାୟିତ୍ୱ ତୁଲାଇଥିବା ବେଳେ ସମ୍ପାଦନା କରିଛନ୍ତି ରାଜେଶ ଦାଶ। ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ବୈଦ୍ୟନାଥ ଦାଶ- ଅସଦ ନିଜାମ। ଏହାର ପବ୍ଲିସିଟି ଡିଜାଇନର ଆଜହାର ଅଲ୍ଲୀ ଥିବା ବେଳେ ପ୍ରଚାର ପ୍ରସାର ଦାୟିତ୍ୱରେ ଅଛନ୍ତି ମିଡିଆ ପ୍ଲାନର ମୁଖ୍ୟ ପ୍ରଣୟ ଜେଠୀ। ଫିଲ୍ମଟି ଆସନ୍ତା ବର୍ଷ ପରଦା ଉପରକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।



ଅନୁଭବ

## କ୍ୟାରିୟର ଆଗ, ପ୍ରେମ ପଛ

ଦିଶା ପଟାନିଙ୍କୁ ନେଇ ଏବେ ବଲିଉଡ୍‌ରେ ଚର୍ଚ୍ଚା। ସେ କୁଆଡ଼େ ଏବେ ଜଣେ ନୂଆ ପ୍ରେମିକଙ୍କ ପ୍ରେମ ଫାଶରେ ପଡ଼ିଯାଇଛନ୍ତି। ଯେତେବେଳେ ସେ ଏକଥା ଶୁଣିବାକୁ ପାଇଲେ କେମିତି ବା ଚୁପ୍ ହୋଇ ବସି ରହନ୍ତେ କହୁନାହାନ୍ତି? ଏଭଳି ଆଲୋଚନା ସମ୍ପର୍କରେ ସଫେଇ ଦେଇ ଦିଶା କହନ୍ତି, 'ଏସବୁ ଆଲୋଚନା ପଛରେ ଟିକିଏ ହେଲେ ସତ୍ୟତା ନାହିଁ। ମୋ ବିରୋଧରେ କେହି ଅପପ୍ରଚାର ଚଳାଇଛି। ବର୍ତ୍ତମାନ ପ୍ରେମ ନୁହେଁ, ମୋ କ୍ୟାରିୟରକୁ ମୁଁ ଗୁରୁତ୍ୱ ଦେଉଛି। ତେଣୁ ଏବେ ମୋ ପାଖରେ ପ୍ରେମ କରିବାକୁ ସମୟ ନାହିଁ। ତେଣୁ ଏଭଳି ଭିତ୍ତିହୀନ ବିଷୟକୁ ନେଇ ଅଧିକ ଆଲୋଚନା ନ କରିବା ଭଲ।' ଦିଶାଙ୍କ ଅଭିନୀତ ଶେଷ ଚଳଚ୍ଚିତ୍ର ଥିଲା 'ଏକ ଭିଲେନ୍ ରିଟର୍ନସ'। ଜୁଲାଇ ୨୯ରେ ରିଲିଜ ହୋଇଥିବା ଏହି ଫିଲ୍ମଟି ବକ୍ସ ଅଫିସରେ ଆଶାନୁରୂପ ବିଜନେସ୍ କରିବାରେ ସକ୍ଷମ ହୋଇଥିଲା। ତାଙ୍କ ହାତରେ ଏବେ ୩-୪ଟି ନୂଆ ପ୍ରୋଜେକ୍ଟ ରହିଛି।



ହୁମା

# ଦୋଛକିରେ ହୁମା

ହୁମା କ୍ୟୁରେସି ଏବେ ତାଙ୍କୁ ଅଫର ମିଳିଥିବା ଫିଲ୍ମଦ୍ୱୟ ମଧ୍ୟରୁ କାହାକୁ ହଁ ଭରିବେ କାହାକୁ ମନା କରିବେ ସେ ନେଇ ଅଡୁଆରେ ପଡ଼ିଛନ୍ତି। କଥା କ'ଣ କି ନିକଟରେ ତାଙ୍କୁ ଦୁଇଟି ସିନେମାର ନାୟିକା ସାଜିବାକୁ ଅଫର ମିଳିଥିଲା। ହେଲେ ଫିଲ୍ମଦ୍ୱୟର ଶୁଟିଂ ଏକାଥରେ ଆରମ୍ଭ ହେଉଛି। ଏ ନେଇ ହୁମା କହନ୍ତି, 'ଫିଲ୍ମଦ୍ୱୟର କାହାଣୀ ମୋତେ ବେଶ୍ ଇମ୍ପ୍ରେଶ କରିଛି। ହେଲେ ଏଗୁଡ଼ିକର ଶୁଟିଂ ଏକାଥରେ ଆରମ୍ଭ ହେବ। ତେଣୁ ମୁଁ ଅଡୁଆରେ ପଡ଼ିଯାଇଛି। ସେପଟେ ଜଣେ ପ୍ରଯୋଜକଙ୍କୁ ଶୁଟିଂ ସିଡ୍ୟୁଲରେ ପରିବର୍ତ୍ତନ କରିବାକୁ ଅନୁରୋଧ କରିଛି। ଯଦି ତାହା ନ ହୁଏ ତେବେ ହୁଏତ ଗୋଟିଏ ଫିଲ୍ମ ମୁଁ ହାତଛଡା କରିପାରେ। ଏ ନେଇ ଅବଶ୍ୟ କିଛି ନିଷ୍ପତ୍ତି ଏବେ ନେଇନି। ଯଦି ଶୁଟିଂ ସିଡ୍ୟୁଲରେ ପରିବର୍ତ୍ତନ କରାଯାଏ ତେବେ ମୋର ସମସ୍ୟା ଅନେକାଂଶରେ ସମାଧାନ ହୋଇଯିବ।'

# ଜି ଲେ ଜରା

ବେଶ୍ କିଛି ବର୍ଷର ଗ୍ୟାପ୍ ପରେ ପ୍ରିୟଙ୍କା ଚୋପ୍ରା ପୁଣି ଥରେ ବଲିଉଡ୍‌କୁ କମ୍ ବ୍ୟାକ୍ କରୁଛନ୍ତି। ହଲିଉଡ୍‌ରେ ଏଣ୍ଟ୍ରି କରିବା ପୂର୍ବରୁ ତାଙ୍କୁ ହିନ୍ଦୀ ସିନେମାର ଅନ୍ୟତମ ଆଗଧାଡିର ଅଭିନେତ୍ରୀ ଭାବରେ ଗଣନା କରାଯାଉଥିଲା। ପୁଣି ଯା ଭିତରେ ସେ ହଲିଉଡ୍ ଗାୟକ ନିକ୍ ଜୋନାସ୍‌ଙ୍କ ସହ ଘର ସଂସାର କରିସାରିଛନ୍ତି। ବର୍ତ୍ତମାନ ତାଙ୍କ ଅଭିନୀତ ତଥା ଜୋୟା ଅଖତରଙ୍କ 'ଜି ଲେ ଜରା' ରିଲିଜ ଅପେକ୍ଷାରେ ରହିଛି। କେବଳ ସେତିକି ନୁହେଁ, ଏହି ଫିଲ୍ମର ସଫଳତାକୁ ନେଇ ବେଶ୍ ଆଶା ବାନ୍ଧିଛନ୍ତି ପ୍ରିୟଙ୍କା। ଯେତେବେଳେ ତାଙ୍କୁ ଏହି ଅଫରଟି ମିଳିଲା ସେତେବେଳେ ଥଣ୍ଡା ମିଜାଜରେ ଏ ନେଇ ଚିନ୍ତା କରି ହଁ ଭରିଥିଲେ। ଏ ନେଇ ପ୍ରିୟଙ୍କା କହନ୍ତି, 'ଯେତେବେଳେ ମୋତେ ଏହି ଅଫର ମିଳିଲା, ତା' ପୂର୍ବରୁ କେତୋଟି ସୁଯୋଗ ମୁଁ ହାତଛଡା କରିଥିଲି। କାରଣ ସେତେବେଳେ ମୋ ପାଖରେ ସମୟ ନ ଥିଲା। କେତେକେ ଭାବିଥିଲେ ଯେ ମୁଁ ବୋଧହୁଏ ଆଉ ବଲିଉଡ୍‌କୁ ଫେରିବି ନାହିଁ। ହେଲେ ତାହା ମିଛ। ବଲିଉଡ୍ ମୋତେ ଯେଉଁ ନେମ୍ ଫେମ୍ ଦେଇଛି ତାହାକୁ ମୁଁ କଦାପି ଭୁଲି ପାରିବି ନାହିଁ। ଏହି ଫିଲ୍ମଟିକୁ ନେଇ ଅନେକ ଆଶା ରହିଛି। ବାକି ସବୁ ଦର୍ଶକଙ୍କ ଉପରେ ନିର୍ଭର କରେ।' ଏହି ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ଫରହାନ ଅଖତର। ଏଥିରେ ପ୍ରିୟଙ୍କାଙ୍କ ବ୍ୟତୀତ ଆଲିୟା ଭଟ୍ଟ ଏବଂ କ୍ୟାଟ୍ରିନା କୈଫ ମଧ୍ୟ ଅଭିନୟ କରିଛନ୍ତି।



ଦିଶା



ପ୍ରିୟଙ୍କା

# ଉତ୍ତରାଖଣ୍ଡ ଅଗ୍ରଣୀ

## ରଣଜୀ ଟ୍ରଫି
## ଜିଓ୍ୱନଜୋତଙ୍କ ଶତକ

ଭୁବନେଶ୍ୱର, ୨୧।୧୨
(କ୍ରୀଡ଼ା ପ୍ରତିନିଧି)

ଡେରାଡୁନରେ ଚାଲିଥିବା ରଣଜୀ ଟ୍ରଫି କ୍ରିକେଟ ମ୍ୟାଚରେ ଓଡ଼ିଶା ବୋଲରଙ୍କ ପ୍ରଦର୍ଶନ ପ୍ରଭାବହୀନ ରହିଛି। ଅଧିନାୟକ ଜିଓ୍ୱନଜୋତ ସିଂଙ୍କ ଅପରାଜିତ ଶତକ ସହାୟତାରେ ଉତ୍ତରାଖଣ୍ଡ ପ୍ରଥମ ଇନିଂସ ଅଗ୍ରଣୀଲାଭ କରିଛି। ଅଭିମନ୍ୟୁ କ୍ରିକେଟ ଏକାଡେମୀ ପଡ଼ିଆରେ ଚାଲିଥିବା ମ୍ୟାଚରେ ବୁଧବାର ଦ୍ୱିତୀୟ ଦିବସ ଶେଷ ବେଳକୁ ଉତ୍ତରାଖଣ୍ଡ ୩ ଉଇକେଟ ହରାଇ ୩୦୮ ରନ ସଂଗ୍ରହ କରିଛି। ଫଳରେ ଓଡ଼ିଶା ପ୍ରଥମ ଇନିଂସଠାରୁ ଏହି ଦଳ ୯୫ ରନରେ ଅଗ୍ରଣୀ ହୋଇଛି। ଓଡ଼ିଶା ପ୍ରଥମ ଇନିଂସରେ ମାତ୍ର ୨୧୩ ରନ କରିଥିଲା।


ଜିଓ୍ୱନଜୋତ ସିଂ

### ଓଡ଼ିଶା ବୋଲର ପ୍ରଭାବହୀନ

ପ୍ରଥମ ଦିବସର ଅସମାପ୍ତ ସ୍କୋର ୪/୦ରୁ ଖେଳ ଆରମ୍ଭ କରିଥିବା ଉତ୍ତରାଖଣ୍ଡ ୨୧ ରନରେ ଓପନର ପ୍ରିୟାଂଶୁ ଖଣ୍ଡୁରୀଙ୍କ ଉଇକେଟ ହରାଇଥିଲା। ଉଇକେଟ କିପର ରାଜେଶ ଧୂପରଙ୍କ ହାତରେ କ୍ୟାଚ କରାଇ ପ୍ରିୟାଂଶୁ (୬ ରନ)ଙ୍କୁ ପ୍ୟାଭିଲିୟନ ପଠାଇଥିଲେ ସୂର୍ଯ୍ୟକାନ୍ତ ପ୍ରଧାନ। କୁନାଲ ଚାଣ୍ଡେଲା ରନଆଉଟ ହୋଇଥିବାବେଳେ ୬୦ତମ ଓଭରରେ ଦୀକ୍ଷାଂଶୁ ନେଗିଙ୍କ ଉଇକେଟ ନେଇଥିଲେ ଶୁଭମ୍ ନାୟକ। ଉଭୟ ଚାଣ୍ଡେଲା ଓ ନେଗି ୨୮ ରନ ଲେଖାଏ କରି ଆଉଟ ହେବାରୁ ୧୭୦ ରନରେ ଉତ୍ତରାଖଣ୍ଡର ୩ୟ ଉଇକେଟ ପଡ଼ିଥିଲା। ତେବେ ଅନ୍ୟତମ ଓପନର ଜିଓ୍ୱନଜୋତ ଓ ମିଡିଲ ଅର୍ଡର ବ୍ୟାଟର ସ୍ୱପ୍ନିଲ ସିଂ ଅସମାପ୍ତ ୪ର୍ଥ ଉଇକେଟରେ ୧୩୮ ରନର ଭାଗୀଦାରି ଗଢ଼ି ଦଳକୁ ଅଗ୍ରଣୀ କରାଇଥିଲେ। ମ୍ୟାଚ ଆହୁରି ୨ ଦିନ ବାକିଥିବାରୁ ଉତ୍ତରାଖଣ୍ଡ ଏକ ବଡ଼ ଇନିଂସ ଗଢ଼ିବା ସମ୍ଭାବନା ସୃଷ୍ଟି କରିଛି। ୩୦୬ ବଲ୍‌ର ସମ୍ମୁଖୀନ ହୋଇଥିବା ଜିଓ୍ୱନଜୋତ ୨୮ ଚୌକା ସହାୟତାରେ ୧୭୪ ଏବଂ ସ୍ୱପ୍ନିଲ ୯୧ ବଲ୍‌ରୁ ୬୦ ( ୩ ଚୌକା, ୩ ଛକା) ରନରେ ଅପରାଜିତ ରହିଛନ୍ତି। ଓଡ଼ିଶା ଅଧିନାୟକ ଶୁଭ୍ରାଂଶୁ ସେନାପତି ୭ ଜଣ ବୋଲରଙ୍କୁ ଲଗାଇଥିଲେ ହେଁ ଯୋଡ଼ି ଭାଙ୍ଗିପାରି ନ ଥିଲେ। ପ୍ରକାଶଯୋଗ୍ୟ ଯେ ସିଜନ ଆରମ୍ଭରେ ବରୋଦା ବିପକ୍ଷରେ ଓଡ଼ିଶା ଏହାର ପ୍ରଥମ ମ୍ୟାଚର ମଧ୍ୟ ପ୍ରଥମ ଇନିଂସରେ ପଛୁଆ ରହି ମ୍ୟାଚ ଡ୍ର ରଖିଥିଲା। ଏଠାରେ ଅନୁରୂପ ପରିସ୍ଥିତି ସୃଷ୍ଟି ହୋଇଛି। ଏପରି କି ଓଡ଼ିଶା ଦ୍ୱିତୀୟ ଇନିଂସରେ ସତର୍କତାର ସହ ବ୍ୟାଟିଂ ନ କଲେ ପରାଜୟର ମଧ୍ୟ ଆଶଙ୍କା ରହିବ।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ: ୨୧୩। ଉତ୍ତରାଖଣ୍ଡ ପ୍ରଥମ ଇନିଂସ: ୩୦୮/୩ (ଜିଓ୍ୱନଜୋତ ସିଂ–୧୭୪*, ସ୍ୱପ୍ନିଲ ସିଂ–୬୦*, ସୂର୍ଯ୍ୟକାନ୍ତ ପ୍ରଧାନ–୧/୪୩, ଶୁଭମ୍ ନାୟକ–୧/୭୦)।

## ବିପଜ୍ଜନକ ପିଚ୍ ପାଇଁ ମ୍ୟାଚ୍ ଅଧାରୁ ବନ୍ଦ

**ନୂଆଦିଲ୍ଲୀ,୨୧।୧୨(ପି.ଟି):** ରେଲୱେ ଦଳ ଓ ପଞ୍ଜାବ ମଧ୍ୟରେ ଅନୁଷ୍ଠିତ ରଣଜୀ ଟ୍ରଫି କ୍ରିକେଟ ମ୍ୟାଚ ବିପଜ୍ଜନକ ପିଚ୍ କାରଣରୁ ଅଧାରୁ ବନ୍ଦ ରଖାଯାଇଛି। ବୁଧବାର କର୍ଣ୍ଣେଲ ସିଂ ଷ୍ଟାଡିୟମରେ ଏହି ମ୍ୟାଚ ହେଉଥିଲା। ଗୁରୁବାର ଏକ ନୂତନ ଟ୍ରାକ୍‌ରେ ମ୍ୟାଚ ଖେଳାଯିବା ପାଇଁ ନିଷ୍ପତ୍ତି ହୋଇଛି। ମ୍ୟାଚର ୨ ଦିନ ମଧ୍ୟରେ ୧୦୩ ଓଭର ଖେଳାଯାଇଥିବା ବେଳେ ୨୪ ଉଇକେଟ ପତନ ଘଟିଥିଲା। ଦ୍ୱିତୀୟ ଦିନରେ ପଞ୍ଜାବ ୧୮ ରନରେ ୪ ଉଇକେଟ ହରାଇଥିବା ବେଳେ ମ୍ୟାଚ୍ ଅଫିସିଆଲ ଏହି ନିଷ୍ପତ୍ତି ନେଇଥିଲେ। ଦୁଇ ଅନ୍‌ଫିଲ୍ଡ ଅମ୍ପାୟର କେ. ମଦନ ଗୋପାଳ ଓ ରାଜୀବ ଗୋଦାରା ମ୍ୟାଚ ବାତିଲ କରିବା ପାଇଁ ମ୍ୟାଚ ରେଫରି ଯୋଗରାଜ ସିଂଙ୍କୁ କହିବା ପରେ ଉଭୟ ଦଳର ଅଧିନାୟକଙ୍କ ସହମତିରେ ଗୁରୁବାର ଏକ ନୂତନ ଟ୍ରାକ୍‌ରେ ଦୁଇଦିନିଆ ମ୍ୟାଚ ଆୟୋଜନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ୨୦୧୧ରେ ମଧ୍ୟ କର୍ଣ୍ଣେଲ ସିଂ ଷ୍ଟାଡିୟମରେ ସମାନ ଘଟଣା ଦେଖିବାକୁ ମିଳିଥିଲା। ବିସିସିଆଇ ପକ୍ଷରୁ ଦୁଇ ବର୍ଷର ବାସନ୍ଦାଦେଶ ପରେ ରେଲୱେ ପକ୍ଷରୁ ଏହାର ବେସ୍ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଇଥିଲା।

## ଡୋପିଂ: ଆଥ୍‌ଲେଟଙ୍କ ପଦକ ପ୍ରତ୍ୟାହାର

**ମୋନାକୋ,୨୧।୧୨(ପି.ଟି):** ଡୋପିଂ ମାମଲାରେ ରୁଷୀୟ ଧାବିକା ନାଟାଲିଆ ଆଣ୍ଟୟୁଖଙ୍କ ଅଲିମ୍ପିକ ସ୍ୱର୍ଣ୍ଣ ପଦକ ପ୍ରତ୍ୟାହାର କରିବାକୁ ନିଷ୍ପତ୍ତି ନେଇଛି ଆଥଲେଟିକ୍ସ ଇଣ୍ଟେଗ୍ରିଟି ୟୁନିଟ୍। ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ନାଟାଲିଆ ୪୦୦ ମିଟର ବାଧାଦୌଡରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଦୀର୍ଘ ଏକ ଦଶନ୍ଧି ପରେ ରୌପ୍ୟ ବିଜୟିନୀ ଲାଶିଣ୍ଡା ଡେମୁସଙ୍କୁ ସ୍ୱର୍ଣ୍ଣ ପଦକ ବିଜେତା ଘୋଷଣା କରାଯାଇଛି। ୨୦୧୨ରୁ ୨୦୧୩ ମଧ୍ୟରେ ସେ ଡୋପିଂ କରିଥିବା ନେଇ ଅଭିଯୋଗ ଆସିଥିଲା। ଦୁଇମାସ ତଳେ ଦଣ୍ଡବିଧାନ ଘୋଷଣା କରାଯାଇଥିବା ବେଳେ ନାଟାଲିଆ ଏହା ବିରୋଧରେ ଅପିଲ କରିନଥିଲେ। ଏହା ସହିତ ତୃତୀୟ ଓ ଚତୁର୍ଥ ସ୍ଥାନରେ ରହିଥିବା ଚେକ୍ ରିପବ୍ଲିକ୍‌ର ଜୁଜାନା ହେଜନୋଭା ଓ ଚତୁର୍ଥ ସ୍ଥାନରେ ଥିବା ଜାମାଇକାର କାଲିସ ସ୍ପେନ୍ସରଙ୍କୁ ରୌପ୍ୟ ଓ ବ୍ରୋଞ୍ଜ ପଦକ ପ୍ରଦାନ କରାଯାଇଛି।

# ଓଡ଼ିଶା ଏଫ୍‌ସି ଓଡବ୍ଲ୍ୟୁଏଲ୍ ଚାମ୍ପିୟନ



ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ ଅବସରରେ ଓଡ଼ିଶା ଓମେନ୍ସ ଲିଗ୍ ଚାମ୍ପିୟନ ଓଡ଼ିଶା ଏଫ୍‌ସି ଦଳର ଖେଳାଳିମାନେ।

ଭୁବନେଶ୍ୱର, ୨୧।୧୨
(କ୍ରୀଡ଼ା ପ୍ରତିନିଧି)

ଚଳିତ ବର୍ଷର ଓଡ଼ିଶା ଓମେନ୍ସ ଲିଗ୍ (ଓଡବ୍ଲ୍ୟୁଏଲ୍)ରେ ଚାମ୍ପିୟନ ହୋଇଛି ଓଡ଼ିଶା ଏଫ୍‌ସି। ଇଷ୍ଟକୋଷ୍ଟ ରେଲୱେ ଦ୍ୱିତୀୟ ସ୍ଥାନରେ ରହି ପ୍ରତିଯୋଗିତା ଶେଷ କରିଛି। ଫଳରେ ଓଡ଼ିଶା ଏଫ୍‌ସି ମହିଳା ଦଳ ଇଣ୍ଡିଆନ ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ୍) ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଏଥିସହ ଓଡ଼ିଶାରୁ ୨ଟି ଦଳ ଇଣ୍ଡିଆନ ଓମେନ୍ସ ଲିଗ୍‌ରେ ଭାଗନେବା ସ୍ପଷ୍ଟ ହୋଇଛି। ଗତବର୍ଷ ଇଣ୍ଡିଆନ ଓମେନ୍ସ ଲିଗ୍‌ରେ ଟପ୍–୪ରେ ରହିଥିବାରୁ ସ୍ପୋର୍ଟ୍ସ ଓଡ଼ିଶା ଆଗାମୀ ସଂସ୍କରଣରେ ମଧ୍ୟ ଖେଳିବାକୁ ଯୋଗ୍ୟତା ପାଇଛି।

### ଇଣ୍ଡିଆନ ଓମେନ୍ସ ଲିଗ୍ ଖେଳିବାକୁ ଯୋଗ୍ୟତା

ବୁଧବାର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ସିଜନର ଶେଷ ମ୍ୟାଚରେ ଓଡ଼ିଶା ଏଫ୍‌ସି ୨–୧ ଗୋଲରେ ଇଷ୍ଟକୋଷ୍ଟ ରେଲୱେକୁ ପରାସ୍ତ କରିଛି। ଭୁବନେଶ୍ୱରର ୩ଟି ଗ୍ରାଉଣ୍ଡ କଳିଙ୍ଗ ଷ୍ଟାଡିୟମ, ୭ମ ବାଟାଲିଅନ ଗ୍ରାଉଣ୍ଡ ଏବଂ କ୍ୟାପିଟାଲ ପଡ଼ିଆରେ ଓଡ଼ିଶା ଏଫ୍‌ସି ମୋଟ ୧୦ଟି ମ୍ୟାଚ ଖେଳି ୪୬ଟି ଗୋଲ ଦେଇଥିବାବେଳେ ମାତ୍ର ୩ଟି ଗୋଲ ବରଣ କରିଥିଲା। ରେଲୱେ ବିପକ୍ଷ ମ୍ୟାଚରେ ଓଡ଼ିଶା ଏଫ୍‌ସି ପକ୍ଷରୁ ମାଳତୀ ମୁଣ୍ଡା ୪ର୍ଥ ମିନିଟରେ ଏକ ଗୋଲ କରି ଦଳକୁ ଅଗ୍ରଣୀ କରାଇଥିଲେ। ମାତ୍ର ୨୯ତମ ମିନିଟରେ ରେଲୱେର ୟୁମନାମ କମଳା ଦେବୀ ଗୋଲକରି ମ୍ୟାଚକୁ ୧–୧ ସ୍ଥିତିକୁ ନେଇ ଆସିଥିଲେ। ମ୍ୟାଚର ୫୫ତମ ମିନିଟରେ ପ୍ୟାରୀ ଖାଖା ଗୋଲ ଦେଇ ଓଡ଼ିଶା ଏଫ୍‌ସିକୁ ପୁଣି ଅଗ୍ରଣୀ କରାଇଥିଲେ। ଶେଷ ୩୫ ମିନିଟରେ ରେଲୱେ ଦଳ ଆକ୍ରମଣାତ୍ମକ ପନ୍ଥା ଅବଲମ୍ବନ କରି ଖେଳିଥିଲେ ହେଁ ଗୋଲ ପରିଶୋଧ କରିପାରି ନ ଥିଲା। ଶେଷ ଦିବସରେ ଅନୁଷ୍ଠିତ ଅନ୍ୟ ୨ଟି ମ୍ୟାଚରେ ଓଡ଼ିଶା ପୋଲିସ ୬–୦ ଗୋଲରେ ରାଇଜିଂ ଷ୍ଟୁଡେଣ୍ଟକୁ ହରାଇଥିବାବେଳେ ସ୍ପୋର୍ଟ୍ସ ଓଡ଼ିଶା ୨–୦ରେ ଓଜିପି କ୍ଲବକୁ ପରାସ୍ତ କରିଛି। ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଯୁଗ୍ମ ସମ୍ପାଦକ ଅଭିଜିତ ପାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଉପସଭାପତି ଦିଲୀପ କୁମାର ସାହୁ, ଯୁଗ୍ମ ସମ୍ପାଦକ ବିଶ୍ୱ ରଞ୍ଜନ ଘଡ଼େଇ, ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗର ଓଏସ୍‌ଡି ଶୁଭେନ୍ଦୁ ପଣ୍ଡା, ଫାଓ ରେଫରି ପ୍ୟାନେଲ ମୁଖ୍ୟ ଦୁର୍ଗା ମାଧବ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

## ଓହରିବେ ବାଇଜୁସ୍ ଓ ଏମ୍‌ପିଏଲ୍

**ନୂଆଦିଲ୍ଲୀ,୨୧।୧୨(ପି.ଟି):** ବିସିସିଆଇ ସହିତ ସ୍ପନସରଶିପ୍ ଡିଲ୍ ବାତିଲ କରିବେ ବାଇଜୁସ୍ ଓ ଏମ୍‌ପିଏଲ୍। ବୁଧବାର ଅନୁଷ୍ଠିତ ବିସିସିଆଇର ଏଜିଏମ୍‌ରେ ଏ ସମ୍ପର୍କରେ ଆଲୋଚନା ହୋଇଛି। ଉଭୟ କମ୍ପାନୀ ଇମେଲ ଜରିଆରେ ଚୁକ୍ତି ବାତିଲ କରିବା ପାଇଁ କହିଥିବା ଜଣାପଡିଛି। ଟିମ୍‌ର ଜର୍ସି ପାଇଁ ବାଇଜୁସ୍ ସହିତ ୩୫ ମିଲିୟନ୍ ଡଲାରର ଚୁକ୍ତି ନଭେମ୍ବର ୨୦୨୩ ଯାଏଁ ରହିଥିଲେ ହେଁ କମ୍ପାନୀ ଏହାକୁ ବାତିଲ କରିବା ପାଇଁ ଅନୁରୋଧ କରିଛି। ଅପର ପକ୍ଷରେ କିଟ ପାର୍ଟନର ରହିଥିବା ଏମ୍‌ପିଏଲ୍ ଏହାର ଚୁକ୍ତି କେଓ୍ୱଲ କିରନ୍ କ୍ଲୋଦିଙ୍ଗ ଲାଇନକୁ ଟ୍ରାନ୍ସଫର କରିବାକୁ ଚାହୁଁଥିଲା। ମାର୍ଚ୍ଚ ୨୦୨୩ ଯାଏଁ ମହିଳା ଦଳର ବିଦେଶ ଗସ୍ତ ରହିଥିବାରୁ ସେ ଯାଏଁ ଚୁକ୍ତି କାଏମ ରହିବା ନେଇ ସୂଚନା ମିଳିଛି।






# ସର୍ବଭାରତୀୟ ଓପନ କରାଟେ ଉଦ୍‌ଘାଟିତ

ଭୁବନେଶ୍ୱର, ୨୧।୧୨
(କ୍ରୀଡ଼ା ପ୍ରତିନିଧି)

ଉତ୍କଳ କରାଟେ ସ୍କୁଲ ଆନୁକୂଲ୍ୟରେ ବୁଧବାର ସର୍ବଭାରତୀୟ ଓପନ କରାଟେ ଚାମ୍ପିୟନଶିପ୍ ଆରମ୍ଭ ହୋଇଛି। ଉତ୍କଳ କରାଟେ ସ୍କୁଲ ପରିସରରେ ଆୟୋଜିତ ଉକ୍ତ ପ୍ରତିଯୋଗିତାରେ ଓଡ଼ିଶା, ଗୁଜରାଟ, ଝାଡ଼ଖଣ୍ଡ, ବିହାର ଆଦି ୪ ରାଜ୍ୟରୁ ୮୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ମହିଳା ଓ ପୁରୁଷ ବର୍ଗରେ ପାଖାପାଖି ୧୦୦ ବିଭାଗରେ ପ୍ରତିଯୋଗିତା ହେଉଛି। ୪ ଦିନ ବିଶିଷ୍ଟ ଏହି ପ୍ରତିଯୋଗିତା ୨୫ ତାରିଖରେ ଶେଷ ହେବ। ଅନ୍ୟ ରାଜ୍ୟର ପ୍ରତିଯୋଗୀଙ୍କ ସହ ଓଡ଼ିଶା କରାଟେକାଙ୍କର ଲଢ଼ିବା ସୁଯୋଗ ସୃଷ୍ଟି ଏହି ପ୍ରତିଯୋଗିତା ଆୟୋଜନର ମୁଖ୍ୟ ଲକ୍ଷ୍ୟ ବୋଲି ଉତ୍କଳ କରାଟେ ସ୍କୁଲ ମୁଖ୍ୟ ହରିପ୍ରସାଦ ପଟ୍ଟନାୟକ ପ୍ରକାଶ କରିଛନ୍ତି। ଏହାଦ୍ୱାରା ରାଜ୍ୟ ଖେଳାଳିଙ୍କ ଅଭିଜ୍ଞତା ବଢ଼ିବ ବୋଲି ସେ କହିଛନ୍ତି। ନିକଟରେ ଉଜବେକିସ୍ତାନରେ ଅନୁଷ୍ଠିତ ଏସୀୟ କରାଟେ ପ୍ରତିଯୋଗିତାରେ ଓଡ଼ିଶାର ଭାଲେନା ଭାଲେଣ୍ଟିନା ଓ ମଧୁପ୍ରୀୟା ବାଇ ଭାଗ ନେଇଥିଲେ। ଭାଲେନା ମହିଳା ବ୍ୟକ୍ତିଗତ କାଟାରେ ୧୦ମ ସ୍ଥାନ ଏବଂ ମଧୁପ୍ରୀୟା ଜୁନିୟର ମହିଳା କାଟାରେ ୯ମ ସ୍ଥାନରେ ରହିଥିଲେ।

### ଏସୀୟ ଜଜ୍ ପରୀକ୍ଷାରେ ରାଜୀବ ଉତ୍ତୀର୍ଣ୍ଣ



ତେବେ ଖୁସି ଖବର ହେଲା ରାଜୀ ସିଂ ଏସୀୟ ଜଜ୍ ପରୀକ୍ଷାରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେ କୁମିତେ ଜଜ୍–ବି ମାନ୍ୟତା ପାଇବା ସହ ଏସୀୟ ପ୍ରତିଯୋଗିତା ପରିଚାଳନା ଅନୁମତି ପାଇଥିଲେ। ଉତ୍କଳ କରାଟେ ସ୍କୁଲ ଏବଂ ରାଜ୍ୟ ଆସୋସିଏଶନ ପକ୍ଷରୁ ରାଜୀବଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

# ଜୁନିୟର ବ୍ୟାଡ୍‌ମିଣ୍ଟନ: ତାମିଲନାଡୁ ଚାମ୍ପିୟନ

ଭୁବନେଶ୍ୱର, ୨୧।୧୨
(କ୍ରୀଡ଼ା ପ୍ରତିନିଧି)

କିଟ୍‌ର ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ଜାତୀୟ ଜୁନିୟର (୧୯ ବର୍ଷରୁ କମ୍) ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ର ଦଳଗତ ପ୍ରତିଯୋଗିତା ବୁଧବାର ଶେଷ ହୋଇଛି। ଏହାର ଫାଇନାଲରେ ହରିୟାଣାକୁ ହରାଇ ତାମିଲନାଡୁ ଚାମ୍ପିୟନ ହୋଇଛି। ଉତ୍ତରାଖଣ୍ଡ ଓ ମଣିପୁର ତୃତୀୟ ସ୍ଥାନରେ ରହି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଫାଇନାଲର ବାଳକ ସିଙ୍ଗଲ୍ସରେ ହରିୟାଣାର ମନରାଜ ସିଂ ତାମିଲନାଡୁର କେ.ଏମ. ନିଧିଙ୍କୁ ୨୧–୧୧, ୨୧–୧୯ରେ ହରାଇଥିବାବେଳେ ବାଳିକା ସିଙ୍ଗଲ୍ସରେ ତାମିଲନାଡୁର ରକ୍ଷିତା ଶ୍ରୀ ୧୮–୨୧, ୨୧–୧୩, ୨୧–୯ରେ ହରିୟାଣାର ଖରବ ଅନମୋଲଙ୍କୁ ପରାସ୍ତ କରିଛନ୍ତି। ବାଳକ ଡବଲ୍ସରେ ତାମିଲନାଡୁର ଆୟାପ୍ପାନ ଦେବ ଓ ଆୟାପ୍ପାନ ଧିରେନ ଯୋଡ଼ି ୨୨–୨୦, ୨୧–୧୫ରେ ହରିୟାଣାର ବୁଧୱାର ଅନଶୁଲ ଓ ମନରାଜ ସିଂଙ୍କୁ ହରାଇ ଦେଇଛନ୍ତି। ବାଳିକା ଡବଲ୍ସରେ କିନ୍ତୁ ହରିୟାଣାର ଅନମୋଲ ଖରବ ଓ ତୁର ରିଧି କୌର ଯୋଡ଼ି ତାମିଲନାଡୁର ବାଲାଜ ଶ୍ରେୟା ଓ ଏନ. ଶ୍ରୀନିଧିଙ୍କୁ ୨୧–୧୮, ୨୨–୨୦ରେ ହରାଇ ମୁକାବିଲାକୁ ୨–୨ କରି ଦେଇଥିଲେ। ନିର୍ଣ୍ଣାୟକ ମିକ୍ସଡ ଡବଲ୍ସରେ ତାମିଲନାଡୁର ଆର. ଅରୁଲଭୁରୁଗାନ ଓ ଏନ. ଶ୍ରୀନିଧି ଯୋଡ଼ି ବିପକ୍ଷ ଦଳର ବାହାଦୂର ଅନସୁଲ ଓ ତୁର ରିଧି କୌରଙ୍କୁ ୨୧–୧୪, ୧୭–୨୧, ୨୯–୨୭ରେ ହରାଇ ଦେଇଥିଲେ। ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗର ଯୁଗ୍ମ ସଚିବ ଶୁଭ୍ରାଂଶୁ ମିଶ୍ରଙ୍କ ଆବାହକତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ବିଏମ୍‌ସି କମିଶନର ବିଜୟ ଅମୃତ କୁଲାଙ୍ଗେ ମୁଖ୍ୟ ଅତିଥି, କ୍ରୀଡ଼ା ବିଭାଗ ଓଏସ୍‌ଡି ସୋନାଲି ଚାନ୍ଦ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଅଫ୍ ଇଣ୍ଡିଆ ଉପସଭାପତି ଏସ. ମୁରଲୀଧରନ, ଯୁଗ୍ମ ସମ୍ପାଦକ ଓମାର ରଶିଦ, କେରଳ ରାଜ୍ୟ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ପ୍ରତିନିଧି ରାକେଶ ଶେଖର, ବିଡବ୍ଲ୍ୟୁଏଫ୍ ରେଫରି ଗିରିଶ ନାଟୁ, ମ୍ୟାଚ ରେଫରି ଉଦୟ ସାନେ, ଆୟୋଜକ କମିଟି ସମ୍ପାଦକ ନିଲେନ କୁମାର ପ୍ରମୁଖ ଉପସ୍ଥିତ ଥିଲେ।



ଜାତୀୟ ଜୁନିୟର ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ଦଳଗତ ଚାମ୍ପିୟନ ତାମିଲନାଡୁ ଦଳ ଅତିଥିଙ୍କ ଗହଣରେ।






1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ